ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୦/୨୦୨୪ (୨୦ ପୃଷ୍ଠା) Bhubaneswar, Wednesday, January 10/2024 Page 20 ₹ 7.00

୫୦ଶ ଭାଗ ୪୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 48 ମୂଲ୍ୟ ₹୭/-

DSPL-521

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା

ନିଯୁକ୍ତି ପର୍ବ

ଆମ ଯୁବଶକ୍ତି ପାଇଁ ନୂଆ ସୁଯୋଗ

Skilled in ODISHA



ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ

୩୫୪
ନୂଆ ନିଯୁକ୍ତି

ଉଚ୍ଚ ଶିକ୍ଷା ବିଭାଗ

୧୫୮
ନୂଆ ନିଯୁକ୍ତି

OIPR-11001/13/0060/2324

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ
୧୦ ଜଣ ଆସିଷ୍ଟାଣ୍ଟ ପ୍ରଫେସର
୧୯୪ ଜଣ ସହକାରୀ ତାଲିମ ଅଧିକାରୀ
ଏବଂ
୧୫୦ ଜଣ କନିଷ୍ଠ ସହାୟକ

ଉଚ୍ଚ ଶିକ୍ଷା ବିଭାଗ
ସରକାରୀ ମହାବିଦ୍ୟାଳୟର
ଆସିଷ୍ଟାଣ୍ଟ ପ୍ରଫେସରଙ୍କ
ନିଯୁକ୍ତି

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

୧୦ ଜାନୁଆରୀ ୨୦୨୪ ॥ ସନ୍ଧ୍ୟା ୫ଟା
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର

ସାଧକ ଓ ସାଧନାର ମାଟି ସୁବର୍ଣ୍ଣପୁର

ଓଡ଼ିଶାର ଜୀବନ ରେଖା କୁହାଯାଉଥିବା ମହାନଦୀ ଅବବାହିକାରେ ଗଢ଼ି ଉଠିଛି ସୁବର୍ଣ୍ଣପୁର। ମନ୍ଦିରମାଳିନୀ ଏହି ସହରର ଐତିହାସିକ ପୃଷ୍ଠା ଯେତିକି ସୁଦୀପ୍ତ, ପ୍ରତ୍ନତାତ୍ତ୍ୱିକ ଓ ଐତିହାସିକ ଦୃଷ୍ଟିକୋଣରୁ ସେତିକି ଚର୍ଚ୍ଚିତ। ଏଠାକାର ଜନଜୀବନରେ ରହିଛି ସ୍ୱତନ୍ତ୍ରତା। ଚିରସ୍ରୋତା ମହାନଦୀ, ତେଲନଦୀ, ଅଙ୍ଗନଦୀ ସହ ଅନେକ ନଦୀ, ଉପନଦୀ ଓ ହରିହରଯୋର ମଧ୍ୟମ ଜଳସେଚନ ପ୍ରକଳ୍ପ ଯୋଗୁ ମଧୁର ଜଳର ଭଣ୍ଡାର ହେଉଛି ସୁବର୍ଣ୍ଣପୁର। ମହାନଦୀର ଉଭୟ ପାର୍ଶ୍ୱରେ ନୀଳ ପାହାଡ ସହ ନଦୀର ନୀଳ ଜଳରାଶି ବେଶ ମନମୁଗ୍ଧକର । ପୁରାତନ ନଦୀ ସଭ୍ୟତାରେ ଗଢ଼ି ଉଠିଛି ଶୈବ, ଶାକ୍ତ, ବୈଷ୍ଣବ, ବୌଦ୍ଧ ଓ ମହିମା ଧର୍ମର ପ୍ରସିଦ୍ଧ ପୀଠ। କହିବାକୁ ଗଲେ ସାଧକ ଓ ସାଧନାର ମାଟି ସୁବର୍ଣ୍ଣପୁର।

ଏ ମାଟିର ବର୍ଣ୍ଣଳ ଲୋକ ସଂସ୍କୃତି, ଲୋକକଳା, ସାହିତ୍ୟ ଓ ବୟନ ଶିଳ୍ପ ତଥା ଗ୍ରାମୀଣ କୁଟୀର ଶିଳ୍ପ ପ୍ରସିଦ୍ଧି ଲାଭ କରିଛି। ବିଶେଷ କରି ଉତ୍ପାଦିତ କୃଷିଜାତ ଦ୍ରବ୍ୟ ଧାନ, ମୁଗ ଓ ଉନ୍ନତ କପାର ବେଶ୍ ଚାହିଦା ରହିଛି। କୃଷି ଯାନ୍ତ୍ରିକୀକରଣରେ ସୁବର୍ଣ୍ଣପୁର ଜିଲା ଉତ୍ତର ପୂର୍ବ ରାଜ୍ୟର ଏକକ ଜିଲା ଭାବେ ଶୀର୍ଷ ସ୍ଥାନରେ ରହିବା ଗୌରବର ବିଷୟ। ଶିଳ୍ପବିହୀନ ଜିଲାରେ କୃଷି ଓ ପର୍ଯ୍ୟଟନକୁ ନେଇ ବୃହତ୍ ସମ୍ଭାବନା ରହିଛି। ଓଡ଼ିଆ ଭାଷା ଓ ସାହିତ୍ୟକୁ ସୁବର୍ଣ୍ଣପୁରର ବହୁତ ବଡ଼ ଅବଦାନ ରହିଛି। ଏହି ମାଟିର ଶାସକ ମହାରାଜା ବୀର ମିତ୍ରୋଦୟ ସିଂହଦେଓ ସଂସ୍କୃତ, ଓଡ଼ିଆ, ବଙ୍ଗଳା ଓ ଇଂଲିଶ ଭାଷାରେ ଲିଖିତ ଶତାଧିକ ପୁସ୍ତକ ପ୍ରକାଶନ କରି ଭାଷା ସାହିତ୍ୟକୁ ସମୃଦ୍ଧ କରି ଯାଇଛନ୍ତି। ତାଙ୍କ ପୃଷ୍ଠପୋଷକତାରେ ପ୍ରଥମ କରି ୧୯୧୯ରେ କଲିକତା ବିଶ୍ୱବିଦ୍ୟାଳୟରେ ଓଡିଆ ଏମ୍.ଏ. ଶ୍ରେଣୀ ଖୋଲିଥିଲା। ଓଡ଼ିଆ ଭାଷାକୁ ସେ ସର୍ବଭାରତୀୟ ସ୍ତରରେ ପରିଚିତ କରାଇ ଥିଲେ। ସେହିଭଳି ରେଭେନ୍ସା କଲେଜରେ ଇଂଲିଶ ଏମ୍.ଏ. ଶ୍ରେଣୀ ଖୋଲି ଓଡ଼ିଶାରେ ଇଂଲିଶ ଉଚ୍ଚଶିକ୍ଷାର ପ୍ରସାର କରାଇ ପାରିଛନ୍ତି। ସ୍ୱତନ୍ତ୍ର ଜିଲା ଗଠନ ପରେ ଏଠାରେ ଲୋକ ମହୋତ୍ସବ ପାଳଟିଛି ଲୋକକଳା, ସାହିତ୍ୟ ଓ ସଂସ୍କୃତିର ମିଳନ କ୍ଷେତ୍ର। ଏହି ମହୋତ୍ସବ ଚଳିତ ଥର ୩୦ ବର୍ଷରେ ପଦାର୍ପଣ କରିଛି। ଅତୀତକୁ ମନେପକାଇବା ସହିତ ଐତିହ୍ୟକୁ ସାଉଁଟି ଆଣିବାରେ ପ୍ରଶାସନ, ଜିଲା ସଂସ୍କୃତି ପରିଷଦ ଓ ଜନସାଧାରଣ ଉଦ୍ୟମ କରି ଆସୁଛନ୍ତି। ଆଲ୍ଲାହାବାଦସ୍ଥ ପ୍ରୟାଗ ତୀର୍ଥରେ ଗଙ୍ଗା-ଯମୁନା-ସରସ୍ୱତୀ ଭଳି ଏଠାରେ ମହାନଦୀ-ତେଲନଦୀ ଓ କର୍ପୂର ନଦୀର ତ୍ରିବେଣୀ ସଙ୍ଗମ ଘଟିଛି। ଏହା ଏକ ଆଧ୍ୟାତ୍ମିକ ପୀଠସ୍ଥଳୀ। ବହୁ ପୂର୍ବରୁ ଏଠାରେ ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ ଓ ମହିମା ସଂସ୍କୃତିର ବିକାଶ ଘଟିଥିଲା। ଏଥିପାଇଁ ଏହାକୁ ଦ୍ୱିତୀୟ ବାରାଣସୀ, ଭାରତର ଦ୍ୱିତୀୟ ପ୍ରୟାଗ କ୍ଷେତ୍ର ଭାବରେ ଅଭିହିତ କରାଯାଏ।

ସୁବର୍ଣ୍ଣପୁର ମାଟିରେ ପ୍ରଭୁ ଶ୍ରୀଜଗନ୍ନାଥ ୧୪୪ ବର୍ଷ ଧରି ପାତାଳି ହୋଇଥିଲେ। କୋଟସମଲାଇର ତ୍ରିକୂଟ ପାହାଡ ଜଗତର ନାଥ ଜଗନ୍ନାଥଙ୍କ ଗୁପ୍ତ ଲୀଳାକ୍ଷେତ୍ର ପାଲଟିଥିଲା। ସନ୍ଥ କବି ଭୀମ ଭୋଇ ଓ ବୈଷ୍ଣବ କବି ଚନ୍ଦ୍ରମଣି ଦାସ ଏ ମାଟିର ଦୁଇ ଜଣ ବରପୁତ୍ର। ଶୀତଳ ଷଷ୍ଠୀରେ ପୂଜା ପାଉଥିବା ୧୦୮ ଭରି ବିଶିଷ୍ଟ ସ୍ୱର୍ଣ୍ଣରେ ନିର୍ମିତ ସୁବର୍ଣ୍ଣ ନାଗ ହିଁ ସୁବର୍ଣ୍ଣପୁରକୁ ସୁବର୍ଣ୍ଣର ସହର ଭାବରେ ପ୍ରତିପାଦିତ କରିଥାଏ। ଜିଲାର କୁଶଳୀ ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ସୂକ୍ଷ୍ମ କାରୁକାର୍ଯ୍ୟ ଭରା ପାଟଶାଢ଼ି ଓ ଅନ୍ୟାନ୍ୟ ସାମଗ୍ରୀ ବିଶ୍ୱରେ ପରିଚିତ। ଏଠାରେ ପାଞ୍ଚଦିନିଆ ସୁବର୍ଣ୍ଣ ମହୋତ୍ସବ ଦ୍ୱାରା ଲୁପ୍ତପ୍ରାୟ ଲୋକକଳା, ଲୋକସଙ୍ଗୀତ ଓ ସଂସ୍କୃତିର ପୁନର୍ବିନ୍ୟାସ ହୋଇପାରୁଛି। ପାରମ୍ପରିକ ଲୋକକଳାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବାରେ ଏହି ମହୋତ୍ସବ ଏକ ମାଧ୍ୟମ ପାଲଟିଛି।

-ଉପସ୍ଥାପନା: ମୃତ୍ୟୁଞ୍ଜୟ ଶତପଥୀ
ସୋନପୁର

See Career Appointment on every Wednesday & Saturday









ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୦/୨୦୨୪ | Bhubaneswar, Wednesday, January 10/2024 | ପୃଷ୍ଠା-୧



ମାଲକାନଗିରି ବିମାନବନ୍ଦର ଉଦ୍‌ଘାଟନ କରିବା ଅବସରରେ ବଣ୍ଡା ଜନଜାତି ମହିଳାଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଆକାଶପଥରେ ଯୋଡ଼ିହେଲା ମାଲକାନଗିରି

ବିମାନବନ୍ଦର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

- ଗୋବିନ୍ଦପାଲି ଜଳସେଚନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ
- ୯୨,୮୧୫ ଏକର ଚାଷ ଜମିକୁ ମିଳିବ ଜଳସେଚନ ସୁବିଧା

ଭୁବନେଶ୍ୱର/ମାଲକାନଗିରି,୯।୧
(ଅନିଲଦାସ/ଦୁର୍ଯ୍ୟୋଧନ ପାତ୍ର/ନୃସିଂହ ମହାନ୍ତି)

ଆକାଶପଥରେ ଯୋଡ଼ି ହୋଇଛି ମାଲକାନଗିରି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ମାଲକାନଗିରିରେ ଏକ ବିମାନବନ୍ଦର ଉଦ୍‌ଘାଟନ କରିଛନ୍ତି । ଏହାଦ୍ୱାରା ରୂପାନ୍ତର ଯାତ୍ରାରେ ଆଉ ଏକ ପାଦ ଆଗେଇବା ସହ ଜିଲାର ସ୍ୱପ୍ନ ପୂରଣ ହୋଇଛି। ମାଲକାନଗିରି ଆକାଶପଥ ମାନଚିତ୍ରରେ ସ୍ଥାନିତ ହୋଇଛି। ଏହାଦ୍ୱାରା ମାଲକାନଗିରି ଜିଲା ଓ ଆଖପାଖ ଅଞ୍ଚଳରେ ଯୋଗାଯୋଗ, ପର୍ଯ୍ୟଟନ ଓ ବାଣିଜ୍ୟ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ କୋରାପୁଟର ଜୟପୁର, କଳାହାଣ୍ଡିର ଉତ୍‌କେଲା, ରାଉରକେଲା, ଗଞ୍ଜାମର ରଙ୍ଗେଇଲୁଣ୍ଡାରେ ବିମାନବନ୍ଦର ସ୍ଥାପନ କରାଯାଇଛି। ମାଲକାନଗିରିକୁ ଆକାଶପଥରେ ସଂଯୋଗ କରାଯିବା ପରେ ସାରା ରାଜ୍ୟର ଦୂରବର୍ତ୍ତୀ ଅଞ୍ଚଳଗୁଡ଼ିକର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ। ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଏହା ଖୁବ୍ ☞ପୃଷ୍ଠା–୨

ବିପଦର ସଙ୍କେତ କଳାବାଘ

ଜଙ୍ଗଲରେ ବାଘ ସଂଖ୍ୟା ହ୍ରାସ ପାଉଥିବାରୁ ଇନ୍‌ବ୍ରିଡିଙ୍ଗ (ରକ୍ତ ସମ୍ପର୍କରେ ପ୍ରଜନନ) ବଢୁଛି। ଇନ୍‌ବ୍ରିଡିଙ୍ଗ୍ ଯୋଗୁ କଳାବାଘ ଜନ୍ମ ନେଉଥିବା ମଲିକ୍ୟୁଲାର ଗବେଷଣାରୁ ଜଣାପଡ଼ିଛି। ଏହା ବାଘବଂଶ ପ୍ରତି ବିପଦର ସଙ୍କେତ ବୋଲି ବିଶେଷଜ୍ଞମାନେ କହୁଛନ୍ତି।

ଭୁବନେଶ୍ୱର, ୯।୧
(ଅସମାପିକା ସାହୁ)

ରାଜ୍ୟରେ ଗତ କିଛିମାସ ହେବ କଳାବାଘକୁ ନେଇ ଚର୍ଚ୍ଚା ହେଉଛି। ରାଜ୍ୟରେ ବାଘ ଗଣନା ଚାଲୁଥିବାବେଳେ ଗତବର୍ଷ ନଭେମ୍ବର ୨୯ରେ କେନ୍ଦ୍ରୀୟ ଓଡ଼ିଶାର ଏକ ନିର୍ଦ୍ଦିଷ୍ଟ ଜଙ୍ଗଲରେ ଏକ କଳା କଲରାପତରିଆ ବାଘ ଦେଖାଯାଇଥିଲା। ଏହାପରେ ଡିସେମ୍ବର ୨ରେ ପ୍ରଥମେ ୨ଟି କଳା ମହାବଳ ବାଘ ଠାବ ହୋଇଥିଲା। ୪ଟି କଳା ମହାବଳ ବାଘ ସାଙ୍ଗହୋଇ ବୁଲୁଥିବାର ଏକ ଭିଡିଓ ଗତ ୭ ତାରିଖରେ ପିସିସିଏଫ୍ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଥିଲେ। ଏମାନେ ସିଡୋ ମେଲାନିଷ୍ଟିକ ଟାଇଗର ଏବଂ ଏଭଳି ଦୃଶ୍ୟ ବିରଳରୁ ଅତି ବିରଳ ବୋଲି ପିସିସିଏଫ୍ ଲେଖିଥିଲେ। ସ୍ଥାନ ସମ୍ପର୍କରେ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇ ନ ଥିଲେ ମଧ୍ୟ ତାହା ଶିମିଳିପାଳର ବୋଲି ଜଣାପଡିଛି। କଳା ରଙ୍ଗର ବାଘ ଶିମିଳିପାଳରେ ଜନ୍ମ ନିଅନ୍ତି ଏବଂ ଦେଶରେ ଅନ୍ୟ କୌଣସି ସ୍ଥାନରେ ଏଭଳି ଘଟଣା ଦେଖାଯାଇ ନ ଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହୁଛନ୍ତି। ତେବେ ରୟାଲ ବେଙ୍ଗଲ ଟାଇଗର ପାଇଁ ପରିଚିତ ଶିମିଳିପାଳରେ କଳାବାଘଙ୍କ ଉପସ୍ଥିତିକୁ ପୂର୍ବତନ ବନ ଅଧିକାରୀଙ୍କ ସମେତ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ବାଘ ବଂଶ ପ୍ରତି ବିପଦର ସୂଚନା ବୋଲି କହୁଛନ୍ତି।

ଶିମିଳିପାଳ ଏବଂ ନନ୍ଦନକାନନରେ କଳାବାଘ ଜନ୍ମକୁ ନେଇ ୨୦୨୧ରେ ଏକ ଗବେଷଣା ହୋଇଥିଲା। ସେହି ଗବେଷଣାରେ ଓଡ଼ିଶାର ୩ଜଣ ଥିଲେ। କଳା ରଙ୍ଗର ବାଘ ଜନ୍ମହେବା ନେଇ ଇନ୍‌ବ୍ରିଡିଙ୍ଗ ଏକ ମୁଖ୍ୟ କାରଣ ବୋଲି ଦର୍ଶାଯାଇଥିଲା। ରକ୍ତ ସମ୍ପର୍କ ଭିତରେ ପ୍ରଜନନକୁ ଇନ୍‌ବ୍ରିଡିଙ୍ଗ ବୋଲି କୁହାଯାଏ। ଇନ୍‌ବ୍ରିଡିଙ୍ଗ ହେଲେ ଛୁଆମାନେ ଜିନ୍ ସ୍ତରରେ ଦୁର୍ବଳ ହୋଇଯାନ୍ତି। ସେମାନଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦିଏ। ସାଧାରଣ ପ୍ରାଣୀ ଅପେକ୍ଷା ଇନ୍‌ବ୍ରିଡିଙ୍ଗ ଦ୍ୱାରା ଜନ୍ମିତ ପ୍ରାଣୀଙ୍କ ଶୀଘ୍ର ମୃତ୍ୟୁ ଘଟିଥାଏ ଏବଂ ପ୍ରଜନନ କ୍ଷମତା ମଧ୍ୟ ହ୍ରାସ ହୋଇଥାଏ। ଇନ୍‌ବ୍ରିଡିଙ୍ଗ କାରଣରୁ ମହାବଳ ବାଘ କଳା ରଙ୍ଗ ହୋଇ ଜନ୍ମ ହେଉଥିବା ଗବେଷଣାରୁ ଜଣାପଡ଼ିଥିବାରୁ ଶିମିଳିପାଳରେ ଯଦି ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇବ, ତେବେ ସାଧାରଣ ବାଘ ବା ରୟାଲ ବେଙ୍ଗଲ ଟାଇଗରଙ୍କ ସଂଖ୍ୟା କମିବ। ସମୟକ୍ରମେ ସାଧାରଣ ବାଘ ଆଉ ଜନ୍ମହେବେ ନାହିଁ ଏବଂ କଳା ବାଘ ମଧ୍ୟ ବେଶିଦିନ ତିଷ୍ଠି ପାରିବେ ନାହିଁ। ଧୀରେ ଧୀରେ ଶିମିଳିପାଳ ବାଘଶୂନ୍ୟ ହୋଇଯିବ ବୋଲି ବିଶେଷଜ୍ଞ କହୁଛନ୍ତି।

ଏ ନେଇ ନନ୍ଦନକାନନର ପୂର୍ବତନ ଡିସିଏଫ୍ ତଥା ବନ୍ୟପ୍ରାଣୀ ବିଶେଷଜ୍ଞ କମଳ ଲୋଚନ ପୁରୋହିତ କହିଛନ୍ତି, ଇନ୍‌ବ୍ରିଡିଙ୍ଗ ଯୋଗୁ ଶିମିଳିପାଳରେ ଅଧିକ କଳା ବାଘ ଜନ୍ମ ହେଉଛନ୍ତି, ଯାହା ନନ୍ଦନକାନନ ଚିଡ଼ିଆଖାନାରେ ମଧ୍ୟ ହେଉଛି। ଚିଡ଼ିଆଖାନାରେ ସଂଖ୍ୟା କମ୍ ହେତୁ ପ୍ରଜନନରେ ସମସ୍ୟା ବୁଝିହୁଏ। ହେଲେ ପ୍ରାକୃତିକ ବନ୍ୟ ପରିବେଶରେ ଅଧିକ ସଂଖ୍ୟକ କଳା ବାଘ ଜନ୍ମ ହେବା ଚିନ୍ତାର ବିଷୟ। ଇନ୍‌ବ୍ରିଡିଙ୍ଗ ହୋଇ ଜିନ୍ ସ୍ତରରେ ଅବକ୍ଷୟ ହେବା ☞ପୃଷ୍ଠା–୧୫

ଲାକ୍ଷାଦ୍ୱୀପ: ଆଉ ଏକ ପଡ଼ୋଶୀ ଗଲା

ନୂଆଦିଲ୍ଲୀ/ମାଲେ,୯।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାକ୍ଷାଦ୍ୱୀପ ଗସ୍ତବେଳେ ଶେୟାର କରିଥିବା ଫଟୋରୁ ଉପୁଜିଥିବା ବିବାଦ ଯୋଗୁ ଭାରତ ନିଜର ଆଉ ଏକ ପଡ଼ୋଶୀ ରାଷ୍ଟ୍ରକୁ ହରାଇଛି। ମୋଦିଙ୍କ ଫଟୋ ଓ ଭିଡିଓକୁ ନେଇ ଭାରତୀୟ କ୍ରିକେଟରଙ୍କଠାରୁ ଆରମ୍ଭକରି ଫିଲ୍ମ ଅଭିନେତ୍ରୀ ଓ ଅଭିନେତାଙ୍କ ପର୍ଯ୍ୟନ୍ତ ସେଲିବ୍ରିଟିମାନେ ସାମାଜିକ ଗଣମାଧ୍ୟମରେ ଲାକ୍ଷାଦ୍ୱୀପକୁ ବଢ଼ାଇ ଚଢ଼ାଇ ପୋଷ୍ଟ କରିବାରେ ଲାଗିଛନ୍ତି। ଏଥିଯୋଗୁ ଇଣ୍ଟରନେଟ୍‌ରେ ଲାକ୍ଷାଦ୍ୱୀପକୁ ୨ ଦଶନ୍ଧି ମଧ୍ୟରେ ସର୍ବାଧିକ ସର୍ଚ୍ଚ କରାଯାଇଛି। ଏଭଳି ସର୍ଚ୍ଚ ୩,୪୦୦% ବୃଦ୍ଧି ପାଇଥିବା ଅନ୍‌ଲାଇନ୍ ଟ୍ରାଭେଲ ପ୍ଲାଟ୍‌ଫର୍ମ ମେକ୍ ମାଇଁ ଟ୍ରିପ୍ ରିପୋର୍ଟ କରିଛି। ତେବେ ଲାକ୍ଷାଦ୍ୱୀପକୁ ଦେଶର ଏକ କେନ୍ଦ୍ରଶାସିତ ଅଞ୍ଚଳ ବୋଲି ଜାଣି ନ ଥିବା ଭାରତୀୟମାନେ ଏହାକୁ ଏତେ ପରିମାଣରେ ସର୍ଚ୍ଚ କରିଥାଇପାରନ୍ତି ବୋଲି ମତ ପ୍ରକାଶ ପାଇଛି। ଇତିମଧ୍ୟରେ ମାଳଦ୍ୱୀପ ପ୍ରତି ଘୃଣା ମନ୍ତବ୍ୟ ବଢ଼ିବାରେ ଲାଗିଥିବାବେଳେ ☞ପୃଷ୍ଠା–୧୫

ପୁତ୍ର ହତ୍ୟାକାରୀ ଏଆଇ ସିଇଓ

- ଗୋଆରେ ୪ ବର୍ଷର ପୁଅକୁ ହତ୍ୟାକରି ବ୍ୟାଗ୍‌ରେ ନେଉଥିଲେ
- କର୍ଣ୍ଣାଟକରେ ଗିରଫ

ନୂଆଦିଲ୍ଲୀ/ବେଙ୍ଗାଲୁରୁ/ପଣଜୀ,୯।୧

ସ୍ୱାମୀଙ୍କଠାରୁ ଅଲଗା ରହୁଥିବା ଜଣେ ୩୯ ବର୍ଷୀୟା ବେଙ୍ଗାଲୁରୁ ଷ୍ଟାର୍ଟଅପ୍ ପ୍ରତିଷ୍ଠାତା ନିଜ ୪ ବର୍ଷର ପୁଅକୁ ଗୋଆରେ ହତ୍ୟାକରି ମୃତଦେହକୁ ଏକ ବ୍ୟାଗ୍‌ରେ ନେଇ ବେଙ୍ଗାଲୁରୁକୁ ଯାଉଥିବାବେଳେ ଧରାପଡ଼ିଛନ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଷ୍ଟାର୍ଟଅପ୍ ମାଇଣ୍ଡଫୁଲ ଏଆଇ ଲ୍ୟାବ୍ ସିଇଓ ସୂଚନା ସେଠଙ୍କୁ କର୍ଣ୍ଣାଟକର ଚିତ୍ରଦୁର୍ଗ ପୋଲିସ ସୋମବାର ଗିରଫ କରିଛି। ଉତ୍ତର ଗୋଆର କାଣ୍ଡୋଲିମ୍‌ସ୍ଥିତ ଏକ ଆପାର୍ଟମେଣ୍ଟରେ ସେ ନିଜ ପୁଅକୁ ହତ୍ୟା କରିଥିବା ପ୍ରଘଟ ହେବା ପରେ ମଙ୍ଗଳବାର ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ। ତେବେ ସ୍ୱାମୀଙ୍କ ସହ ଛାଡ଼ପତ୍ର କାରଣରୁ ସିଇଓ ସୂଚନା ଏଭଳି କାଣ୍ଡ ଭିଆଇଥିବା ପୋଲିସ ସନ୍ଦେହ କରୁଛି। ପୋଲିସ କହିଛି, ପଶ୍ଚିମବଙ୍ଗର ସୂଚନା ସେଠଙ୍କ ସହ ୨୦୧୦ରେ ଭେଙ୍କଟ ରମଣଙ୍କ ବିବାହ ହୋଇଥିଲା। ଭେଙ୍କଟ ରମଣ ଇଣ୍ଡୋନେସିଆର ଜାକର୍ତ୍ତାରେ ଜଣେ ଏଆଇ ଡେଭେଲପର ଭାବେ କାର୍ଯ୍ୟ କରନ୍ତି। ୨୦୧୯ରେ ସେମାନଙ୍କର ଏକ ପୁଅ ଜନ୍ମ ହୋଇଥିଲା। ତେବେ ବିଭିନ୍ନ କାରଣରୁ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ୨୦୨୦ରେ ଭେଙ୍କଟ ରମଣ ତାଙ୍କୁ ଛାଡ଼ପତ୍ର ଦେବାକୁ ଆବେଦନ କରିଥିଲେ, ଯାହାକୁ ନେଇ ସୂଚନା ଅସନ୍ତୁଷ୍ଟ ଥିଲେ। ସୂଚନା ଗତ ଶନିବାର ଉତ୍ତର ଗୋଆର କାଣ୍ଡୋଲିମ୍‌ସ୍ଥିତ ସୋଲ୍ ବନ୍ୟାନ୍ ଗ୍ରାଣ୍ଡେକୁ ଯାଇଥିଲେ। ସୋମବାର ସୂଚନା ଏକୁଟିଆ ରୁମ୍ ଛାଡ଼ିଥିଲେ ଏବଂ ବେଙ୍ଗାଲୁରୁକୁ ଫେରିବା ପାଇଁ ହୋଟେଲ ଷ୍ଟାଫ୍‌ଙ୍କୁ ଏକ ଟ୍ୟାକ୍ସି ବୁକ୍ କରିବାକୁ କହିଥିଲେ। ଗୋଆରୁ ବେଙ୍ଗାଲୁରୁକୁ ୫୫୦ ☞ପୃଷ୍ଠା–୧୫

ସୂଚନା ସେଠ

ଆଶା, ଅଙ୍ଗନୱାଡି କର୍ମୀ, ବ୍ୟାଙ୍କମିତ୍ରଙ୍କ ଦରମା ବଢ଼ିବ: ୫–ଟି ଅଧକ୍ଷ

ରାଇଘର/ନବରଙ୍ଗପୁର/ଲକ୍ଷ୍ମୀପୁର ୯।୧ (କିରଣ ପଟ୍ଟନାୟକ/ସଦାଶିବ ପ୍ରହରାଜ/ଅନନ୍ତ ନାୟକ)

୫–ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ମଙ୍ଗଳବାର ନବରଙ୍ଗପୁର ଜିଲା ରାଇଘର ବ୍ଲକ ଗସ୍ତରେ ଆସି ରାଜ୍ୟରେ ଚାଲିଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏଥିସହ ଜିଲାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୪୦୦ କୋଟି ଟଙ୍କା ଦେଇଥିବା ଉଲ୍ଲେଖ କରିଥିଲେ। ଆଶା,ଅଙ୍ଗନୱାଡି, ବ୍ୟାଙ୍କମିତ୍ରଙ୍କ ଦରମା ବଢିବ ବୋଲି ସେ କହିଥିଲେ। ସେହିପରି ଉମରକୋଟରୁ ରାଇଘର ଦେଇ କୁନ୍ଦେଇ ଲିଖିମା ମୁଖ୍ୟ ରାସ୍ତା ପାଇଁ ୫୦ କୋଟି, ରାଇଘରରୁ ଅଞ୍ଚଳା ରାସ୍ତା ପାଇଁ ୪୫ କୋଟି, ଜୋଡିଙ୍ଗାରୁ ତୁରୁଡିହି ରାସ୍ତା ପାଇଁ ୪୦ କୋଟି, ରାଇଘର ବାଗବେଡାରୁ ଛତିଶଗଡ ସୀମାନ୍ତକୁ ସଂଯୋଗ କରୁଥିବା ରାସ୍ତା ପାଇଁ ୧୪ କୋଟି, ଗଣ୍ଡ ସମାଜ ପାଇଁ ୫୦ ଲକ୍ଷ, ବଙ୍ଗୀୟ ସମାଜ ପାଇଁ ୧ କୋଟି ୨୦ଲକ୍ଷ ଟଙ୍କା ଅନୁମୋଦନ ହୋଇଥିବା ସେ କହିଛନ୍ତି। ୯ ମାସ ମଧ୍ୟରେ ଉମରକୋଟ ନିର୍ବାଚନମଣ୍ଡଳୀ ପାଇଁ ମୁଖ୍ୟମନ୍ତ୍ରୀ ୨୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ରାଇଘରରେ ଏବେ ନୂତନଭାବେ ଡିଗ୍ରୀ କଲେଜ ଖୋଲାଯିବ ବୋଲି ପାଣ୍ଡିଆନ କହିଥିଲେ।

ରାଇଘର ମିନି ଷ୍ଟାଡିୟମରେ ୫–ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଉଦ୍‌ବୋଧନ ଦେଉଛନ୍ତି।

ଆଜିର ସମ୍ପାଦକୀୟ

ଓଡ଼ିଶାରେ ପ୍ରଦୂଷଣ

୧ ଲିଟର ପାଣି ବୋତଲରେ ୨.୪ ଲକ୍ଷ ପ୍ଲାଷ୍ଟିକ୍ କଣିକା

ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ନାନୋପ୍ଲାଷ୍ଟିକ୍

ନୂଆଦିଲ୍ଲୀ,୯।୧

ଗୋଟିଏ ଲିଟର ପାଣି ବୋତଲରେ ହାରାହାରି ୨,୪୦,୦୦୦ ପ୍ଲାଷ୍ଟିକ କଣିକା ରହୁଥିବା ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ଅଧ୍ୟୟନ ଅନୁଯାୟୀ ପ୍ଲାଷ୍ଟିକ୍ ବୋତଲରେ ରହୁଥିବା ପାଣିରେ ୧୦୦ ଗୁଣ ଅଧିକ ପ୍ଲାଷ୍ଟିକ କଣିକା ରହୁଛି। ସାଧାରଣ ଆଖିକୁ ଦୃଶ୍ୟ ହେଉ ନ ଥିବା ଏହି କଣିକାଗୁଡ଼ିକୁ ଗବେଷକମାନେ ଚିହ୍ନଟ କରିବା ସହ ପ୍ଲାଷ୍ଟିକ୍ ପ୍ରଦୂଷଣ ମାନବ ସ୍ୱାସ୍ଥ୍ୟ ପାଇଁ ଚିନ୍ତାଜନକ ବୋଲି କହିଛନ୍ତି। ପ୍ରୋସିଡିଂସ୍ ଅଫ୍ ଦି ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସ ପତ୍ରିକାରେ ପ୍ରକାଶ ପାଇଥିବା ଉକ୍ତ ଅଧ୍ୟୟନରେ ପ୍ରଥମ ଥର ପାଇଁ ବୋତଲ ପାଣିରେ ଥିବା ନାନୋପ୍ଲାଷ୍ଟିକ୍‌କୁ ଆକଳନ କରାଯାଇଛି। ନାନୋପ୍ଲାଷ୍ଟିକ୍‌ର ଦୈର୍ଘ୍ୟ ୧ ମାଇକ୍ରୋମିଟର ହୋଇଥିବାବେଳେ ଏହା କେଶ ଓସାରର ୭୦ ଭାଗରୁ ଭାଗେ। ପୂର୍ବରୁ କରାଯାଇଥିବା ଅଧ୍ୟୟନରେ କେବଳ ମାଇକ୍ରୋ ପ୍ଲାଷ୍ଟିକ୍‌କୁ ଆକଳନ କରାଯାଇଥିଲା, ଯାହାର ଆକାର ୧ରୁ ୫,୦୦୦ ମାଇକ୍ରୋମିଟର ମଧ୍ୟରେ। ତେଣୁ ପୂର୍ବ ଆକଳନ ତୁଳନାରେ ୧ ଲିଟର ପାଣି ବୋତଲରେ ୧୦୦ ଗୁଣ ଅଧିକ ପ୍ଲାଷ୍ଟିକ୍ କଣିକା ରହିଥିବା ଗବେଷକମାନେ କହିଛନ୍ତି।

ମାଇକ୍ରୋପ୍ଲାଷ୍ଟିକ୍ ତୁଳନାରେ ନାନୋ ପ୍ଲାଷ୍ଟିକ୍ ମାନବ ସ୍ୱାସ୍ଥ୍ୟ ପାଇଁ ଅଧିକ ବିପଜ୍ଜନକ। କାରଣ ଏହି କଣିକାଗୁଡ଼ିକ ଯଥେଷ୍ଟ କ୍ଷୁଦ୍ର ହୋଇଥିବାରୁ ମାନବ କୋଷ ଏବଂ ରକ୍ତସ୍ରୋତରେ ପ୍ରବେଶ କରି ଅଙ୍ଗପ୍ରତ୍ୟଙ୍ଗକୁ ପ୍ରଭାବିତ କରିଥାଏ। ଏପରିକି ଏହା ଗର୍ଭସ୍ଥ ଶିଶୁ ଶରୀରର ପ୍ଲାସେଣ୍ଟା ଦେଇ ମଧ୍ୟ ପ୍ରବେଶ କରିପାରେ। ବୋତଲ ପାଣିରେ ନାନୋପ୍ଲାଷ୍ଟିକ କଣିକା ରହୁଥିବା ବୈଜ୍ଞାନିକମାନେ ଦୀର୍ଘଦିନରୁ ସନ୍ଦେହ କରୁଥିବାବେଳେ ସେଗୁଡ଼ିକୁ ଚିହ୍ନଟ କରିବା ପାଇଁ ପ୍ରଯୁକ୍ତିର ଅଭାବ ରହିଥିଲା। ଅଧ୍ୟୟନର ସହରଚୟିତା ଏକ ନୂତନ ମାଇକ୍ରୋସ୍କୋପି ଟେକ୍‌ନୋଲୋଜି ଉଦ୍‌ଭାବନ କରିବା ସହ ଡେଟା ପରିଚାଳିତ ଆଲ୍‌ଗୋରିଦିମ୍‌ର ପ୍ରୋଗ୍ରାମ କରିଥିଲେ। ଆମେରିକାର ୩ଟି ଲୋକପ୍ରିୟ ବ୍ରାଣ୍ଡର ୨୫ଟି ପାଣିବୋତଲ କିଣାଯାଇ ଉଭୟ ପ୍ରଯୁକ୍ତି ବ୍ୟବହାରରେ ତାହାର ଅନୁଧ୍ୟାନ କରାଯାଇଥିଲା। ପ୍ରତି ଲିଟର ପାଣିରେ ୧,୧୦,୦୦୦ରୁ ୩,୭୦,୦୦୦ ପ୍ଲାଷ୍ଟିକ୍ କଣିକା ମିଳିଥିଲା, ଯେଉଁଥିରୁ ୯୦ ପ୍ରତିଶତ ହେଉଛି ନାନୋପ୍ଲାଷ୍ଟିକ୍। ଗବେଷକମାନେ ପଲିଇଥାଇଲିନ୍ ☞ପୃଷ୍ଠା–୧୫

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଦଉଡ଼ି ନୁହେଁ କି ଦଉଡ଼ା ନୁହେଁ
ମଝିରେ ପଡ଼ିଛି ଜଟ
ପାଖକୁ ଯାଇଣ ଦେଖି ଅଇଲି
ଖାଲି ସେଇ ଛଣପଟ।

ସାଧାରଣତଃ ଦୂରରୁ ଯାହା ଯେଭଳି ଦେଖାଯାଏ ତାହା ପାଖରୁ ଦେଖିଲେ ସେଭଳି ହୋଇ ନ ଥିବା ଜଣାଯାଇଥାଏ । ତେଣୁ ଦୂରରୁ ଦେଖି ତାକୁ ଆକଳନ କରିବା ବା ଅନୁମାନ ଲଗାଇବା କେବେହେଲେ ଠିକ ହୋଇ ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି ।

ଦାନ୍ତ ଦାରି
ପେଟ ଭଗାରୀ।

କଥାବାର୍ତ୍ତା କଲାବେଳେ ଦାନ୍ତ ଆଗ ବାହାରି ପଡେ । ସମସ୍ତଙ୍କୁ ଦେଖି ଆଗ ହସିଦେବା ମଣିଷର ପ୍ରକୃତି । ସେହିପରି ଅଧିକ ଖାଇଲେ ରୋଗଗ୍ରସ୍ତ ହେବା ସମ୍ଭାବନା ରହିଥାଏ । ଭୋକ ହେଲେ ସ୍ଥାନ-କାଳ-ପାତ୍ର ନ ବିଚାରି ମଧ୍ୟ ଖାଇବାକୁ ପଡିଥାଏ । ଏପରିସ୍ଥଳେ ପେଟ ଭଗାରି ଭଳି ଦାଉସାଧିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ


ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

ମାଲକାନଗିରିକୁ ବିମାନସେବା ଏକ ଅବିଶ୍ୱସନୀୟ ସ୍ୱପ୍ନ ଥିଲା: ପାଣ୍ଡିଆନ

ଭୁବନେଶ୍ୱର,୯।୧(ଅନିଲ ଦାସ)

ମାଲକାନଗିରିକୁ ବିମାନସେବା ଏକ ଅବିଶ୍ୱସନୀୟ ସ୍ୱପ୍ନ ଥିଲା । ବିଶ୍ୱାସକରି ହେଉ ନ ଥିବା ଭଳି ସ୍ୱପ୍ନକୁ ମୁଖ୍ୟମନ୍ତ୍ରୀ ସାକାର କରନ୍ତି । ମଙ୍ଗଳବାର ମାଲକାନଗିରି, ନବରଙ୍ଗପୁର ଜିଲାର ରାଇଘର ଏବଂ କୋରାପୁଟ ଜିଲାର ଲକ୍ଷ୍ମୀପୁରଠାରେ ଆୟୋଜିତ ସାଧାରଣ ସଭାରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହେଉ କି ଲକ୍ଷ୍ମୀ ଯୋଜନା ଅବିଭକ୍ତ କୋରାପୁଟ ଜିଲାର ମାଲକାନଗିରିରୁ ହିଁ ଏହି ସବୁ ଯୋଜନାର ଶୁଭାରମ୍ଭ କରିଛନ୍ତି । ମାଲକାନଗିରିକୁ ଗତ ୯ ମାସ ଭିତରେ ସପ୍ତଧାରା ଜଳସେଚନ ପ୍ରକଳ୍ପ ପାଇଁ ୪ ହଜାର ୫ କୋଟି ଓ ଏହି ପ୍ରକଳ୍ପ ଛଡ଼ା ମାଲକାନଗିରିର ଅନ୍ୟାନ୍ୟ ଉନ୍ନୟନମୂଳକ କାମ ପାଇଁ ୭୮୬ କୋଟି ଅନୁଦାନ ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଜିଲାକୁ ୪୫୦କୋଟି ଏବଂ କୋରାପୁଟ ଜିଲାକୁ ୪୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । କେବଳ ସେତିକି ନୁହେଁ କୋରାପୁଟ ଏବଂ ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ୬ଟି ଡିଗ୍ରୀ କଲେଜ ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି । ଏହି ସବୁ କଲେଜରେ ଚଳିତ ବର୍ଷଠାରୁ ପାଠପଢ଼ା ଆରମ୍ଭ ହେବ ।

ମାଲକାନଗିରିଠାରେ ବିମାନସେବାର ଉଦ୍‌ଘାଟନ ଅବସରରେ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲାକୁ ବହୁତ ଭଲ ପାଆନ୍ତି । ଗତ ମାର୍ଚ୍ଚରେ ସେ ମାଲକାନଗିରି ଗସ୍ତ କରିଥିବା ବେଳେ ଲୋକଙ୍କଠାରୁ ୮୫୦ଟି ଦରଖାସ୍ତ ଗ୍ରହଣ କରିଥିଲେ । ସେଥିରୁ ଇତିମଧ୍ୟରେ ୮୨୦ ଦରଖାସ୍ତ ଉପରେ ପଦକ୍ଷେପ ନିଆଯାଇଛି ଓ ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି । ସେସବୁ କାମ ଚାଲିଛି । ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ପାଇଁ ୧୬କୋଟି ଟଙ୍କା ଅନୁମୋଦନ କରାଯାଇଛି ।

ସପ୍ତଧାରା ଜଳସେଚନ ପ୍ରକଳ୍ପ ପାଇଁ ଦୀର୍ଘଦିନ ଧରି ଦାବି ହେଉଥିଲା । ପ୍ରକଳ୍ପ ପାଇଁ ୪ ହଜାର ୫କୋଟି ଟଙ୍କା ମଞ୍ଜୁର ହୋଇଛି । ଡିପିଆର୍ ପ୍ରସ୍ତୁତ ହୋଇଥିବା ବେଳେ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ । ମାଛକୁଣ୍ଡ ନଦୀ ଉପରେ ଦେଶୀଗୁଡ଼ା ଯନ୍ତ୍ରୀ ରାସ୍ତାରେ ସେତୁ ପାଇଁ ୪୦ କୋଟି, କୁମୁରୁପୁଡ଼ା ନଦୀ ଉପରେ ଦାନାବେଡ଼ା ରାସ୍ତାରେ ସେତୁ ପାଇଁ ୨୭କୋଟି, କାଳିଆଘର ନାଳ ଉପରେ ଯନ୍ତ୍ରୀ ରାସ୍ତାରେ ସେତୁ ପାଇଁ ୨୦ କୋଟି ଟଙ୍କା ମଞ୍ଜୁର ହୋଇଛି । ମାଲକାନଗିରି ଜିଲା ପାଇଁ ମୁଖ୍ୟମନ୍ତ୍ରୀ ମୋଟ୍ ୪ହଜାର ୧୮୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଜିଲାରେ ଆହୁରି ଅଧିକ ଲକ୍ଷ୍ମୀବସ୍ ଚଲାଇବା ପାଇଁ ହେଉଥିବା ଦାବି ଖୁବ୍‌ଶୀଘ୍ର ପୂରଣ ହେବ ବୋଲି ୫-ଟି ଅଧ୍ୟକ୍ଷ କହିଛନ୍ତି ।

ମାଲକାନଗିରି ପରେ ନବରଙ୍ଗପୁର ରାଇଘରରେ ୫-ଟି ଅଧ୍ୟକ୍ଷ ବିକାଶ କାର୍ଯ୍ୟର ସମୀକ୍ଷା କରିବା ସହ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ । ଗତ ମାର୍ଚ୍ଚରେ ନବରଙ୍ଗପୁରବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିର ପାଳନ ସମ୍ପର୍କରେ ସେ ଅବଗତ କରିଛନ୍ତି । ୯ମାସ ଭିତରେ ନବରଙ୍ଗପୁର ଜିଲା ପାଇଁ ୪୫୦ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ଉମରକୋଟ ନିର୍ବାଚନମଣ୍ଡଳୀ ପାଇଁ ୨ଶହ କୋଟି ମଞ୍ଜୁର ହୋଇଛି । ଜିଲା ପାଇଁ ମିଳିଥିବା ଏହି ୪୫୦ କୋଟି ଭିତରେ ଜଳସେଚନ ଲାଗି ମିଳିଥିବା ଅନୁଦାନ ରାଶିକୁ ଯୋଡ଼ାଯାଇନାହିଁ । ତେନ୍ତୁଳିଖୁଣ୍ଟି, କୋଷାଗୁମୁଡ଼ା, ଝରିଗାଁ ଓ ରାଇଘରରେ ଡିଗ୍ରୀ କଲେଜକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି । କଲେଜଗୁଡ଼ିକରେ ଚଳିତବର୍ଷରୁ ନାମଲେଖା ହେବ । ସେହିଭଳି ଉମରକୋଟରେ ଡାଏଲିସିସ ସେଣ୍ଟରକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ପ୍ରଦାନ କରିଛନ୍ତି । ଗୋଣ୍ଡ ସମାଜ ଭବନ ନିର୍ମାଣ ପାଇଁ ୫୦ଲକ୍ଷ ଟଙ୍କା, ବଙ୍ଗାଳି ସମାଜର କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ୧ କୋଟି ୨୦ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି । ପୋଡ଼ାଗଡ଼ରେ ଥିବା ଶିବ ମନ୍ଦିର ଓ ଅଞ୍ଚଳର ଉନ୍ନତି ପାଇଁ ୨କୋଟି ୯୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ଉମରକୋଟ-ରାଇଘର ରାସ୍ତା ନିର୍ମାଣ ପାଇଁ ୫୦କୋଟି ଟଙ୍କା ମଞ୍ଜୁର ସହ ଅନ୍ୟାନ୍ୟ ରାସ୍ତାର ଉନ୍ନତୀକରଣ ପାଇଁ ଅନୁଦାନ ରାଶି ସମ୍ପର୍କରେ ପାଣ୍ଡିଆନ ସୂଚନା ଦେଇଥିଲେ । ପେଣ୍ଡ୍ରାଣୀ ହାୟର ସେକେଣ୍ଡାରୀ ସ୍କୁଲ ଏବଂ ଡିଗ୍ରୀ କଲେଜ ପାଇଁ ୨ କୋଟି ଟଙ୍କା ମଞ୍ଜୁର ହୋଇ କାମ ସରିଲାଣି । ଭାସ୍କଲ ଡ୍ୟାମ୍ ପାଇଁ ୬ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସେ ସୂଚନା ଦେଇଛନ୍ତି । ମା' ପେଣ୍ଡ୍ରାଣୀ ମନ୍ଦିରର ଉନ୍ନତି ପାଇଁ ୩୦ ଲକ୍ଷ ଟଙ୍କା, ରାଇଘର ପଞ୍ଚାୟତ ସମିତି ହାୟର ସେକେଣ୍ଡାରୀ ସ୍କୁଲର ଉନ୍ନତୀକରଣ ପାଇଁ ୫୦ଲକ୍ଷ, ରାଇଘରରୁ ଅଞ୍ଚଳ ରାସ୍ତା ପାଇଁ ୪୫କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି ।

ଭାତବେଡ଼ାରୁ -ଛତିଶଗଡ଼ ସୀମା ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ପାଇଁ ପାଖାପାଖି ୧୪ କୋଟି ଟଙ୍କା ମଞ୍ଜୁର ହୋଇଛି । ଲୋକମାନେ ଦେଇଥିବା ଦରଖାସ୍ତର ବିଚାର କରାଯାଇ ଆସନ୍ତା ୧୦ଦିନରେ ଖୁସି ଖବର ଦିଆଯିବ ବୋଲି ୫-ଟି ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଛନ୍ତି । ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ଉନ୍ନତି ପାଇଁ ଲୋକମାନଙ୍କୁ ଖୁସି ଖବର ମିଳିବ । ବିଏସ୍‌କେୱାଇ-ନବୀନ କାର୍ଡ ପାଇଁ ପଞ୍ଜୀକରଣ ଚାଲିଛି । ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ଚାଲିବ । ବିଏସ୍‌କେୱାଇ କାର୍ଡ ପାଇ ନ ଥିବା ସମସ୍ତେ ଏଥିପାଇଁ ଆବେଦନ କରିପାରିବେ । ସହରାଞ୍ଚଳ ଲୋକ, ସରକାରୀ କର୍ମଚାରୀ ପରେ ଯୋଜନାର ଲାଭ ପାଇବେ ।

ଅନ୍ୟପଟେ ଆସନ୍ତା ୨ ମାସ ଭିତରେ ପ୍ରତି ପଞ୍ଚାୟତରେ ଆମ ବ୍ୟାଙ୍କ ଖୋଲିବ । ମକା ଚାଷୀଙ୍କୁ ସହଯୋଗ କରିବାକୁ ସରକାର ମକା ମିଶନ ଆରମ୍ଭ କରିଛନ୍ତି । ଭତ୍ତା ରାଶି ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ଖୁସି ଖବର ଦେବେ ବୋଲି ପାଣ୍ଡିଆନ କହିଛନ୍ତି । କୋରାପୁଟ ଜିଲା ଲକ୍ଷ୍ମୀପୁରରେ ଆୟୋଜିତ ସାଧାରଣ ସଭାରେ ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ଯୋଗ ଦେଇଥିଲେ । ଗତଥର ନାରାୟଣପାଟଣା ଆସିଥିବା ବେଳେ ସେ ୧୫ଟି ଦରଖାସ୍ତ ପାଇଥିଲେ । ୧୦ମାସ ଭିତରେ ସେଥିରୁ ୧୨ଟି ଉପରେ ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି । ଏଥିସହ ନାରାୟଣପାଟଣା ଓ ବନ୍ଧୁଗାଁରେ ସରକାରୀ ଡିଗ୍ରୀ କଲେଜ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି । ଚଳିତବର୍ଷଠୁ ହିଁ ସେଠାରେ ଆଡ୍‌ମିଶନ ହେବା ସହ ପାଠପଢ଼ା ହେବ । ଝଞ୍ଜାବତୀ ବ୍ୟାରେଜ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ୧୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ନାରାୟଣପାଟଣାରେ ଥିବା ଜଗନ୍ନାଥ ମନ୍ଦିରର ରୂପାନ୍ତରଣ ପାଇଁ ୪ କୋଟି ଟଙ୍କା, ବନ୍ଧୁଗାଁରେ ଥିବା ଅଗ୍ନିଗଙ୍ଗା ମା' ମନ୍ଦିର ପାଇଁ ୨ କୋଟି ଟଙ୍କା, ଲକ୍ଷ୍ମୀପୁର କଲେଜର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି ।

ଆର୍.କେ. ଉଚ୍ଚ ମାଧ୍ୟମିକ ସ୍କୁଲ ଏବଂ ଡିଗ୍ରୀ କଲେଜର ୫-ଟି ରୂପାନ୍ତରଣ ପାଇଁ ଏକ କୋଟି ଟଙ୍କା ଅର୍ଥ ମଞ୍ଜୁର ହୋଇଛି । ନାରାୟଣପାଟଣାରେ ଥିବା ରାଧାକ୍ରିଷ୍ଣ ଉଚ୍ଚ ମାଧ୍ୟମିକ ସ୍କୁଲର ରୂପାନ୍ତରଣ ପାଇଁ ୫୦ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରାଯାଇଥିବା ବେଳେ କୋରାପୁଟ ଜିଲାର ୩୦୦ଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୧୫ କୋଟି ଟଙ୍କା ଅର୍ଥ ମଞ୍ଜୁର କରିଛନ୍ତି । କେବଳ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀ ପାଇଁ ୧୩୫ କୋଟି ଟଙ୍କା ମଞ୍ଜୁର କରାଯାଇଛି । ନିକଟରେ ଜୟପୁର ଗସ୍ତରେ ଆସିଥିବା ବେଳେ ଆଉ କିଛି ଆବେଦନ ମିଳିଥିଲା । ସେଥିମଧ୍ୟରୁ ୩୦୦ଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୧୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି । କେବଳ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀ ପାଇଁ ୧୩୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି । ଗୁପ୍ତେଶ୍ୱର ମନ୍ଦିର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ୨୦ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ବେଳେ କୋଲାବ ନଦୀ ଉପରେ ସେତୁ ପାଇଁ ୧୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି ସେ କହିଛନ୍ତି । କଂସାରୀଗୁଡ଼ା ଆଲୁମିନିୟମ ପ୍ରୋଜେକ୍ଟକୁ ମୁଖ୍ୟମନ୍ତ୍ରୀ ନିକଟରେ ଶୁଭ ଉଦ୍‌ଘାଟନ କରିଛନ୍ତି । ଗତ ୧୦ ମାସ ଭିତରେ ମୁଖ୍ୟମନ୍ତ୍ରୀ କେବଳ କୋରାପୁଟ ଜିଲାକୁ ୪୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏଥିସହ ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ପାଇଁ ଆସିଥିବା ନିବେଦନଗୁଡିକ ପାଇଁ ଆସନ୍ତା ୧୯ ତାରିଖ ମଧ୍ୟରେ ଖୁସି ଖବର ପାଇବେ । ଏଥିସହ ଖୁବ୍‌ଶୀଘ୍ର ଭତ୍ତା ବଢ଼ାଯିବ ବୋଲି ପାଣ୍ଡିଆନ କହିଛନ୍ତି ।

ଭିଜିଲାନ୍ସ ଜାଲରେ ନୟାଗଡ଼ ଏମ୍‌ଭିଆଇ

ନୟାଗଡ଼,୯।୧(ଲୋକନାଥ ମିଶ୍ର)

ଭୁବନେଶ୍ୱରରେ ୩୧ ଫ୍ଲଟ୍, ୧୦ ବେନାମୀ

ପଞ୍ଚାନନ ବେହେରା

ନୟାଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କୋଟିପତି ଜିଲା ମୋଟର ଯାନ ନିରୀକ୍ଷକ(ଏମ୍‌ଭିଆଇ) ପଞ୍ଚାନନ ବେହେରା ଭିଜିଲାନ୍ସ ଜାଲରେ ଛନ୍ଦି ହୋଇ ଅଟକ ଅଛନ୍ତି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ପଞ୍ଚାନନଙ୍କ ଘର ସମେତ ଏକକାଳୀନ ୭ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା । ଚଢ଼ାଉରେ ଭୁବନେଶ୍ୱରରେ ଥିବା ୩୧ଟି ଫ୍ଲଟରୁ ୧୦ଟି ବେନାମୀ ରହିଛି ବୋଲି ଭିଜିଲାନ୍ସ ପକ୍ଷରୁ ଜଣାପଡିଛି । ଅନ୍ୟପକ୍ଷେ ବିଭିନ୍ନ ବ୍ୟାଙ୍କ ଓ ଇନ୍‌ସ୍ୟୁରାନ୍ସ ବାବଦରେ ୭୨ ଲକ୍ଷ ୮୦ ହଜାର ଡିପୋଜିଟ, ସୁନା, ନଗଦ ଟଙ୍କା ଓ ଅନ୍ୟ ଅସ୍ଥାବର ସମ୍ପତ୍ତି ୧୫ ଲକ୍ଷ ଟଙ୍କା ରହିଛି । ପୁଅ ପାଇଁ ୫୦ଲକ୍ଷ ଟଙ୍କା ଦେଇ ସୋଆ ବିଶ୍ୱବିଦ୍ୟାଳୟରେ ଏମ୍‌ବିବିଏସ୍ ପାଠ ପଢ଼ାଉଛନ୍ତି । ଗୋଟିଏ ବେନାମୀ କାର ଓ ୩ଟି ବାଇକ୍ ସମେତ ୪ ବେନାମୀ ଯାନବାହନ ଜବତ ହୋଇଛି । ବେନାମୀ ସମ୍ପତ୍ତିର ଉତ୍ସ ସମ୍ପର୍କରେ ତଦନ୍ତ ଜାରି ରହିଛି । ଅଧିକ ସମ୍ପତ୍ତି ମିଳିବାର ସମ୍ଭାବନା ଥିବାରୁ ଜବତ ସମ୍ପତ୍ତିର ମୂଲ୍ୟ ବଢ଼ିବାର ଆଶା ରହିଛି ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ପରେ ଭିଜିଲାନ୍ସ ସ୍ପେଶାଲ ଜଜ୍ ଭୁବନେଶ୍ୱରଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ମଙ୍ଗଳବାର ଏକକାଳୀନ ଏମ୍‌ଭିଆଇ ପଞ୍ଚାନନଙ୍କ ଭୁବନେଶ୍ୱର ଶୈଳଶ୍ରୀ ବିହାରରେ ଥିବା ଗୋଟିଏ ଦୁଇ ମହଲା କୋଠା, ପାଣ୍ଡରାରେ ଏକ ମହଲା କୋଠା, ନୟାଗଡ଼ର ଭଡ଼ା ଘର, ନିଜର ପୈତୃକ ଘର କଟକ ଜିଲା ସାଷଳପୁର ଥାନା ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଡ଼ା ଗାଁ, ଖୋର୍ଦ୍ଧା ଜିଲା ନୀଳଗିରିପାଟଣା ଥାନା ଗୋବିନ୍ଦପୁର ଗାଁର ସମ୍ପର୍କୀୟଙ୍କ ଘର, ସତ୍ୟବିହାରର ସମ୍ପର୍କୀୟଙ୍କ ଘର, ଆରଟିଓ ନୟାଗଡ଼ କାର୍ଯ୍ୟାଳୟରେ ଚଢ଼ାଉ ହୋଇଥିଲା । କଟକ ଭିଜିଲାନ୍ସ ନେତୃତ୍ୱରେ ୬ ଡିଏସପି, ୩ ଇନ୍ସପେକ୍ଟର, ୮ ଏଏସ୍‌ଆଇ, ଅନ୍ୟ କର୍ମଚାରୀ ସର୍ଚ୍ଚ ଅପରେଶନରେ ସାମିଲ ହୋଇଥିଲେ ।

୩ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର

ଛେଣ୍ଡିପଦା, ୧।୯ (ଅଜିତ ଧଳ)- ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ସୋମବାର ଏକ ୩ ବର୍ଷର ଶିଶୁ କନ୍ୟାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଦିବ୍ୟାଙ୍ଗ ଚନ୍ଦନ ମାଝି(୪୦)ଙ୍କୁ ଗିରଫ କରିଛି । ପୋଲିସ କହିଛି, ସମ୍ପୃକ୍ତା ଶିଶୁକନ୍ୟାଙ୍କୁ ପ୍ରଲୋଭନ ଦେଖାଇ ଅଭିଯୁକ୍ତ ନିକଟସ୍ଥ ବଗିଚାକୁ ଡାକି ନେଇ ବଳାତ୍କାର କରିଥିଲେ । ବହୁ ସମୟ ଧରି ଶିଶୁ କନ୍ୟାକୁ ନ ପାଇ ପରିବାର ଲୋକେ ଖୋଜାଖୋଜି କରିବା ବେଳେ ଅଭିଯୁକ୍ତ ଯୁବକ ଉକ୍ତ ବଗିଚାରୁ ବାହାରୁଥିବା ଦେଖି ସନ୍ଦେହରେ ସେମାନେ ବଗିଚାକୁ ଯାଇଥିଲେ । ସେଠାରୁ ଶିଶୁ କନ୍ୟାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଏ ନେଇ ପରିବାର ପକ୍ଷରୁ ନିଶା ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ନଂ ୯/୨୪ରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି ।

ପ୍ରଥମ ପୃଷ୍ଠାରୁ...

ଆକାଶପଥରେ ....

ଗୁରୁତ୍ୱପୂର୍ଣ୍ଣ । ମାଲକାନଗିରି ବିମାନବନ୍ଦର ୨୩୩ ଏକର ଅଞ୍ଚଳରେ ପରିବ୍ୟାପ୍ତ । ଏଥିରେ ୧୬୨୦ ମିଟର ଦୈର୍ଘ୍ୟ ଓ ୩୦ ମିଟର ପ୍ରସ୍ଥ ବିଶିଷ୍ଟ ଏକ ରନ୍‌ୱେ ନିର୍ମାଣ କରାଯାଇଛି । ଏଥିପାଇଁ ୭୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଉଦ୍‌ଘାଟନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଉପସ୍ଥିତ ଥିଲେ । ମାଲକାନଗିରି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଜିଲାର ଗୋବିନ୍ଦପାଲି ସମନ୍ୱିତ ଜଳସେଚନ ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏଥିପାଇଁ ୪ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇଛି । ସୂଚନାଯୋଗ୍ୟ, ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗତ ମାର୍ଚ୍ଚ ୨୮ରେ ମାଲକାନଗିରି ଜିଲା ଗସ୍ତ କରି ସ୍ଥାନୀୟ ଜନସାଧାରଣଙ୍କ ସହିତ ସପ୍ତଧାରା ନଦୀରେ ଏକ ଜଳସେଚନ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ଆଲୋଚନା କରିଥିଲେ । ଲୋକଙ୍କ ପ୍ରସ୍ତାବକୁ ଗୁରୁତ୍ୱ ଦେଇ ପ୍ରାୟ ୪ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ଗୋବିନ୍ଦପାଲି ସମନ୍ୱିତ ଜଳସେଚନ ପ୍ରକଳ୍ପର ଡିପିଆର ପ୍ରସ୍ତୁତ କରାଯାଇ ବୈଷୟିକ ପରାମର୍ଶଦାତା କମିଟିର ଅନୁମୋଦନ ନିମନ୍ତେ କେନ୍ଦ୍ରୀୟ ଜଳ ଆୟୋଗକୁ ପ୍ରେରଣ କରାଯାଇଛି । ଏହି ପ୍ରକଳ୍ପ ଅଧୀନରେ ସପ୍ତଧାରା ଓ ଗରିଆଠାରେ ଦୁଇଟି ଡ୍ୟାମ୍, ଏକ ସଂଯୋଗୀକରଣ ଟନେଲ ଏବଂ ଭୂତଳ ପାଇପଲାଇନ ଦ୍ୱାରା ଜଳସେଚନର ବ୍ୟବସ୍ଥା ରହିଛି । ଏହି ପ୍ରକଳ୍ପ ଦ୍ୱାରା ମାଲକାନଗିରି ଜିଲାର ୪ଟି ବ୍ଲକ ଯଥା ମାଲକାନଗିରି, ମାଥିଲି, ଖଇରପୁଟ ଓ କୋରୁକୁଣ୍ଡାରେ ଅତିରିକ୍ତ ୯୨,୮୧୫ ଏକର ଚାଷ ଜମିରେ ଜଳସେଚନର ସୁବିଧା ସୃଷ୍ଟି କରାଯିବ । ଏଥି ସହିତ ୧.୫୦ ଲକ୍ଷ ସ୍ଥାନୀୟ ଜନସାଧାରଣଙ୍କୁ ପାନୀୟଜଳ ଯୋଗାଣ କରାଯାଇପାରିବ । ଆସନ୍ତା ଜୁଲାଇ ସୁଦ୍ଧା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ପାଇଁ ଲକ୍ଷ୍ୟଧ

ଆର୍‌ଡିସିଙ୍କ ନାମରେ ୧୬ ହାଇକୋର୍ଟ ଅବମାନନା ମାମଲା

ସମ୍ବଲପୁର,୯।୧
(ଭବାନୀ ଶଙ୍କର ଭୋଇ)

୨୦୨୩ ବର୍ଷ

ପଶ୍ଚିମ ଓଡ଼ିଶାର ୧୧ ଜିଲାକୁ ନେଇ ଗଠିତ ଉତ୍ତରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି) ଦାୟିତ୍ୱରେ ରହିଛନ୍ତି ଡ. ସୁରେଶ ଚନ୍ଦ୍ର ଦଳାଇ। ହାଇକୋର୍ଟ ଅନ୍‌ଲାଇନ ଇ-କୋର୍ଟ କେସ୍ ପୋର୍ଟାଲରେ ରହିଥିବା ତଥ୍ୟ ଅନୁସାରେ ଆର୍‌ଡିସି ଦଳାଇଙ୍କ ନାମରେ ୨୦୨୩ରେ ରୁଜୁ ହୋଇଛି ୧୬ଟି ହାଇକୋର୍ଟ ଅବମାନନା ମାମଲା। କେସ୍ ନମ୍ବରଗୁଡ଼ିକ ହେଉଛି ୯୯୨୬, ୯୯୨୫, ୯୮୬୫, ୭୫୮୦, ୭୨୬୫, ୬୭୯୭, ୧୪୨୩, ୮୪୨୨, ୬୩୦୬, ୬୦୨୦, ୬୦୧୮, ୫୨୩୬, ୪୩୪୧, ୩୩୯୫, ୩୩୬୯ ଓ ୧୮୬। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଠିକ୍ ସମୟରେ ପାଳନ କରି ନ ଥିବାରୁ ଆବେଦନକାରୀ ତାଙ୍କ ବିରୋଧରେ ହାଇକୋର୍ଟ ଅବମାନନା କେସ୍ କରିଛନ୍ତି। ଏହା ପୂର୍ବରୁ ୨୦୨୧ରେ କେସ୍ ନଂ. ୪୦୧୮ ଓ ୨୦୨୨ରେ କେସ୍ ନଂ.୬୫୬୪, ୪୬୪୫, ୩୪୩୬, ୧୯୫୭, ୯୮୯ରେ ହାଇକୋର୍ଟ ଅବମାନନା ମାମଲା କରାଯାଇଥିବା ତଥ୍ୟ ରହିଛି।

ଅନେକ ଆବେଦନକାରୀ ବ୍ଲକ ସ୍ତରରୁ ଜିଲା ପର୍ଯ୍ୟନ୍ତ ବାରମ୍ବାର ଦୌଡ଼ିବା ପରେ ନ୍ୟାୟ ନ ପାଇ ଆର୍‌ଡିସିଙ୍କ ଦ୍ୱାରସ୍ଥ ହୋଇଥାନ୍ତି। ହେଲେ ସେଠାରୁ ନିରାଶ ହେବା ପରେ ସେମାନେ ବାଧ୍ୟହୋଇ ହାଇକୋର୍ଟକୁ ଯାଇଥାନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ଆର୍‌ଡିସିଙ୍କ ପାଖରୁ ଠିକ୍ ସମୟରେ ନ୍ୟାୟ ମିଳିପାରୁ ନ ଥିବା ଅଭିଯୋଗ ହେଉଛି। ଏଭଳି ଏକ ଘଟଣା ନେଇ ମଙ୍ଗଳବାର ସମ୍ବଲପୁର ପୁଟିବନ୍ଦ ନିବାସୀ ବୃନ୍ଦାବନ ମିଶ୍ରଙ୍କ ପକ୍ଷରୁ ଉତ୍ତରାଞ୍ଚଳ ଆର୍‌ଡିସିଙ୍କ ସଚିବ ଓ ସମ୍ବଲପୁର ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁସାରେ ତାଙ୍କ ବାପା ଅକ୍ଷୟ ମିଶ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ନିଜ ଜମି ସମ୍ବନ୍ଧରେ ଅଭିଯୋଗ ଦାଖଲ କରିଥିଲେ। ତାଙ୍କର ରିଟ୍ ପିଟିଶନ (ସଂଖ୍ୟା।୧୨୭୬୪/୨୦୨୩)ର ବିଚାର କରି ସେହିବର୍ଷ ଜୁନ ୨୦ରେ ଉତ୍ତରାଞ୍ଚଳ ଆର୍‌ଡିସିଙ୍କୁ ୯୦ ଦିନ ମଧ୍ୟରେ ଅଭିଯୋଗର ସମାଧାନ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ୬ମାସ ବିତିବା ପରେ ବି ତାଙ୍କ ବାପାଙ୍କ ଅଭିଯୋଗର ସମାଧାନ ହୋଇପାରି ନ ଥିବା ସେ ଜଣାଇଛନ୍ତି। ଏ ସମ୍ପର୍କରେ ଆର୍‌ଡିସି ଦଳାଇଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ନ ଉଠାଇବାରୁ ମତାମତ ମିଳିପାରିନାହିଁ। ପରେ ଆର୍‌ଡିସିଙ୍କ ସଚିବ ସୁକାନ୍ତ ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି, କେହିହେଲେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର କରିବାକୁ ଚାହିଁବେ ନାହିଁ। ତେବେ ଡ. ଦଳାଇ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଦାୟିତ୍ୱ ସହ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ୨୨ଟି ଜିଲାରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି। ସେଥିପାଇଁ କିଛି କେସ୍ ଠିକ୍ ସମୟରେ ସମାଧାନ ହୋଇପାରିନାହିଁ। ଏହାସହ ଅନେକ କେସ୍ ଦୀର୍ଘଦିନ ପୁରୁଣା ଓ ଜଟିଳ ରହିଛି। ସେଗୁଡ଼ିକୁ ତିନି ଚାରିମାସ ମଧ୍ୟରେ ସମାଧାନ କରିବା ସମ୍ଭବ ହୋଇପାରି ନାହିଁ। ଆମେ ଏ ସଂକ୍ରାନ୍ତରେ ଅନେକ ସମୟରେ ହାଇକୋର୍ଟଙ୍କୁ ମଧ୍ୟ ଅବଗତ କରିଛୁ ବୋଲି ସେ ପ୍ରକାଶ କରିଛନ୍ତି।

କ୍ଷତିପୂରଣ ସତ୍ୟପାଠ ଦାଖଲ ପାଇଁ ସମୟ ନେଲେ ସରକାର

ହାଇକୋର୍ଟରେ ଡଙ୍ଗାବୁଡ଼ି ମାମଲା

କଟକ,୯।୧ (କାର୍ତ୍ତିକ ସାହୁ)

ଡଙ୍ଗାବୁଡି ମାମଲାରେ ରାଜ୍ୟ ସରକାର ମୃତାହତଙ୍କ ନିମନ୍ତେ କ୍ଷତିପୂରଣ ରାଶି ବାବଦରେ ସତ୍ୟପାଠ ଦାଖଲ ଲାଗି ସମୟ ଦେବାକୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି। ଉକ୍ତ ଟଙ୍କା ସମ୍ପର୍କରେ ବିଚାର ଚାଲିଥିବା ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହି ଆବେଦନକୁ ଗ୍ରହଣ କରିଛନ୍ତି। ଏଥିସହ ସରକାରଙ୍କ ପ୍ରସ୍ତାବିତ ନୂତନ ଡଙ୍ଗାଚାଳନା ନିୟମ-୨୦୨୩କୁ ପଢ଼ି ଅଭିଯୋଗ ଓ ପ୍ରସ୍ତାବ ଜଣାଇବାକୁ ଆବେଦନକାରୀ ଏବଂ ଆମିକସ୍ କ୍ୟୁରିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଉଲ୍ଲେଖଯୋଗ୍ୟ, କୋରାପୁଟ ଜିଲା କୋଲାବ ନଦୀର ଶାଖା ପାତାଳି ନଦୀରେ ୨୦୧୪ ମେ' ୨୪ରେ ଡଙ୍ଗାବୁଡ଼ି ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଆଇନଜୀବୀ ପ୍ରବୀର ଦାସ ଏନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରି ଡଙ୍ଗାରେ ଯାତ୍ରା କରୁଥିବା ଯାତ୍ରୀଙ୍କ ନିରାପତ୍ତା ନିମନ୍ତେ ଡଙ୍ଗାର ପଞ୍ଜୀକରଣ, ଜୀବନ ରକ୍ଷାକାରୀ ସରଞ୍ଜାମ ମହଜୁଦ ବ୍ୟବସ୍ଥା ଗ୍ରହଣ ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ରାଶି ଦେବାକୁ ଆବେଦନରେ ଦର୍ଶାଇଥିଲେ। ସେହିପରି ୨୦୧୪ ଫେବୃଆରୀରେ ହୀରାକୁଦରେ ଡଙ୍ଗାବୁଡ଼ି ୩୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ହାଇକୋର୍ଟ ନିଜ ଆଡୁ ଏକ ମାମଲା ରୁଜୁ କରି ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରିଥିଲେ। ରାଜ୍ୟର ଅନ୍ୟ ଏକ ସ୍ଥାନରେ ୨୦୧୩ରେ ଘଟିଥିବା ଡଙ୍ଗାବୁଡ଼ି ନେଇ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା। ୩ଟିଯାକ ମାମଲାର ଶୁଣାଣି ପୃଥକ୍ ହେଉଥିଲା। ହେଲେ ଏସବୁ ମାମଲାଗୁଡ଼ିକର ଏକତ୍ର ଶୁଣାଣି ପାଇଁ ଫେବୃଆରୀ ୧୩ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

ଡିଏନ୍‌ଏ ରିପୋର୍ଟରେ ତୃତୀୟ ମୃତକ ଦିଲୀପ

ଭୁବନେଶ୍ୱର,୯।୧(ସତ୍ୟଜିତ୍ ରାଉତ)

ହାଇଟେକ୍ ହସ୍ପିଟାଲରେ ବିସ୍ଫୋରଣ ଘଟଣା

ଭୁବନେଶ୍ୱର ହାଇଟେକ୍ ହସ୍ପିଟାଲ ଏସି କମ୍ପ୍ରେସରରେ ଗ୍ୟାସ୍ ଭର୍ତ୍ତିବେଳେ ବିସ୍ଫୋରଣ ଘଟଣାକୁ ମଙ୍ଗଳବାର ୧୨ଦିନ ପୂରିଥିବା ବେଳେ ୩ ଜଣଙ୍କ ଜୀବନ ଯାଇଛି। ଏଭଳିସ୍ଥିତିରେ ତୃତୀୟ ମୃତକ ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ବଅଙ୍ଗ ଗ୍ରାମର ଦିଲୀପ ସାମନ୍ତରାୟ ବୋଲି କୁହାଯାଉଥିବାବେଳେ ଏହାକୁ ନେଇ ଲାଗି ରହିଥିବା ଦ୍ୱନ୍ଦ୍ୱ ଦୂରହୋଇଛି। ମଙ୍ଗଳବାର ପୋଲିସ ନିକଟରେ ପହଞ୍ଚିଥିବା ଡିଏନ୍‌ଏ ରିପୋର୍ଟରେ ତୃତୀୟ ମୃତଦେହ ଦିଲୀପଙ୍କର ବୋଲି ସ୍ପଷ୍ଟ ହୋଇଛି। ଏହାପରେ ମୃତଦେହ ନେବାକୁ ଅପେକ୍ଷା କରିଥିବା ଦିଲୀପଙ୍କ ପରିବାର ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି। ମଙ୍ଗଳବାର ଅପରାହ୍ନରେ ଦିଲୀପଙ୍କ ମା' ଅହଲ୍ୟା ପୁଅର ମୃତଦେହ ନେବା ପାଇଁ ପ୍ରତିବାଦ କରିଥିଲେ। ଅହଲ୍ୟାଙ୍କ ସମେତ ପରିବାର ସଦସ୍ୟମାନେ ମଞ୍ଚେଶ୍ୱର ଥାନା ସାମ୍ନାରେ ଧାରଣା ଦେଇଥିଲେ। ତେବେ ଡିଏନ୍‌ଏ ରିପୋର୍ଟରୁ ସତ ଜଣାପଡ଼ିବା ପରେ ପୋଲିସ ମୃତଦେହ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ କରିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ହସ୍ପିଟାଲ ଛାତ ଉପରେ ଏସି ମେଣ୍ଟେନାନ୍ସ କାମ ଚାଲିଥିବାବେଳେ ଡିସେମ୍ବର ୨୯ ସନ୍ଧ୍ୟାରେ ଏହି ଅଘଟଣ ଘଟିଥିଲା। କମ୍ପ୍ରେସର୍‌ରେ ସମସ୍ୟା ଯୋଗୁ ତାହା ଫାଟିଯାଇଥିଲା। ଏହି ବିସ୍ଫୋରଣରେ ଦିଲୀପଙ୍କ ସମେତ ୪ଜଣ କର୍ମଚାରୀ ଗୁରୁତର ଆହତ ହୋଇଥିଲେ। ପ୍ରଥମେ କଟକ ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ କୁଳବ୍ରାହ୍ମଣସାଇଲୋ ଗ୍ରାମର ଜ୍ୟୋତିରଞ୍ଜନ ମଲ୍ଲିକ, ପରେ ଶ୍ରୀତମ ସାହୁ ଏବଂ ଶେଷରେ ଦିଲୀପଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟତମ ଆହତ ସୀମାଞ୍ଚଳ ବିଶ୍ୱାଳଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ତେବେ ଆରମ୍ଭରୁ ଘଟଣାକୁ ଚପାଇ ଦିଆଯାଇଥିଲା। ମୃତଦେହ ଚିହ୍ନଟରେ ବଡ଼ ତ୍ରୁଟି ହୋଇଥିବା ଜଣାପଡିବା ପରେ ବିସ୍ଫୋରଣ ଓ ପରବର୍ତ୍ତୀ ଭୟଙ୍କର ସ୍ଥିତି ପଦାକୁ ଆସିଥିଲା। ପ୍ରଥମ ମୃତକ ଜ୍ୟୋତିରଞ୍ଜନଙ୍କ ମୃତଦେହକୁ ଦିଲୀପ ସାମନ୍ତରାୟ କୁହାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରିଦିଆଯାଇଥିଲା। ଦିଲୀପଙ୍କ ପରିବାର ମଧ୍ୟ ଜ୍ୟୋତିଙ୍କ ମୃତଦେହକୁ ସତ୍କାର କରିଦେଇଥିଲେ। ଏପରିକି ସ୍ୱାମୀ ମୃତ୍ୟୁରେ ଭାଙ୍ଗିପଡି ଦିଲୀପଙ୍କ ସ୍ତ୍ରୀ ସୌମ୍ୟାଶ୍ରୁ ଜେନା ଆତ୍ମହତ୍ୟା କରିଦେଇଥିଲେ। ତେବେ ଜୀବିତ ଥିବା ବା ଚିକିତ୍ସିତ ହେଉଥିବା ଦିଲୀପ ହସ୍ପିଟାଲ ହସ୍ପିଟାଲ ବେଡ୍ ନିଜ ପରିଚୟ ଦେବା ପରେ ଘଟଣାକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଥିଲା। ଏହାପରେ ହାଇଟେକ୍ ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆନ୍ଦୋଳନ, ଧସ୍ତାଧସ୍ତି ଭିତରେ ଦିଲୀପଙ୍କ ଚିକିତ୍ସାକୁ ନେଇ ପ୍ରଶ୍ନ ଉଠିଥିଲା। ଏପରିକି ଦିଲୀପଙ୍କୁ ଜାଣିଶୁଣି ମାରିଦେବେ ବୋଲି ପରିବାର ଲୋକେ ଆଶଙ୍କା କରିଥିଲେ। ସେହି ରାତିରେ ହିଁ ଦିଲୀପ ପରିଚୟ ଦେଇଥିବା ତୃତୀୟ ଆହତଙ୍କ ମୃତ୍ୟୁ ଘଟିଥିବା ହସ୍ପିଟାଲ ପକ୍ଷରୁ ସୂଚନା ଦିଆଗଲା। ହେଲେ ପୋଲିସ ଦିଲୀପଙ୍କ ପରିବାରକୁ ମୃତଦେହ ହସ୍ତାନ୍ତର ନ କରି ପରିଚୟ ପାଇଁ ଡିଏନ୍‌ଏ ଟେଷ୍ଟ ଲାଗି ତାଙ୍କ ମାଆ ଓ ଜ୍ୟୋତିଙ୍କ ମା'ବାପାଙ୍କ ନମୁନା ଦିଲ୍ଲୀ ପଠାଇଥିଲା।

ପ୍ରେମିକ ପାଇଁ ସ୍ୱାମୀଙ୍କୁ ହତ୍ୟା

ଉଦଳା,୯।୧(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ନୟାରଙ୍ଗାମାଟିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରେମିକ ପାଇଁ ସ୍ୱାମୀଙ୍କୁ କାଠଫାଳିଆରେ ପିଟି ହତ୍ୟା କରିଛନ୍ତି ସ୍ତ୍ରୀ। ପୋଲିସ ଅଭିଯୁକ୍ତ ସ୍ତ୍ରୀ ପାନ ମୁର୍ମୁ ଏବଂ ପ୍ରେମିକ ଚନ୍ଦ୍ରମୋହନ ହେମ୍ବ୍ରମଙ୍କୁ ଗିରଫ କରିଛି। ମୃତକ ହେଲେ ରାଇସେନ ମୁର୍ମୁ। ପୋଲିସ ସୂଚନା ଅନୁଯାୟୀ, ପାନ ମୁର୍ମୁଙ୍କ ସହ ସେହି ଗ୍ରାମର ଚନ୍ଦ୍ରମୋହନଙ୍କ ଅନୈତିକ ସମ୍ପର୍କ ଥିଲା। ସୋମବାର ଗାଁରେ ଜହିରା ପୂଜା ଚାଲିଥିଲା। ପୂଜା ପାଇଁ କୁକୁଡ଼ା ଆଣିବାରେ ରାଇସେନ ବିଳମ୍ବ କରିଥିଲେ। ଏନେଇ ଚନ୍ଦ୍ରମୋହନଙ୍କ ସହିତ ରାଇସେନଙ୍କର ଝଗଡ଼ା ହୋଇଥିଲା। ଝଗଡ଼ା ସମୟରେ ରାଇସେନଙ୍କ ସ୍ତ୍ରୀ ପାନ ମୁର୍ମୁ ସେଠାରେ ପହଞ୍ଚି ଚନ୍ଦ୍ରମୋହନଙ୍କ ସପକ୍ଷରେ ରହିଥିଲେ। ଏପରିକି ସେ ନିଜ ସ୍ୱାମୀଙ୍କୁ ବିରୋଧ କରିଥିଲେ। ପ୍ରେମିକଙ୍କୁ ବଞ୍ଚାଇବାକୁ ଯାଇ ସ୍ୱାମୀଙ୍କୁ ଏକ କାଠଫାଳିଆରେ ପିଟିପିଟି ହତ୍ୟା କରିଥିଲେ। ଉଦଳା ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ମାମଲା(ନଂ.୧୯/୨୪) ରୁଜୁ ହୋଇଛି।

ଜେରକ୍ସ ଓଏମ୍‌ଆର୍ ସିଟ୍‌ରେ ପରୀକ୍ଷା ଦେଲେ ଛାତ୍ରୀଛାତ୍ର

ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ତ୍ରୁଟି

ବୋର୍ଡ ପକ୍ଷରୁ ତ୍ରୁଟି ନାହିଁ: ସଭାପତି

କଟକ,୯।୧(ଶିଳ୍ପା ପ୍ରିୟଦର୍ଶିନୀ)

ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ମଙ୍ଗଳବାର ତ୍ରୁଟି ପରିଲକ୍ଷିତ ହୋଇଛି। ଅରିଜିନାଲ ବଦଳରେ ଜେରକ୍ସ ଓଏମ୍‌ଆର୍ ସିଟ୍‌ରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇଛନ୍ତି। କଟକ ଖାନ୍‌ନଗର ହାଇସ୍କୁଲରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଷଷ୍ଠ, ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଏହି ପରୀକ୍ଷା ହୋଇଛି। ଏଥିରେ ଉତ୍ତୀର୍ଣ୍ଣ ହେଲେ ଛାତ୍ରୀଛାତ୍ରମାନେ ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବେ ପାଠ ପଢିବେ। ମଙ୍ଗଳବାର ରାଜ୍ୟରେ ୩ଟି ଜିଲାର ୭୦୪ ସେଣ୍ଟରରେ ଏହି ପରୀକ୍ଷା କରାଯାଇଥିଲା। ଏଥିପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଓଏମ୍‌ଆର୍ ସିଟ୍ ଯୋଗାଇ ଦିଆଯାଇଥିଲା। ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଖାନ୍‌ନଗର ହାଇସ୍କୁଲରେ ପରୀକ୍ଷା ହୋଇଥିବାବେଳେ ଛାତ୍ରୀଛାତ୍ରଙ୍କୁ ଜେରକ୍ସ କରାଯାଇଥିବା ଓଏମ୍‌ଆର୍ ସିଟ୍ ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ର ଏ ସମ୍ପର୍କରେ ପଚାରିବାରୁ ଜେରକ୍ସ ଓଏମ୍‌ଆର୍ ସିଟ୍ ପ୍ରଦାନ ପାଇଁ ନିର୍ଦ୍ଦେଶ ରହିଥିବା ଶିକ୍ଷୟିତ୍ରୀଶିକ୍ଷକମାନେ କହିଛନ୍ତି। ଅପରପକ୍ଷରେ ବୋର୍ଡ ଉପସଭାପତିଙ୍କ ଏକ ହ୍ୱାଟ୍‌ସଆପ୍ ମେସେଜ ଭାଇରାଲ ହେଉଛି। ଉକ୍ତ ମେସେଜ ସମସ୍ତ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ ନିକଟକୁ ପଠାଯାଇଥିବା ସୂଚନା ରହିଛି। ସେଥିରେ ଉଲ୍ଲେଖ ରହିଛି, ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀ ଓଏମ୍‌ଆର୍ ସିଟ୍‌ରେ ତ୍ରୁଟି ରହିଛି। ୧୦୦ଟି ଉତ୍ତର ବଦଳରେ ୬୦ଟି ପ୍ରିଣ୍ଟ କରାଯାଇଛି। ଉକ୍ତ ଓଏମ୍‌ଆର୍ ସିଟ୍ ବ୍ୟବହାର ନ କରି ବୋର୍ଡ ୱେବ୍‌ସାଇଟରୁ ଅନ୍ୟ ଓଏମ୍‌ଆର୍ ସିଟ୍ ଡାଉନଲୋଡ୍ କରି ପରୀକ୍ଷା କରିବା ପାଇଁ ଏହି ମେସେଜରେ ସୂଚାଇ ଦିଆଯାଇଛି। ମଙ୍ଗଳବାର ପରୀକ୍ଷାବେଳେ ପରୀକ୍ଷାର୍ଥୀଙ୍କୁ କଲର ଓଏମ୍‌ଆର୍ ସିଟ୍ ବଦଳରେ ଜେରକ୍ସ ଓଏମଆର୍ ସିଟ୍ ଦିଆଯିବା ସମ୍ପର୍କରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି, ବୋର୍ଡ ପକ୍ଷରୁ କୌଣସି ତ୍ରୁଟି ରହିନାହିଁ। ଓଏମ୍‌ଆର୍ ସିଟ୍ କମ୍ ପଡ଼ିଲେ ଜେରକ୍ସ କରି ଛାତ୍ରୀଛାତ୍ରଙ୍କୁ ଦେବା ପାଇଁ ନିୟମ ରହିଛି। ସୂଚନାନୁଯାୟୀ, ଆଦର୍ଶ ବିଦ୍ୟାଳୟ ପରୀକ୍ଷାରେ ଷଷ୍ଠ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପରୀକ୍ଷା ପାଇଁ ୬୦ ମାର୍କ, ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ୧୦୦ ମାର୍କ ଲେଖାଏ ପରୀକ୍ଷା କରାଯାଇଥାଏ।

MARUTI SUZUKI
NEXA

ELEVATION: 17340ft
POPULATION: JIMNY

Somewhere along the intimidating Himalayan range, you may find the new Jimny parked at an elevation that rivals the Everest Base Camp. Beyond treacherous mountain trails, narrow passages, and dangerous ditches, few off-roaders make it this far off the grid. However, much like the ones who drive it, the Jimny never turns its back on adventure.

34°04'32.3"N
77°49'56.8"E
Scan to see the Jimny in its true element.

Jimny
NEVER TURN BACK

CREATE. INSPIRE.

NOW AVAILABLE IN CSD

ALLGRIP PRO


3 LINK RIGID AXLE SUSPENSION

HEADLAMP WASHERS

6 AIRBAGS

WIRELESS ANDROID AUTO AND APPLE CARPLAY CONNECTIVITY

Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

BHUBANESWAR: NEXA CYBER CITY (JYOTE MOTORS PH: 9776615032), NEXA TWIN CITY (SKY AUTOMOBILES PH: 9776497764, 7440000642), NEXA GAJAPATI NAGAR (TUSHI MOTORS PVT. LTD. PH: 6372802153), NEXA RAJ BHAVAN ROAD (NARAYANI MOTORS PH: 9583022008, 9583022012), CUTTACK: NEXA STADIUM ROAD (JYOTE MOTORS PH: 7440005202, 7440005239), PANIKOILI: NEXA GAJAPATI NAGAR (TUSH I MOTORS PVT. LTD. PH: 6372802153).

Scan to book

T&C apply. For more information kindly contact NEXA dealerships. Creative visualization. Accessories and features shown may not be part of standard equipment.
Black glass on the vehicle is due to lighting effect. Trademarks used belong to respective Trademark Owners. For details on functioning of safety features, including air bag, kindly refer to the Owner's Manual.

ଭଗବାନଙ୍କର ସଂକଳ୍ପ ଓ ଇଚ୍ଛା ଅନୁସରଣ କରି ଭାରତ ଆଧ୍ୟାତ୍ମିକ ପର୍ବତର ଶିଖର ଉପରେ ଦଣ୍ଡାୟମାନ ହୋଇ ଆଲୋକ ବିକିରଣ କରିବ। ବିଶ୍ୱବାସୀଙ୍କୁ ସତ୍ୟର ପଥ ପ୍ରଦର୍ଶନ କରିବ ଏବଂ ବିଶ୍ୱକୁ ଐକ୍ୟ ଦିଗରେ ସଂଗଠିତ କରିଚାଲିବ। –ଶ୍ରୀମା

ଓଡ଼ିଶାରେ ପ୍ରଦୂଷଣ

ଦୀପାବଳି ଓ ଅମଳ ଋତୁ ଆସିଲେ ବାୟୁ ପ୍ରଦୂଷଣକୁ ନେଇ ଦିଲ୍ଲୀବାସୀଙ୍କ ଚିନ୍ତା ବଢ଼ିଯାଏ। ଦେଶବ୍ୟାପୀ ଏହା ଉପରେ ଆଲୋଚନା ଚାଲେ। ଖୁଣ୍ଟା ପୋଡ଼ି ଯୋଗୁ ଏହା ଘଟୁଛି ବୋଲି କୃଷକଙ୍କ ଉପରେ ଦୋଷ ଲଦି ଦିଆଯାଏ। ଦିଲ୍ଲୀର ସେହି ପ୍ରଦୂଷଣ ଭୟ ଆମ ଘରେ ପହଞ୍ଚିଗଲାଣି। ୮ ଜାନୁଆରୀରେ ଭାରତର ସବୁଠୁ ପ୍ରଦୂଷିତ ୧୬ଟି ସହର ମଧ୍ୟରେ ଓଡ଼ିଶାର ୬ଟି ଥିଲା ବୋଲି ଭାରତୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦର୍ଶାଇଥିଲା। ଉଦ୍‌ବେଗଜନକ ବିଷୟ ହେଉଛି, ଅନୁଗୋଳ ସହରର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ବା ବାୟୁ ମାନ ସୂଚକାଙ୍କ ୩୫୭ ଥିଲାବେଳେ ଦିଲ୍ଲୀରେ ଥିଲା ୩୪୬। ଏହାବାଦ୍ କଟକ (୩୪୨), ଭୁବନେଶ୍ୱର(୩୪୨), ବାଲେଶ୍ୱର(୩୩୬), କେନ୍ଦୁଝର(୩୨୮) ଓ ତାଳଚେର (୩୧୪)ର ଏକ୍ୟୁଆଇ ବିପଜ୍ଜନକ ରହିଥିଲା। ଏଠାରେ ଖୁଣ୍ଟା ପୋଡ଼ି ନାହିଁ। ତଥାପି ଦିଲ୍ଲୀଠାରୁ ଅଧିକ ପ୍ରଦୂଷଣର କାରଣ କ'ଣ ହୋଇପାରେ ତାହା ସାଧାରଣ ଲୋକ ବୁଝିବା କଷ୍ଟକର। ଏହା ବ୍ୟତୀତ ଇଣ୍ଟରନେଟ୍‌ରେ ବିଭିନ୍ନ ପାଣିପାଗ ଆପ୍‌କୁ ଦେଖୁଥିବା ବ୍ୟକ୍ତିମାନେ ଏହିସବୁ ଓଡ଼ିଶା ସହରରେ ଏଭଳି ଉଚ୍ଚ ପରିମାଣର ବାୟୁ ପ୍ରଦୂଷଣ ଦର୍ଶାଯାଉ ନ ଥିବା କଥାକୁ ଅନିଶା କରିଥିବେ। ଏଥିରୁ ବୁଝାପଡୁଛି ଯେ, ଭାରତର ପାଣିପାଗ ବିଭାଗର ତଥ୍ୟ ନିଶ୍ଚିତ ଭାବେ ଅଧିକ ବିଶ୍ୱସନୀୟ ହୋଇପାରୁଛି; କାରଣ ସେମାନେ ଯଥେଷ୍ଟ ବେଶି ସ୍ଥାନ ଉପରେ ଦୃଷ୍ଟି ରଖିପାରୁଛନ୍ତି। ଗାଡ଼ିମୋଟରରୁ ନିର୍ଗତ ବାଷ୍ପ, ରାସ୍ତାରୁ ଉଡୁଥିବା ଧୂଳି, କଳକାରଖାନାରୁ ନିର୍ଗତ ବାଷ୍ପ ଓ ଧୂଆଁ ଏବଂ ନିର୍ମାଣ କ୍ଷେତ୍ରରୁ ନିର୍ଗତ ପ୍ରଦୂଷଣକାରୀ କଣିକା ଯୋଗୁ ପ୍ରଦୂଷଣ ବଢୁଛି ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କୁହାଯାଉଛି। କିନ୍ତୁ ଏହାର ପ୍ରତିକାର କରିବା ପାଇଁ ହୁଏତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସକ୍ଷମ ହୋଇପାରୁନାହିଁ। ଉଲ୍ଲେଖନୀୟ ଯେ, ଏକ୍ୟୁଆଇ ୦–୫୦ ମଧ୍ୟରେ ରହିଲେ କ୍ଷତିକାରକ ନୁହେଁ ଏବଂ ୩୦୧–୪୦୦ ମଧ୍ୟରେ ରହିଲେ ତାହା ଅତି ମାରାତ୍ମକ, ଯାହା ଓଡ଼ିଶାରେ ଏହି ୬ଟି ସହରରେ ଦେଖାଯାଇଛି। ଓଡ଼ିଶାର ଅନ୍ୟ ସହରଗୁଡ଼ିକ ମଧ୍ୟ ପ୍ରଦୂଷଣ ବଳୟ ମଧ୍ୟକୁ ଚାଲିଯାଉଥିବା ଜଣାପଡ଼ିଛି। ୨୦୧୯ରେ ଭାରତର ସବୁଠୁ ପ୍ରଦୂଷିତ ୧୦୨ ସହର ମଧ୍ୟରେ ଏହିସବୁ ସହର ରହିଥିଲା। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ମଧ୍ୟ ସେତେବେଳେ ଏହାକୁ ନିୟନ୍ତ୍ରଣ କରିବା ଜରୁରୀ ବୋଲି ସତର୍କ କରିଦେଇଥିଲେ। କିନ୍ତୁ ଏବକାର ସ୍ଥିତି ସ୍ପଷ୍ଟ କରୁଛି ଯେ, ଏଥିପ୍ରତି ସଚେତନତା ପ୍ରକାଶ ପାଉନାହିଁ।

ମହାନଦୀ କୋଲଫିଲ୍ଡସ୍ ଭଳି ବିରାଟକାୟ ସରକାରୀ କୋଇଲା ଖଣି ଖନନ କରୁଥିବା କମ୍ପାନୀ ଯେଉଁ ପ୍ରଦୂଷଣ ଘଟାଉଛି, ତାହା ତାଳଚେର ଏବଂ କଣିହାଁ ଅଞ୍ଚଳର ବାସିନ୍ଦା କହିପାରିବେ। ସେଠାରେ ପ୍ରଦୂଷଣ ବୋର୍ଡର ଇନ୍‌ସ୍ପେକ୍ଟର କୌଣସି କ୍ଷମତା ପ୍ରଦର୍ଶନ କରିପାରିବେ ନାହିଁ। ତେଣୁ ବୁଝିବାକୁ ହେବ ଯେ, ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସର୍ବନିମ୍ନ ସ୍ତରରେ ନିରୀକ୍ଷକ ସମ୍ପୂର୍ଣ୍ଣ ଭାବେ କ୍ଷମତାବିହୀନ।

ପ୍ରଦୂଷଣ ରୋକିବାରେ ଅବହେଳା ଭୁବନେଶ୍ୱରର ଗାଡ଼କଣରେ ଠୁଳ ହୋଇଥିବା ଆବର୍ଜନା ଦୁର୍ଗନ୍ଧରୁ ସ୍ପଷ୍ଟ ବାରି ହୋଇପଡ଼େ। ରାଜଧାନୀ ସ୍ଥିତିକୁ ଦେଖିଲେ ଅନ୍ୟ ସହରଗୁଡ଼ିକର ସ୍ଥିତି ସହଜରେ ଅନୁମାନ କରିହେଉଛି। କାରଣ ତାଲିକାରେ ଥିବା କେତୋଟି ସହରରେ ଶିଳ୍ପ ଏବଂ ଖଣି ଖନନ କାର୍ଯ୍ୟ ଲାଗି ରହିଥିବାରୁ ଏହିସବୁ ସ୍ଥାନରେ ପ୍ରଦୂଷଣ ବୃଦ୍ଧି ପାଉଛି। ଏହା ବ୍ୟତୀତ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଓଡ଼ିଶାରେ ଦୀର୍ଘଦିନ ଧରି ଧ୍ୟାନ ଦିଆଯାଉନାହିଁ। ଅନ୍ୟ ରାଜ୍ୟକୁ ନକଲ କରି ଓଡ଼ିଶାରେ ମଧ୍ୟ ମୋଟରଗାଡ଼ି ଉପରେ ୧୦ ବର୍ଷ ଜୀବନକାଳ କଟକଣା ଲାଗୁ କରାଯାଇଛି। ଅନ୍ୟପଟେ ରାଜ୍ୟର ବିଭିନ୍ନ ସ୍ଥାନରେ ଗଡ଼ି ଉଠୁଥିବା କିମ୍ବା ଚାଲୁଥିବା ଶିଳ୍ପଗୁଡ଼ିକ ଯେଉଁ ଅତ୍ୟଧିକ ମାତ୍ରାରେ ଜଳ ଏବଂ ବାୟୁ ପ୍ରଦୂଷଣ ସୃଷ୍ଟି କରୁଛନ୍ତି, ତାହା ପ୍ରତି ଦୃଷ୍ଟି ଦେବାକୁ କେହି ନାହାନ୍ତି। ସାଧାରଣରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ଇନ୍‌ସ୍ପେକ୍ଟର ଏକ ବଡ଼ କାରଖାନା ନିରୀକ୍ଷଣ କରିବାକୁ ଯାଇଥା'ନ୍ତି। ସେଠାରେ ତାଙ୍କୁ କଦଳୀ ଏବଂ କାଜୁ ଦେଇ ସ୍ୱାଗତ କରାଯିବା ସହ ଅଳ୍ପ ପରିମାଣରେ ସନ୍ତୁଷ୍ଟ କରି ଫେରାଇ ଦିଆଯାଏ। ସେହି ଇନ୍‌ସ୍ପେକ୍ଟରଙ୍କୁ ମଧ୍ୟ ଦୋଷ ଦେଇ ହେବନାହିଁ। ଉଦାହରଣ ସ୍ୱରୂପ, ମହାନଦୀ କୋଲଫିଲ୍ଡସ୍ ଭଳି ବିରାଟକାୟ ସରକାରୀ କୋଇଲା ଖଣି ଖନନ କରୁଥିବା କମ୍ପାନୀ ଯେଉଁ ପ୍ରଦୂଷଣ ଘଟାଉଛି, ତାହା ତାଳଚେର ଏବଂ କଣିହାଁ ଅଞ୍ଚଳର ବାସିନ୍ଦା କହିପାରିବେ। ସେଠାରେ ପ୍ରଦୂଷଣ ବୋର୍ଡର ଇନ୍‌ସ୍ପେକ୍ଟର କୌଣସି କ୍ଷମତା ପ୍ରଦର୍ଶନ କରିପାରିବେ ନାହିଁ। ତେଣୁ ବୁଝିବାକୁ ହେବ ଯେ, ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସର୍ବନିମ୍ନ ସ୍ତରରେ ନିରୀକ୍ଷକ ସମ୍ପୂର୍ଣ୍ଣ ଭାବେ କ୍ଷମତାବିହୀନ। ତେଣୁ ପ୍ରଦୂଷଣ ସହିତ ବଞ୍ଚିବାକୁ ନାରାଜ ବ୍ୟକ୍ତି ସୁଖରେ ଲକ୍ଷାଦ୍ୱୀପ ଟାପୁକୁ ଚାଲିଯାଇପାରିବେ।

su | do | ku

Puzzles by Srikant Ghosh

ସୁ–ଡୋ–କୁ

		7			4		5	
			8		7			
				1	3			
		3		6				
1			5				3	
9				7		4	1	
8	3						2	1
	6		1			8		7
				2		5		

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

6	4	7	9	1	3	8	5	2
1	2	5	4	7	8	6	9	3
3	9	8	5	6	2	4	7	1
7	1	6	8	3	5	9	2	4
9	3	4	6	2	7	5	1	8
5	8	2	1	4	9	7	3	6
2	5	9	3	8	4	1	6	7
4	7	1	2	9	6	3	8	5
8	6	3	7	5	1	2	4	9

ଗତକାଲିର ଉତ୍ତର

ଖାଦ୍ୟ ସୁରକ୍ଷା ଓ ବିକଳ୍ପ ମିଲେଟ

ବିପିନ ବିହାରୀ ରାଉତ

ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଯେ କେବଳ ବୈଶ୍ୱିକ ଅର୍ଥନୀତି ଏବଂ ପରିବେଶ ପ୍ରଭାବିତ ଏକଥା ନୁହେଁ, ବରଂ ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ମଧ୍ୟ ବିପନ୍ନ। ବିଶ୍ୱ ବୈଜ୍ଞାନିକମାନେ ଜଳବାୟୁ ପରିବର୍ତ୍ତନକୁ ନେଇ ଆଗାମୀ ଦିନରେ ଖାଦ୍ୟ ସୁରକ୍ଷା ଦିଗରେ ଭୟଙ୍କର ସ୍ଥିତି ଉତ୍ପନ୍ନ ହେବାର ଆଶଙ୍କା ଚେତାଇବା ପରେ ଏହାର ବିକଳ୍ପ ପନ୍ଥା ଚିନ୍ତା କରିବାକୁ ଅନେକ ରାଷ୍ଟ୍ର ଉଦ୍ୟମ ଆରମ୍ଭ କରିଛନ୍ତି। ତେବେ ଭାରତ ନେତୃତ୍ୱରେ ଆରମ୍ଭ ହୋଇଥିବା ମିଲେଟ ମିଶନ ଖାଦ୍ୟ ସୁରକ୍ଷା ପାଇଁ ଅଦ୍ୱିତୀୟ ବିକଳ୍ପ ହୋଇଛି ବୋଲି ଏବେ ଆମେରିକାଠାରୁ ଆରମ୍ଭ କରି ବହୁ ୟୁରୋପୀୟ ରାଷ୍ଟ୍ର ହୃଦୟଙ୍ଗମ କରିସାରିଲେଣି। ପ୍ରାୟ ୫ ହଜାର ବର୍ଷ ତଳେ ଭାରତ, ଚାଇନା ଏବଂ କିଛି ଆଫ୍ରିକୀୟ ଦେଶଗୁଡ଼ିକରେ ମିଲେଟ ଜାତୀୟ ଶସ୍ୟକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ଆସୁଥିଲା। ସବୁଜ ବିପ୍ଳବ ପୂର୍ବରୁ କେବଳ ଭାରତରେ ହିଁ ୪୦ ପ୍ରତିଶତ ଶସ୍ୟ ଏହି କ୍ଷେତ୍ରରୁ ଉତ୍ପାଦିତ ହେଉଥିଲା। କିନ୍ତୁ ସବୁଜ ବିପ୍ଳବ ପରେ ଲୋକମାନେ ଅଧିକ ଅମଳକ୍ଷମ ହେବା ଲକ୍ଷ୍ୟରେ ସଙ୍କର ଜାତୀୟ ଧାନ, ଗହମ ଏବଂ ଡାଲି ଜାତୀୟ ଶସ୍ୟ ପ୍ରତି ସର୍ବାଧିକ ଆଗ୍ରହୀ ହେଲେ। ଯାହାକୁ ନେଇ ମିଲେଟ ବା ମାଣ୍ଡିଆ ଜାତୀୟ ଶସ୍ୟ ଉତ୍ପାଦନ କମିବା ସହିତ ଏହା କେବଳ ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ସୀମିତ ହୋଇଗଲା। ଏପରି କି ଏହାକୁ ଗରିବଙ୍କ ଖାଦ୍ୟ ବୋଲି କୁହାଗଲା। ହେଲେ ସମୟଚକ୍ରରେ ଏହି ଜାତୀୟ ଶସ୍ୟର ଗୁରୁତ୍ୱ ଏବଂ ଚାହିଦାକୁ ମଣିଷ ସମାଜ ବୁଝିପାରିଛି। ମିଲେଟ ଜାତୀୟ ଶସ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ପ୍ରମୁଖ ଶସ୍ୟ ଭାବେ ବିବେଚନା କରାଯାଇଛି। ମିଲେଟକୁ ସବୁଠାରୁ ପୁଷ୍ଟିକର ଏବଂ ଜଳବାୟୁ ଅନୁକୂଳ ଶସ୍ୟ ଭାବେ ଗ୍ରହଣ କରାଯାଇଛି। ଜାତିସଂଘ ମଧ୍ୟ ଏହାକୁ ସ୍ୱୀକାର କରିସାରିଛି। ଯାହାକୁ ନେଇ ଏବେ ଅନ୍ତର୍ଜାତୀୟ ସ୍ତରରେ ମିଲେଟ ମିଶନକୁ ସ୍ୱୀକୃତି ଦିଆଯାଇଛି। ସବୁଠାରୁ ବଡ଼ କଥା ହେଲା ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗରେ ମିଥେନ ଗ୍ୟାସ୍‌ର ଉତ୍ପନ୍ନକୁ ନେଇ ପାଶ୍ଚାତ୍ୟ ରାଷ୍ଟ୍ର ଏବଂ ଏସୀୟ ରାଷ୍ଟ୍ରମାନେ ଯେଭଳି ବିବାଦୀୟ ସ୍ଥିତିରେ ରହିଛନ୍ତି, ମିଲେଟ ଚାଷ ଏହି ବିବାଦର ଅନ୍ୟତମ ସମାଧାନର ସୂତ୍ର ହେବାକୁ ଯାଉଛି। ବିଶ୍ୱର ଉନ୍ନତ ଏବଂ ଶିଳ୍ପସମୃଦ୍ଧ ରାଷ୍ଟ୍ରମାନଙ୍କ ଦ୍ୱାରା ଅଧିକରୁ ଅଧିକ ଜୀବାଶ୍ମ ଇନ୍ଧନର ବ୍ୟବହାର ଯୋଗୁ ମିଥେନ ଗ୍ୟାସର ପରିମାଣ ବଢ଼ିଚାଲିଛି ବୋଲି ବିକାଶଶୀଳ ଓ ଅନୁନ୍ନତ ଦେଶଗୁଡ଼ିକ ଅଭିଯୋଗ କରୁଥିବା ବେଳେ ଭାରତ, ଚାଇନା, ଦକ୍ଷିଣ ଆମେରିକୀୟ ଓ ଆଫ୍ରିକୀୟ ରାଷ୍ଟ୍ର ଗୁଡ଼ିକରେ ବହୁଳ ଭାବେ ଧାନ ଚାଷ ଓ ଗୋପାଳନରୁ ଅଧିକ ମିଥେନ ଉତ୍ପନ୍ନ ହେଉଥିବା ବିକଶିତ ଦେଶମାନେ ପାଲଟା

ଅଭିଯୋଗ କରୁଛନ୍ତି। ତେଣୁ ବିଶ୍ୱ ତାପମାନ ବୃଦ୍ଧିରେ ଅଧିକ ଯୋଗଦାନ ଥିବା ମିଥେନ ବାଷ୍ପର ଉତ୍ସ ଶିଳ୍ପ ନା କୃଷି ତାହାକୁ ନେଇ ନୂଆ ବିବାଦ ଓ ବିତର୍କ ସୃଷ୍ଟି ହୋଇଛି। କିନ୍ତୁ ଏ ଦିଗରେ ମିଲେଟ ଚାଷର ପ୍ରଭାବ ଅନେକ ସମସ୍ୟାର ସମାଧାନ ଆଣିପାରିବ ବୋଲି କୁହାଯାଉଛି। ମିଳିତ ଜାତିସଂଘର ପ୍ରସ୍ତାବ ଅନୁସାରେ ଭାରତ ସରକାର ୨୦୧୮ ବର୍ଷକୁ ଜାତୀୟ ମିଲେଟ ବର୍ଷ ଭାବେ ଘୋଷଣା କରିଥିଲାବେଳେ ବର୍ଷ ୨୦୨୩କୁ ଅନ୍ତର୍ଜାତୀୟ ମିଲେଟ ବର୍ଷ ଘୋଷଣା କରିଛନ୍ତି। ଏହି କ୍ରମରେ ଓଡ଼ିଶାର ମିଲେଟ ମିଶନ ମଧ୍ୟ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି।

ମିଲେଟ ଫସଲ ଉତ୍ପାଦନରେ ତୀବ୍ର ବୃଦ୍ଧି ଏବଂ କୃଷକମାନଙ୍କ ପାଇଁ ଉତ୍ତମ ଆୟର ସୁଯୋଗରେ ଓଡ଼ିଶା ରେକର୍ଡ କରିଛି। ୨୦୧୭ରେ ଓଡ଼ିଶା ମିଲେଟ ମିଶନ ଆରମ୍ଭ ହେବା ପରେ ରାଜ୍ୟରେ ବହୁ ସଂଖ୍ୟକ କୃଷକ ମିଲେଟ ଉତ୍ପାଦନ ଆଡ଼କୁ ମନ ବଳାଇଛନ୍ତି। ମିଲେଟ ଉତ୍ପାଦନ କମି କମି ଆସୁଥିବା ବେଳେ ଏହାର ଉପକାରିତାକୁ ଦୃଷ୍ଟିରେ ରଖି ଓଡ଼ିଶା ମିଲେଟ ମିଶନ କୃଷକମାନଙ୍କୁ ପୁଣି ଏହି ଚାଷ ପ୍ରତି ଆକର୍ଷିତ କରିପାରିଛି। ଓଡ଼ିଶାରେ ବର୍ଷସାରା ଉଷ୍ଣ ବାତାବରଣ ରହିଥାଏ। ତେଣୁ ଏହି ଜଳବାୟୁରେ ଚାଷକାର୍ଯ୍ୟ କଷ୍ଟସାଧ୍ୟ। ମାତ୍ର ମିଲେଟ ଚାଷ ପାଇଁ ସ୍ୱଳ୍ପ ଜଳର ଆବଶ୍ୟକତା ପଡୁଥିବାରୁ ଓଡ଼ିଶାର ବାତାବରଣ ଉପଯୋଗୀ। ଏହାର ଉତ୍ପାଦନ ବଢ଼ାଇବା ସହ ରାଜ୍ୟର ପ୍ରତି ଘରେ ମିଲେଟକୁ ପହଞ୍ଚାଇବା ପାଇଁ ମିଲେଟ ମିଶନ ଜରିଆରେ ରାଜ୍ୟ ସରକାର ଚେଷ୍ଟା ଜାରି ରଖିଛନ୍ତି। ଓଡ଼ିଶା ମିଲେଟ ମିଶନ ରାଜ୍ୟରେ ମିଲେଟ ଉତ୍ପାଦନକୁ ପ୍ରୋତ୍ସାହନ ଦେଇଛି, ଫଳରେ ଓଡ଼ିଶାରେ ଏଥର ଆଖିଦୃଶିଆ ରାଶି ଉତ୍ପାଦନ ବୃଦ୍ଧି ପାଇଛି। ୨୦୧୬–୧୭ରେ ମାତ୍ର ୪୦ ହଜାର କୁଇଣ୍ଟାଲ ମିଲେଟ ଉତ୍ପାଦନ ହୋଇଥିବାବେଳେ ୨୦୨୧–୨୦୨୨ରେ ଏହା ୭ଲକ୍ଷ କୁଇଣ୍ଟାଲକୁ ବୃଦ୍ଧି ପାଇଛି। ୨୦୨୨ ଜୁଲାଇ ସୁଦ୍ଧା ଓଡ଼ିଶା ମିଲେଟ ମିଶନରେ କୃଷକମାନଙ୍କ ସଂଖ୍ୟା ୮ ହଜାରରୁ ୧.୫ ଲକ୍ଷରୁ ଅଧିକ ବୃଦ୍ଧି ପାଇଛି। ମିଲେଟ ଚାଷରୁ ସଫଳତା ପାଇଥିବା ଅନୁଗୋଳ ଜିଲାର ଜଣେ କୃଷକ କହିଛନ୍ତି, ଚାଷ ପାଇଁ ଆଗରୁ ଆମକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। କିନ୍ତୁ ମିଲେଟ ଚାଷ କରିବା ଭାରି ସହଜ। ଏହି ଚାଷ କରିବା ଫଳରେ ବଜାରର ମହଙ୍ଗା ମାଡ଼ରେ ମଧ୍ୟ ଉନ୍ନତ ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟ ବିକଳ୍ପ ପ୍ରଦାନ କରିବାକୁ ସକ୍ଷମ ହୋଇପାରିଛି। ଓଡ଼ିଶା ମିଲେଟ ମିଶନ ନାଗରିକଙ୍କ ମଧ୍ୟରେ ଏକ ଅଦମ୍ୟ ବିଶ୍ୱାସ ସୃଷ୍ଟି କରିଛି। ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ଦ୍ୱାରା ଆମ ରାଜ୍ୟରେ ମିଲେଟ ସମ୍ଭାବନାକୁ ପ୍ରଦର୍ଶନ କରିବା ପାଇଁ ଉନ୍ନତ ରଣନୀତି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରହିଛି। ଚାଷ ସମୟରେ ଅଧିକ ରାସାୟନିକ ସାର ପ୍ରୟୋଗ କରାଯିବା ଦ୍ୱାରା ପରବର୍ତ୍ତୀ ପର୍ଯ୍ୟାୟରେ ବହୁତ ଅସୁବିଧା ଦେଖାଯାଇଥାଏ। ମିଲେଟ ମିଶନ ଜରିଆରେ ଓଡ଼ିଶା ସରକାର ଏ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଛନ୍ତି। ଏହା ସହ ମିଲେଟ ଚାଷକୁ କିଭଳି ଆହୁରି ଉନ୍ନତମାନର କରାଯାଇପାରିବ, ତାହାର ଉପାୟ ମଧ୍ୟ ଚାଷୀଙ୍କୁ ଶିଖାଇଛନ୍ତି।

ଓଡ଼ିଶା ମିଲେଟ ମିଶନ ପକ୍ଷରୁ କୃଷକମାନଙ୍କ ପାଇଁ ସିଧାସଳଖ ବ୍ୟାଙ୍କ ଟ୍ରାନ୍ସଫର ଓ ବିଭିନ୍ନ ପୋର୍ଟାଲ କାର୍ଯ୍ୟକାରୀ କରାଯାଉଛି। ଏହି ପଦକ୍ଷେପ ଦ୍ୱାରା ରାଗି ପରି କିଛି ଫସଲ ଅମଳ ସ୍ୱଳ୍ପ ସମୟ ମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଥିବା ଦେଖାଯାଇଛି। ରାଜ୍ୟ ସରକାରଙ୍କ ଲଗାତର ପଦକ୍ଷେପ ଜରିଆରେ କୃଷକମାନେ ସେମାନଙ୍କର ପାରମ୍ପରିକ ଫସଲକୁ ଗ୍ରହଣ କରିବା ସହ ସେମାନଙ୍କ ପରିଶ୍ରମର ଉଚିତ ମୂଲ୍ୟ ପାଇବାରେ ସକ୍ଷମ ହୋଇପାରୁଛନ୍ତି। ଓଡ଼ିଶା ମିଲେଟ ମିଶନ ଏହାର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ସହ ମିଲେଟର ଗ୍ରହଣଶୀଳତାକୁ ଅଧିକ ସୁଗମ ଏବଂ ନମନୀୟ କରିବା ପାଇଁ ଉତ୍ତମ ରଣନୀତି ଏବଂ ବୈଜ୍ଞାନିକ କୌଶଳକୁ ସୁନିଶ୍ଚିତ କରୁଛି। ଦିନ ଥିଲା ଓଡ଼ିଶାରେ ମିଲେଟକୁ କେହି ଜାଣୁ ନ ଥିଲେ କିମ୍ବା ଏହାର ଆଦର ନ ଥିଲା। କିନ୍ତୁ ଓଡ଼ିଶାରେ ଏବେ ମିଲେଟ ସୁନା ଫଳ ପାଲଟିଛି। ଗତ ଜି–୨୦ ଶିଖର ସମ୍ମିଳନୀରେ ଓଡ଼ିଶାର ମିଲେଟ ଖାଦ୍ୟ ଆନ୍ତର୍ଜାତିକ ମହଲକୁ ସୁପରିଚିତ କରିଛି। ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପାଦେୟ ଏବଂ ଏହା ବିନା ଜଳସେଚନ ଓ ବିନା କୀଟାଣୁ ନାଶକ ବା ରାସାୟନିକ ସାର ପ୍ରୟୋଗରେ ଧାନ ଓ ଗହମଠାରୁ କମ୍ ଖର୍ଚ୍ଚରେ ଚାଷ କରାଯାଇପାରିବ। ଭବିଷ୍ୟତରେ ଆମ ସ୍ୱାସ୍ଥ୍ୟ ଓ ପୁଷ୍ଟିଜନିତ ସମସ୍ୟାର ସମାଧାନ ପାଇଁ ଏହା ହେବ ସେଗୁଡ଼ିକର ଉପାଦେୟ ବିକଳ୍ପ। ଏହା ଓଡ଼ିଶାର କୃଷି ଓ ଚାଷୀଭାଇ ତଥା ମହିଳା ସ୍ୱୟଂ ସହାୟକ ସଂଗଠନ ଲାଗି ସେମାନଙ୍କର ବୃତ୍ତିଗତ କର୍ମକ୍ଷେତ୍ର ପାଇଁ ବଡ଼ ଆର୍ଥିକ ଅବଲମ୍ବନର ଉତ୍ସ। ଦିନକୁ ଦିନ ଏହାର ଗ୍ରହଣୀୟତା ଓ ଚାହିଦା ବଢୁଥିବାବେଳେ ଲୋକମାନଙ୍କ ମଧ୍ୟରେ ମଧ୍ୟ ଆଗ୍ରହ ବଢୁଛି। ଯେଉଁଭଳି ଭାବେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ବଜାରରେ ଉପଲବ୍ଧ ହେଉଛି, ଏଥିରୁ ମାଣ୍ଡିଆର ଲୋକପ୍ରିୟତା ପ୍ରମାଣିତ। ମିଲେଟ ଏବେ ଓଡ଼ିଶାରେ କୃଷକମାନଙ୍କ ପାଇଁ ଏବଂ ସ୍ୱୟଂ ସହାୟକ ସଙ୍ଗଠନ ଲାଗି ଅତ୍ୟନ୍ତ ଲାଭଦାୟକ କ୍ଷେତ୍ର ପାଲଟିଛି ଏବଂ ଲୋକମାନଙ୍କର ପ୍ରଭୂତ ଲାଭ ହେଉଛି।

ଉପନିର୍ଦ୍ଦେଶକ, ଓରମାସ, ଭୁବନେଶ୍ୱର
ମୋ : ୯୪୩୭୬୬୬୪୫୩

ସଫେଇ ସାକ୍ଷୀ

ଯଦୁମଣି ପାଣିଗ୍ରାହୀ

ସାଧାରଣ ମଣିଷ ଜୀବନରେ ଭୁଲ୍ ତ୍ରୁଟି ଦେଖାଯିବାରେ କିଛି ବିଚିତ୍ରତା ନ ଥାଏ। ଏହା ଏକ ସ୍ୱାଭାବିକ କଥା। ସଂସାରରେ ତ୍ରୁଟିଶୂନ୍ୟ ମଣିଷଟେ ମିଳିବା ବିରଳ। ସେହିପରି ଦୋଷ ଦୁର୍ବଳତା ନ ଥିବା ମଣିଷଟେ ବି ଖୋଜିଲେ ମିଳିବନି। ଜାଣତରେ ହେଉ ଅଥବା ଅଜାଣତରେ ଆମେ ସମସ୍ତେ କିଛି ନା କିଛି ତ୍ରୁଟି କରିଥାଉ। ଆମେ କହୁଥିବା କଥା ଅଥବା କରୁଥିବା କାମ ଯେବେ କାହାକୁ ମାନସିକ ଭାବେ ଆଘାତ ଦିଏ କିମ୍ବା କାହାର କିଛି କ୍ଷତିଘଟାଏ ଆଉ ଏହାକୁ ନେଇ ଆମ ଉପରକୁ ଅଙ୍ଗୁଳି ଉଠେ ତ ସେତେବେଳେ ଆମେ ସଫେଇ ଦେବାକୁ ତୟାର ହୋଇଯାଉ। ଏହି କ୍ରମରେ ପ୍ରିୟ ପରିଜନଙ୍କଠାରୁ ସାଙ

ଛାତ୍ରୀଛାତ୍ରଙ୍କ ସୃଜନଶୀଳ, କଳାତ୍ମକ ପ୍ରତିଭାକୁ ପ୍ରୋତ୍ସାହିତ କରୁଛି କଳା ଉତ୍ସବ: ଧର୍ମେନ୍ଦ୍ର

'ରାଷ୍ଟ୍ରୀୟ କଳା ଉତ୍ସବ'ର ଉଦ୍‌ଘାଟନକଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୯।୧(ସୁନିତ୍ ମିଶ୍ର)

ସ୍କୁଲ ଛାତ୍ରୀଛାତ୍ରଙ୍କ ସୃଜନଶୀଳ ଓ କଳାତ୍ମକ ପ୍ରତିଭାକୁ ପ୍ରୋତ୍ସାହନ ଦେଇ ଭାରତର ସାଂସ୍କୃତିକ ବିବିଧତା ସହ ଯୋଡ଼ିହେବା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନକୁ ସାକାରକରିବା ଦିଗରେ କଳା ଉତ୍ସବ ଏକ ଅନନ୍ୟ ପ୍ରୟାସ। ମଙ୍ଗଳବାର ନୂଆଦିଲ୍ଲୀଠାରେ ନବମ ରାଷ୍ଟ୍ରୀୟ କଳା ଉତ୍ସବର ଉଦ୍‌ଘାଟନ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଭାରତର ଛାତ୍ରୀଛାତ୍ରଙ୍କ ପ୍ରତିଭା ଏବଂ ସାମର୍ଥ୍ୟ ଉପରେ ସମଗ୍ର ଦେଶର ଭରସା ରହିଛି। ଆମ ପିଲାମାନଙ୍କ ପ୍ରତିଭା ଓ ଦକ୍ଷତା ବଢ଼ାଇବା ପାଇଁ ସେମାନଙ୍କ ସର୍ବାଙ୍ଗୀନ ବିକାଶ ସହ ତାଙ୍କୁ ଏକବିଂଶ ଶତାବ୍ଦୀର ନେତୃତ୍ୱ ଭାବେ ବିକଶିତ କରିବାକୁ ହେବ। ଏଥିପାଇଁ ରାଷ୍ଟ୍ରୀୟ ଶିକ୍ଷାନୀତିରେ କଳା ଆଧାରିତ ଶିକ୍ଷା, ଖେଳକୁଦ, ଶିଳ୍ପ କଳା ଏବଂ ଅନ୍ୟାନ୍ୟ ନୂତନ ପ୍ରୟାସକୁ ଜାତୀୟ ଶିକ୍ଷାନୀତିରେ ଶିକ୍ଷାର ମୁଖ୍ୟସ୍ରୋତର ଅଂଶ ଭାବେ ବିବେଚନା କରାଯାଇଛି। ୨୦୪୭ ସୁଦ୍ଧା ବିକଶିତ ଭାରତ ପ୍ରତ୍ୟେକ ଭାରତୀୟଙ୍କ ମିଶନ। ନୂଆ ଶିକ୍ଷାନୀତି ଆମର ଅମୃତ ପଢ଼କୁ ରାଷ୍ଟ୍ର ଏବଂ ସମାଜର ଭାବନାରେ ବୃହତ୍ ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରସ୍ତୁତ କରୁଛି। ଆସନ୍ତା ବର୍ଷଠାରୁ ଶିକ୍ଷା ମନ୍ତ୍ରଣାଳୟ ଜାତୀୟ କଳା ମହୋତ୍ସବକୁ ଦେଶର ସବୁ ସ୍କୁଲ ପର୍ଯ୍ୟନ୍ତ ପହଞ୍ଚାଇବାର ଲକ୍ଷ୍ୟ ନେଇ ଆଗକୁ ବଢ଼ିବ। ଏହାସହ ପିଲାମାନଙ୍କ ଅଂଶଗ୍ରହଣକୁ କ୍ରେଡିଟ୍ ଫ୍ରେମ୍‌ୱାର୍କରେ ଆଣିବା ପାଇଁ ବ୍ୟବସ୍ଥା କରିବ ବୋଲି ବିଶ୍ୱାସ ରଖିଛି। ଭାରତର ପ୍ରତ୍ୟେକ ପିଲାଙ୍କୁ ତାଙ୍କର ରୁଚି ଓ ପ୍ରତିଭା ଅନୁଯାୟୀ ଏକ ବ୍ୟାପକ ପ୍ଲାଟ୍‌ଫର୍ମ ପ୍ରଦାନ କରି ଆମେ ଏକ ବିକଶିତ ଭାରତ ଗଠନ କରିପାରିବା। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ବିଦ୍ୟାର୍ଥୀଙ୍କ ସୃଜନଶୀଳ ପ୍ରତିଭାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ, ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ୨୦୧୫ରେ କଳା ଉତ୍ସବ ଆରମ୍ଭ କରାଯାଇଥିଲା। ଚଳିତଥର ଜାନୁଆରୀ ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବାକୁ ଥିବା ଏହି ଉତ୍ସବରେ ଶାସ୍ତ୍ରୀୟ ସଙ୍ଗୀତ ଗାନ, ପାରମ୍ପରିକ ଲୋକସଙ୍ଗୀତ, ଶାସ୍ତ୍ରୀୟ ନୃତ୍ୟ, ଲୋକନୃତ୍ୟ, ସ୍ଥାନୀୟ ଖେଳ ଓ ଏକକ ଅଭିନୟ ଆଦି ପ୍ରତିଯୋଗିତା କରାଯିବ। ଚଳତବର୍ଷ ମୋଟ ୩୬ଟି ଟିମ୍ ଭାଗ ନେଇଥିବା ସେ କହିଛନ୍ତି।

'ରାଷ୍ଟ୍ରୀୟ କଳା ଉତ୍ସବ' ଉଦ୍‌ଘାଟନୀ ଅବସରରେ ଛାତ୍ରୀଛାତ୍ରଙ୍କ ସହ ସେଲ୍ଫି ନେଉଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ପୁଅ ମୃତ୍ୟୁ ଖବର ଶୁଣି ଆଖିବୁଜିଲେ ସାବତ ମା'

ଗୋଟିଏ ସ୍ଥାନରେ ମା'ପୁଅଙ୍କ ଜୁଇ ଜଳିଲା

ଫୁଲବାଣୀ,୯।୧ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଗୋଛାପଡ଼ା ଥାନା ଅଞ୍ଚଳରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ବିଷପାନ କରି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଏପଟେ ପୁଅର ମୃତ୍ୟୁ ଖବର ଶୁଣି ହୃଦ୍‌ଘାତରେ ଆଖି ବୁଜିଛନ୍ତି ସାବତ ମା'। ଗୋଟିଏ ସ୍ଥାନରେ ଉଭୟ ମା' ପୁଅଙ୍କ ଜୁଇ ଜଳିଛି। ମୃତକମାନେ ହେଲେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ବରଗାଁ ପଞ୍ଚାୟତର ମହିବିଲା ଗ୍ରାମର ସୁଶାନ୍ତ ହରିପାଲ ଓ ତାଙ୍କ ସାବତ ମା' ପୁଇନ ହରିପାଲ।

ସୂଚନା ଅନୁଯାୟୀ, ମହିବିଲା ଗ୍ରାମର ସ୍ୱର୍ଗତ କୃଷ୍ଣଚନ୍ଦ୍ର ହରିପାଲଙ୍କ ପୁଅ ସୁଶାନ୍ତ ଗୋଛାପଡା ଥାନା ଲୁଇସିଂ ପଞ୍ଚାୟତର ରାଞ୍ଜେଣୀ ଗାଁରେ ଥିବା ତାଙ୍କ ମଉସା ବିଜୟ ଦିଗାଲଙ୍କ ଘରେ ରହୁଥିଲେ। ସୋମବାର କୌଣସି କାରଣରୁ ସେ ବିଷପାନ କରିଥିଲେ। ତାଙ୍କୁ ପ୍ରଥମେ ବାଲନ୍ଦାପଡା ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ସୁଶାନ୍ତଙ୍କ ମୃତ୍ୟୁ ଖବର ପାଇ କଣ୍ଟାମାଳ ଅଞ୍ଚଳରେ ରହୁଥିବା ତାଙ୍କ ସାବତ ମା' ପୁଇନ ହରିପାଲଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ମଙ୍ଗଳବାର ସୁଶାନ୍ତଙ୍କ ନିଜ ଗ୍ରାମରେ ଗୋଟିଏ ସ୍ଥାନରେ ଉଭୟ ମା' ପୁଅଙ୍କ ଜୁଇ ଜଳିଛି। ଏ ନେଇ ଗୋଛାପଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଭାତ କୁମାର ବେହେରା ସୂଚନା ଦେଇଛନ୍ତି।

ପଥରରେ ଛେଚି ହତ୍ୟା ପରେ ଫିଙ୍ଗିଦେଇଥିଲେ

ବଲାଣି ନାବାଳିକା ହତ୍ୟା ଘଟଣାର ପର୍ଦ୍ଦାଫାଶ

ସୁଧାରଗୃହକୁ ଗଲେ ଅଭିଯୁକ୍ତ ନାବାଳକ

ବଡବିଲ,୯।୧ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଲାଣି ଥାନା ବାଲାଗୋଡ଼ା ବସ୍ତିର ଲାଲ ଡ୍ୟାମ୍ ନିକଟରେ ଜଣେ ନାବାଳିକାଙ୍କୁ ନିର୍ମମ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏକ ସପ୍ତାହ ପରେ ଅଭିଯୁକ୍ତ ନାବାଳକଙ୍କୁ ବଲାଣି ବସ୍ତି ଓଏମ୍‌ସି ହଟିଂରୁ ପୋଲିସ କାବୁ କରିବା ପରେ ମଙ୍ଗଳବାର ଘଟଣାର ସିନ୍ ରିକ୍ରିଏଶନ କରିଥିଲା। ପରେ ଅଭିଯୁକ୍ତଙ୍କୁ ସୁଧାର ଗୃହକୁ ପଠାଇ ଦିଆଯାଇଛି। ମୃତକ ଓ ଅଭିଯୁକ୍ତ ଉଭୟ ନାବାଳିକା ହୋଇଥିଲେ ମଧ୍ୟ ପ୍ରେମ ବିବାହ କରିଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ମାସକ ପୂର୍ବେ ବଲାଣି ଢିପା ସାହିର ବାପଛେଉଣ୍ଡ ୧୫ ବର୍ଷୀୟା ବାଳିକାଙ୍କୁ ବଲାଣି ବସ୍ତି ଓଏମ୍‌ସି ହଟିଂର ଜଣେ ୧୬ବର୍ଷୀୟ ବାଳକ ପ୍ରେମ ବିବାହ କରିଥିଲେ। ତେବେ ନାବାଳିକା ଜଣକ ତାଙ୍କ ବାପ ଘରେ ରହିଆସୁଥିଲେ। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ କିଛି ମନୋମାଳିନ୍ୟ ରହିଥିଲା। ଗତ ଡିସେମ୍ବର ୩୧ରେ ନୂଆବର୍ଷ ଆଗମନର ଖୁସିରେ ନାବାଳକା ଘରେ ନାଚ ଗୀତରେ ମସ୍‌ଗୁଲ ଥିଲାବେଳେ, ରାତି ପ୍ରାୟ ୮ଟାରେ ନାବାଳକ ଜଣକ ତାଙ୍କୁ ଫୋନ କରି ଡାକିଥିଲେ। ଏହାପରେ ଉଭୟ ସେଠାରୁ ବାଲାଗୋଡ଼ା ବସ୍ତି ପାଖ ଲାଲ ଡ୍ୟାମ୍ ନିକଟକୁ ଯାଇଥିଲେ। ସେଠାରେ ଉଭୟ ବିଷ ଖାଇ ଜୀବନ ହାରିବାକୁ ନିଷ୍ପତ୍ତି ନେଇଥିଲେ। ନାବାଳକ ସାଥିରେ ନେଇଥିବା ଏକ ବିଷ ବୋତଲ ବାହାରକରି ପ୍ରଥମେ ଅଳ୍ପ କିଛି ବିଷ ପାନ କରିବା ସହିତ ନାବାଳିକାଙ୍କୁ ମଧ୍ୟ ପିଇବାକୁ ଦେଇଥିଲେ। ତେବେ ନାବାଳିକା ବିଷ ପିଇବାକୁ ମନା କରିଦେବାରୁ ନାବାଳକ ଉତ୍‌କ୍ଷିପ୍ତ ହୋଇ ଉଠିଥିଲେ। ପ୍ରଥମେ ପିନ୍ଧିଥିବା ଶାଢ଼ିରେ ବେକକୁ ଚାପି ଦେବାରୁ ନାବାଳିକା ଶ୍ୱାସରୁଦ୍ଧ ହୋଇ ତଳେ ପଡ଼ିଯାଇଥିଲେ। ପରେ ଅଭିଯୁକ୍ତ ନାବାଳକ ଜଣକ ଏକ ବଡ଼ ପଥର ଉପରେ ନାବାଳିକାଙ୍କ ମୁଣ୍ଡକୁ ରଖି ଅନ୍ୟ ଏକ ପଥର ସାହାଯ୍ୟରେ ଛେଚି ହତ୍ୟା କରିଥିଲେ। ଏହାପରେ ଅଳ୍ପ ଦୂରରେ ଥିବା ବୁଦା ଭିତରକୁ ନେଇ ମୃତଦେହ ଫୋପାଡ଼ି ଦେଇଥିଲେ। ତେବେ ସେ ପିଇଥିବା ବିଷର ପ୍ରଭାବ କମ୍ ଥିବାରୁ ତାଙ୍କର କିଛି ବି ହୋଇ ନ ଥିଲା। ୨ଦିନ ପରେ ନାବାଳିକାଙ୍କ କ୍ଷତାକ୍ତ ଗଳିତ ମୃତଦେହ ପୋଲିସ ଜବତ କରିଥିଲା। ଘଟଣାସ୍ଥଳରୁ ମିଳିଥିବା ଚପଲ, ମୋବାଇଲ ଫୋନକୁ ଜବତକରି ତଦନ୍ତ କରିବା ପରେ ଘଟଣାର ପର୍ଦ୍ଦାଫାଶ ହୋଇଥିବା ପୋଲିସ କହିଛି।

ଅଧାପିକା ଅଧାପକ ଦାଖଲ କରିବେ ଆଣ୍ଟି ଡ୍ରଗ୍ ଡିକ୍ଲାରେଶନ

ବିଧାନସଭା ଷ୍ଟାଣ୍ଡିଂ କମିଟିର ସୁପାରିସ

ଭୁବନେଶ୍ୱର, ୯।୧(ସୁନିତ୍ ମିଶ୍ର)

କଲେଜ କ୍ୟାମ୍ପସ ସମ୍ପୂର୍ଣ୍ଣ ନିଶାମୁକ୍ତ ହେବ। କେବଳ ଛାତ୍ରୀଛାତ୍ର ନୁହନ୍ତି, ଅଧାପକ ଓ ଅଧାପିକାମାନେ ମଧ୍ୟ ଏଣିକି ଦାଖଲ କରିବେ ଆଣ୍ଟି ଡ୍ରଗ୍ ଡିକ୍ଲାରେଶନ। ଏନେଇ ବିଧାନସଭା ଷ୍ଟାଣ୍ଡିଂ କମିଟି ସୁପାରିସ କରିଛି। ଏ ସମ୍ପର୍କରେ ବିଧାନସଭା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଭୂପିନ୍ଦର ସିଂହ ସୂଚନା ଦେଇଛନ୍ତି। ଏହି ନିଷ୍ପତ୍ତିକୁ ୬୬୨ କଲେଜ ଅଧ୍ୟକ୍ଷ ସଂଘ ସ୍ୱାଗତ କରିଛି। ମଙ୍ଗଳବାର ବିଧାନସଭାରେ ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜ କ୍ୟାମ୍ପସକୁ ନିଶାମୁକ୍ତ କରିବା ପାଇଁ ସୁପାରିସ କରାଯାଇଥିଲା। ରାଜ୍ୟର ସବୁ ଯୁକ୍ତ୨, ଯୁକ୍ତ ୩ ଓ ବିଶ୍ୱବିଦ୍ୟାଳୟରେ ଏହି ନିୟମ ଲାଗୁ ହେବ। କିଛିଦିନ ତଳେ ଯୁଜିସି ଛାତ୍ରୀଛାତ୍ରଙ୍କୁ ଆଣ୍ଟି ଡ୍ରଗ୍ ଡିକ୍ଲାରେଶନ ଦେବା ପାଇଁ ଦେଶର ସବୁ ଉଚ୍ଚ ଶିକ୍ଷାନୁଷ୍ଠାନକୁ ଚିଠି ଲେଖିଥିଲା। ଏହାକୁ ରାଜ୍ୟ ସରକାର ଲାଗୁ କରିଛନ୍ତି। ଏବେ ନୂଆ ନିୟମ ଅନୁସାରେ ଅଧାପିକା ଓ ଅଧାପିକମାନେ ଆଣ୍ଟିଡ୍ରଗ୍‌ଡିକ୍ଲାରେଶନ ଦେବାକୁ ବିଧାନସଭା ଷ୍ଟାଣ୍ଡିଂ କମିଟି ସୁପାରିସ କରିଛି। ଏହାଦ୍ୱାରା କଲେଜ ବା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ନିଶାମୁକ୍ତ ହୋଇପାରିବ ବୋଲି କମିଟି ମତ ପ୍ରକାଶ କରିଛି। ବିଧାନସଭା ଷ୍ଟାଣ୍ଡିଂ କମିଟିର ଏପରି ସୁପାରିସକୁ ନେଇ ୬୬୨ କଲେଜ ଅଧ୍ୟାପକ ସଂଘ ସଭାପତି ଗୋଲକ ନାୟକ କହିଛନ୍ତି, ଐତିହାସିକ ନିଷ୍ପତ୍ତିକ୍ରମେ ଅଧାପିକା ଓ ଅଧାପକମାନେ ଆଣ୍ଟି ଡ୍ରଗ୍ ଡିକ୍ଲାରେଶନ ଦାଖଲ କରିବେ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବିଧାନସଭା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ସିଂହଙ୍କୁ ମଧ୍ୟ ଏଥିପାଇଁ ଧନ୍ୟବାଦ। ଅଧାପିକା ଓ ଅଧାପକମାନେ ଯଦି ମାର୍ଜିତ ନ ହେବେ, ଛାତ୍ରୀଛାତ୍ରଙ୍କ ଉପରେ ତା'ର ପ୍ରଭାବ ପଡ଼ିବ। ତେଣୁ ଆମେ ମାର୍ଜିତ ହେବୁ ଓ ଆମ ପିଲାମାନଙ୍କୁ ମାର୍ଜିତ କରିବୁ ବୋଲି ଗୋଲକ କହିଛନ୍ତି।

ଅଙ୍ଗନୱାଡ଼ି କେନ୍ଦ୍ରକୁ ଯିବାବେଳେ ବାଇକ୍ ଧକ୍କାରେ ଶିଶୁ ମୃତ

ଦେବଗଡ,୯।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ବାରକୋଟ ଥାନା ଜାଲିସୁଆଁ ଗ୍ରାମରେ ମଙ୍ଗଳବାର ଅଙ୍ଗନୱାଡି କେନ୍ଦ୍ରକୁ ଯାଉଥିବା ବେଳେ ବାଇକ୍ ଧକ୍କା ଦେବାରୁ ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତକ ଉକ୍ତ ଗ୍ରାମର ନବୀନ ଚନ୍ଦ୍ର ନାୟକଙ୍କ ପୁଅ ଲୋକନ କୁମାର(୩) ଓରଫ୍ ଦୀପେଶ। ବାରକୋଟ ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ବାପା ଏ ନେଇ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ଦୀପେଶ ନିଜ କାକାଙ୍କ ସହିତ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରକୁ ଯାଉଥିଲେ। ରାସ୍ତା ପାରି ହେବା ବେଳେ ବିପରୀତ ଦିଗରୁ ଦ୍ରୁତଗତିରେ ବାଇକ୍ ଯୋଗେ ଆସୁଥିବା ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଧକ୍କା ଦେଇଥିଲେ। ପରିବାର ଲୋକେ ଉକ୍ତ ଶିଶୁଙ୍କୁ ଗୁରୁତର ଅବସ୍ଥାରେ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

ଫାୟାର ସେଫ୍ଟି ଅଡିଟ୍ ସମ୍ପର୍କରେ ଜଣାଅ: ହାଇକୋର୍ଟ

ମେଡିକାଲରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ମାମଲା

କଟକ,୯।୧ (କାର୍ତ୍ତିକ ସାହୁ)

ରାଜ୍ୟର ସରକାରୀ ଓ ଘରୋଇ ମେଡିକାଲଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମେଡିକାଲଗୁଡ଼ିକରେ ଫାୟାର ସେଫ୍ଟି ଅଡିଟ (ଅଗ୍ନି ନିରାପତ୍ତା ଯାଞ୍ଚ) ସଂକ୍ରାନ୍ତରେ ଜଣାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଦୁଇ ସପ୍ତାହ ପରେ କରାଯିବାକୁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀ ଅନୁଯାୟୀ, ରାଜ୍ୟର ସରକାରୀ ଓ ବେସରକାରୀ ମେଡିକାଲଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ନେଇ ୨୦୧୬ରେ ଏହି ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ରୁଜୁ ହୋଇଥିଲା। ଅଗ୍ନି ନିରାପତ୍ତା ସଂକ୍ରାନ୍ତରେ ହାଇକୋର୍ଟ ପଦକ୍ଷେପ ନେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ୨୦୨୩ରେ ଦିଲ୍ଲୀରେ ଏକ ବଡ଼ଧରଣର ଅଗ୍ନିକାଣ୍ଡ ଘଟିବା ପରେ ତତ୍କାଳୀନ ଅଗ୍ନିଶମ ବିଭାଗ ଡିଜି ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ପ୍ରତ୍ୟେକ ସରକାରୀ ଓ ଘରୋଇ ମେଡିକାଲ, ଶପିଂ ମଲ୍, ସିନେମା ହଲ୍ ଆଦିର ଫାୟାର ସେଫ୍ଟି ଅଡିଟ୍ କରାଯିବ ବୋଲି କୁହାଯାଇଥିଲା। ତେବେ ମଙ୍ଗଳବାର ମାମଲାର ଶୁଣାଣିବେଳେ ଆବେଦନକାରୀ ଏକ ପିଟିଶନ ରୁଜୁ କରି ଅଗ୍ନିଶମ ଡିଜିଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ଥିବା ସଂକ୍ରାନ୍ତରେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆବେଦନକାରୀ ଆଇନଜୀବୀ ଶିବ ଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

୧୯ରୁ ଝାରସୁଗୁଡ଼ାରେ ୩ଦିନିଆ ଏଣ୍ଟରପ୍ରାଇଜ୍ ଓଡ଼ିଶା ସମ୍ମିଳନୀ

ଲୋକସେବା ଭବନରେ ମଙ୍ଗଳବାର ଅନୁଷ୍ଠିତ ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓ ଅନ୍ୟ ଅଧିକାରୀ।

ଭୁବନେଶ୍ୱର, ୯।୧(ସୁନିତ୍ ମିଶ୍ର)

ଆସନ୍ତା ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଝାରସୁଗୁଡ଼ାଠାରେ ଭାରତୀୟ ଉଦ୍ୟୋଗ ପରିସଂଘ(ସିଆଇଆଇ) ତରଫରୁ ଏଣ୍ଟରପ୍ରାଇଜ୍, ଓଡ଼ିଶା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଝାରସୁଗୁଡ଼ା ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଥିବା ସିଆଇଆଇର ଏହି ୨୪ତମ ସମ୍ମିଳନୀ ଆୟୋଜନ ସମ୍ପର୍କରେ ଏହାର ପ୍ରସ୍ତୁତି, କାର୍ଯ୍ୟକ୍ରମର ରୂପରେଖ ଓ ରାଜ୍ୟ ସରକାରଙ୍କ ସହଯୋଗ ସମ୍ପର୍କରେ ମଙ୍ଗଳବାର ଅପରାହ୍ନରେ ଏକ ବୈଠକ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଭୁବନେଶ୍ୱରରେ ଏହି ସମ୍ମିଳନୀ ଅନୁଷ୍ଠିତ ହେଉଥିବା ବେଳେ ପ୍ରଥମ ଥର କରି ଏହା ଝାରସୁଗୁଡ଼ାଠାରେ ହେବାକୁ ଯାଉଛି। ଝାରସୁଗୁଡ଼ା ଏବଂ ପଶ୍ଚିମ ଓଡ଼ିଶାରେ ଶିଳ୍ପ ଓ ଆନୁଷଙ୍ଗିକ କ୍ଷେତ୍ରରେ ପୁଞ୍ଜିନିବେଶ ସୁଯୋଗ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକୁ ବ୍ୟବସାୟିକ ସୁଯୋଗ ଦେବା ଏବଂ ସେସବୁକୁ ବୃହତ୍ ଶିଳ୍ପ ସଂସ୍ଥା ସହ ଯୋଡ଼ିବା ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ଶତାଧିକ କମ୍ପାନୀ, ଶିଳ୍ପ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ମୁଖ୍ୟ ଅଭିଜ୍ଞତା ଅଧିକାରୀ, କ୍ରୟ ପରିଚାଳକଙ୍କ ସମେତ ଦେଶ ବିଦେଶର ଶିଳ୍ପ ପ୍ରତିନିଧିମାନେ ଯୋଗଦେବେ। ପ୍ରାରମ୍ଭିକ ଅଧିବେଶନରେ ଭିଜନ ଓଡ଼ିଶା-୨୦୩୦ ଏବଂ ରାଜ୍ୟ ତଥା ଦେଶର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବାରେ ବିଭିନ୍ନ ଶିଳ୍ପସଂସ୍ଥାରୁ ଯୋଗଦେଇଥିବା ପ୍ରତିନିଧିମାନେ ସେମାନଙ୍କର ଅଭିଜ୍ଞତା ବାଣ୍ଟିବେ। ଏହି ପ୍ରଦର୍ଶନୀରେ ବହୁ ଶିଳ୍ପ ସଂସ୍ଥା ଅଂଶଗ୍ରହଣ କରିବେ ଯାହାକି ସ୍ଥାନୀୟ ଓ ସମ୍ଭାବ୍ୟ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବ। ଦ୍ୱିତୀୟ ଦିନରେ ଦକ୍ଷତା ବିକାଶ, କୃଷି ଓ ଖାଦ୍ୟ ପ୍ରକ୍ରିୟା କରଣ, ଷ୍ଟାର୍ଟଅପ୍ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସମ୍ମିଳନୀରେ ଆର୍ଥିକ ସହାୟତା ପ୍ରସଙ୍ଗରେ ମଧ୍ୟ ଆଲୋଚନା କରାଯିବ।

ଜଳବାୟୁ ପରିବର୍ତ୍ତନରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବକୁଳ ଲାଇବ୍ରେରୀଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବ ପରିବେଶବିତ୍।

'କପ୍' ଅଭିଜ୍ଞତା ବଖାଣିଲେ ଯୁବ ପରିବେଶବିତ୍

ଭୁବନେଶ୍ୱର, ୯।୧ (ବନ୍ଦନା ସେଠୀ)

ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ ପାଲଟିଥିବାବେଳେ ଏହାକୁ ରୋକିବା କ୍ଷେତ୍ରରେ ଯୁବପିଢ଼ିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜୀବଜଗତ ବସବାସ କରିବା ପାଇଁ ପୃଥିବୀ ବ୍ୟତୀତ ଅନ୍ୟ କୌଣସି ପ୍ଲାନେଟ୍ ନାହିଁ। ମାତ୍ର ଏବେ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ପୃଥିବୀ ପାଇଁ ସଂକଟମୟ ପରିସ୍ଥିତି ସୃଷ୍ଟି କରିବାରେ ଲାଗିଛି। ତେଣୁ ଏହାର ସୁରକ୍ଷା ପାଇଁ ଯୁବପିଢ଼ିଙ୍କୁ ଅଧି

ସଂକ୍ଷେପରେ

ଡେରାଡୁନ୍‌ରେ କ୍ଲୋରିନ୍ ଗ୍ୟାସ୍ ଲିକ୍‌ରୁ ଆତଙ୍କ

ଡେରାଡୁନ୍,୯।୧: ଉତ୍ତରଖଣ୍ଡର ଡେରାଡୁନ୍ ଅନ୍ତର୍ଗତ ଝଡ୍ରା ଅଞ୍ଚଳରେ ମଙ୍ଗଳବାର ସକାଳେ କ୍ଲୋରିନ୍ ଗ୍ୟାସ୍ ଲିକ୍ ହେବାରୁ ଆତଙ୍କ ଖେଳିଯାଇଛି। ଲୋକମାନେ ଭୟରେ ଘରଦ୍ୱାର ଛାଡ଼ି ପଳାଇଯାଇଥିଲେ। ସୁରକ୍ଷା ଅଧିକାରୀମାନେ ଲୋକମାନଙ୍କୁ ତୁରନ୍ତ ନିରାପଦ ସ୍ଥାନକୁ ନେଇଯାଇଥିଲେ। ତେବେ ଗ୍ୟାସ୍ ଲିକ୍ ଯୋଗୁ କୌଣସି କ୍ଷୟକ୍ଷତି ଘଟିନାହିଁ। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) କମାଣ୍ଡାଣ୍ଟ ରାସାୟନିକ, ଜୈବିକ, ରେଡିଓଲୋଜିକାଲ ଏବଂ ଆଣବିକ ବିଶେଷଜ୍ଞଙ୍କୁ ସାଙ୍ଗରେ ଧରି ଆବଶ୍ୟକ ଉପକରଣ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆବାସିକ ଅଞ୍ଚଳ ନିକଟରେ ଏକ ପ୍ଲଟ୍‌ରେ ରଖାଯାଇଥିବା ୪ଟି ସିଲିଣ୍ଡରରୁ ଗୋଟିଏ ଲିକ୍ ହୋଇଥିବା ଜଣାପଡ଼ିଥିଲା। ଏନ୍‌ଡିଆର୍‌ଏଫ୍ ଏବଂ ଅଗ୍ନିଶମ କର୍ମଚାରୀମାନଙ୍କୁ ମଧ୍ୟ ଘଟଣାସ୍ଥଳକୁ ଡକାଯାଇଥିଲା। ଗ୍ୟାସ୍ ଲିକ୍ ହେଉଥିବା ସିଲିଣ୍ଡରକୁ ମାଟି ଖୋଳି ପୋତିଦିଆଯିବା ସହ ଉକ୍ତ ଗର୍ତ୍ତରେ ପାଣି ଭର୍ତ୍ତି କରାଯାଇଥିଲା।

ଜୁଲାଇ ୭ରେ ଏନ୍‌ଇଇଟି- ପିଜି ପରୀକ୍ଷା

ନୂଆଦିଲ୍ଲୀ,୯।୧: ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା-ସ୍ନାତକୋତ୍ତର (ଏନ୍‌ଇଇଟି-ପିଜି) ଚଳିତ ବର୍ଷ ଜୁଲାଇ ୭ରେ ଅନୁଷ୍ଠିତ ହେବ। ନ୍ୟାଶନାଲ ବୋର୍ଡ ଅଫ୍ ଏକ୍ସାମିନେଶନ୍ସ ଇନ୍ ମେଡିକାଲ ସାଇନ୍ସ (ଏନ୍‌ବିଇଏମ୍‌ଏସ୍) ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ଚଳିତ ବର୍ଷର ପରୀକ୍ଷା ପାଇଁ ଯୋଗ୍ୟତା ନିମନ୍ତେ କଟ୍-ଅଫ୍ ତାରିଖ ଅଗଷ୍ଟ ୧୫ ରଖାଯାଇଛି। ମାର୍ଚ୍ଚ ୩ରେ ପରୀକ୍ଷା ହେବ ବୋଲି ପୂର୍ବରୁ କାର୍ଯ୍ୟସୂଚୀ ପ୍ରକାଶ ପାଇଥିଲା।

ଛାତ୍ରଙ୍କୁ ମାଡ଼ମାରି ପାଟିରେ ପରିସ୍ରା କଲେ

କନଷ୍ଟେବଲ ସମେତ ୩ ଗିରଫ

କାନପୁର,୯।୧(ପି.ଟି.): ଏକ ପୁରୁଣା ମାମଲାର ପ୍ରତିଶୋଧ ନେବାକୁ ଯାଇ ଜଣେ ହେଡ୍ କନ୍‌ଷ୍ଟେବଲ ଓ ଅନ୍ୟ କେତେଜଣ ମିଶି ଜଣେ ଏମ୍‌ସିଏ ଛାତ୍ରଙ୍କୁ ମାଡ଼ ମାରିବା ସହ ତାଙ୍କୁ ପରିସ୍ରା ପିଆଇଛନ୍ତି। ଅଭିଯୁକ୍ତମାନେ ଏମ୍‌ସିଏ ଛାତ୍ର ଆୟୁଷ ଦ୍ୱିବେଦୀ(୨୩)ଙ୍କୁ କାନପୁରର ସିଭିଲ୍ ଲେନ୍ ଅଞ୍ଚଳରୁ ଅପହରଣ କରି କୁପେରଗଞ୍ଜ ରେଳଧାରଣା ନିକଟକୁ ନେଇଯାଇ ମାଡ଼ ମାରିଥିଲେ। ଏଥିସହିତ ସେମାନେ ଆୟୁଷଙ୍କୁ ପରିସ୍ରା ପିଆଇବା ସହ ଛେପ ଚଟାଇଥିଲେ। ତାଙ୍କ ଉପରକୁ ସେମାନେ ଚଳାଇଥିବା ଏକ ଗୁଳି ତାଙ୍କ କାନପାଖ ଦେଇ ଯାଇଥିଲା। ହେଡ୍ କନ୍‌ଷ୍ଟେବଲ ଧର୍ମେନ୍ଦ୍ର ଯାଦବଙ୍କ ସମେତ ୩ ଜଣଙ୍କୁ ପୋଲିସ ଗିରଫ କରିବା ସହ ଘଟଣାର ତଦନ୍ତ ଚଳାଇଛି। ଧର୍ମେନ୍ଦ୍ରଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଏଥିସହିତ ୮ ଜଣଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ଗତବର୍ଷ ଅକ୍ଟୋବରରେ ହେଡ୍‌କନ୍‌ଷ୍ଟେବଲ ଏମ୍‌ସିଏ ଛାତ୍ରଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ଦାଏର କରିଥିଲେ।

ଲାକ୍ଷାଦ୍ୱୀପ ବଦଳେ ମାଳଦ୍ୱୀପ

୨ ପକ୍ଷ କଳିରେ ଚାଇନାର ଲାଭ

ନୂଆଦିଲ୍ଲୀ/ମାଲେ/ବେଜିଂ,୯।୧

ମାଳଦ୍ୱୀପ ରାଷ୍ଟ୍ରପତି ମେହାମେଦ ମୁଇଜୁ

୫ ଦିନିଆ ବେଜିଂ ଗସ୍ତରେ ଥିବା ମାଳଦ୍ୱୀପ ରାଷ୍ଟ୍ରପତି ମେହାମେଦ ମୁଇଜୁ ମଙ୍ଗଳବାର ନିଜ ଦେଶକୁ ଅଧିକ ପର୍ଯ୍ୟଟକଙ୍କ ପଠାଇବା ପାଇଁ ଚାଇନାକୁ ଅନୁରୋଧ କରିଛନ୍ତି। ଭାରତ ସହ କୂଟନୈତିକ ବିବାଦ ସୃଷ୍ଟି ହେବା ପରେ ପ୍ରଥମ ଥର ପାଇଁ ଚାଇନା ଯାଇଥିବା ମୁଇଜୁ ନିଜ ଗସ୍ତର ଦ୍ୱିତୀୟ ଦିନରେ ଫୁଜିଆନ୍ ପ୍ରଦେଶରେ ଆୟୋଜିତ ମାଳଦ୍ୱୀପ ବିଜ୍‌ନେସ୍ ଫୋରମ୍‌କୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ସେ ଚାଇନାକୁ ଦ୍ୱୀପରାଷ୍ଟ୍ରର ଘନିଷ୍ଠତମ ସହଯୋଗୀ ଏବଂ ବିକାଶର ସହଭାଗୀ ବୋଲି ଅଭିହିତ କରିଛନ୍ତି। କେବଳ ଏତିକି ନୁହେଁ, ୨୦୧୪ରେ ଆରମ୍ଭ ହୋଇଥିବା ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା ବେଲ୍ଟ ଆଣ୍ଡ୍ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ)କୁ ମଧ୍ୟ ମୁଇଜୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଏହି ପ୍ରୋଜେକ୍ଟ ମାଳଦ୍ୱୀପ ଇତିହାସରେ ସର୍ବାଧିକ ଭିତ୍ତିଭୂମି ବିକାଶ ସାଧନ କରିଛି। ମାଳଦ୍ୱୀପକୁ ଯେପରି ଚାଇନାରୁ ପର୍ଯ୍ୟଟକଙ୍କ ସୁଅ ଛୁଟିବ, ବେଜିଂ ତାହାର ବ୍ୟବସ୍ଥା କରିବା ଉଚିତ ବୋଲି ମୁଇଜୁ ଅନୁରୋଧ କରିଥିବା ବିଷୟ ନିଜ ଅଫିସିଆଲ ୱେବ୍‌ସାଇଟ୍‌ରେ ପୋଷ୍ଟ କରିଛନ୍ତି। ଫଳରେ ଭାରତ-ମାଳଦ୍ୱୀପ କଳିରୁ ତୃତୀୟ ପକ୍ଷ ଚାଇନା ଲାଭାନ୍ୱିତ ହୋଇପାରେ।

ମାଳଦ୍ୱୀପ ଗଣମଧ୍ୟମ ରିପୋର୍ଟ ଅନୁସାରେ ଭାରତୀୟ ମହାସାଗରର ଏହି ଦ୍ୱୀପରାଷ୍ଟ୍ର ଚାଇନା ସହ ୫୦ ନିୟୁତ ଆମେରିକୀୟ ଡଲାର ମୂଲ୍ୟର ପ୍ରକଳ୍ପ ପାଇଁ ଚୁକ୍ତିବଦ୍ଧ ହୋଇଛି। ମାଳଦ୍ୱୀପକୁ ଏକ ବିକଶିତ ପର୍ଯ୍ୟଟନ ଜୋନ୍‌ରେ ପରିଣତ କରିବା ପାଇଁ ଏହା ସହାୟକ ହେବ ବୋଲି ଏଥିରେ କୁହାଯାଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନକଟରେ ଲାକ୍ଷାଦ୍ୱୀପ ଗସ୍ତରେ ଥିବାବେଳେ ସେଠାକାର କେତେକ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଥିଲେ। ଯେଉଁମାନେ ରୋମାଞ୍ଚକୁ ଭଲ ପାଆନ୍ତି, ସେମାନେ ଲାକ୍ଷାଦ୍ୱୀପକୁ ଆସିବା ଉଚିତ ବୋଲି ମୋଦି ଉଲ୍ଲେଖ କରିଥିଲେ। ଇତିମଧ୍ୟରେ ଗୁଗଲରେ 'ଲାକ୍ଷାଦ୍ୱୀପ'କୁ ନେଟିଜେନ୍‌ମାନେ ଅଧିକ ସର୍ଚ୍ଚ କରିଛନ୍ତି। ଭାରତୀୟ ସେଲିବ୍ରିଟିମାନେ ମଧ୍ୟ ମାଳଦ୍ୱୀପ ପରିବର୍ତ୍ତେ ଲାକ୍ଷାଦ୍ୱୀପକୁ ଛୁଟି କାଟିବାକୁ ଯିବା ଉଚିତ ବୋଲି ମତ ଦେବାରେ ଲାଗିଛନ୍ତି। ଏହି ପରିପ୍ରେକ୍ଷୀରେ ମାଳଦ୍ୱୀପର ୩ ଉପମନ୍ତ୍ରୀ ମରିୟମ୍ ଶିଉନା, ମାଲ୍‌ଗା ଶରିଫ ଓ ମହଦୁମ୍ ମାଜିଦ୍ ଭାରତ ବିରୋଧୀ ମନ୍ତବ୍ୟ ଦେଇ ନିଲମ୍ବିତ ହୋଇଛନ୍ତି। ଭାରତ ଓ ମାଳଦ୍ୱୀପ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଥିବାବେଳେ ମୁଇଜୁଙ୍କ ଚାଇନା ଗସ୍ତ ବିଶେଷ ଗୁରୁତ୍ୱ ବହନ କରେ। ମାଳଦ୍ୱୀପ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଜାରି ସୂଚନାନୁସାରେ ୨୦୨୩ରେ ଏହି ରାଷ୍ଟ୍ରକୁ ସର୍ବାଧିକ ୨୦୯,୧୯୮ ଭାରତୀୟ ପର୍ଯ୍ୟଟକ ଯାଇଥିଲେ। ଭାରତ ପରେ ମାଳଦ୍ୱୀପ ପର୍ଯ୍ୟଟନକୁ ଅବଦାନ କ୍ଷେତ୍ରରେ ଦ୍ୱିତୀୟ ସର୍ବାଧିକ ରାଷ୍ଟ୍ର ହେଉଛି ରୁଷିଆ। ଗତବର୍ଷ ୨୦୯,୧୪୬ ରୁଷୀୟ ପର୍ଯ୍ୟଟକ ମାଳଦ୍ୱୀପ ଯାଇଥିଲେ। ତୃତୀୟ ସ୍ଥାନରେ ଥିବା ଚାଇନାର ୧୮୭,୧୧୮ ପର୍ଯ୍ୟଟକ ବୁଲିବାକୁ ଯାଇଥିଲେ। ୨୦୨୨ରେ ମଧ୍ୟ ମାଳଦ୍ୱୀପର ପର୍ଯ୍ୟଟନ ବଜାର ପ୍ରତି ଭାରତର ସର୍ବାଧିକ ଅବଦାନ ରହିଥିଲା। ସେହିବର୍ଷ ଭାରତରୁ ୨୪୦,୦୦୦, ରୁଷିଆରୁ ୧୯୮,୦୦୦ ଓ ବ୍ରିଟେନ୍‌ରୁ ୧୭୭,୦୦୦ ପର୍ଯ୍ୟଟକ ମାଳଦ୍ୱୀପ ଯାଇଥିଲେ। କିନ୍ତୁ କୋଭିଡ୍-୧୯ ପୂର୍ବରୁ ଏହି କ୍ଷେତ୍ରରେ ଚାଇନା ସବା ଆଗରେ ରହିଥିଲା। ସେଠାରୁ ପ୍ରତିବର୍ଷ ପ୍ରାୟ ୨.୮୦ ଲକ୍ଷ ପର୍ଯ୍ୟଟକ ମାଳଦ୍ୱୀପ ଯାଉଥିଲେ। ଚାଇନା ପର୍ଯ୍ୟଟକମାନେ ପୁଣି ମାଳଦ୍ୱୀପମୁହାଁ ହେଲେ ଦ୍ୱୀପରାଷ୍ଟ୍ରର ଆର୍ଥିକ ସ୍ଥିତି ସୁଦୃଢ଼ ହେବ, ଯାହାକି ଭାରତୀୟଙ୍କ ଅନୁପସ୍ଥିତିର ଭରଣା କରିବ। ଏହା ବଦଳରେ ଚାଇନା ସପକ୍ଷବାଦୀ ମୁଇଜୁ ଚାଇନା ସହ ସ୍ୱାକ୍ଷରିତ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ)କୁ କାର୍ଯ୍ୟକାରୀ କରିବାରେ ତ୍ୱରାନ୍ୱିତ ପଦକ୍ଷେପ ନେବେ। ମୁଇଜୁ ଏଫ୍‌ଟିଏକୁ ଦୁଇଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କର ପ୍ରତୀକ ବୋଲି ଅଭିହିତ କରିଛନ୍ତି। ପ୍ରକାଶ ଯେ, ୨୦୧୪ ଡିସେମ୍ବରରେ ମାଳଦ୍ୱୀପ ରାଷ୍ଟ୍ରପତି ଅବ୍‌ଦୁଲ୍ଲା ୟାମିନ୍‌ଙ୍କ ପ୍ରଶାସନ ଓ ଚାଇନା ମଧ୍ୟରେ ଏଫ୍‌ଟିଏ ସ୍ୱାକ୍ଷରିତ ହୋଇଥିଲା। କିନ୍ତୁ ତାଙ୍କ ଉତ୍ତରାଧିକାରୀ ଇବ୍ରାହିମ୍ ମୋହାମେଦ୍ ସୋଲିହ ଏହାକୁ କାର୍ଯ୍ୟକାରୀ କରି ନ ଥିଲେ। ୨୦୨୨ରେ ମାଳଦ୍ୱୀପ ଓ ଚାଇନା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟିକ କାରବାର ୪୫୧.୨୯ ନିୟୁତ ଡଲାର ରହିଥିଲା। ଏଥିରୁ ଚାଇନାର ରପ୍ତାନି ୪୫୧.୨୯ ନିୟୁତ ଥିବାବେଳେ ମାଳଦ୍ୱୀପର ରପ୍ତାନି ୬୦,୦୦୦ ଡଲାର ରହିଥିଲା। ଏହାବ୍ୟତୀତ ମୁଇଜୁ ମାଳଦ୍ୱୀପ ଇନ୍‌ଭେଷ୍ଟମେଣ୍ଟ ଫୋରମ୍‌ରେ ୧୧ଟି ପ୍ରକଳ୍ପ ପାଇଁ ଚାଇନା କମ୍ପାନୀଗୁଡ଼ିକୁ ନିବେଶ ସହାୟତା ମଧ୍ୟ ମାଗିଛନ୍ତି।

ଗାବ୍ରିଏଲ ଅଟ୍ଟଲ ଫ୍ରାନ୍ସର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ

ପ୍ୟାରିସ୍,୯।୧

ଫ୍ରାନ୍ସ ପ୍ରଧାନମନ୍ତ୍ରୀ ଏଲିଜାବେଥ ବୋର୍ନ ସୋମବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ରାଷ୍ଟ୍ରପତି ଇମାନ୍ୱେଲ ମାକ୍‌ରଁ ୬୨ ବର୍ଷୀୟା ଏଲିଜାବେଥଙ୍କ ଇସ୍ତଫାକୁ ଗ୍ରହଣ କରିବା ପରେ ମଙ୍ଗଳବାର ଶିକ୍ଷାମନ୍ତ୍ରୀ ଗାବ୍ରିଏଲ ଅଟ୍ଟଲଙ୍କୁ ଦେଶର ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି। ଏଥିସହ ୩୪ ବର୍ଷୀୟ ଗାବ୍ରିଏଲ ଫ୍ରାନ୍ସର ସର୍ବକନିଷ୍ଠ ତଥା ପ୍ରଥମ ସମଲିଙ୍ଗୀ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଆଗାମୀ ୩ ବର୍ଷ ପାଇଁ ନିଜ କ୍ୟାବିନେଟ୍‌କୁ ଅଧିକ ସକ୍ରିୟ କରିବା ଉଦ୍ଦେଶ୍ୟରେ ମାକ୍‌ରଁ ମନ୍ତ୍ରିମଣ୍ଡଳ ବିସ୍ତାର କରିବାକୁ ଯାଉଥିବାବେଳେ ଏହି ରାଜନୈତିକ ଘଟଣାକ୍ରମକୁ ଗୁରୁତ୍ୱ ଦିଆଯାଉଛି।

ଇସ୍ରାଏଲର ଏୟାର ଷ୍ଟ୍ରାଇକ୍ ଯୋଗୁ ବିସ୍ଥାପିତ ହୋଇଥିବା ଜଣେ ପାଲେଷ୍ଟିନୀୟ ଶିଶୁ ଇଜିପ୍ଟ ସୀମାନ୍ତ ରାଫାହ ନିକଟରେ ଖେଳୁଛନ୍ତି।

ଲାଲୁଙ୍କ ପରିବାର ନାଁରେ ଚାର୍ଜଶିଟ୍

ଜମି ବଦଳରେ ନିଯୁକ୍ତି ମାମଲା

ରାବ୍ରୀ ଦେବୀ

ନୂଆଦିଲ୍ଲୀ,୯।୧(ପି.ଟି.)

ଜମି ବଦଳରେ ରେଲୱେରେ ନିଯୁକ୍ତି ପ୍ରଦାନ ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀ, ତାଙ୍କ ଝିଅ ତଥା ସାଂସଦ ମିସା ଭାରତୀ ଓ ଅନ୍ୟମାନଙ୍କ ବିରୋଧରେ ପ୍ରଥମ ଚାର୍ଜଶିଟ୍ ମଙ୍ଗଳବାର ଦାଖଲ କରିଛି। ଆର୍‌ଜେଡି ଅଧ୍ୟକ୍ଷ ଲାଲୁପ୍ରସାଦ ଯାଦବଙ୍କ ଅନ୍ୟ ଝିଅ ହେମା ଯାଦବ, ଲାଲୁଙ୍କ ପରିବାରର ଘନିଷ୍ଠ ସହଯୋଗୀ ଅମିତ କାତ୍ୟାଲ(୪୯), ରେଳ କର୍ମଚାରୀ ଓ ହିତାଧିକାରୀ ହୃଦୟାନନ୍ଦ ଚୌଧରୀ, ଦୁଇଟି କମ୍ପାନୀ ଏ.କେ. ଇନ୍‌ଫୋସିଷ୍ଟମ୍ସ ପ୍ରା.ଲିଃ ଏବଂ ଏ.ବି. ଏକ୍ସପର୍ଟ୍ସ ପ୍ରା.ଲିଃ ଏବଂ ୨ କମ୍ପାନୀର ନିର୍ଦ୍ଦେଶକ ଶାରିକୁଲ ବାରିଙ୍କ ନାଁ ଚାର୍ଜଶିଟ୍‌ରେ ରହିଛି। ଦିଲ୍ଲୀର ପିଏମ୍‌ଏଲ୍‌ଏ ଅଦାଲତରେ ଆସନ୍ତା ୧୬ ତାରିଖରେ ମାମଲାର ଶୁଣାଣି ହେବ। ଗତବର୍ଷ ନଭେମ୍ବରରେ ଇଡି କାତ୍ୟାଲଙ୍କୁ ଗିରଫ କରିଥିଲା। ଲାଲୁଙ୍କୁ ସମନ ହୋଇଥିଲେ ମଧ୍ୟ ସେ ଇଡି ନିକଟରେ ହାଜର ହୋଇ ନ ଥିଲେ। ତେବେ ତାଙ୍କ ପୁଅ ତଥା ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଇଡି ଜେରାର ସମ୍ମୁଖୀନ ହୋଇଥିଲେ।

ସରୋଗେସି ବନ୍ଦ ପାଇଁ ପୋପ୍‌ଙ୍କ ଆହ୍ୱାନ

ରୋମ୍,୯।୧

ପୋପ୍ ଫ୍ରାନ୍ସିସ୍

ସରୋଗେସି ମାତୃତ୍ୱକୁ ପୋପ୍ ଫ୍ରାନ୍ସିସ୍ ଏକ କୁତ୍ସିତ ପ୍ରଥା ଭାବେ ଅଭିହିତ କରି ସାର୍ବଜନିନ ଭାବେ ଏହାକୁ ନିଷେଧ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଗର୍ଭଧାରଣର ଏହି ବ୍ୟବସାୟୀକରଣକୁ ସେ ତାଙ୍କ ବାର୍ଷିକ ଉଦ୍‌ବୋଧନରେ ସାମିଲ କରିଛନ୍ତି। ବିଦେଶ ନୀତି ଉପରେ ପ୍ରତିନିଧିମାନଙ୍କୁ ଉଦ୍‌ବୋଧନ ଦେଇ ପୋପ୍ କହିଥିଲେ, ୨୦୨୪ ଏଭଳି ସମୟରେ ଆସିଛି, ଯେତେବେଳେ ଶାନ୍ତି ପ୍ରତି ସର୍ବାଧିକ ବିପଦ ସୃଷ୍ଟି ହୋଇଛି। ୟୁକ୍ରେନ୍‌ରେ ରୁଷିଆର ଆକ୍ରମଣ, ଇସ୍ରାଏଲ୍-ହମାସ୍ ଯୁଦ୍ଧ, ବେଆଇନ ପ୍ରବାସ, ଜଳବାୟୁ ସଙ୍କଟ ଆଦି ପ୍ରସଙ୍ଗ ଉଲ୍ଲେଖ କରିବା ସହ ଆଣବିକ ଓ ପାରମ୍ପରିକ ଅସ୍ତ୍ରର ଅନୈତିକ ଉତ୍ପାଦନ ବଢୁଥିବା ନେଇ ପୋପ୍ ଉଦ୍‌ବେଗ ପ୍ରକାଶ କରିଥିଲେ। ନବଜାତ ଶିଶୁର ଜୀବନକୁ ସୁରକ୍ଷିତ କରାଯିବା ଆବଶ୍ୟକ, ଏହାକୁ ଚାଲାଣର ଏକ ବସ୍ତୁରେ ପରିଣତ କରାଯିବା ଉଚିତ ନୁହେଁ। ତଥାକଥିତ ସରୋଗେଟ୍ ମାତୃତ୍ୱ ମହିଳା ଓ ଶିଶୁ ମର୍ଯ୍ୟାଦାର ଗୁରୁତର ଉଲ୍ଲଂଘନ ବୋଲି ପୋପ୍ କହିଥିଲେ। ଶିଶୁ ହେଉଛି ଏକ ଉପହାର, ଏହାକୁ ବ୍ୟବସାୟିକ ଠିକା ଭାବେ ନିଆଯାଇପାରିବ ନାହିଁ। ତେଣୁ ବିଶ୍ୱବ୍ୟାପୀ ସରୋଗେସି ପ୍ରଥା ନିଷେଧ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ସେନା ମୁଖ୍ୟାଳୟ ଆକ୍ରମଣ ଘଟଣାରେ ଇମ୍ରାନ୍ ଗିରଫ

ଇସ୍‌ଲାମାବାଦ,୯।୧(ପି.ଟି.)

ଗତବର୍ଷ ମେ' ୯ରେ ପାକିସ୍ତାନର ସେନା ମୁଖ୍ୟାଳୟରେ ଆକ୍ରମଣ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ସିଫର ମାମଲାରେ ଇମ୍ରାନ୍‌ଙ୍କୁ ମୁକ୍ତ କରିବା ଲାଗି ୱାରେଣ୍ଟ ଜାରି ପରେ ତାଙ୍କୁ ସଙ୍ଗେ ସଙ୍ଗେ ସେନା ମୁଖ୍ୟାଳୟ ଆକ୍ରମଣ ମାମଲାରେ ଗିରଫ କରାଯାଇଛି। ସିଫର ଏବଂ ଦୁର୍ନୀତି ମାମଲାରେ ଇମ୍ରାନ୍ ଗତବର୍ଷ ମେ' ୯ରୁ ଗିରଫ ହୋଇ ଜେଲରେ ରହିଛନ୍ତି। ରାଓ୍ୱଲପିଣ୍ଡିର ଆତଙ୍କବାଦ ନିରୋଧୀ ଅଦାଲତ ଇମ୍ରାନ୍‌ଙ୍କୁ ହାଜର ହେବା ଲାଗି ସମନ ଜାରି କରିଥିଲେ। ତେବେ ସୁରକ୍ଷାଗତ କାରଣରୁ ଜେଲ କର୍ତ୍ତୃପକ୍ଷ ତାଙ୍କୁ ଅଦାଲତରେ ହାଜର ନ କରାଇବାରୁ ସେ ଭିଡିଓ ଲିଙ୍କ୍‌ରେ ଉପସ୍ଥିତ ହୋଇଥିଲେ। ଶୁଣାଣି ସମୟରେ ପୋଲିସ ତାଙ୍କୁ ସେନା ମୁଖ୍ୟାଳୟ ଆକ୍ରମଣ ମାମଲାରେ ରିମାଣ୍ଡରେ ନେବା ପାଇଁ ଆବେଦନ କରିଥିଲା। ଏଟିସି ବିଚାରପତି ପୋଲିସର ଆବେଦନକୁ ଖାରଜ କରିଦେଇଥିଲେ। ଏହା ବଦଳରେ ଅଡିଆଲା ଜେଲରେ ଇମ୍ରାନ୍‌ଙ୍କୁ ଜେରା କରିବା ପାଇଁ ବିଚାରପତି ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ସ୍ୱତନ୍ତ୍ର କୋର୍ଟ ସିଫର ମାମଲାରେ ଇମ୍ରାନ୍‌ଙ୍କୁ ମୁକ୍ତ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ତେବେ ତୋଷାଖାନା ମାମଲାରେ ଇମ୍ରାନ୍ ଜେଲରେ ରହିଥିଲେ। ସୂଚନାଯୋଗ୍ୟ, ଦୁର୍ନୀତି ମାମଲାରେ ଗତବର୍ଷ ମେ' ୯ରେ ଇମ୍ରାନଙ୍କୁ ଗିରଫ କରାଯିବାରୁ ଉତ୍ତେଜନା ଦେଖାଯାଇଥିଲା। ତାଙ୍କ ସମର୍ଥକ ଓ ଦଳୀୟ କର୍ମୀମାନେ ରାଓ୍ୱଲପିଣ୍ଡି ସେନା ମୁଖ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ଥିବା କାର୍ଯ୍ୟାଳୟରେ ଭଙ୍ଗାରୁଜା ଓ ପୋଡ଼ାଜଳା କରିଥିଲେ।

ଆମେରିକୀୟ କମ୍ପାନୀର ଚନ୍ଦ୍ର ଅଭିଯାନ ବିଫଳ

କେପ୍ କାନାଭେରାସ୍,୯।୧

ଚନ୍ଦ୍ରପୃଷ୍ଠରେ ଆମେରିକୀୟ ମହାକାଶଚାରୀ ଅବତରଣ କରିବାର ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ସେଠାର ଏକ ଘରୋଇ କମ୍ପାନୀର ଚନ୍ଦ୍ର ଅଭିଯାନ ଉଦ୍ୟମ ବିଫଳ ହୋଇଛି। ଉକ୍ତ କମ୍ପାନୀ ସୋମବାର ମହାକାଶ ଯାନ ପଠାଇବାର କିଛି ଘଣ୍ଟା ପରେ ଏହାର ଇନ୍ଧନ ଲିକ୍ ହୋଇଥିବା ଜଣାପଡ଼ିଥିଲା। ଏହାର ପ୍ରପଲଶନ ସିଷ୍ଟମ ବିଫଳ ହୋଇଥିବା ଆଷ୍ଟ୍ରୋବୋଟିକ୍ ଟେକ୍ନୋଲୋଜିର ସ୍ୱତନ୍ତ୍ର ଟିମ୍ ଜାଣିବାକୁ ପାଇଛି। ଫଳରେ ଫେବୃୟାରୀ ୨୩ରେ ଚନ୍ଦ୍ରରେ ଅବତରଣ କରିବା ପାଇଁ କମ୍ପାନୀ ଯେଉଁ ଲକ୍ଷ୍ୟ ରଖିଥିଲା, ତାହା ପୂରଣ ହୋଇପାରି ନାହିଁ। କେପ୍ କାନ୍‌ଭେରାଲ ସ୍ପେସ୍ ଫୋର୍ସ ଷ୍ଟେଶନରୁ ୟୁନାଇଟେଡ୍ ଲଞ୍ଚ୍ ଆଲିଆନ୍ସର ଭୁଲ୍‌କାନ୍ ରକେଟ୍ ଆଷ୍ଟ୍ରୋବୋଟିକ୍ସର ଲ୍ୟାଣ୍ଡରକୁ ମହାକାଶକୁ ନେଇଥିଲା।

ଉସ୍ତାଦ ରଶିଦ ଖାନ୍‌ଙ୍କ ପରଲୋକ

ନୂଆଦିଲ୍ଲୀ,୯।୧ : ଦୀର୍ଘଦିନ ଧରି କ୍ୟାନ୍‌ସର ସହ ସଂଘର୍ଷ ପରେ ସଙ୍ଗୀତ ଉସ୍ତାଦ ରଶିଦ୍ ଖାନ୍‌ଙ୍କର ମଙ୍ଗଳବାର କୋଲକାତାର ଏକ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୫୫ ବର୍ଷ ହୋଇଥିଲା। ତାଙ୍କ ମୃତଦେହକୁ ପିଅରଲେସ୍ ହସ୍ପିଟାଲରେ ସନ୍ଧ୍ୟା ପର୍ଯ୍ୟନ୍ତ ରଖାଯିବା ପରେ କୋଲକାତାର ପିସ୍ ହେଭେନ୍‌କୁ ପଠାଯାଇଥିଲା। ସେଠାରେ ପ୍ରଶଂସକମାନେ ତାଙ୍କର ଶେଷ ଦର୍

୬୩.୨୫ କୋଟିର ହିସାବ ମିଳିନି

ଯାଜପୁର,୯।୧(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ପୌର ପରିଷଦରେ ଦୁର୍ନୀତିର ଗନ୍ଧ ବାରି ହୋଇପଡିଛି। ଏଠାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ସମେତ ଏକ ମେଗା ପ୍ରକଳ୍ପ କାର୍ଯ୍ୟରେ ୧ କୋଟି ୩୦ ଲକ୍ଷ ୪୪ ହଜାର ୨୦୮ ଟଙ୍କା ଦେଣନେଣ ଉପରେ ଲୋକାଲ ଫଣ୍ଡ ଅଡିଟ୍(ଏଲ୍ଏଫ୍ଏ) ଆପତ୍ତି ଉଠାଇଛି। ଏହାବାଦ୍ ଟ୍ୟାକ୍ସ ଆଦାୟରେ ଜବତ ପରୱାନା ଜାରି ନ କରିବା ଓ ଏହାର ତନଖି ପାଇଁ କୌଣସି ରେକର୍ଡ ବ୍ୟବହାର ନ ହେବା କାରଣରୁ ରାଜ୍ୟ ସରକାର ବିପୁଳ ରାଜସ୍ୱ ହରାଇଛନ୍ତି। ଗତ ୩୧।୩।୨୦୨୨ ସୁଦ୍ଧା ଏହି ପୌର ପରିଷଦ କର୍ତ୍ତୃପକ୍ଷ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ୬୩ କୋଟି ୨୫ ଲକ୍ଷ ୨୮ ହଜାର ୧୧ ଟଙ୍କାର ୟୁସି(ବିନିଯୋଗ ପତ୍ର) ହିସାବ ଦେଇ ପାରିନାହିଁ। ପୋଖରୀ, ଫେରିଘାଟ, କଂସେଇଖାନା, ପାର୍କିଂ ସ୍ଥାନ ଇତ୍ୟାଦିରୁ ଆବଶ୍ୟକ ସଂଗ୍ରହ ହୋଇ ପାରିନାହିଁ। ଅଡିଟ୍ ଟିମ୍ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଖର୍ଚ୍ଚ ଉପରେ ପ୍ରଶ୍ନ କରିଥିବାବେଳେ ନିର୍ବାହୀ ଅଧିକାରୀ ନୀରବ ରହି ଏଭଳି ଅନିୟମିତତାକୁ ପରୋକ୍ଷରେ ସହଯୋଗ କରିଥିବା ଅଡିଟ୍ ରିପୋର୍ଟରୁ ମନେହୋଇଛି।

୨୬ଟି ୱାର୍ଡ ବିଶିଷ୍ଟ ବ୍ୟାସନଗର ପୌରପରିଷଦ ୩୫.୫ ବର୍ଗ କି.ମି. ଅଞ୍ଚଳକୁ ନେଇ ଗଠିତ। ଏଠାରେ ୨୦୧୧ ଜଣ ଗଣନା ଅନୁଯାୟୀ ୪୮,୯୧୧ ଲୋକସଂଖ୍ୟା ରହିଛି। ତେବେ ବର୍ତ୍ତମାନ କଳିଙ୍ଗନଗର ଶିଳ୍ପାଞ୍ଚଳରେ ବିଭିନ୍ନ କାରଖାନା ବୃଦ୍ଧି ଏବଂ ସମ୍ପ୍ରସାରଣ ଯୋଗୁ ଏହି ସହରର ପରିସୀମା ଓ ଲୋକସଂଖ୍ୟା ହୁ ହୁ ହୋଇ ବଢ଼ି ଚାଲିଛି। ସହରବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାରେ ପୌର ପରିଷଦର ପ୍ରମୁଖ ଭୂମିକା ରହିଛି। ତେଣୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସହରର ବିକାଶ ପାଇଁ ବହୁ କୋଟି ଟଙ୍କାର ଅନୁଦାନ ଆସୁଛି। ଏହିକ୍ରମରେ ୨୦୨୧-୨୨ ଓ ୨୦୨୦-୨୧ ବର୍ଷର ଅଡିଟ୍ ୭।୧୦।୨୦୨୨ରୁ ୧୧।୩।୨୦୨୩ ପର୍ଯ୍ୟନ୍ତ ହୋଇଥିଲା। ଅଡିଟ୍‌ର ଭାରତୀ ମଲିକଙ୍କ ନେତୃତ୍ୱରେ ଶୁଭ୍ରଜିତ ଶତପଥୀ ଏହାର ଦାୟିତ୍ୱ ନେଇଥିଲେ। ଗତ ୧୦।୭।୨୦୨୩ରେ ଜିଲା ଅଡିଟ୍ ଅଧିକାରୀ ତ୍ରିଲୋଚନ ଓଝା ଏହି ଅଡିଟ୍ ରିପୋର୍ଟକୁ ମଞ୍ଜୁରୀ ପ୍ରଦାନ କରିଥିଲେ। ଅଡିଟ୍ ରିପୋର୍ଟ ଅନୁସାରେ ୨୦୨୧-୨୨ ବର୍ଷରେ ପୂର୍ବ ବର୍ଷର ବଳକାକୁ ମିଶାଇ ୬୫ କୋଟି ୯୮ ଲକ୍ଷ ୩୯୯ ଟଙ୍କା ରହିଥିଲା। ଅଡିଟ୍ ବର୍ଷରେ ଏଥିରୁ ୨୭ କୋଟି ୭୭ ଲକ୍ଷ ୯୧ ହଜାର ୪୪୪ ଟଙ୍କା ଖର୍ଚ୍ଚ ହୋଇଥିଲା। ସେଥିମଧ୍ୟରୁ ବ୍ୟାସସରୋବର ନିକଟରେ ୨ କୋଟି ୭୧ ଲକ୍ଷ ଟଙ୍କାର ୩୦ କେଏଲ୍‌ଡି କ୍ଷମତାବିଶିଷ୍ଟ ଏକ ମେଗା ପ୍ରକଳ୍ପ ସିପେଜ ଟ୍ରିଟମେଣ୍ଟ ଫାସିଲିଟି(ଏସ୍‌ଟିଏଫ୍) ନିର୍ମାଣ କରିବାକୁ ଯୋଜନା ହୋଇଥିଲା। ନିର୍ମାଣ ସମୟରେ ଅଡିଟ୍ ହେବା ପର୍ଯ୍ୟନ୍ତ ଏଥିପାଇଁ ୪ଟି ପର୍ଯ୍ୟାୟରେ ଠିକାସଂସ୍ଥାର ସଞ୍ଜୀବ କୁମାର ପାତ୍ରଙ୍କୁ ୧ କୋଟି ୩୦ ଲକ୍ଷ ୪୪ ହଜାର ୨୦୮ ଟଙ୍କା ପ୍ରଦାନ କରାଯାଇଥିଲା। କିନ୍ତୁ କେଶ୍ ରେକର୍ଡରୁ ନିର୍ମାଣ ସାମଗ୍ରୀ ବିବରଣୀ ସଂଲଗ୍ନ ହୋଇ ନ ଥିବା ଜଣାପଡିଥିଲା। ଏହାସହ ବାଲି, ମାଟି, ସିମେଣ୍ଟ ଇତ୍ୟାଦି ନିର୍ମାଣ ସାମଗ୍ରୀରୁ ରୟାଲଟି, ଇସିବି ଇତ୍ୟାଦି ଆଦାୟ ହୋଇ ନ ଥିଲା। ଫଳରେ ରାଜ୍ୟ ସରକାରଙ୍କ ବିପୁଳ ଟଙ୍କାର ରାଜସ୍ୱ ହାନି ହୋଇଥିଲା। ଏପରିକି ଏହି ଅନିୟମିତତା ସଂକ୍ରାନ୍ତରେ ସମ୍ପୃକ୍ତ ଅଧିକାରୀ କୌଣସି ଉତ୍ତର ଦେଇ ପାରି ନ ଥିଲେ। ଫଳରେ ଉପରୋକ୍ତ ଟଙ୍କା ଉପରେ ଅଡିଟ୍ ଆପତ୍ତି ଉଠାଇଥିଲା। ଏହାବାଦ୍ ୩୧।୩।୨୦୨୨ ସୁଦ୍ଧା ବହୁ କର୍ମଚାରୀ ଓ ଅଧିକାରୀଙ୍କ ନିକଟରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅଗ୍ରିମ ଆକାରରେ ପଡି ରହିଥିଲା। ଦୁର୍ବଳ ପରିଚାଳନା ଏବଂ ସଂପୃକ୍ତ ପର୍ଯ୍ୟବେକ୍ଷଣ ଅଧିକାରୀଙ୍କ ଅବହେଳା କାରଣରୁ ସରକାରୀ ବଳକା ଅର୍ଥ ଉପଯୁକ୍ତ ସମୟରେ ଟ୍ରେଜେରିରେ ଜମା ହୋଇ ପାରି ନ ଥିଲା। ପ୍ରକଳ୍ପ କିମ୍ବା କାର୍ଯ୍ୟ ରେଜିଷ୍ଟର ଉପଯୁକ୍ତ ଭାବେ ବ୍ୟବହାର ହୋଇ ନ ଥିବାରୁ ରାଜସ୍ୱ ସମ୍ପର୍କରେ ଠିକ୍ ତଥ୍ୟ ମିଳି ପାରି ନାହିଁ। ଏହାବାଦ ମଞ୍ଜୁର ଅର୍ଥ, ପ୍ରକଳ୍ପର ଆରମ୍ଭ ଓ ଶେଷ ତାରିଖ ଠିକ୍ ଭାବେ ଦର୍ଶାଯାଇ ନାହିଁ। ପ୍ରକଳ୍ପ କାର୍ଯ୍ୟ କେଶ ରେକର୍ଡ ସରକାରୀ ଗାଇଡ୍ ଲାଇନ ଅନୁସାରେ ପାଳନ କରାଯାଇ ନ ଥିଲା। ଏଭଳି ଭାବେ ସରକାରୀ ଅର୍ଥର ଉପଯୁକ୍ତ ବିନିଯୋଗ ଓ ତଦନ୍ତ ଅଭାବରୁ ବିପୁଳ ଟଙ୍କା ଅନିୟମିତତା ହୋଇଥିବା ଅଡିଟ୍ ରିପୋର୍ଟରେ ସନ୍ଦେହ କରାଯାଇଛି। ଏ ସଂକ୍ରାନ୍ତରେ ବ୍ୟାସନଗର ପୌର ପରିଷଦର ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ରଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ମଙ୍ଗଳବାର ସନ୍ଧ୍ୟାରେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

ବ୍ୟାସନଗର ପୌର ପରିଷଦ

- ୧.୩୦ କୋଟି ଖର୍ଚ୍ଚ ଉପରେ ଆପତ୍ତି
- କର୍ମଚାରୀଙ୍କ ନିକଟରେ ୪୦ ଲକ୍ଷ ଟଙ୍କାର ଆଡଭାନ୍ସ
- କେସ୍ ରେକର୍ଡ, ରେଜିଷ୍ଟର ପରିଚାଳନା ନୈରାଶ୍ୟଜନକ
- ଲୋକାଲ ଫଣ୍ଡ ଅଡିଟ୍‌ରେ ଧରାପଡ଼ିଲା ଦୁର୍ନୀତି

ଜାତୀୟ ରିଆଲିଟି ଶୋରେ ଫିଟ୍ ଅଫ୍ ଡ୍ୟାନ୍ସ ଏକାଡେମୀ ଛାତ୍ରଙ୍କ କମାଲ

ପଟ୍ଟାମୁଣ୍ଡାଇ, ୯।୧(କଳ୍ପତରୁ ନାୟକ)



ରାକେଶ ସାହୁ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

ଷ୍ଟାର ପ୍ଲସ ଟିଭି ଚ୍ୟାନେଲ ଓ ହଟ ଷ୍ଟାର ଟିଭିରେ ହେଉଥିବା ଜାତୀୟ ସ୍ତରରେ ଡ୍ୟାନ୍ସ ରିୟଲିଟି ସୋରେ ଭାଗ ନେଇ କମାଲ କରିଛନ୍ତି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ସୁନାମଧନ୍ୟ ଅଗ୍ରଣୀ ଡ୍ୟାନ୍ସ ସ୍କୁଲ ଫିଟ ଅଫ ଫାୟାର ଡ୍ୟାନ୍ସ ଏକାଡେମୀ ଛାତ୍ର ରାକେଶ ସାହୁ। ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ଏକମାତ୍ର ପ୍ରତିଯୋଗୀ ଭାବେ ବିଭିନ୍ନ ରାଜ୍ୟର ୧୨ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କ ମଧ୍ୟରେ ସ୍ଥାନ ପାଇ ରାଜ୍ୟ, କେନ୍ଦ୍ରାପଡ଼ା ଜିଲା ଓ ପଟ୍ଟାମୁଣ୍ଡାଇ ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। କେନ୍ଦ୍ରାପଡ଼ା ଜିଲା ଇତିହାସରେ ପ୍ରଥମ ଥର ପାଇଁ ଜାତୀୟ ସ୍ତରରେ ଡ୍ୟାନ୍ସ ପ୍ରତିଯୋଗିତାରେ କମାଲ କରିଥିବା ରାଜେଶ ସାହୁ ସାନଜରିଆ ଭଳି ନିପଟ ମଫସଲ ଗାଁରୁ ଆସି ସଫଳତା ସାଉଁଟିବା ଏକ ବ୍ୟତିକ୍ରମ ଓ ବିରଳ ଘଟଣା। ପିତା ସର୍ବେଶ୍ୱର ସାହୁ ଓ ମାତା ଅମିତା ସାହୁଙ୍କ ସୁଯୋଗ୍ୟ ସନ୍ତାନ ଭାବେ ଓଡ଼ଶା ପାଇଁ ଗୌରବ ଆଣିଥିବା ରାକେଶ ବିଗତ ୪ବର୍ଷ ହେବ ଫିଟ ଅଫ ଡ୍ୟାନ୍ସ ଏକାଡେମୀରେ ନୃତ୍ୟ ଶିକ୍ଷା ଲାଭ କରି ବହୁ ଜାତୀୟ ଓ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ଷ୍ଟାର ପ୍ଲସ ଟିଭି ଚ୍ୟାନେଲ ମେଣ୍ଟର ପୁନିତ ପାଠକ ଓ ଗ୍ରାଣ୍ଡ ଜଜ୍ ରେମୋ ଡିସୌଜାଙ୍କୁ ନୃତ୍ୟ କମାଲ ଦେଖାଇ ରାକେଶ ସ୍ତବ୍ଧ କରିଦେଇଛନ୍ତି। ଏଥିପାଇଁ ଫିଟ ଅଫ ଡ୍ୟାନ୍ସ ଏକାଡେମୀ ଗୁରୁ ପ୍ରଶାନ୍ତ ପାତ୍ର, ସଭାପତି କୁଞ୍ଜବିହାରୀ ତ୍ରିପାଠୀ, ସମ୍ପାଦକ ପ୍ରଦ୍ୟୁମ୍ନ ଗିରିଙ୍କ ସମେତ ରାଜ୍ୟ, ଜିଲା ଓ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମହଲରୁ ରାକେଶଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜ୍ଞାପନ ସହ ଆଶୀର୍ବାଦ ପ୍ରଦାନ କରାଯାଇଛି।

ପାଣି ଯୋଗାଣ ଘରକୁ ବ୍ୟକ୍ତିଗତ ବ୍ୟବହାର : ଅସନ୍ତୋଷ

ପାରାଦୀପ,୯।୧(ଶରତ ରାଉତ)

ପାରାଦୀପ ପୌରପାଳିକା ୬ ନଂ. ୱାର୍ଡ ବାଉରିଆପାଳନ୍ଦା ବସ୍ତିରେ ପାଣି ଯୋଗାଣ ଘରକୁ ବ୍ୟକ୍ତିଗତଭାବେ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ଖବରପାଇ ସ୍ଥାନୀୟ କାଉନ୍‌ସିଲର ବବିତା ରାଉତ ପହଞ୍ଚି ସତ୍ୟତା ଯାଞ୍ଚ କରିବା ସହ ପୌରାଧ୍ୟକ୍ଷ ଓ ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇଛନ୍ତି। ଉକ୍ତ ବସ୍ତିରେ ପୌରପାଳିକା ପକ୍ଷରୁ ମଟର ଯୋଗେ ପାଣି ଉଠେଇ ପାଇପଲାଇନ ଦ୍ୱାରା ଯୋଗାଣ କରାଯାଇଛି। ସେଠାରେ ଏହାକୁ ପରିଚାଳନା ପାଇଁ ଜଣେ କେୟାରଟେକର ରହିଛନ୍ତି। ଯେଉଁ ଘରେ ପାଣି ମଟର ରହିଛି, ସେଠାରେ କେତେଜଣ ଲୋକ ଆସବାବପତ୍ର ରଖି ଚଳୁଥିଲେ। ଏହି ଘଟଣାକୁ ନେଇ ମଙ୍ଗଳବାର ପୌରାଧ୍ୟକ୍ଷ ତାଗିଦା କରିଛନ୍ତି।

ବିଦ୍ୟାଳୟସ୍ତରୀୟ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ ଶିବିର

ରାଜନଗର, ୯।୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ମଧ୍ୟପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଖାସମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ୨ୟ ପର୍ଯ୍ୟାୟ ବିଦ୍ୟାଳୟସ୍ତରୀୟ ମାନ ନିର୍ଦ୍ଧାରଣ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଶେଷ ହୋଇଯାଇଛି। ଏହି ୩ଟି ଶିବିରରେ ୧୫୦ଜଣ ଶିକ୍ଷୟିତ୍ରୀଶିକ୍ଷକ ଭାଗ ନେଇଥିଲେ। ପ୍ରତ୍ୟେକ ଶିବିରକୁ ୪ଜଣ ଲେଖାଏ ସମ୍ବଳ ସାଧନ କର୍ମୀ ପରିଚାଳନା କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଉକ୍ତ ଶିବିରରେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପାଇଁ ଶପଥ ନେଇଥିଲେ। ଶିବିରରେ ସିଆରସିସି ଅମୀୟ ରାଉତ, ଅନଙ୍ଗ କୁମାର ଜେନା, ମନୋରଞ୍ଜନ ପରମାଣିକ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

@ ଅବିନାଶ

@ ଦୀପକ

@ ଜ୍ଞାନରଞ୍ଜନ

@ କ୍ରିଷ୍ଣା

@ ମାମାଲି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ନାରୀ ସଶକ୍ତୀକରଣ ଆଜିର ସମାଜକୁ ସମୃଦ୍ଧ କରିଛି

ତିର୍ତ୍ତୋଲ, ୯।୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ନାରୀ ଆଉ ଅବଳା ଦୁର୍ବଳା ହୋଇ ରହିନାହିଁ। ନାରୀ ସଶକ୍ତୀକରଣ ଆଜିର ସମାଜକୁ ସମୃଦ୍ଧ କରିଛି ବୋଲି ବକ୍ତାମାନେ କହିଛନ୍ତି। ସ୍ଥାନୀୟ ସାରଣୀ ଛକ ନିକଟରେ ଥିବା ଆନନ୍ଦ ମଣ୍ଡପ ପରିସରରେ ସାମାଜିକ ଅନୁଷ୍ଠାନ ମଦର ତରଫରୁ ନାରୀ ଶକ୍ତି ଶ୍ରେଷ୍ଠ ଶକ୍ତି କାର୍ଯ୍ୟକ୍ରମରେ ବକ୍ତା ମାନେ ଉପରୋକ୍ତ ମତ ପୋଷଣ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ପରିଚାଳନା ଅଧିକାରୀ ପ୍ରମୋଦ କୁମାର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଲେଖିକା ତଥା ନୀଳକଇଁ ପତ୍ରିକାର ସମ୍ପାଦିକା ସସ୍ମିତା ଦାସ, ସମ୍ମାନିତ ଅତିଥି ଭାବେ ନିର୍ଦ୍ଦେଶକ ସୁବାସ ରଥ, ବାର୍ ଆସୋସିଏଶନ୍ ଉପସଭାପତି ଆଇନଜୀବୀ ଟୁକନ ଚରଣ ସେଠୀ, ଓଡ଼ିଶା ସାମ୍ବାଦିକ ସୁରକ୍ଷା ସମିତିର ସଭାପତି ଶରତ ଚନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାର ୫ ଜଣ ପ୍ରେରଣାଦାୟୀ ମହିଳାଙ୍କୁ ସେମାନଙ୍କ କୃତିତ୍ୱ ଲାଗି ସମ୍ବର୍ଦ୍ଧିତ କରାଯାଇଥିଲା। ସେବା କ୍ଷେତ୍ରରେ ଉଲ୍ଲେଖଗତ କାର୍ଯ୍ୟ ପାଇଁ ପୁଷ୍ପା ରାଉତରାୟ, ଗୋଷ୍ଠୀଗତ କାର୍ଯ୍ୟ ନିମନ୍ତେ ସନ୍ତୋଷିନୀ ଦାସ, ଶ୍ରେଷ୍ଠ ଏମ୍‌ବିକେ ମମତା ମଞ୍ଜରୀ ପଟ୍ଟନାୟକ, ଅଙ୍ଗନୱାଡ଼ି କର୍ମୀ ସସ୍ମିତା ସ୍ୱାଇଁ ଏବଂ ଆଶା କର୍ମୀ ସଲିଳା ମଲ୍ଲିକଙ୍କୁ ଟ୍ରଫି ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଜିଲା ସଂଯୋଜକ ସ୍ମୃତି ରଞ୍ଜନ ଦାଶ, ନିଶାକର ଦାସ ପ୍ରମୁଖ ସହଯୋଗ କରିଥିଲେ।

ମୁଖ୍ୟ ଅତିଥ ଜଣେ ମହିଳାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବେଆଇନ ଇଟାଭାଟି: ବଳିପଡୁଛି ଗଛ

କେନ୍ଦ୍ରାପଡା/ପଟ୍ଟାମୁଣ୍ଡାଇ, ୯।୧ (ଜଗନ୍ନାଥ ଧଳ/କଳ୍ପତରୁ ନାୟକ)

ନୀଳକଣ୍ଠପୁର ବ୍ରାହ୍ମଣୀ ନଦୀରୁ ବାଲି ଉଠୁଛି।

ମାଟିଲାପାଳରେ ଇଟା ପୋଡ଼ାଯାଉଛି।

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ବେଆଇନ ଭାବେ ଶତାଧିକ ଇଟାଭାଟି ଗଢ଼ି ଉଠି ଦୂଷିତ କଳା ଧୂଆଁରେ ପରିବେଶ ପ୍ରଦୂଷଣ ଯୋଗୁ ଲୋକେ ଅସ୍ତବ୍ୟସ୍ତ ହୋଇ ପଡ଼ିଲେଣି। ପରିବେଶ ଓ ରାଜସ୍ୱ ବିଭାଗର ବିନା ମଞ୍ଜୁରୀରେ ଇଟାଭାଟି କରାଯାଇ ପାରିବ ନାହିଁ ବୋଲି ସରକାର ନିୟମ କରିଛନ୍ତି। କିନ୍ତୁ ଇଟାଭାଟି ମାଲିକ ନିୟମକୁ ଫୁ କରି ଉଡାଇ ଗୋଚର ଅନାବାଦୀ, ନଦୀରୁ ମାଟି, ବାଲି ଚୋରି କରୁଛନ୍ତି। କାଠ ବେପାରୀମାନେ ମଧ୍ୟ ଇଟା ପୋଡ଼ିବାକୁ ବଡ଼ ବଡ଼ ଗଛକୁ କାଟି ଭାଟି ମାଲିକଙ୍କୁ ବିକ୍ରି କରୁଛନ୍ତି। ଫଳରେ ବଡ଼ ଗଛ ସବୁ ଲୋପ ପାଇବାକୁ ବସିଲାଣି। ଏ ସମସ୍ତ ବିଷୟରେ ପ୍ରଶାସନ ଜାଣି ନ ଜାଣିବା ଭଳି ଅଭିନୟ କରୁଛି। ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ବୃଦ୍ଧିଜୀବୀ ପ୍ରବୀର ନାୟକ, ଆଇନଜୀବୀ ପ୍ରମୋଦ ସାହୁ, ସାମାଜିକ କର୍ମୀ କୃପାସିନ୍ଧୁ ନାୟକ, ଉପା ନାୟକ, ଭାଜପା ନେତା ଅମୂଲ୍ୟ ପରିଡା କହିଛନ୍ତି, ପଟ୍ଟାମୁଣ୍ଡାଇ ସହର ଉପକଣ୍ଠର କଷଣଅଣ୍ଟା, ଅଳାଭର, ବ୍ରାହ୍ମଣୀ ନଦୀତଟ, ମଟିଆ, ତାତନା, ପୋତା ଗୋବରୀ କଡ଼, ଷଣ୍ଢପଲ୍ଲୀ ଆଦି ସ୍ଥାନରେ ବେଆଇନ ଭାବେ ମାଟି ଇଟାଭାଟି ଗଢ଼ି ଉଠିଛି। ଏହାର ଧୂଆଁରେ ଆଖପାଖ ଅଞ୍ଚଳ ଆଚ୍ଛାଦିତ ହୋଇଯାଉଛି।

ବେଆଇନ ଭାବେ ଗଢ଼ି ଉଠିଥିବା ଇଟାଭାଟିରେ ଲାଗୁଥିବା ମାଟି, ବାଲିକୁ ବ୍ରାହ୍ମଣୀ ନଦୀରୁ ଚୋରାରେ ସଂଗ୍ରହ କରାଯାଉଛି। ଭାଟି ପୋଡ଼ିବା ପାଇଁ କାଠ କୋଇଲା ମଧ୍ୟ ବେଆଇନ ଭାବେ ସଂଗ୍ରହ କରାଯାଉଛି। ନଦୀ ପଠାରେ ଥିବା ମାଟି ଉଠୁଥିବାରୁ ନଦୀ ଶଯ୍ୟା ବଢ଼ିବା ସହ କୂଳ ଖାଇ ପାଖ ଗ୍ରାମର କ୍ଷତି ହେବା ସମ୍ଭାବନା ଦେଖାଦେଇଛି। ସେହିପରି ବେଆଇନ ଭାବେ ବଡ଼ ବଡ଼ ଗଛ କଟାଯାଇ ଭାଟି ପୋଡ଼ା ଯାଉଥିବାରୁ ବର୍ତ୍ତମାନ ସମୟରେ ଜଙ୍ଗଲ ଅବକ୍ଷୟ ବଢ଼ିବାରେ ଲାଗିଛି। ମୁଖ୍ୟତଃ ନୀଳକଣ୍ଠପୁର ନଦୀ ପଠାରୁ ବେଆଇନ ଭାବେ ବାଲି ଚୋରାଚାଲାଣ ପଛରେ ଜଣେ ରାଜନେତା ରହି ଏହି କାରବାରର ପୁରଧା ସାଜି ରାତାରାତି ବାଲି ଚୋରା କାରବାର ଚଳାଇ ଆସୁଛନ୍ତି। ଏହା ବିରୋଧରେ ଯିଏ ମୁହଁ ଖୋଲିଲେ ତାଙ୍କୁ ନାଲି ଆଖି ଦେଖାଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଅବୈଧ ନିଶା କାରବାର ଭଳି କୋଟି କୋଟି ଟଙ୍କାର ବେଆଇନ ବାଲି ଚାଲାଣ ରାଜସ୍ୱ ବିଭାଗର ନିଦ ହଜାଇ ଦେଇଛି। ପ୍ରଶାସନ-ରାଜନେତା ଓ ବାଲିମାଫିଆଙ୍କ ମଧୁଚନ୍ଦ୍ରିକା ଯୋଗୁ ଅଧିକାଂଶ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ବ୍ରାହ୍ମଣୀ ନଦୀ ବାଲି ଉତ୍ସରୁ ଟ୍ରକ୍, ଟ୍ରାକ୍ଟରରେ ବୋହି ନେଇ ବେଆଇନ ଇଟାଭାଟିକୁ ସପ୍ଲାଇ କରାଯାଉଛି। ଫଳରେ ବର୍ଷ କେଇଟାରେ ବାଲି ଓ ଇଟା ମାଫିଆ ବିତ୍ତଶାଳୀ ହେଉଥିବା ବେଳେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ପରିବେଶବିତ୍ ବିଭୂତି ମହାପାତ୍ର କହିଛନ୍ତି, ସରକାରଙ୍କ ବିଭିନ୍ନ ଯୋଜନାରେ ଜଙ୍ଗଲ ସୃଷ୍ଟି କରାଯାଉଛି। ହେଲେ କେତେଜଣ କାଠ ବେପାରୀ ଜଙ୍ଗଲ ଅବକ୍ଷୟରେ ଲାଗି ପଡି ଇଟାଭାଟି ମାଲିକଙ୍କୁ କାଠ ସପ୍ଲାଇ କରୁଛନ୍ତି। ସରକାରଙ୍କ ପକ୍ଷରୁ ବ୍ୟାଙ୍କ ସହାୟତାରେ ପାଉଁଶ ଇଟା କାରଖାନା ବସାଇ ବେକାରି ସମସ୍ୟା ଦୂରୀଭୂତ କରିବା ସହ ପରିବେଶ ପ୍ରଦୂଷଣ ରୋକିବା ସକାଶେ ଚେଷ୍ଟା କରାଯାଉଛି। ମାତ୍ର ମାଟିଇଟା ଯୋଗୁ ପାଉଁଶ ଇଟା କାରଖାନା ଯୁବ ବ୍ୟବସାୟୀମାନେ ଇଟା ବିକ୍ରି କରି ନ ପାରି ବ୍ୟାଙ୍କରୁ ଆଣିଥିବା ଋଣ ପରିଶୋଧ କରିବା ଏବେ କଷ୍ଟକର ହୋଇପଡ଼ିଲାଣି। ଏପରି ଅଭିଯୋଗ ହୋଇ ଆସୁଥିବା ବେଳେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଉ ନାହିଁ। ଜିଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଗଲେ ପା

ଡିଏଲ୍‌ଓ ଲାଞ୍ଚ ନେଇ ଶ୍ରମିକ କାର୍ଡ ଦେଉଛନ୍ତି

ନୟାଗଡ଼,୯।୧(ଲୋକନାଥ ମିଶ୍ର)

ସିଧାମୂଳରେ ଅନୁଷ୍ଠିତ ଶ୍ରମିକ ପରିଚୟପତ୍ର ବଣ୍ଟନ କାର୍ଯ୍ୟକ୍ରମ।

- ଜଣେ ଶ୍ରମିକଙ୍କୁ ନିର୍ମାଣ ଶ୍ରମିକ, ଅଣସଙ୍ଗଠିତ କାର୍ଡ
- ଜାଲିଆତିର ତଦନ୍ତ ପାଇଁ ଜିଲାପାଳଙ୍କୁ ସ୍ମାରକପତ୍ର
- କାର୍ଡ ରଦ୍ଦ ସହ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ
- ସାର୍ଟିଫାଏ କରିଥିବା ଶ୍ରମିକ ସଙ୍ଗଠନ, ଡିଏଲଓଙ୍କ ବଢ଼ିଲା ଅଡୁଆ

ନୟାଗଡ଼ ଜିଲା ଶ୍ରମ ଅଧିକାରୀ(ଡିଏଲଓ) ଲାଞ୍ଚ ନେଇ ଶ୍ରମିକ କାର୍ଡ ଦେଉଥିବା ଅଭିଯୋଗ ଉଠିଛି। ବିନା ଲାଞ୍ଚରେ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଫାଇଲ ଘୁଞ୍ଚୁ ନ ଥିବା ଅନୁରୂପ ଅଭିଯୋଗ ରହିଛି। ଜଣେ ନିର୍ମାଣ ଶ୍ରମିକ ଓ ଅଣସଙ୍ଗଠିତ ଶ୍ରମିକ କାର୍ଡ ପରି ଦୁଇ ପ୍ରକାରର କାର୍ଡ ପାଉଛନ୍ତି। ଜଣେ ଶ୍ରମିକ ଦୁଇ ପ୍ରକାରର କାର୍ଡ ପାଇବା ଜାଲିଆତି, ଲାଞ୍ଚ ନେଇ ଶ୍ରମିକ କାର୍ଡ ସମ୍ପର୍କରେ ଜିଲାପାଳ ଓ ରାଜ୍ୟ ଶ୍ରମ ଆୟୁକ୍ତଙ୍କ ନିକଟରେ ଅଭିଯୋଗ କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରାଯାଇଛି। ଜଣେ ଶ୍ରମିକ ଦୁଇ ପ୍ରକାର ଶ୍ରମିକ ଭାବେ ଗୋଟିଏ ବିଭାଗରେ ପଞ୍ଜୀକୃତ ହେବା ପରେ ସାର୍ଟିଫାଏ କରିଥିବା ଶ୍ରମିକ ସଙ୍ଗଠନ ଓ ଜିଲା ଶ୍ରମ ଅଧିକାରୀଙ୍କ ଅଡୁଆ ବଢ଼ିପାରେ ବୋଲି କୁହାଯାଉଛି। ଅଭିଯୋଗ ଅନୁସାରେ, ନୟାଗଡ଼ ବ୍ଲକ ରାମଚନ୍ଦ୍ରପୁର ଗାଁର ଅଶୋକ ଭୁୟାଁ ଜଣେ ଫାଷ୍ଟ ଫୁଡ ବ୍ୟବସାୟୀ। ଅଶୋକଙ୍କ ନାଁରେ ଅଣସଙ୍ଗଠିତ ଶ୍ରମିକ କାର୍ଡ ରହିଛି। ପୁଣି ଅଶୋକଙ୍କ ନାଁରେ ନିର୍ମାଣ ଶ୍ରମିକ କାର୍ଡ କରାଯାଇଛି। ସେହିଭଳି ଡ୍ରାଇଭର ନିରଞ୍ଜନ ଜେନା, ଛାମୁଣ୍ଡିଆର ରଞ୍ଜୁ ବେହେରା, ହରେକୃଷ୍ଣପୁର ଗାଁର ବୃନ୍ଦାବନ ଜେନା ଓ ରମେଶ ସ୍ୱାଇଁ ଅଣସଙ୍ଗଠିତ ଶ୍ରମିକ ପରିଚୟ ପତ୍ର ପାଇ ପୁଣି ନିର୍ମାଣ ଶ୍ରମିକ ପରିଚୟ ପତ୍ର ପାଇଛନ୍ତି। ସେହିଭଳି ଭାପୁର, ରଣପୁର ଓ ନୂଆଗାଁ ବ୍ଲକରେ ସମାନ ଢ଼ଙ୍ଗରେ ଜାଲିଆତି ହୋଇଛି। ଗୋଟିଏ କାର୍ଯ୍ୟାଳୟରେ ଜଣେ ଶ୍ରମିକ ଦୁଇ ପ୍ରକାରର କାର୍ଡ ପାଇବା ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ସନ୍ଦେହ ଘେରକୁ ଆଣିଥିବା ଅଭିଯୋଗରେ ରହିଛି।

ଅନ୍‌ଲାଇନରେ ଖାତା ଖୋଲିନି

ଅଣସଙ୍ଗଠିତ ଶ୍ରମିକମାନଙ୍କୁ ଜିଲା ଶ୍ରମ ବିଭାଗ ଜାଣିଶୁଣି ଅଣଦେଖା କରୁଥିବାର ଜିଲାପାଳ ଓ ରାଜ୍ୟ ଶ୍ରମ ଆୟୁକ୍ତଙ୍କ ନିକଟରେ ଅଭିଯୋଗ ରହିଛି। ଅଣସଙ୍ଗଠିତ ଶ୍ରମିକମାନଙ୍କର ଅନ୍‌ଲାଇନରେ ନାମ ପଞ୍ଜୀକରଣ ୪ ମାସ ତଳୁ ଆରମ୍ଭ ହୋଇଥିବାବେଳେ ଖାତା ଖୋଲି ନ ଥିବା ଦୁର୍ଭାଗ୍ୟର ବିଷୟ ବୋଲି କୁହାଯାଇଛି। ୨୦୧୭ରେ ରାଜ୍ୟ ସରକାର ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଗଠନ କରିଛନ୍ତି। କେନ୍ଦ୍ର ସରକାର ମଧ୍ୟ ଶ୍ରମିକଙ୍କ ପାଇଁ ବିଭିନ୍ନ ପ୍ରକାରର ଯୋଜନା କରିଛନ୍ତି। କିନ୍ତୁ ନୟାଗଡ଼ ଜିଲାରେ ୭ବର୍ଷରେ ପ୍ରାୟ ୬ ହଜାର ଅଣସଙ୍ଗଠିତ ଶ୍ରମିକଙ୍କ ନାଁ ଅଫଲାଇନରେ ନାମ ପଞ୍ଜୀକୃତ ହୋଇଛି। କେନ୍ଦ୍ରାପଡ଼ା ପରି ଜିଲାରେ ୬୦ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ନାମ ପଞ୍ଜୀକରଣ ହୋଇ ସାରିଥିବାବେଳେ ନୟାଗଡ଼ ଜିଲାରେ ନାମ ପଞ୍ଜୀକୃତ କରିବା ପାଇଁ ଜାଣିଶୁଣି ଫାଇଲକୁ ଶୀତଳଭଣ୍ଡାରକୁ ଫୋପାଡି ଦିଆଯାଇଛି। ଏଣୁ ହଜାର ହଜାର ଅଣସଙ୍ଗଠିତ ଆବଦେନ ପତ୍ର ଅଫଲାଇନରେ ପଡ଼ି ରହିଛି। ଅପରପକ୍ଷେ ଅନ୍‌ଲାଇନରେ ମଧ୍ୟ ରାଜ୍ୟର ବିଭିନ୍ନ ଜିଲା ହଜାର ହଜାର କାର୍ଡ କରୁଥିବାବେଳେ ନୟାଗଡ଼ ଜିଲାରେ ଖାତା ଖୋଲି ନ ପାରିବା ଦୁଃଖ ଓ ପୀରିତାପର ବିଷୟ।

ପରିଚୟପତ୍ର ବାଣ୍ଟିବା ପାଇଁ ଲୁଚାଛପାରେ କ୍ୟାମ୍ପ

ଅଣସଙ୍ଗଠିତ ଶ୍ରମିକମାନଙ୍କୁ ପରିଚୟ ପତ୍ର ବାଣ୍ଟିବା ପାଇଁ ଲୁଚାଛପାରେ କ୍ୟାମ୍ପ କରାଯାଉଥିବା ଅଭିଯୋଗ ଉଠିଛି। କେତେଜଣ ଶ୍ରମିକ ସଙ୍ଗଠନକୁ ହାତ ବାରିଶି କରି ଏଭଳି ବେଆଇନ କାମ କରାଯାଉଥିବା ଅଭିଯୋଗ ହେଉଛି। ଯାହାର ନଜୀର ସିଦ୍ଧାମୂଳାର ଏକ କ୍ୟାମ୍ପ ବୋଲି ଅଭିଯୋଗ ରହିଛି। ଏଠାରେ ଜଣେ ଅତିରିକ୍ତ ଶ୍ରମ ଅଧିକାରୀ କାର୍ଡ ବଣ୍ଟନ କରିଥିଲେ ମଧ୍ୟ ସନ୍ଦେହଘେରକୁ ଆସିଛି। କାର୍ଡ ବଣ୍ଟନ ନେଇ ଶ୍ରମ ବିଭାଗ ପକ୍ଷରୁ ବ୍ଲକ ଓ ଜିଲା ପ୍ରଶାସନକୁ ଅବଗତ କରାଯାଇ ନ ଥିବା କୁହାଯାଉଛି। ଏ ନେଇ ଅଭିଯୋଗକାରୀ ସନ୍ତୋଷ କୁମାର ରାଉତ, ପ୍ରମୋଦ ପଟ୍ଟନାୟକ, ତାପସ ରଞ୍ଜନ କର କହିଛନ୍ତି ଯେ, ଜଣେ ଶ୍ରମିକ ନିର୍ମାଣ ଶ୍ରମିକ ଓ ଅଣସଙ୍ଗଠିତ ଶ୍ରମିକ କାର୍ଡ ପାଇବା ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ସନ୍ଦେହ ଘେରକୁ ଆଣିଛି। ପୁଣି ବେଆଇନ କ୍ୟାମ୍ପ କୋର୍ଟ କରି ପରିଚୟ ପତ୍ର ବାଣ୍ଟିବା, ଅଣ ସଙ୍ଗଠିତ ଶ୍ରମିକଙ୍କ ଅଫଲାଇନ କାର୍ଡ ଗଢ଼ିକ ଯାଞ୍ଚ କରି ପରିଚୟ ପତ୍ର ନ ଦେବା, ଅନ୍‌ଲାଇନରେ ଅଣସଙ୍ଗଠିତ ଶ୍ରମିକଙ୍କୁ ପରିଚୟ ପତ୍ର ଆଦୌ ନ ମିଳିବା, ଶ୍ରମିକ ସଙ୍ଗଠନମାନଙ୍କୁ ଅଣଦେଖା କରିବା, ଜିଲା ଶ୍ରମ ଅଧିକାରୀ ଲାଞ୍ଚ ନେବା ଘଟଣାର ତଦନ୍ତ କଲେ ଅନେକ ଅନିୟମିତତାର ଗୁମର ଖୋଲିବ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ଜିଲା ଶ୍ରମ ଅଧିକାରୀ ଚିତ୍ତ ରଞ୍ଜନ ରାଉତଙ୍କୁ ପଚାରିବାରେ ପୂର୍ବରୁ ଶ୍ରମ କାର୍ଯ୍ୟାଳୟରେ ଶ୍ରମିକଙ୍କର କାମ ହେଉ ନ ଥିଲା। ଏଠାକୁ ଆସିଲା ପରେ ଶ୍ରମିକମାନଙ୍କୁ ୭ କୋଟି ଟଙ୍କା ସରକାରୀ ଅନୁଦାନ ବଣ୍ଟନ ହୋଇଛି। ନୂଆ ପରିଚୟ ପତ୍ର କ୍ୟାମ୍ପ କରି ଦିଆଯାଉଛି। ତେବେ କାମ କରିବା ପରେ କିଛି ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ମୋତେ ମୋର କାର୍ଯ୍ୟାଳୟରେ ଗାଳିଗୁଲଜ ଓ ଠେଲାପେଲା କରୁଛନ୍ତି। ମୋ ନାମରେ ଲାଞ୍ଚ ଅଭିଯୋଗ ଆଣି ମୋତେ ବଦନାମ କରୁଛନ୍ତି। ତେବେ କୌଣସି ଅନିୟମିତତା କରିନାହିଁ। ଯଦି କିଛି ଅନିୟମିତତା ହୋଇଛି ତଦନ୍ତ କରାଯାଉ। ତେବେ ଜଣେ ଶ୍ରମିକ ଦୁଇ କାର୍ଡ ପାଇବା ନେଇ କହିଥିଲେ, ଅଣସଙ୍ଗଠିତ ଶ୍ରମିକଙ୍କ ଅଫଲାଇନରେ ଆବଦେନ ହୋଇଥିବାରୁ ଜଣେ ଶ୍ରମିକ ଦୁଇ ପ୍ରକାରର କାର୍ଡ ପାଇଥିବା ଜାଣି ହେଉନାହିଁ। ଯଦି ହୋଇଥିବ ଅନ୍‌ଲାଇନ ପରେ କାର୍ଡ କଟିଯିବ ବୋଲି ସେ କହିଛନ୍ତି।

ନୟାଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ଦେଲା ଅଙ୍ଗନୱାଡି ସଂଘ

ଅଭିଯୋଗ ଅନୁସାରେ ପୂର୍ବ ସାରଣୀ ଅନୁଯାୟୀ ଅଣ୍ଡା ବାବଦରେ ସରକାର ୫ ଟଙ୍କା ଦେଉଥିଲା ବେଳେ ବର୍ତ୍ତମାନ ବର୍ଦ୍ଧିତ ଦର ବଜାରରେ ଅଣ୍ଡାପିଛା ୮ ଟଙ୍କା ହୋଇଛି। ଏଭଳିସ୍ଥଳେ ଅଣ୍ଡା ଅନୁଦାନ ବୃଦ୍ଧି ନ କରି ସପ୍ତାହର ୩ ଦିନ ପରିବର୍ତ୍ତେ ପ୍ରତିଦିନ ଅଣ୍ଡା ଓ ଖାଦ୍ୟ ଦେବାକୁ କୁହାଯାଇଛି। ସେହିଭଳି ଗର୍ଭବତୀ, ପ୍ରସୂତି ଓ ୩ ବର୍ଷର ଶିଶୁ ହିତାଧିକାରିଣୀଙ୍କ ୬୦ ଟଙ୍କାରେ ୧୨ଟି ଅଣ୍ଡା ଦେବାକୁ ମଧ୍ୟ ଅନୁରୂପ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ଏଭଳି ନିର୍ଦ୍ଦେଶ ଅଙ୍ଗନୱାଡି କର୍ମୀମାନଙ୍କୁ ଅସୁବିଧା ସୃଷ୍ଟି କରିଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଏଭଳି ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବାକୁ ସରକାର ଅଣ୍ଡା ପିଛା ୫ ଟଙ୍କା ପରିବର୍ତ୍ତେ ୮ଟଙ୍କା ଦର ବୃଦ୍ଧି କରି ଗର୍ଭବତୀ, ପ୍ରସୂତି ଓ ୩ବର୍ଷର ଶିଶୁ ହିତାଧିକାରିଣୀ ଙ୍କ ପାଇଁ ୧୨ଟି ଅଣ୍ଡାକୁ ୯୬ଟଙ୍କା ଦିଅନ୍ତୁ। ନଚେତ ପୂର୍ବ ଖାଦ୍ୟ ସାରେଣୀକୁ ହିଁ କାର୍ଯ୍ୟକାରୀ କରନ୍ତୁ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ସରକାର ଏଥିପ୍ରତି ଟାଳଟୁଳ ନୀତି ଗ୍ରହଣ କଲେ ସଂଘ ପକ୍ଷରୁ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଗଣମାଧ୍ୟମ ଜରିୟାରେ ଚେତାବନୀ ଦିଆଯାଇଛି। ରାଜ୍ୟ ଓ ଜିଲା ଶ୍ରମିକ ନେତା ମନୋଜ ପାତ୍ର, ସୁରେଶ ସ୍ୱାଇଁ, ସଂଯୁକ୍ତା ସେଠୀ, ବ୍ଲକ ସଭାନେତ୍ରୀ ରମ୍ଭାବତୀ ପ୍ରଧାନ, ସମ୍ପାଦିକା ପୁଷ୍ପାଞ୍ଜଳି ସାହୁ ,ଭାନୁମତି ରାଉତରାୟ, ରଶ୍ମିପ୍ରଭା ଦେଇ,ମାନିନି ଦାସ, ଝୁନା ସାହୁ ଓ ଶ୍ୱେତାପଦ୍ମା ଦାସ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସଥିବା ଅଙ୍ଗନୱାଡି କର୍ମୀ।

ଯୁବକଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଉତ୍ସାହ ଭରି ରହିଛି

କ୍ରୀଡା ଉତ୍ସବରେ ବିଡିଓଙ୍କ ଗହଣରେ ଖେଳାଳି।

ନୂଆଗାଁ, ୯।୧ (ଧନେଶ୍ୱର ସାହୁ)

ବ୍ଲକ୍‌ସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ନୟାଗଡ଼ ଜିଲା ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖ ହାଇସ୍କୁଲ ପଡ଼ିଆଠାରେ ମଙ୍ଗଳବାର ବ୍ଲକସ୍ତରୀୟ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ମାଧ୍ୟମରେ ଆରମ୍ଭ ହୋଇଥିବା ଯୁବ କ୍ରୀଡା ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଡିଓ ବାସୁଦେବ ନାୟକଙ୍କ ସମେତ ସମିତି ସଭ୍ୟ ଓ ସରପଞ୍ଚ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୭ଦିନ ଧରି ନୂଆଗାଁ ହାଇସ୍କୁଲ ପଡ଼ିଆ ସମେତ ମାଇଛେଳି ପଞ୍ଚାୟତ ଚିନ୍ତାମଣୀ ବିଦ୍ୟାପୀଠ, ବଡ଼ଗୋଠ ପଞ୍ଚାୟତ ଆଞ୍ଚଳିକ ହାଇସ୍କୁଲ, ମାଳିସାହି ଗତିକେଶ୍ୱର ହାଇସ୍କୁଲ, ମହିପୁର ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ଖେଳ ଯୁବକମାନଙ୍କ ମନରେ କ୍ରୀଡା ପ୍ରତି ଉତ୍ସାହ ଭରି ରହିଥିବା ଦେଖିବାକୁ ମିଳିଛି। କେବଳ ସୁଯୋଗର ଆବଶ୍ୟକତା ରହିଛି। ସେହି ସୁଯୋଗ ସୃଷ୍ଟି କରାଯାଇ ପାରିଲେ ଅନେକ କ୍ରୀଡାବିତ୍ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରି ପାରିବେ ବୋଲି ବିଡିଓ ନାୟକ କହିଥିଲେ। ତେବେ ନୂଆଗାଁ ବ୍ଲକ ପ୍ରଶାସନ ପକ୍ଷରୁ ଖୋଖୋ, ଫୁଟବଲ, ଭଲିବଲ ଓ କ୍ରିକେଟ ଆଦି ୪ଟି ଖେଳର ପ୍ରତିଯୋଗିତା ହୋଇଥିଲା। ଏଥିରେ ନୂଆଗାଁ ଟିମ ଫୁଟବଲ, ଭଲିବଲ ଓ କ୍ରିକେଟ ଆଦି ୩ଟି ଖେଳରେ ଚାମ୍ପିୟନ ହୋଇଥିଲା। ମାଇଛେଳି ଟିମ୍ ଖୋ ଖୋରେ ଚାମ୍ପୟନ ହୋଇଥିଲା। ଏହି କ୍ରୀଡା ଉତ୍ସବକୁ ବ୍ଲକ ସାମାଜିକ ସୁରକ୍ଷା କନିଷ୍ଠ ସହାୟକ ରଘୁନାଥ ସାହୁ, ଜିପିଓ ସାଧୁଚରଣ ସାହୁ ପରିଚାଳନା କରିଥିବାବେଳେ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଉତ୍ସବରେ ଖେଳ ଶିକ୍ଷକ ବିରଞ୍ଚି ନାରାୟଣ ବେହେରା, ପ୍ରଦୀପ୍ତ କୁମାର ଖଣ୍ଡୁଆଳ, ପ୍ରଶାନ୍ତ ପ୍ରଧାନ, ଭିକାରୀ ଚରଣ ସାହୁ, କୃଷ୍ଣ ମୋହନ ମହନ୍ତ, ରମେଶ ଚନ୍ଦ୍ର ମାଝି, ନିହାରିକା ମଲ୍ଲ, ଶାନ୍ତି ସାହୁ, ପରମାନନ୍ଦ ପରିଡା, ବିପିନ ବିହାରୀ ଦଳବେହେରାଙ୍କ ସମେତ ବ୍ଲକର ଖେଳ ଶିକ୍ଷକମାନେ କ୍ରୀଡା ପରିଚାଳନା କରିଥିଲେ।

ନୂଆ ଖାଦ୍ୟ ସାରଣୀକୁ ବିରୋଧ: ପୁରୁଣା ଲାଗୁ ପାଇଁ ନିବେଦନ

ନୟାଗଡ଼,୯।୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ମଙ୍ଗଳବାର ଅଙ୍ଗନୱାଡି କେନ୍ଦ୍ରରେ ସରକାର ଜାରୀ କରିଥିବା ନୂଆ ଖାଦ୍ୟ ସାରଣୀକୁ ବିରୋଧ କରି ମଙ୍ଗଳବାର ନିଖିଳ ଓଡ଼ିଶା ଅଙ୍ଗନୱାଡି ସଂଘ ଓ ଓଡ଼ିଶା ଅଙ୍ଗନୱାଡି ସଂଘ ପକ୍ଷରୁ ବିରୋଧ କରାଯାଇଛି। ପୁରୁଣା ସାରଣୀକୁ ଲାଗି କରିବାକୁ ଜିଲାପାଳ ରବୀନ୍ଦ୍ରନାଥ ସାହୁ ଓ ଜଲା ସମାଜ ମଙ୍ଗଳ ଅଧିକାରିଣୀ ଅର୍ଚ୍ଚନା କଅଁରଙ୍କୁ ଭେଟି ପୃଥକ୍ ପୃଥକ୍ ଭାବେ ଦୁଇଟି ଦାବିପତ୍ର ପ୍ରଦାନ କରାଯାଇଛି।

ନୟାଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ଦେଲା ଅଙ୍ଗନୱାଡି ସଂଘ

ଶ୍ରୀନୀଳମାଧବ ଜୀଉଙ୍କୁ ଅଯୋଧ୍ୟାରୁ ଆସିଲା ନିମନ୍ତ୍ରଣ

ଖଣ୍ଡପଡ଼ା,୯।୧ (ଅଜୟ କୁମାର ମହାରଣା)

ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବ। ଏହି ପରିପ୍ରେକ୍ଷୀରେ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ସୁଦୂର ଅଯୋଧ୍ୟାରୁ ନିମନ୍ତ୍ରଣ ଆଣି ଆସିଥିବା ରାଜ୍ୟ ସୋସିଆଲ ମିଡିଆ ସଂଯୋଜକ ବୃନ୍ଦାବନ ପ୍ରଧାନ ଓ କେନ୍ଦ୍ରାପଡ଼ା ନଗର ବିସ୍ତାରକ ଅସିତ କୁମାର ସାହୁ ମଙ୍ଗଳବାର ଅପରାହ୍ନରେ କଣ୍ଟିଲୋ ନୀଳମାଧବ ଜୀଉଙ୍କ ମନ୍ଦିରରେ ପ୍ରବେଶ କରିବା ସମୟରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ପରେ ପୂଜକ ସମାଜର ସମ୍ପାଦକ ନୀଳମାଧବ ମିଶ୍ରଙ୍କୁ ସେବାୟତମାନଙ୍କ ଉପସ୍ଥିତିରେ ନିମନ୍ତ୍ରଣ ହସ୍ତାନ୍ତର କରି ଶ୍ରୀରାମ ଜନ୍ମଭୂମିରେ ପଦାର୍ପଣ କରିବାକୁ ନିବେଦନ କରିବା ସହ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବାକୁ ନିବେଦନ କରିଥିଲେ।

ଅଯୋଧ୍ୟାରୁ ଆସିଥିବା ନିମନ୍ତ୍ରଣକୁ ନୀଳମାଧବ ମନ୍ଦିର ପୂଜକମାନେ ଗ୍ରହଣ କରୁଛନ୍ତି।

ଶବରୀ ନୃତ୍ୟ, ମେଲୋଡି ମନ ମୋହିଲା

ମହୋତ୍ସବରେ କଳାକାରମାନଙ୍କ ଦ୍ୱାରା ଶବରୀ ନୃତ୍ୟ ପ୍ରଦର୍ଶନ।

ରଣପୁର, ୯।୧ (ସୁକାନ୍ତ କିଶୋର ଡ଼ାଙ୍କୁଆ)

ରଣପୁର ମହୋତ୍ସବ ଅର୍ଜୁନ ଉଦ୍‌ଯାପିତ

ରଣପୁର ବାଘସାମନ୍ତ ମିନି ଷ୍ଟାଡିୟମର ମୁକ୍ତ ଆକାଶ ରଙ୍ଗମଞ୍ଚରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ୧୬ତମ ରଣପୁର ମହୋତ୍ସବ ଅର୍ଜୁନ ମଙ୍ଗଳବାର ଶେଷ ହୋଇଛି। ଏହି ଅଞ୍ଚଳର ଶହୀଦମାନଙ୍କ ସ୍ମୃତି ସହ ବୀରମାଟିର ଗାଥାକୁ ସାଉଁଟି ସେମାନଙ୍କର ବଳିଦାନକୁ ସ୍ମୃତି ଚାରଣ କରିବା ପାଇ ଏଠାରେ ୫ଦିନ ହେବ ମହୋତ୍ସବ ପାଳିତ ହୋଇଯାଇଛି। ଉଦ୍‌ଯାପନ ସନ୍ଧ୍ୟାରେ ଶବରୀ ନୃତ୍ୟ, ମା' ବିନ୍ଧ୍ୟାଶ୍ୱରୀ କଳା ପରିଷଦ ବ୍ରହ୍ମଗିରି ଘୋଡ଼ା ନୃତ୍ୟ ଓ ସିନେ କଳାକାର ପପୁ ପମପମ୍‌ଙ୍କ ଅଭିନୟ ସହ ମେଲୋଡି ଦର୍ଶକଙ୍କ ମନ ମୋହିଥିଲା। ଶୀତୁଆ ପାଗ ସତ୍ତ୍ୱେ ରାତି ପର୍ଯ୍ୟନ୍ତ ଦର୍ଶକମାନେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଏହି ୫ ଦିନରେ ବିଭିନ୍ନ ଦୋକାନ ଓ ଷ୍ଟାଲରେ ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଛି। ଶେଷ ଦିନରେ ବିଭିନ୍ନ ଦୋକାନ ଓ ଷ୍ଟାଲଗୁଡ଼ିକରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି ମହୋତ୍ସବରେ ଥିବ ଦୋକାନ ଓ ଷ୍ଟାଲଗୁଡ଼ିକରେ ବିକ୍ରି ପାଇ ଥିବା ଘର କାରଣ ସାମଗ୍ରୀକୁ ଲୋକମାନେ କିଣୁଥିବା ଦେଖିବାକୁ ମିଳୁଥିଲା। ବିଭିନ୍ନ ଜଳଖିଆ ଓ ଚଟପଟି ଦୋକାନରେ ଲୋକମାନେ ଖାଦ୍ୟର ମଜା ନେଇଥିଲେ। ମହୋତ୍ସବରେ ପଡ଼ିଥିବା ରାମ ଦୋଳି, ବିଭିନ୍ନ ପ୍ରକାର ଖେଳର ମଜା ପିଲାମାନେ ଉଠେଇ ଥିଲେ। ଶେଷ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ ସାହୁ, ମୁଖ୍ୟ ବକ୍ତା ନୟାଗଡ଼ ଜିଲା ପରିଷଦର ଅଧକ୍ଷ ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପିଡି ଡିଆରଡିଏ ସୁଚାରୁ ବଳ, ମହୋତ୍ସବ କମିଟିର ଆବାହକ ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ, ରଣପୁର ଆମ୍ବାର ଅଧକ୍ଷ ନର୍ମଦା ରାୟ ପ୍ରମୁଖ ଯୋଗଦେଇଥିଲେ। ବିରଞ୍ଚି ନାରାୟଣ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍ଗୀତ କଳା ବିଦ୍ୟାନିକେତନର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅତିଥିମାନେ 'ରଣଶ୍ରୀ' ପୁସ୍ତକକୁ ଉନ୍ମୋଚିତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପରିଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ, ରଣପୁର ଅଞ୍ଚଳର ଖେଳାଳି, ଛାତ୍ରୀଛାତ୍ରମାନଙ୍କୁ ମଞ୍ଚରେ ଅତିଥିମାନେ ସମ୍ମାନିତ କରିଥିଲେ। ସତ୍ୟ ନାରାୟଣ ମହାପାତ୍ର ସାଂସ୍କୃତିକ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ କୁଇଜ ପ୍ରତିଯୋଗିତା ହୋଇଥିଲା। ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟ ପରିବେଷଣ କରିଥିଲେ। ମୀନ ବଜାର ଓ ଦୋଳି ପଡ଼ିଥିବା ସ୍ଥାନରେ ବହୁସଂଖ୍ୟାରେ ଭିଡ଼ ଜମିଥିଲା। ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।

ଶହୀଦଙ୍କ ନାମରେ ମହୋତ୍ସବ: ଫଟୋଟିଏ ନାହିଁ

ରଣପୁରର ଶହୀଦଙ୍କ ନାମରେ ହେଉଥିବା ମହୋତ୍ସବ ଅର୍ଜୁନ ଶହୀଦମାନଙ୍କୁ ଅସମ୍ମାନିତ କରାଯାଉଥିବା ଦେଖିବାକୁ ମିଳିଛି। ରଣପୁରର ବିଭିନ୍ନସ୍ଥାନରେ ମାଳମାଳ ପୋଷ୍ଟର ଓ ବ୍ୟାନର ମରାଯାଇଥିଲେ ମଧ୍ୟ କେଉଁଠି ହେଲେ ଶହୀଦଙ୍କ ଫଟୋ ଟିଏବି ଦେଖିବାକୁ ମିଳୁନାହିଁ। ରାସ୍ତାରେ ଓ ମହୋତ୍ସବ ତୋରଣରେ କେବଳ ନେତାମାନଙ



■ ଶ୍ରୀଜୀଉମାନଙ୍କ ଦୈନନ୍ଦିନ ଭୋଗ ପୂଜାରେ ତରାଟ ଓ ଗେଣ୍ଡୁ ଫୁଲ ବ୍ୟବହାର ହୋଇଥାଏ।

■ ସ୍ନାନ ଯାତ୍ରାରେ ମଲ୍ଲୀ, ଯୂଥି, ମଚୁଆ, ବୟଣା ଓ ତରାଟ ଫୁଲ ଲାଗି ହୋଇଥାଏ।

■ ଶ୍ରୀଜଗନ୍ନାଥଙ୍କ ଅର୍ପିତ ମାଳରେ ଚମ୍ପା, ପଦ୍ମ, ଗେଣ୍ଡୁ, ସେବତୀ, ଟଗର, ତୁଳସୀ, ବୟଣା, ମଚୁଆ, ହେନା, ଯୂଥି, ମାଳତୀ ଓ ମଲ୍ଲୀ ଆଦି ଫୁଲ ବ୍ୟବହାର ହୋଇଥାଏ।

■ ବଡ଼ସିଂହାର ଦେଶରେ କାଳିଆ ସାଆନ୍ତ ଗୋଲାପର ହୁବ-ସଦକ ଧାରଣ କରିଥାନ୍ତି।

ତୁଳସୀ

ଶ୍ରୀଜଗନ୍ନାଥଙ୍କ ଅତିପ୍ରିୟ ହେଉଛି ତୁଳସୀ। ତୁଳସୀ ଗଛକୁ ବିଷ୍ଣୁଙ୍କର ପ୍ରିୟତମା ବୃନ୍ଦାବତୀ ସ୍ୱରୂପା ରୂପରେ ମାନ୍ୟତା ଦିଆଯାଇଛି। ଆଧ୍ୟାତ୍ମିକ ଜଗତରେ ତୁଳସୀର ଯେତିକି ଗୁରୁତ୍ୱ ରହିଛି, ଚିକିତ୍ସା ଶାସ୍ତ୍ରରେ ମଧ୍ୟ ତୁଳସୀ ପତ୍ରର ଅମୃତସମ ଗୁଣ ବିଷୟରେ ବର୍ଣ୍ଣନା ରହିଛି। ତୁଳସୀ ପତ୍ରରେ ଅମ୍ଳଜାନ ପରିମାଣ ଅଧିକ ଥିବାରୁ ଏହା ଖୁବ୍ ସ୍ୱାସ୍ଥ୍ୟପ୍ରଦ ଓ ଉପକାରୀ। ବିଭିନ୍ନ ରୋଗର ଉପଶମ କ୍ଷମତା ବିଶିଷ୍ଟ ଏହି ତୁଳସୀକୁ ମଉଳିଧଧୂ କୁହାଯାଏ। ବିଷ୍ଣୁଙ୍କ ପ୍ରିୟ ହୋଇଥିବାରୁ ତୁଳସୀ ହେଉଛି ବିଷ୍ଣୁପ୍ରିୟା। ତୁଳସୀ ମାଳ ହୃଦରୋଗ ତଥା ଶ୍ୱାସନଳୀଜନିତ ରୋଗ ପାଇଁ ଅବ୍ୟର୍ଥ ଔଷଧ ଭାବରେ ବିବେଚିତ ହୁଏ।

ଅନନ୍ୟ ସମ୍ଭାର
ଫୁଲ, ତୁଳସୀ

ଫୁଲ ସଂସାରରେ ଏକ ଅନନ୍ୟ ଉପହାର। ସୌନ୍ଦର୍ଯ୍ୟ ସାଜାକୁ ସୁଗନ୍ଧ ଏହାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ। ଫୁଲ କାହା ସାଜରେ ପ୍ରତିଯୋଗିତା କରେନା। ନିରହଙ୍କାର ଫୁଲ କେବଳ ସମର୍ପଣ ଓ ସୁବାସ ଦାନରେ ବିଶ୍ୱାସ କରେ। ଈଶ୍ୱରଙ୍କ ଆରାଧନାରେ ଲାଗିଲେ ହିଁ ସାର୍ଥକତା ପ୍ରତିପାଦିତ ହୋଇଥାଏ। ଅନେକ ଫୁଲ ଈଶ୍ୱରଙ୍କ ସେବାରେ ଲାଗିବାର ଅପୂର୍ବ ସୌଭାଗ୍ୟ ପ୍ରାପ୍ତ ହୋଇଥାନ୍ତି ତ' ଆଉ କେତେକ ଦେବମନ୍ଦିରର ଚତୁଷ୍ପାର୍ଶ୍ୱରେ ଥାଇ ପରିବେଶକୁ ବିମଣ୍ଡିତ କରିଥାନ୍ତି। କୋଟି ବ୍ରହ୍ମାଣ୍ଡ ନାୟକ କାଳିଆ ସାଆନ୍ତ ଫୁଲ ଶୃଙ୍ଗାରକୁ ଖୁବ୍ ଭଲ ପାଆନ୍ତି। ଫୁଲର ସୁନ୍ଦରତା ଓ ସୁଗନ୍ଧ ସବେ ଯେପରି ସେହି କାଳିଆ ସାଆନ୍ତଙ୍କ ପରମ ଆଶୀର୍ବାଦ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ବିଶେଷ ଭାବରେ ଫୁଲ ସଜ୍ଜା ଉପରେ ଗୁରୁତ୍ୱ ଦିଆଯାଇଛି। ମନ୍ଦିର ପରିକ୍ରମା ସମୟରେ ଭକ୍ତମାନଙ୍କୁ ଏକ ସୌନ୍ଦର୍ଯ୍ୟଭରା ପ୍ରାକୃତିକ ପରିବେଶ ସହିତ ଆଧ୍ୟାତ୍ମିକ ଅନୁଭବର ସ୍ୱାଦ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶେଷ ଗୁରୁତ୍ୱ ଦେଇଛନ୍ତି। ୫-ଟି ଅଧକ୍ଷ କାର୍ଯ୍ୟକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିକ୍ରମା ମାର୍ଗକୁ ଭକ୍ତଙ୍କ ପାଇଁ ଯଥାସମ୍ଭବ ସୁରମ୍ୟ ଓ ଆକର୍ଷଣୀୟ କରିବା ପାଇଁ ଭରପୁର ପ୍ରୟତ୍ନ ନିଆଯାଇଛି। ନାନାଦି ପୁଷ୍ପବାରା ପରିକ୍ରମା ପ୍ରକଳ୍ପରେ ସ୍ଥାନିତ ହୋଇଛନ୍ତି। ପରିବେଶର ଶୋଭାବର୍ଦ୍ଧନ କରିବା ଓ ମହାପ୍ରଭୁଙ୍କ ମନ୍ଦିର ଚତୁଷ୍ପାର୍ଶ୍ୱକୁ ପ୍ରାକୃତିକ ଭାବେ ସୁରକ୍ଷିତ ରଖିବା ପାଇଁ ଅନ୍ୟାନ୍ୟ ବିଭିନ୍ନ କିସମର ପ୍ରାୟ ପଚାଶ ହଜାର ଫୁଲ ଗଛ ରୋପଣ କରାଯାଇଛି। ଏଠାରେ ଅଶୋକ, କାଦମ୍ବ, ମିଛିଲା ଚମ୍ପା, ଚାନ୍ଦିନୀ, କଞ୍ଚନର, ଆଲଷ୍ଟେନିଆ ସ୍କଲାରିସ୍, ସିମମ୍, ମଲସରି, ଗଲପିମିଆ ଗଛୁଛ ଆଦି ବିଭିନ୍ନ ଫୁଲ ଗଛ ଲଗା ଯାଇଛି।



ଝଲସୁଛି
ଚିତ୍ରକଳା

୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି, ଯାହାକୁ ନେଇ ପ୍ରଶାସନ ପକ୍ଷରୁ ବହୁତରୀ ପ୍ରକାଶ ପାଇଛି। ତେବେ ପ୍ରକଳ୍ପର ଲୋକାର୍ପଣକୁ ଆଉ ଅଳ୍ପ ଦିନ ବାଜିଥିବାବେଳେ ଶ୍ରୀକ୍ଷେତ୍ର ପୁରୀ ବର୍ତ୍ତମାନ ନବ ବଧୂ ପରି ସଜେଇ ହେବାରେ ଲାଗିଛି। ପୁରୀର ପ୍ରମୁଖ ରାସ୍ତାର କାନ୍ଥଗୁଡ଼ିକରେ ଶିଳ୍ପୀଙ୍କ ଇଚ୍ଛା ଦୂତାର ସର୍ଶରେ ବିଭିନ୍ନ ଚିତ୍ରଗୁଡ଼ିକ ଜୀବନ୍ତ ପ୍ରାୟ ପ୍ରତୀୟମାନ ହେଉଛି। ଚିତ୍ରଗୁଡ଼ିକ ସବେ ଯେପରି ପର୍ଯ୍ୟଟକ, ଭକ୍ତ ଶ୍ରଦ୍ଧାଳୁଙ୍କୁ ପୁରୀର ଐତିହ୍ୟ, ସୌନ୍ଦର୍ଯ୍ୟ, ପରମ୍ପରା ବିଷୟରୁ ନିଖୁଣ ଭାବରେ ବଖାଣୁଥିବା ପ୍ରତୀୟମାନ ହେଉଛି। ପୁରୀର ପ୍ରମୁଖ ରାସ୍ତା ସମେତ ସାହି ଭିତରେ ଥିବା ବିଭିନ୍ନ କାନ୍ଥଗୁଡ଼ିକରେ ଅଙ୍କା ଚାଲିଛି ଆକର୍ଷଣୀୟ ପାରମ୍ପରିକ ଚିତ୍ରକଳା। କେଉଁଠାରେ ଉତ୍କଳର ପାରମ୍ପରିକ ଆଦିବାସୀ ସଂସ୍କୃତିର ଚିତ୍ର ପରିପ୍ରକାଶ ହେଉଛି ତ' ଆଉ କେଉଁଠାରେ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଓଡ଼ିଶୀ ନୃତ୍ୟାର ଚିତ୍ର। ସେହିପରି ପାରମ୍ପରିକ ବାଦ୍ୟ, ବିଭିନ୍ନ ଆକର୍ଷଣୀୟ ଫୁଲ, ପଶୁପକ୍ଷୀ, ମାଛ, ଭାଇଚାରା, ପୁରୀର ସଂସ୍କୃତି ଆଦି ଆକର୍ଷଣୀୟ ଚିତ୍ର ଦେଖିବାକୁ ମିଳୁଛି। ଚିତ୍ରଗୁଡ଼ିକରେ ପରିବେଶ ସୁରକ୍ଷାର ବାର୍ତ୍ତା ସହ ବିଲୁପ୍ତ ପାଉଥିବା ଅଳିଭାରିଝିଲ୍‌ର କଳଛିଙ୍କ ଚିତ୍ର ସ୍ଥାନ ପାଇଛି। ଧର୍ମପୀଠ ମଧ୍ୟରେ ପୁରୀ ପ୍ରମୁଖ ପୀଠ ହୋଇଥିବାବେଳେ ଓଡ଼ିଶାର ଧାର୍ମିକ ରାଜଧାନୀ ଭାବରେ ପରିଚିତ। ଶେଷ ଚିତ୍ରକଳା ମାଧ୍ୟମରେ ପୌରାଣିକ ଉଥ୍ୟ, ଋଷିମୁନି, ସାଧୁ ସନ୍ଥଙ୍କ ଚିତ୍ର ସ୍ଥାନ ଦିଆଯାଇଛି। ତେବେ ଏଭଳି ଆକର୍ଷଣୀୟ ପାରମ୍ପରିକ ଚିତ୍ରକଳା ଦେଖି ପୁରୀ ଆସୁଥିବା ଭକ୍ତ, ପର୍ଯ୍ୟଟକଙ୍କ ସହ ସହରବାସୀ ମଧ୍ୟ ବେଶ୍ ଆନନ୍ଦିତ ହେଉଛନ୍ତି। ପ୍ରଶାସନର ଏପରି କାର୍ଯ୍ୟକୁ ସହରବାସୀଙ୍କୀଠାରୁ ଆରମ୍ଭ କରି ପର୍ଯ୍ୟଟକମାନେ ବେଶ୍ ପ୍ରଶଂସା କରୁଛନ୍ତି। ସେପରି ଦୀର୍ଘ ବର୍ଷ ଧରି ଚିତ୍ରଗୁଡ଼ିକ ରହିବ ଏବଂ ନଷ୍ଟ ନ ହେବ, ସେଥିପାଇଁ ଉଚ୍ଚ କୋଟିର ରଙ୍ଗ ପ୍ରୟୋଗ କରାଯାଉଛି। ୧୨ ତାରିଖରୁ ଶ୍ରୀକ୍ଷେତ୍ରରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିବ। ସେଥିପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ କାରିଗରମାନେ ଲାଗି ପଡ଼ିଛନ୍ତି।

ଗଡୁଛି ଅର୍ପଣ ରଥ

ପାଣିଟାଙ୍କି ବଖାଣୁଛି କାଞ୍ଚି ଅଭିଯାନ

ପରିକ୍ରମା ମାର୍ଗ ବଖାଣିବ ପମ୍ବାବତୀ କାହାଣୀ। ବ୍ରିଟିଶଅମଳର ପାଣିଟାଙ୍କିରେ ଭକ୍ତ ଦେଖିବେ କାଞ୍ଚି ଅଭିଯାନର ଚିତ୍ର। ଐତିହ୍ୟ ଗ୍ରାମ ରଘୁରାଜପୁରର ପାରମ୍ପରିକ ପଟ୍ଟଚିତ୍ର କଳାରେ ଏହି ଗେରବମୟ ଗାଥା ଝଟକିବ। ଶ୍ରୀମନ୍ଦିର ପରିକ୍ରମା କରିବା ବେଳେ ଭକ୍ତମାନେ କେବଳ ବ୍ରିଟିଶ ସମୟର ବିଶାଳ ପାଣିଟାଙ୍କି ଦେଖିବେ ନାହିଁ, ବରଂ ୫୦ ଫୁଟ୍ ଉଚ୍ଚ ପାଣି ଟାଙ୍କିରେ ମହାପ୍ରଭୁ ଓ ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ଗଜପତି ପୁରୁଷୋତ୍ତମ ଦେବ ଏବଂ କାଞ୍ଚି ରାଜକୁମାରୀ ପମ୍ବାବତୀଙ୍କ କଥାବସ୍ତୁର ଅନୁଭବ ନେଇ ଫେରିବେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିସରର ପ୍ରତିଟି ଅଂଶରେ ମହାପ୍ରଭୁଙ୍କ ସଂସ୍କୃତିର ଛାପ ଛାଡ଼ିବା ପାଇଁ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧକ୍ଷ କାର୍ଯ୍ୟକ ପାଣ୍ଡିଆନଙ୍କ ନିର୍ଦ୍ଦେଶମତେ ଏହି ପଦକ୍ଷେପ ନିଆଯାଇଛି। ଶ୍ରୀମନ୍ଦିର ଉତ୍ତର ପଶ୍ଚିମ କୋଣ ବା ବାୟବ୍ୟ କୋଣରେ ରହିଛି ବ୍ରିଟିଶ ଅମଳର ଅର୍ଥାତ ୧୯୩୫ ମହିନାରେ ନିର୍ମିତ ଏକ ପାଣିଟାଙ୍କି, ଯାହାକୁ ସ୍ଥାନୀୟ ଭାଷାରେ ଜୁଆଳାଇଆଏ ଡାଉଣି ଇକ ପାଣିଟାଙ୍କି। ପାଣିଟାଙ୍କିର ଶୀର୍ଷରେ ମୋଟ ୮ଟି ପୁରରେ କାଞ୍ଚି ଅଭିଯାନର କଥାବସ୍ତୁର ପ୍ରତିଫଳନ ଦେଖିବାକୁ ମିଳିବ। ଏହିବିଶାଳ ପାଣିଟାଙ୍କିକୁ ଫିକା ରୋଲାପି ରଙ୍ଗରେ ସଜାଯାଇଛି। ପଟ୍ଟଚିତ୍ରରେ ୮ଟି କଥାବସ୍ତୁରେ ସମ୍ପୂର୍ଣ୍ଣ କାହାଣୀକୁ ଉପସ୍ଥାପନ କରାଯାଇଛି। ରଘୁରାଜପୁରର ପଟ୍ଟଚିତ୍ର ଶିଳ୍ପୀ ଅଜିତକୁମାର ମହାପାତ୍ରଙ୍କ ନେତୃତ୍ୱରେ ମଧୁସୂଦନ ସ୍ୱାଇଁ, ବରଣ ନାୟକ, ସୁଭାଷ ମହାପାତ୍ର, ପୁରେଣ ମହାରଣା, ପୂର୍ଣ୍ଣଚନ୍ଦ୍ର ପାତ୍ର, ହେମନ୍ତ ବରାଳ, ସୁବାସ ପ୍ରଧାନ ଏହି ପଟ୍ଟଚିତ୍ର ପ୍ରସ୍ତୁତ କରିଛନ୍ତି। ଖରା, ବର୍ଷା, କାଳରେରେ ଯେପରି ଦୀର୍ଘ ସମୟ ଏହି ପଟ୍ଟଚିତ୍ର ନଲିଭେ ସେଥିପାଇଁ ଉଚ୍ଚ ଗୁଣମାନର ରଙ୍ଗ ବ୍ୟବହାର କରାଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରଦକ୍ଷଣ ବେଳେ କାଞ୍ଚି ଅଭିଯାନର କାହାଣୀ ଏବଂ ମାଳିକ ଗଜପତିଙ୍କର କଥାବସ୍ତୁକୁ ଭକ୍ତମାନେ ଉପଲବ୍ଧି କରିପାରିବେ।

୫୦ ଫୁଟ୍ ଉଚ୍ଚରେ ପଟ୍ଟଚିତ୍ର ପ୍ରଥମ ଅନୁଭୂତି, ସବୁ ତାଙ୍କରି ଇଚ୍ଛାରେ

ପ୍ରଥମଥର ପାଇଁ ୫୦ ଫୁଟ୍ ଉଚ୍ଚରେ ପଟ୍ଟଚିତ୍ର ଆଙ୍କିବା ଆମ ପାଇଁ ଥିଲା ବଡ଼ ଆହ୍ୱାନ। କେବଳ ମହାପ୍ରଭୁଙ୍କ କାମ ହୋଇଥିବାରୁ ସାହସ ଜୁଟାଇ ପାରିଲୁ। କାମ କରୁଥିବା ଜେଏସି ପଟ୍ଟଚିତ୍ର ଶିଳ୍ପୀ ଆଜି ପର୍ଯ୍ୟନ୍ତ ଏତେ ଉଚ୍ଚରେ ପଟ୍ଟଚିତ୍ର ଆଙ୍କିନଥିଲେ। ଏବେ ବାଉଁଶ ଭାରାରେ ବଡ଼ି ଚିତ୍ର ଆଙ୍କିବା କେବଳ ତାଙ୍କରି କୃପାରୁ ସମ୍ଭବ ହୋଇପାରୁଛି। ଐତିହାସିକ ପ୍ରକଳ୍ପରେ ଆମେ ସ୍ଥାନୀୟ ଚିତ୍ରଶିଳ୍ପୀ ଓ ସେବକ ଭାବେ ଏହି କାର୍ଯ୍ୟ ପାଇବା ସେଭାଗ୍ୟର କଥା।

– ଯୁକ୍ତିଭର୍ସ ମହାରଣା, ମୁଖ୍ୟ ପଟ୍ଟଚିତ୍ର ଶିଳ୍ପୀ

ମହାପ୍ରଭୁ ସାହସ ଭରିଛନ୍ତି

ବ୍ରିଟିଶ ଶାସନ ସମୟର ପାଣି ଟାଙ୍କିକୁ ରଙ୍ଗ କରିବା ସହ ପଟ୍ଟଚିତ୍ରରେ କାଞ୍ଚି ଅଭିଯାନ କଥାବସ୍ତୁ ଚିତ୍ରଣ ପାଇଁ ମୋତେ ଦାୟିତ୍ୱ ଦିଆଯାଇଥିଲା। ସମୟ ମଧ୍ୟରେ କାମ କାଜେ ନ ସରିବ, ସେଥିପାଇଁ ପ୍ରଥମେ ରାତି ଦେଖେ ନ ଥିଲି। ମାତ୍ର ମୋତେ କାରୟର ନିର୍ଦ୍ଦେଶ ଆସିବାରୁ ମହାପ୍ରଭୁଙ୍କୁ ଡାକି କାମ ଆରମ୍ଭ କରିଥିଲି। ଗସ୍ତରେରେ ଅସମ୍ଭବ ମନେ ହେଉଥିବା କାମ ଏବେ ସାକାର ରୂପ ନେବାକୁ ଯାଉଛି। ଗସ୍ତରେରେ ଏ କାମ କରିବା ପାଇଁ ମହାପ୍ରଭୁ ହିଁ ସାହସ ଦେଇଥିଲେ। ସେଥିପାଇଁ ଅବଧି ପୂର୍ବରୁ କାମ ସରିବାକୁ ଯାଉଛି।

– ସଞ୍ଜୀବ କୁମାର ମହାନ୍ତି (ଠିକାଦାର)

ଅତିଥି ଦେବୋ ଭବଃ...

ଅତିଥି ଦେବୋ ଭବଃ... ମର୍ମକୁ ସାଜାର କରିବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଅତିଥି ସତ୍କାର ପାଇଁ ପରିକ୍ରମା ମାର୍ଗରେ ପ୍ରାୟ ୮ ହଜାର ଭକ୍ତଙ୍କ ଲାଗି ଉପଲବ୍ଧ ହେବ ଅନ୍ନଧର୍ମ କେନ୍ଦ୍ର। ଏହା ମଧ୍ୟରେ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କୁ ଅତ୍ୟାବଶ୍ୟକ ସେବା ଯୋଗାଇ ଦେବାର ସମସ୍ତ ବ୍ୟବସ୍ଥା ରହିବ। ଦକ୍ଷିଣ-ପୂର୍ବ ପାର୍ଶ୍ୱରେ ପ୍ରାୟ ୮ ହଜାର ବର୍ଗଫୁଟ୍ ପରିମିତ ଅଞ୍ଚଳରେ ଏହି କେନ୍ଦ୍ର ନିର୍ମିତ ହେଉଛି। ଏହା ମଧ୍ୟରେ ନିରାପଭା ବ୍ୟବସ୍ଥା ପାଇଁ ବ୍ୟାଗ୍ ସ୍କାନିଂ ସୁବିଧା ରହିବ। ୪ହଜାର ପରିବାରର ଜିନିଷ ରଖିବା ପାଇଁ ମୁଖ୍ୟ ଲକ୍ କ୍ରମ୍ ରହିବ। ପାନୀୟ ଜଳ ଓ ଟଏଲେଟ୍ ସୁବିଧା ସହ ହାତ ଓ ପାଦ ପ୍ରକ୍ଷାଳନ ବ୍ୟବସ୍ଥା ରହିବ। ସ୍ନରଣିକା ଓ ବହି ଷ୍ଟାଲ୍ ଆଦି ଏହି କେନ୍ଦ୍ର ମଧ୍ୟରେ ଉପଲବ୍ଧ ହେବାର ଯୋଜନା ରହିଛି। ଅନ୍ନଧର୍ମ କେନ୍ଦ୍ରକୁ ୧୦ଟି ପ୍ରବେଶ ପଥ ରହିବ। କେନ୍ଦ୍ର ପରିସରରେ ୧୦ଟି ଲକ୍ କ୍ରମ୍ ରହିବ। ସେଠାରେ ଭକ୍ତମାନେ ରୋଚା, ବ୍ୟାଗ, ମୋବାଇଲ ଓ ଅନ୍ୟ ଆସବାବ ସୁରକ୍ଷିତ ରଖି ଦର୍ଶନ ପାଇଁ ଯିବେ। ଦେବକ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ପ୍ରଦକ୍ଷଣ କରିବାକୁ କାଞ୍ଚୁଁଥିବା ଭକ୍ତମାନଙ୍କ ପାଇଁ ଭଲର ସ୍ପର୍ଶ ପାଇଁ ଚାରୁ ପାର୍ଶ୍ୱ ପ୍ରଦକ୍ଷିଣ ପାର୍ଶ୍ୱବର୍ତ୍ତୀ ସ୍ଥାନରେ ରୋଚା, ମୋବାଇଲ ଓ ଅନ୍ୟ ଆସବାବ ରଖିବାର ସୁବିଧା ପାଇବେ। ଚତୁର୍ଦ୍ୱାରୁ ଶ୍ରୀମନ୍ଦିରକୁ ପ୍ରବେଶ ଲାଗି ନିର୍ମିତ ଏସି ଶେଡ୍ ପାଥ୍-ୱେ ଅନ୍ନଧର୍ମ କେନ୍ଦ୍ରକୁ ସଂଯୋଗ ହେବ। ଏହି ଶେଡ୍‌ମଧ୍ୟ ଦେଇ ଶ୍ରଦ୍ଧାଳୁମାନେ ଅନ୍ନଧର୍ମ କେନ୍ଦ୍ରରେ ପହଞ୍ଚିବେ। ୬ଟି ଧାଡ଼ିରେ ଭକ୍ତମାନେ ପ୍ରବେଶ କରିବା ପରେ ଅନ୍ନଧର୍ମ କେନ୍ଦ୍ରରେ ଉପଲବ୍ଧ ସେବାର ସୁଯୋଗ ନେବେ। ସେହିଭଳି ଶ୍ରୀମାଣ୍ଡ ସାଟ ଦେଇ ଆସିବାକୁ ଥିବା ଭକ୍ତମାନେ ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କିଂରେ ଗାଡ଼ିରଖିସାରି ପରେ ଅଟୋ ଜରିଆରେ ଶ୍ରୀମନ୍ଦିର ଅଭିମୁଖେ ଆସିବେ। ଶ୍ରୀମାଣ୍ଡ ଦେଇ ଭକ୍ତମାନେ ୪ଟି ଧାଡ଼ିରେ ଅନ୍ନଧର୍ମ କେନ୍ଦ୍ରରେ ପହଞ୍ଚିବେ। ବୁଲ ପାଥୱେରେ ଆସି ୧୦ଟି ଧାଡ଼ିରେ ଭକ୍ତମାନେ ଅନ୍ନଧର୍ମ କେନ୍ଦ୍ରରେ ପହଞ୍ଚିପାରେ ପାନୀୟ ଜଳ, ପାଦ ପ୍ରକ୍ଷାଳନ, ଲକ୍ କ୍ରମ୍ ଆଦିର ସୁବିଧା ନେବେ। ଭକ୍ତମାନଙ୍କୁ ବୁଝିବାରେ ରଖି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହି ମହତ୍ତ୍ୱାକାଂକ୍ଷୀ ଅତ୍ୟାଧୁନିକ ବ୍ୟବସ୍ଥା ଆପଣାଯାଇଛି।

ନୂଆ ରୂପରେ ସ୍ୱର୍ଗଦ୍ୱାର

ପୁରୀ ସ୍ୱର୍ଗଦ୍ୱାରରେ ଦାହ ସଂସ୍କାର ହେଲେ ମନୁଷ୍ୟ ସବୁ ପାପରୁ ମୁକ୍ତିପାଇ ସ୍ୱର୍ଗପ୍ରାପ୍ତି ଲାଭ କରିଥାଏ ବୋଲି ବିଶ୍ୱାସ ରହିଛି। କିମ୍ବଦନ୍ତୀ ଅନୁସାରୀ ସ୍ୱର୍ଗପୁରରୁ ଦେବଦେବତାଗଣ ଏହି ସ୍ୱର୍ଗଦ୍ୱାର ମାଧ୍ୟମରେ ପୃଥିବୀପୃଷ୍ଠକୁ ଆସି ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରନ୍ତି ଏବଂ ସ୍ୱର୍ଗଦ୍ୱାର ଦେଇ ପୁନର୍ବାର ପ୍ରତ୍ୟାବର୍ତ୍ତନ କରନ୍ତି। ତେଣୁ ଏହା ବିଧାସହଷ୍ଟ ସ୍ୱର୍ଗକୁ ରାସ୍ତା ବୋଲି ବିଦିତ ଅଛି। ଆଜୁଲି ମଧ୍ୟ ବିଶ୍ୱାସ ରହିଛି ଯେ, ପ୍ରତି ଅମାବାସ୍ୟାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ନିଜ ଶ୍ୱଶୁର ଘର ସପ୍ତମୁଚ୍ଚକୁ ଏହି ବାଟରେଇ ଗମନ କରନ୍ତି। ତେଣୁ ଏଠାରେ ଦାହିତ ପ୍ରତ୍ୟେକଟି ଶବ ସ୍ୱର୍ଗଲୋକ ପ୍ରାପ୍ତି ହୁଅନ୍ତି ବୋଲି ବିଶ୍ୱାସ ରହିଛି।

କାଳକ୍ରମେ ଅଣଓସାରିଆ ହୋଇପଡ଼ିଥିବା ସ୍ୱର୍ଗଦ୍ୱାରର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଥିଲେ। ଏହାର ରୂପାନ୍ତରଣ କାର୍ଯ୍ୟ ୨୦୧୯ରେ ଆରମ୍ଭ ହୋଇଥିଲା। ମଣିଷର ଶେଷ ଠିକଣା 'ସ୍ୱର୍ଗଦ୍ୱାର'ରେ ଯେଉଁଭଳି ଭାବେ କରାଯାଇପାରିବ ସେଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହାର ଆରମ୍ଭରୁ ହିଁ ୫-ଟି ଅଧକ୍ଷ କାର୍ଯ୍ୟକ ପାଣ୍ଡିଆନ ସ୍ୱର୍ଗଦ୍ୱାରର ଉଚିତ ରୂପାନ୍ତରଣ ପାଇଁ ସ୍ୱତନ୍ତ୍ର ଭାବରେ ଧ୍ୟାନ ଦେଇଥିଲେ। ଇଗାରର ବଡ଼ି ଭୋଗରୁ ଏହାର ସମୀକ୍ଷା କାର୍ଯ୍ୟ ପାଇଁ ସେ ଅନେକଥର ଏଠାକୁ ଗସ୍ତ କରିଛନ୍ତି। ସ୍ୱର୍ଗଦ୍ୱାରରେ ନୂତନ ନିର୍ମାଣ ଓ ଅନ୍ୟାନ୍ୟ ପରିବର୍ତ୍ତନ ସମୟରେ ମଧ୍ୟ ଯେପରି ବାହ ସଂସ୍କାର ସାମାନ୍ୟତମ ଭାବେ ମଧ୍ୟ ବାଧାପ୍ରାପ୍ତ ନ ହେବ ସେଥିପ୍ରତି ପାଣ୍ଡିଆନ୍‌ଙ୍କ ନିର୍ଦ୍ଦେଶରେ ବିଶେଷ ଦୃଷ୍ଟି ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ବଦାନ୍ୟତା ଓ ଦ୍ୟୋତପୂର୍ଣ୍ଣ ନିଷ୍ପତ୍ତି ଅନୁଯାୟୀ ସ୍ୱର୍ଗଦ୍ୱାର ପରିସରରେ ରହିଥିବା ଓଡ଼ିଶାର ଅଦ୍ୱିତୀୟ ଜନନାୟକ ପ୍ରଦାନପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସମାଧିପୀଠକୁ ମଧ୍ୟ ଉତ୍କୃଷ୍ଟ କରାଯାଇଥିଲା। ପ୍ରାୟ ଏକବର୍ଷ ସମୟ ମଧ୍ୟରେ ସ୍ୱର୍ଗଦ୍ୱାରର ଆମୂଳଚୂଳ ପରିବର୍ତ୍ତନ ହୋଇଛି। ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଉର ମାଧ୍ୟମରେ ଏଠାରେ ୨୪ ଘଣ୍ଟା ଦାହ ସଂସ୍କାର କାର୍ଯ୍ୟ ଚାଲୁଛି। ସ୍ୱର୍ଗଦ୍ୱାରରେ ବର୍ତ୍ତମାନ ୨୮ଗୋଟି ପିଣ୍ଡିରେ ଦାହ ସଂସ୍କାର ହୋଇପାରୁଛି। ଶବ ପହଞ୍ଚିବାଠୁ ନେଇ ଦାହ ହେବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଏକ (ସିଙ୍ଗଲ ଇଉଣ୍ଡୋ ସିଷ୍ଟମ୍) ଏକକ ଗବାକ୍ଷ ବ୍ୟବସ୍ଥା ମାଧ୍ୟମରେ ସହଜରେ ହୋଇପାରୁଛି। ଏଠାରେ ପିଇବା ପାଣି, ଶୌଚାଳୟ, ବସିବା ସ୍ଥାନ, ଶ୍ରାଦ୍ଧ ପିଣ୍ଡି ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଛି। ଶବକୁ ଆଣି ରଖିବା ପାଇଁ ସ୍ୱତନ୍ତ୍ର ଭାବେ 'ଅନ୍ତିମ ବିଶ୍ରାମ' ଗୃହ ନିର୍ମିତ ହୋଇଛି। ସ୍ୱର୍ଗଦ୍ୱାର ସେବା କେନ୍ଦ୍ରରେ ଶବହେତୁ ଖର୍ଚ୍ଚ ସେବକ ନିୟୋଜିତ ହୋଇ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ବୁଝାଇଛନ୍ତି। ଏଠାରେ ସମସ୍ତ ଦେୟ ଜ୍ୟାଶ୍‌ଲେସ୍ ମାଧ୍ୟମରେ ହୋଇପାରୁଛି। ଓ୍

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଗାଁ ଦାଣ୍ଡ ପାଲଟିଲା ବଡ଼ଦାଣ୍ଡ

ଝୋଟି,ଚିତାରେ ରଙ୍ଗିନ ହେଲା ରାସ୍ତା

ରସୁଲପୁର,୯।୧(ରଞ୍ଜିତ ରାଉତ)

ଆସନ୍ତା ୧୭ରେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ । ଏହି କ୍ରମରେ ରସୁଲପୁର ବ୍ଲକର ପୁରପଲ୍ଲୀରେ ଜଗନ୍ନାଥ ଧର୍ମ, ସଂସ୍କୃତି, ପରମ୍ପରାର ଝଲକ ଦେଖିବାକୁ ମିଳିଛି । ଗାଁରେ ବୁଲୁଥିବା ଅର୍ପଣ ରଥ ଶୋଭାଯାତ୍ରା ଅଦିନିଆ ରଥଯାତ୍ରାର ଭ୍ରମ ସୃଷ୍ଟି କରୁଛି। ଏହି ଅବସରରେ ବିଭିନ୍ନ ସ୍ଥାନର ଅଙ୍କାଯାଇଥିବା ଝୋଟି, ଚିତାରେ ଗାଁ ରାସ୍ତା ରଙ୍ଗୀନ ହୋଇଉଠଛି । ରଥ ବୁଲିବା ସମୟରେ ସାଧାରଣ ଲୋକମାନଙ୍କ ମଧ୍ୟରେ ଅଭୁତପୂର୍ବ ଉତ୍ସାହ ଉଦ୍ଦିପନା ପରିଲକ୍ଷିତ ହୋଇଛି । ଶୋଭାଯାତ୍ରାରେ ବିଧାୟକମାନେ ସାମିଲ ହୋଇଛନ୍ତି। ସିଂହାପୁର ପଞ୍ଚାୟତରେ ସରପଞ୍ଚ ହୃଦାନନ୍ଦ ସାହୁଙ୍କ ନେତୃତ୍ୱରେ ଅର୍ପଣ ରଥ ଗାଁ ବୁଲୁଥିବା ବେଳେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାଏ ଯୋଗଦେଇଥିଲେ । ସେହିପରି ପ୍ରଥମାଖଣ୍ଡ ପଞ୍ଚାୟତରେ ଅର୍ପଣରଥ ଶୋଭାଯାତ୍ରା ଭଜନ ସଂକୀର୍ତ୍ତନ ସହ

ଅର୍ପଣ ରଥକୁ ମହିଳାମାନେ ବନ୍ଦାପନା କରୁଛନ୍ତି ।

ବାହାରିଥିଲା । ସରପଞ୍ଚ ଦୁର୍ଗା ଦାସ, ଯୁବନେତା ଚତୁଃଭୁଜ ଦାସଙ୍କ ନେତୃତ୍ୱରେ ରଥ ବିଭିନ୍ନ ଗାଁ ପରିକ୍ରମା କରିଥିଲା । ଉକ୍ତ ଶୋଭାଯାତ୍ରାରେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଥିଲେ । ଗାଁ ଦାଣ୍ଡରେ ରଥ ସମ୍ମୁଖରେ ଭକ୍ତମାନେ ଅଧିଆ ପଡି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଦୁଃଖ ଜଣାଇଥିବା ଭଳି ଦୃଶ୍ୟମାନ ଦେଖିବାକୁ ମିଳିଥିଲା । ସେହିଭଳି ଭୋଟକା ପଂଚାତୟରେ ରଥ ଯାତ୍ରାର ଦ୍ୱିତୀୟ ଦିବସରେ ରଥ ମା ମଙ୍ଗଳାଙ୍କ ମନ୍ଦିର ନିକଟରୁ ବାହାରି ଥିଲା । ସରପଞ୍ଚ ସ୍ମୃତିରେଖା ରାଉତ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ସାମଲ, ଜଆରଏସ ପ୍ରଶାନ୍ତ କୁମାର ଘଡେଇ, ଏମବିକେ ସସ୍ମିତା ଆଏଚ, ୱାର୍ଡସଭ୍ୟାସଭ୍ୟ, ସିଆରପି, ଅଙ୍ଗନୱାଡି କର୍ମୀ, ଗ୍ରାମପଂଚାୟତ ଫେଡରସନର ସଦସ୍ୟମାନେ ରଥ ପରିକ୍ରମାରେ ସାମିଲ ହୋଇଥିଲେ । ରଥଯାତ୍ରା ଅବସରରେ ସଂଗୃହିତ ଅରୁଆ ଚାଉଳ, ଗୁଆ ଆଦିକୁ ଇଚ୍ଛାପୁର ସ୍ଥିତ ଜଗନ୍ନାଥଙ୍କ ମନ୍ଦିରରେ ସଂରକ୍ଷିତ ରଖାଯାଇଛି । ଏହିକ୍ରମରେ ଆଉ ୩ଦିନ ରଥଯାତ୍ରା ପଞ୍ଚାୟତରେ ଜାରି ରହିବ ବୋଲି ସରପଞ୍ଚ ରାଉତ ସୂଚନା ଦେଇଛନ୍ତି ।

ଧର୍ମଶାଳା ବ୍ଲକର ୧୦ ପଞ୍ଚାୟତରୁ ଗୁଆ,ଚାଉଳ ସଂଗ୍ରହ

ଧର୍ମଶାଳା,୯।୧(ବଟକୃଷ୍ଣ ପରିଡ଼ା): ଶ୍ରୀମନ୍ଦିର ପ୍ରକଳ୍ପ ଲୋକାର୍ପଣ ଅବସରରେ ଶ୍ରୀ ଜଗନ୍ନାଥଙ୍କ ଭଜନ କୀର୍ତ୍ତନରେ ଗାଁଦାଣ୍ଡ ଉତ୍ସବ ମୁଖର ହୋଇ ଉଠିଛି। ଧର୍ମଶାଳା ବ୍ଲକର ୧୦ ପଞ୍ଚାୟତରେ ପରିକ୍ରମା ରଥ ଦ୍ୱାରା ଅକ୍ଷତ ଓ ଗୁଆ ସଂଗ୍ରହ କାର୍ଯ୍ୟକ୍ରମ ସମୟରେ ଏଭଳି ଆଧ୍ୟାତ୍ମିକ ପରିବେଶ ଦେଖିବାକୁ ମିଳିଛି। ଧର୍ମଶାଳା ପଞ୍ଚାୟତ ସମିତି ପକ୍ଷରୁ ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୧୧ ତାରିଖ ଯାଏ ଚାଲିବ। ମଙ୍ଗଳବାର ଅଭୟପୁର, ଅଗୁଆ, ଆରୁହା, ଜାରକା, ଜେନାପୁର, କଦମପାଳ, ମଙ୍ଗଳପୁର, ନେଉଳପୁର, ପାଟପୁର ଓ ପୁରୁଣାବଉଳମାଳ ଆଦି ପଞ୍ଚାୟତରେ ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଅର୍ପଣ ରଥକୁ ସବୁଠ ଭବ୍ୟ ସମ୍ବର୍ଦ୍ଧନା ମିଳୁଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ପଞ୍ଚାୟତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ସୁସଜ୍ଜିତ ଜଗନ୍ନାଥଙ୍କ ଅର୍ପଣ ରଥ ବୁଲିବା ସହ ଗୁଆ ଓ ଚାଉଳ ସଂଗ୍ରହ ହେଉଛି। ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଓ ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ରଥ ସହିତ ଗାଁକୁ ଗାଁ ଚାଲି ଚାଲି ଯାଉଥିବା ଦେଖିବାକୁ ମିଳିଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ , ଜିଲା ପରିଷଦ ସଭ୍ୟଙ୍କ ସମେତ ଶତାଧିକ ଜଗନ୍ନାଥ ପ୍ରେମୀ ତଥା ସ୍ଥାନୀୟ ବାସିନ୍ଦା ସାମିଲ ହୋଇଛନ୍ତି। ଗାଁ ଗଣ୍ଡାରେ ମହିଳାମାନେ ଶଙ୍ଖ ହୁଳହୁଳି ପକାଇ ଏହି ରଥକୁ ସ୍ୱାଗତ କରି ବନ୍ଦାପନା କରୁଥିବା ଦେଖିବାକୁ ମଳୁଛି।

ଅର୍ପଣ ରଥ ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଧାୟକ ଏବଂ ଅନ୍ୟମାନେ ।

ଜେପିସି କ୍ରିକେଟ୍ ଟିମ୍ ଚାମ୍ପିୟନ

ଗ୍ରାମନନ୍ଦିପୁର କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଝୁଙ୍ଗୁରୀ,୯।୧(ସରୋଜ ନାୟକ): ଦଶରଥପୁର ବ୍ଲକ୍ ଗ୍ରାମନନ୍ଦିପୁର ପଡ଼ିଆଠାରେ ବାବା କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ମଙ୍ଗଳବାର ଫାଇନାଲ ମ୍ୟାଚ୍‌ରେ ଦେବୀଦ୍ୱାରର ଜେପିସି କ୍ରିକେଟ୍ ଟିମ୍ କାଟିଆ ଇସଲାମିଆ କ୍ରିକେଟ୍ ଟିମ୍‌କୁ ୨୮ ରନ୍‌ରେ ପରାସ୍ତ କରି ଚାମ୍ପିୟାନ ହୋଇଛି । ଦେବୀଦ୍ୱାର କ୍ରିକେଟ୍ ଟିମ୍ ବ୍ୟାଟିଂ କରି ୧୬ ଓଭରରେ ୧୨୦ ରନ୍ କରି ସମସ୍ତ ଉଇକେଟ୍ ହରାଇ ୨୮ ରନ୍‌ରେ ପରାସ୍ତ ହୋଇଥିଲା । ଏହାର ଜବାବରେ ଇସଲାମିଆ କ୍ରିକେଟ୍ ଟିମ୍ ୧୬.୨ ଓଭର ବ୍ୟାଟିଂ କରି ୯୨ ରନ୍ କରି ସମସ୍ତ ଉଇକେଟ୍ ହରାଇ ୨୮ ରନ୍‌ରେ ପରାସ୍ତ ହୋଇଥିଲା । ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ବାଚସ୍ପତି ପ୍ରମିଳା ମଲ୍ଲିକ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଗ୍ରାମନନ୍ଦିପୁର ସମବାୟ ସମିତି ସଭାପତି ବିଷ୍ଣୁଚରଣ ମହାପାତ୍ର, ପୂର୍ବତନ ସମିତି ସଭ୍ୟ ନଗେନ୍ଦ୍ର ପ୍ରସାଦ ଜେନା ପ୍ରମୁଖ ଯୋଗଦେଇଥିଲେ। କ୍ଲବ୍ ସଭାପତି ବାବାଜୀ ଚରଣ ଦାସ ସ୍ୱାଗତ ଭାଷଣ ଦେଇଥିଲେ । ଇସଲାମିଆ କ୍ରିକେଟ୍ ଟିମ୍‌ର ୱାସିମ ରାଜା ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ଦେବୀଦ୍ୱାର କ୍ରିକେଟ୍ ଟିମ୍‌ର ମିଷ୍ଟର ଚକା ମ୍ୟାନ ଅଫ୍ ଦି ସିରିଜଭାବେ ପୁରସ୍କୃତ ହୋଇଥିଲେ ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

Admission Open

Post Diploma in
C.S.S.D TECHNIQUES
(Hospital Sterilization Technology)
Eligibility : +3 Science | Duration : 1 Year

Advance Diploma in
OPERATION THEATRE TECHNOLOGY
(OT Techniques)
Eligibility : +2 (Any Stream) | Duration : 2 Years

RMTI, PALASUNI, RASULGARH
BHUBANESWAR-25
Ph: 93382 12123

Hurry up... Hurry up... Hurry up...
B.Ed
Only @89,000/-
IMMEDIATELY CONTACT
B.Ed
COUNSELLING CENTER
BHUBANESWAR
7606962458
8908210843
9124391142
8908210443

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଟ୍ରକ୍ ଧକ୍କାରେ ମହିଳା ମୃତ, ୨ଗୁରୁତର

ଉତ୍ତେଜନା, ରାଜପଥରେ ୪ ଘଣ୍ଟା ଯାତାୟାତ ବନ୍ଧ

ରସୁଲପୁର,୯।୧(ରଞ୍ଜିତ ରାଉତ)

ଯାଜପୁର ଜିଲା କୁଆଖିଆ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର ସତ୍‌ସଙ୍ଗ ବିହାର ଛକରେ ମଙ୍ଗଳବାର ଅପରାହ୍ନରେ ଏକ ଟ୍ରକ(ନଂ.ଓଡି-୦୨ଏଏନ-୨୪୩୩) ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ୨ଜଣ ଗୁରୁତର ହୋଇଛନ୍ତି । ମୃତ ମହିଳା ହେଲେ ଯାଜପୁରରୋଡ ଥାନା ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତ ଭିକିପୁର ଗ୍ରାମର ମକର ମାଝିଙ୍କ ସ୍ତ୍ରୀ ଦେବୀ(୫୭) । ଗୁରୁତରମାନେ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ କେଉଟ ଲଗୁଆଁ ଗ୍ରାମର ଦେବୀଙ୍କ ଭଉଣୀ ଛବିରାଣୀ (୫୫) ଓ ପୁଅ ମଣ୍ଟୁ ଓରଫ ଅଭିଜିତ ମାଝି(୨୫) । ସେମାନେ ବାଇକ୍‌ରେ ଯାଜପୁର ସଦର ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁରସ୍ଥିତ ବାପଘରକୁ ଆସୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ରାସ୍ତାର

ଉତ୍ତ୍ୟକ୍ତ ଲୋକମାନଙ୍କୁ ପୋଲିସ ବୁଝାଶୁଝା କରୁଛି ।

ଉଭୟ ପାର୍ଶ୍ୱରେ ବାଇପାସ୍ ରାସ୍ତା ନିର୍ମାଣ, ଦୁର୍ଘଟଣାରେ ମୃତ ଓ ଆହତ ବ୍ୟକ୍ତିମାନଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ ଦାବିରେ ରାସ୍ତାରୋକୋ ହୋଇଥିଲା । ଫଳରେ ୪ଘଣ୍ଟା ଧରି ସେହି ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ରସୁଲପୁର ତହସିଲଦାର ନିରଞ୍ଜନ ସାହୁ, କୁଆଖିଆ ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକ, ପାଣିକୋଇଲି ଥାନା ଅନ୍ତର୍ଗତ ଲିଜାରାଣୀ ବିଶ୍ୱାଳ, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପ୍ରତିନିଧି ପ୍ରମୁଖ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରିବାରୁ ରାସ୍ତା ଅବରୋଧ ହଟିଥିଲା ।

ଡିଭାଇଡରରେ ଫସିଲା ବସ୍, ଦୁର୍ଘଟଣାରୁ ବର୍ତ୍ତିଲେ ଛାତ୍ରୀଛାତ୍ର

ଯାଜପୁରରୋଡ଼,୯।୧(ପବିତ୍ରରଞ୍ଜନମହାନ୍ତି): ଯାଜପୁରରୋଡ଼ ସହରକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ୨୧୫ ବାଣପୁର ଗୋଲେଇରୁ ଦଳା ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣରେ ତ୍ରୁଟି ଯୋଗୁ ଘଟୁଛି ଦୁର୍ଘଟଣା । ଏହାର ଏକ ଉଦାହରଣ ଉକ୍ତ ରାସ୍ତାରେ ରବିବାର ଦେଖିବାକୁ ମିଳିଛି । ରବିବାର ରାତିରେ ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ଲଡୁ ନାମକ ବସ୍ ରାସ୍ତା ମଝିରେ ଥିବା ଡିଭାଇଡ଼ର ଉପରେ ଚଢି ଯାଇଥିଲା। ଫଳରେ ବସଟି ଡିଭାଇଡ଼ର ଉପରେ ବହୁ ସମୟ ଲଟକି ରହିଥିଲା ବସ ଡ୍ରାଇଭର ବ୍ରେକ ମାରି ଗାଡିକୁ ନିୟନ୍ତ୍ରଣ କରିନେବା ଦ୍ୱାରା ଏକ ବଡ଼ ଧରଣର ଦୁର୍ଘଟଣା ଘଟିବାରୁ ସ୍କୁଲ ଛାତ୍ରୀଛାତ୍ର ବର୍ତ୍ତିଯାଇଥିଲେ। ଯାଜପୁର ବିଂଝାରପୁର ଅଞ୍ଚଳର ଗ୍ରୀନଉଡ଼ କ୍ରିଏଟିଭ ସ୍କୁଲ ଛାତ୍ରୀଛାତ୍ର ପିକନିକରୁ ଫେରୁଥିବା ସମୟରେ ଏଭଳି ଦୁର୍ଘଟଣା

ଘଟିଥିଲା । ସ୍ଥାନୀୟ ଲୋକେ ଓ ବସ କର୍ମଚାରୀ ମିଶି ବସଟିକୁ ଡିଭାଇଡ଼ରରୁ ବାହାରକୁ ବାହାର କରିଥିଲେ ।

ପୂର୍ତ୍ତ ବିଭାଗର ସମୁଦାୟ ୨. ୭ କି.ମି. ରାସ୍ତା କାମ ଅସମ୍ପୂର୍ଣ୍ଣ ହୋଇ ରହିଛି । ପ୍ରଶସ୍ତୀକରଣ କାମ କରାଯାଇ ସମୁଦାୟ ୧୧ ମିଟର ଚଉଡା ରାସ୍ତାକୁ ମଝିରେ ଦୁଇଭାଗ କରୁଥିବା ଡିଭାଇଡ଼ର କାମ ଚାଲୁରହିଛି, ଯାହାକି ଦୁର୍ଘଟଣାର ମୁଖ୍ୟ କାରଣ ସାଜିଛି । ସମୁଦାୟ ରାସ୍ତାର ଦିଭାଇଡ଼ରକୁ ବାଦ ଦେଲେ ଉଭୟପଟ ରାସ୍ତାର ପ୍ରଶସ୍ତ ୫. ୫ ମିଟର ରହିଛି ଯାହାଦ୍ୱାରା ରାସ୍ତା ସଙ୍କୁଚିତ ହୋଇ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବାର ଦେଖିବାକୁ ମିଳୁଛି । ଏ ସମ୍ପର୍କରେ ପାଣିକୋଇଲି ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଦିଲୀପ କୁମାର ନାୟକଙ୍କୁ ପଚାରିବାରେ ସେ ଏ ସମ୍ପର୍କରେ ଅବଗତ ଅଛନ୍ତି । ପୂର୍ବରୁ ଜିଲାପାଳଙ୍କ ଜଣାଶୁଣାଣୀରେ ଅଭିଯୋଗ ମଧ୍ୟ ହୋଇଛି । ଏହା ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବାରୁ ପୂର୍ତ୍ତ ବିଭାଗକୁ ପୋଲିସ ପକ୍ଷରୁ ଏକ ଚିଠି ଆସିବା ପରେ ସେ ଏହା ଉପରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି ।

Classified Everyday

0674-2580101, 2549949

MATRIMONIAL

BRIDE WANTED

For Hindu MBBS Doctor boy, 41, bride relocate Maharashtra, call 8329865948, 8378050149. D-2184

Brahmin boy SBI PO/32+ B.Tech/Railway Engineer, Bhubaneswar. 9938199964. D-2227

GROOM WANTED

Sambalpur-Based Bengali Kayastha girl 26/5'4 MBA-KIIT in US-MNC-Bglr seeks Bengali general boy MBA 9889031493. D-2200

Wanted qualified Odia Groom of any caste Service/Business 35-40Yrs. for a beautiful bride Ph.D. continue Bhubaneswar. 8917585202. D-74315

58 ବୟସ୍କା Retd. କରିଥିବା ଖଣ୍ଡାୟତ ଜାତିର ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ। 9040735426. D-2201

61 ବୟସ୍କା Retd. କରିଥିବା ଖଣ୍ଡାୟତ ଜାତିର ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ।(Urgent need). (9040735429). D- 2202

Age-34, Government Job Divorcee ଏକୁଟିଆ ରହୁଥିବା ବ୍ରାହ୍ମଣ ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଦରକାର। 8658267680. D-2230

Government Teacher ବୟସ 32 ଏକୁଟିଆ ରହୁଥିବା Divorcee ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ଘରଜ୍ୱାଇଁ ଆବଶ୍ୟକ। 9124021207. D-71383

REAL ESTATE

SALE

Duplex sale at Bhubaneswar @ 57 lakhs only. Contact: 9777433701. D-75294

ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 7504861292. D-75292

Ready to move luxurious flat for sale at Acharya Vihar. Contact- 9437307086, 7978209277. D-2190

ପାତ୍ରପଡ଼ା NHରୁ 400 mtr. ବ୍ରହ୍ମକୁମାରୀ ଆଶ୍ରମକୁ ଲାଗି 30ft. Road, Eelctric, Water ଥାଇ Sqft. 2600/- ରେ ପ୍ଲଟ୍ କିଣନ୍ତୁ । 7788888879, 8249034529. D-75291

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 3,60,000/-, ଛତାବର- 1200sqft.- 6,00,000/-. 9348232008. D-75289

Positively health benefits SPA expert therapist at Nayapalli. Contact: 7846814019. D-75187

Newly open SPA positively health benefits with expert therapist. 9938843929. D-75184

Relax, Refresh your Body, Mind at Saikrupa Spa with best therapies. 8984068077. D-2209

Mesmerizing, energetic body, mind qualitative relaxing massage experienced therapists. 7325907905. D-67127

Newly open SPA positively health benefits (expert therapist). Contact: 9124527170. D-75188

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

I, Subhashree Das, D/o-Umesh Chandra Das resident of Ward No.9, DHPLS Residency, PO-Mancheswar Railway Colony, P.S.-Mancheswar, Bhubaneswar, District.-Khurda, PIN-751017, Odisha declare by this affidavit SL No. 13 dtd.05.01.2024 that now onward I shall be known as Subhashree Pattnayak for all future purposes. D-2222

ଧରିତ୍ରୀ DHARITRI
Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ ।

BHIM | UPI

ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଫକୀର ମୋହନ ମହାପାତ୍ର

ଆବିର୍ଭାବ: ୦୨।୦୫।୧୯୨୯
ତିରୋଧାନ: ୦୧।୦୧।୨୦୨୪
ପୌଷମାସ କୃଷ୍ଣପକ୍ଷ ପଞ୍ଚମୀ

ବାପା ତୁମର ଅନୁପସ୍ଥିତି ସବୁ ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କର୍ତ୍ତବ୍ୟନିଷ୍ଠା ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିବ। ଆଜି ତୁମର ଦଶାହରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ପତ୍ନୀ ସୁଲୋଚନା, ପୁତ୍ର, ପୁତ୍ରବଧୂ, ନାତି ଓ ନାତୁଣୀମାନେ ।

ଧ-୨୨୨୬

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

କଟିକଟା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି

ଝୁଙ୍ଗୁରୀ,୯।୧(ସରୋଜ ନାୟକ) ଦଶରଥପୁର ବ୍ଲକ୍ କଟିକଟା ସମବାୟ ସମିତିରେ ମଙ୍ଗଳବାର ଧାନମଣ୍ଡି ଉଦ୍‌ଘାଟନ ହୋଇଛି । ଏହି ଉପଲକ୍ଷେ କଟିକଟା ସମବାୟ ସମିତି ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମବାୟ ସମିତି ସମ୍ପାଦକ ଅଜୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଏଆରସିଏସ୍ ଶରତ ଚନ୍ଦ୍ର ମଲିକ, ସମବାୟ ବ୍ୟାଙ୍କ ଶାଖା ପରିଚାଳକ ପ୍ରଶାନ୍ତ କୁମାର ମଲିକ, କଟିକଟା ସରପଞ୍ଚ କାଞ୍ଚନବାଳା ପରିଡ଼ା, ଚମ୍ପେଇପାଳ ସରପଞ୍ଚ ହିମାଂଶୁ କୁମାର ନାୟକ, ସମିତିସଭ୍ୟ ବିଜୟ ନାୟକ, ସମବାୟ ସମିତି ସଭାପତି ନାରାୟଣ ଚନ୍ଦ୍ର ସାହୁ, ଏଆରସିଏସ୍ ଅଫିସ୍ ଆକାଉଣ୍ଟାଣ୍ଟ ମଣିରତ୍ନ ମିଶ୍ର, ତଳିହା ସମବାୟ ସମିତି ସଭାପତି ସଦ

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

- ମୃତଦେହ ରଖି ରାଜପଥ ଅବରୋଧ
- ଡିଏଚ୍‌ଏଚ୍‌ରେ ଉତ୍ତେଜନା

ନୟାଗଡ଼,୯।୧(ଲୋକନାଥ ମିଶ୍ର)

ଚିକିତ୍ସାରେ ଅବହେଳାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚଏଚ)ରେ ଜଣେ ଜ୍ୱର ରୋଗୀ ମଙ୍ଗଳବାର ଅପରାହ୍ନରେ ପ୍ରାଣ ହରାଇବା ପରେ ଉତ୍ତେଜନା ଦେଖାଦେଇଥିଲା। ପରିବାର ଲୋକ ଓ ଆତ୍ମୀୟଙ୍କ ପ୍ରତିବାଦରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଷ୍ଟ୍ରେଚରରେ ମୃତଦେହ ରଖି ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥକୁ ସନ୍ଧ୍ୟାରେ ଅବରୋଧ କରିଥିଲେ। ପ୍ରାୟ ୧୦ ମିନିଟ୍ ରାସ୍ତା ଅବରୋଧ ପରେ ନୟାଗଡ଼ ଟାଉନ ଥାନା ପୋଲିସ ବୁଝାଶଝା କରି ଜାତୀୟ ରାଜପଥରୁ ମୃତଦେହ ହଟାଇଥିଲା। ଥାନାରେ ଅଭିଯୋଗ ଅନୁସାରେ ନୟାଗଡ଼ ସଦର ଥାନା ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଯଦୁପୁର ଗାଁର ରାଜ କିଶୋର ନାହାକ(୩୦) ମଙ୍ଗଳବାର ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ପକ୍ଷରୁ ରାଜକିଶୋରଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ସାଢ଼େ ୯ଟାରେ ଭର୍ତ୍ତି କରାଯାଇଥିଲା। ସେ ସମୟରେ ଡାକ୍ତର ଶତ୍ରୁଘ୍ନ ନାୟକ ଓ ସିଦ୍ଧାର୍ଥ ଦାଶ ଉପସ୍ଥିତ ଥିଲେ। ହେଲେ ଉଭୟ ଡାକ୍ତର ଚିକିତ୍ସା କଲେ ନାହିଁ। ଡାକ୍ତରଙ୍କ ଚିକିତ୍ସା ଅଭାବରୁ ମୃତ୍ୟୁ ହେଲା ବୋଲି ଭଉଣୀ ଚିକିନା ନାହାକ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ତଦନ୍ତ କରୁଛି। ଅନ୍ୟପକ୍ଷେ ରାଜକିଶୋରଙ୍କ ମୃତ୍ୟୁ ପରେ କିଛି ସମୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ଦେଖା ଦେଇଥିଲା।

ରାଜପଥ ଉପରେ ମୃତଦେହ ରଖି ପରିବାର ଲୋକେ ଅବରୋଧ କରିଛନ୍ତି।

ରଘୁନାଥ ବିଦ୍ୟାପୀଠ ୧୯୮୩ ବ୍ୟାଚ୍‌ର ଶତାଧିକ ଛାତ୍ରଙ୍କ ବନ୍ଧୁମିଳନ ଓ ଗୁରୁପୂଜନ

ଓଡଗାଁ,୯।୧
(ଆଦର୍ଶ କୁମାର ପଟ୍ଟନାୟକ)

ରଘୁନାଥ ବିଦ୍ୟାପୀଠର ୧୯୮୩ ମସିହା ମାଟ୍ରିକ ବ୍ୟାଚର ଶତାଧିକ ଛାତ୍ରଙ୍କ ବନ୍ଧୁ ମିଳନ ଓ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୪୦ବର୍ଷ ପରେ ସହପାଠୀଙ୍କ ମିଳନ ଏକ ରକମ ସମସ୍ତଙ୍କୁ ଆବେଗଭରା କରିଥିବା ଦେଖିବାକୁ ମିଳିଥିଲା। ବର୍ତ୍ତମାନର ପଦ ପଦବୀ ସମସ୍ତେ ଭୁଲି ଯାଇ ପରସ୍ପରକୁ ସେହି ପିଲା ଦିନିଆ ସମ୍ବୋଧନ ହଇରେ ଭଳିଆ ଡାକୁ ଥିଲେ। ମୁମ୍ବାଇ, ଚେନ୍ନାଇ, ହାଇଦ୍ରାବାଦ, କୋଲକତା ଭଳି ରାଜ୍ୟ ବାହାରୁ ଏବଂ ରାଜ୍ୟର ବିଭିନ୍ନ ସହରରୁ ସବୁ ସହପାଠୀଙ୍କ ମିଳନ ଅଦ୍ଭୁତପୂର୍ବ ବୋଲି ଉପସ୍ଥିତ ୪ ଗୁରୁଜୀ ପ୍ରକାଶ କରିଥିଲେ। ପ୍ରମୋଦ କୁମାର ପାତ୍ରଙ୍କ ଆବାହକତ୍ୱ ଓ ଅଧ୍ୟାପକ ପ୍ରଦୀପ୍ତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ପରିଣତ ବୟସରେ ପହଞ୍ଚି ଥିବା ଶିକ୍ଷକ ସୁରେନ୍ଦ୍ର କୁମାର ମହାରଣା, ବ୍ରଜବନ୍ଧୁ ନନ୍ଦ, ଦନାର୍ଦନ ମହାପାତ୍ର ଓ ପୀତବାସ ସାହୁଙ୍କୁ ଛାତ୍ରମାନେ ଗୁରୁପୂଜନ କରିବା ସହିତ ଉପଢୌକନ ପ୍ରଦାନ ପୂର୍ବକ ଆଶୀର୍ବାଦ କାମନା କରିଥିଲେ।

ଶ୍ମଶାନରେ ଭୋଜି, ନାଚ ଗୀତର ଆସର

ଅନ୍ଧବିଶ୍ୱାସ ଦୂରେଇବାକୁ ନୂଆ ତରିକା

ନୟାଗଡ଼,୯।୧(ଲୋକନାଥ ମିଶ୍ର)

ଶ୍ମଶାନରେ ହୋଇଥିଲା ଭୋଜି ଭାତ, ନାଚ ଗୀତର ଆସର। ଆନନ୍ଦରେ ଖାଇଥିଲେ ଗାଁ ଲୋକ। ଏଭଳି ନିଆରା ଘଟଣା ନୟାଗଡ଼ ଜିଲା ଇଟାମାଟିଗ୍ରାମର ଶ୍ମଶାନର ଦେଖିବାକୁ ମିଳିଥିଲା। ଅନ୍ଧବିଶ୍ୱାସକୁ ଦୂରେଇବା ପାଇଁ ଏପରି ପରିକଳ୍ପନା ନୟାଗଡ଼ ବ୍ଲକ ଇଟାମାଟିର ମହାବୀର କ୍ଲବ ସଦସ୍ୟମାନେ କରିଛନ୍ତି। ଏଭଳି ଘଟଣା ନୂଆ ନୁହେଁ। ଦୀର୍ଘ ୭ବର୍ଷ ଧରି ଏପରି କାର୍ଯ୍ୟକ୍ରମ ହାତକୁ ଇଟାମାଟି ଗାଁର ଯୁବକମାନେ ନେଇଛନ୍ତି। ଆଗରୁ ଏହି ଶ୍ମଶାନଟି ଅନେକ ଅନାବନା ଗଛରେ ଭର୍ତ୍ତି ହୋଇ ରହିଥିଲା। ଶ୍ମଶାନକୁ ଯିବାକୁ ସ୍ଥାନୀୟ ଲୋକ ଡରୁଥିଲେ। ସେହି ସମୟରେ ଇଟାମାଟିର ଅନେକ ଯୁବକ ଏକାଠି ହୋଇ ଶ୍ମଶାନକୁ ସଫା କରି ମା' ମଶାଣିଚଣ୍ଡୀଙ୍କ ମନ୍ଦିର ପ୍ରତିଷ୍ଠା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତିବର୍ଷ ବାର୍ଷିକ ଉତ୍ସବ ପାଳନ କରୁଛନ୍ତି। ମଙ୍ଗଳବାର ମା' ମଶାଣିଚଣ୍ଡୀଙ୍କର ସପ୍ତମ ବାର୍ଷିକୋତ୍ସବ ପାଳିତ ହୋଇଛି। ଏହି ଉତ୍ସବରେ ଏକ ବଡ଼ ଶିବ ମୂର୍ତ୍ତି ସ୍ଥାପନ କରାଯାଇଥିଲା। ଏଥିସହ ଭୋଜି ଭାତ, ନୃତ୍ୟ ଗୀତର ମଧ୍ୟ ଆୟୋଜନ କରାଯାଇଥିଲା।

ଶ୍ମଶାନରେ ଗ୍ରାମବାସୀ ଭୋଜି ଖାଉଛନ୍ତି।

ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଖଣ୍ଡପଡ଼ା,୯।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକରେ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ନୂଆ ଓ କ୍ରୀଡା ଉତ୍ସବକୁ ଖଣ୍ଡପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଆୟୋଜନ କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ସମ୍ମାନିତ ଅତିଥି ଭାବେ ବିଡିଓ ଅଙ୍କୁର ଅଭିଳାଷ, ୫ନଂ. ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ, ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ପୂର୍ବତନ ଉପାଧ୍ୟକ୍ଷା ମିନତି ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। କ୍ରୀଡା ଉତ୍ସବ ଗତ ୨ ତାରିଖ ଆରମ୍ଭ ହୋଇ କ୍ରିକେଟ, ଫୁଟବଲ, କବାଡ଼ି, ଭଲିବଲ, ଖୋ ଖୋ ଆଦି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କବାଡି ପ୍ରତିଯୋଗିତାରେ ଅଁଳାପଟା ମା' କୁକୁଟାଶୁଣୀ କ୍ଲବ, ଖୋ ଖୋରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏଶନ, ଭଲି ବଲରେ କଣ୍ଟିଲୋ ସ୍ପୋର୍ଟସ କ୍ଲବ, କ୍ରିକେଟରେ ମର୍ଦ୍ଦରାଜପୁର ମହାବୀର କ୍ଲବ, ଫୁଟବଲରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏଶନ ବିଜୟୀ ହୋଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି। ଏହି ଅବସରରେ ବିଜୟୀ ଏବଂ ରନର୍ସ ଅପ ଦଳକୁ ଅତିଥିମାନଙ୍କ ଦ୍ୱାରା ସାର୍ଟିଫିକେଟ ଓ ଅର୍ଥରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

CLASSIFIED DISPLAY

MORE SPACE • SAME PRICE

TARIFF | GST 5%

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

Admission Open

Post Diploma in C.S.D TECHNIQUES (Hospital Sterilization Technology)
Eligibility : +3 Science | Duration : 1 Year

Advance Diploma in OPERATION THEATRE TECHNOLOGY (OT Techniques)
Eligibility : +2 (Any Stream) | Duration : 2 Years

RMTI, PALASUNI, RASULGARH
BHUBANESWAR-25
Ph: 93382 12123

Hurry up... Hurry up... Hurry up...
B.Ed
Only @89,000/-
IMMEDIATELY CONTACT
B.Ed
COUNSELLING CENTER
BHUBANESWAR
7606962458
8908210843
9124391142
8908210443

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଗୋଡ଼ିପଲ୍ଲୀରେ ବୁଲିଲା ଅର୍ପଣ ରଥ

ଶରଣକୁଳ,୯।୧ (ଦୀପକ କର)

ସଂକୀର୍ତ୍ତନ, ଘଣ୍ଟ, ହରିବୋଲ, ହୁଳହୁଳିରେ କମ୍ପିଲା ଗୋଡିପଲ୍ଲୀ କୁରୁମୁଣି ଠାକୁରାଣୀ ମନ୍ଦିର ପରିସର। ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ପାଇଁ ଗୋଡିପଲ୍ଲୀରେ ସୃଷ୍ଟି ହେଇଥିଲା ଭକ୍ତିମୟ ପରିବେଶ। ମଙ୍ଗଳବାରଠାରୁ ଅର୍ପଣ ରଥ ବୁଲିବା ଆରମ୍ଭ କରିଛି। ମା'ଙ୍କ ପୀଠରେ ଅର୍ପଣ ରଥକୁ ସରପଞ୍ଚ ଶିବାନୀ ସାହୁ ଉଦଘାଟନ କରିଥିଲେ। ସରପଞ୍ଚ, ସମିତି ସଭ୍ୟ ଓ ଗ୍ରାମବାସୀଙ୍କ ସହ ଦୁଇଟି କଳସ ମଧ୍ୟରେ ଅକ୍ଷତ ଓ ଗୁଆ ରଖି ପୂଜାର୍ଚ୍ଚନା ସାରି ଆଜ୍ଞାମାଳ ପାଇବା ପରେ, ରଥର ଶୁଭାରମ୍ଭ ହୋଇଥିଲା। ଭକ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ ରଥକୁ ଗୋଡିପଲ୍ଲୀରୁ କୋତରଙ୍ଗ ପର୍ଯ୍ୟନ୍ତ ପ୍ରତ୍ୟକ ଦ୍ୱାର ବୁଲି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ମୁଠାଏ ଅରୁଆ ଚାଉଳ ଓ ଗୋଟିଏ ଗୁଆ ସଂଗ୍ରହ କରାଯାଇଥିଲା।

ଅର୍ପଣ ରଥକୁ ଗୋଡିପଲ୍ଲୀରେ ସ୍ୱାଗତ କରାଯାଉଛି।

ବିନା ସୂଚନା ଫଳକ, ନିମ୍ନମାନର ନିର୍ମାଣ କାର୍ଯ୍ୟ ଅଭିଯୋଗ

ଖଣ୍ଡପଡ଼ା,୯।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ୧୨ନଂ. ୱାର୍ଡ ଚିନିକଳ ସାହିରେ ବିନା ସୂଚନା ଫଳକରେ ଏନ୍‌ଏସି ପକ୍ଷରୁ ଚାଲିଥିବା ପରିଚୟ ଗୃହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହି ପରିଚୟ ଗୃହ ନିମନ୍ତେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ ୭.୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣାଧୀନ ପରିଚୟ ଗୃହର କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ସ୍ଥାନୀୟ ବାସିନ୍ଦା ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କାର୍ଯ୍ୟରେ ନିୟୋଜିତ କାର୍ଯ୍ୟନିର୍ବାହୀ, ଫାଟ ସୃଷ୍ଟି ହୋଇଥିବା ସ୍ଥାନରେ ସିମେଣ୍ଟ ପ୍ଲାଷ୍ଟର କରିଥିବା ବେଳେ ପରିଚୟ ଗୃହଟି କାର୍ଯ୍ୟକ୍ଷମ ନହେଣୁ ଏପରି ଅବସ୍ଥା ହୋଇଥିବା ବେଳେ ନବ ନିର୍ମିତ ଗୃହର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଉକ୍ତ ପ୍ରକଳ୍ପ ନିକଟରେ କାର୍ଯ୍ୟ ସମ୍ପର୍କିତ ସୂଚନା ଫଳକଟିଏ ଲଗା ଯାଇ ନ ଥିବାବେଳେ କାର୍ଯ୍ୟର ମାନ ତଦାରଖ କରିବା ନିମନ୍ତେ କନିଷ୍ଠ ଯନ୍ତ୍ରୀ ନତୁବା ସହକାରୀ ଯନ୍ତ୍ରୀ କେହି ହେଲେ ଘଟଣାସ୍ଥଳକୁ ଯାଇ ନ ଥିବା ୱାର୍ଡବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳଙ୍କୁ ପଚାରିବାରେ ଅଭିଯୋଗ ପାଇବା ପରେ ଏହାର ତଦାରଖ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲଣି ସେ କହିଛନ୍ତି।

ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଧୀଶକ୍ତି ପରୀକ୍ଷା

ଖଣ୍ଡପଡ଼ା,୯।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ସ୍ଥିତ ଏକ କୋଚିଂ ସେଣ୍ଟର ପରିସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଗୁଣାତ୍ମକ ଶିକ୍ଷାର ବିକାଶ ନିମନ୍ତେ ଏକ ଧୀଶକ୍ତି ବିକାଶ କାର୍ଯ୍ୟକ୍ରମର ପ୍ରୟାସ ଜାରି ରହିଛି। କଣ୍ଟିଲୋସ୍ଥିତ ନାରାୟଣୀ କୋଚିଂ ସେଣ୍ଟର ପକ୍ଷରୁ ଦୀର୍ଘ ୬ ବର୍ଷ ଧରି ୫ ଶହରୁ ଊର୍ଦ୍ଧ୍ୱ କଳା ଓ ବିଜ୍ଞାନ ଯୁକ୍ତ ୨ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରାଯାଉଛି। ଚଳିତବର୍ଷ ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ବିଭିନ୍ନ ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଏକ ସ୍ୱତନ୍ତ୍ର ଢଙ୍ଗରେ ଅନୁଷ୍ଠାନ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ଏହି ଅବସରରେ କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳର କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ, କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବଡବାଣପୁର ବସନ୍ତ କୁମାର ବିଦ୍ୟାପୀଠ, ମାଧପୁର ଉଚ୍ଚ ବିଦ୍ୟାଳୟ, ସିଧାମୂଳା ଗୋକୁଳାନନ୍ଦ ଜୀଉ ବିଦ୍ୟାପୀଠ, ବେଣାଗାଡ଼ିଆ ସାତଗାଁ ହାଇସ୍କୁଲ, ବଳରାମପ୍ରସାଦସ୍ଥିତ କୃଷ୍ଣ ଗୌରାଙ୍ଗ ମେମୋରିଆଲ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ୧୪୮ ଜଣ ଛାତ୍ରୀଛାତ୍ରମାନଙ୍କୁ ନେଇ ଧୀଶକ୍ତି (ଟ୍ୟାଲେଂଟ ସର୍ଚ୍ଚ) ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ କୃତ କାର୍ଯ୍ୟ ହୋଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ଆସନ୍ତା ୧୪ ତାରିଖ ସମ୍ପୃକ୍ତ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ସମ୍ମାନୀତ କରାଯିବ ବୋଲି ଅନୁଷ୍ଠାନର କର୍ତ୍ତୃପକ୍ଷ ରାଜେଶ କୁମାର ଦାସ ସୂଚନା ଦେଇଛନ୍ତି।

Classified Everyday
0674-2580101, 2549949

MATRIMONIAL

BRIDE WANTED

For Hindu MBBS Doctor boy, 41, bride relocate Maharashtra, call 8329865948, 8378050149. D-2184

Brahmin boy SBI PO/32+ B.Tech/Railway Engineer, Bhubaneswar. 9938199964. D-2227

GROOM WANTED

Sambalpur-Based Bengali Kayastha girl 26/5'4 MBA-KIIT in US-MNC-Bglr seeks Bengali general boy MBA 9889031493. D-2200

Wanted qualified Odia Groom of any caste Service/Business 35-40Yrs. for a beautiful bride Ph.D. continue Bhubaneswar. 8917585202. D-74315

58 ବୟସ୍କା Retd. କରିଥିବା ଖଣ୍ଡାୟତ ଜାତିର ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ। 9040735426. D-2201

61 ବୟସ୍କା Retd. କରିଥିବା ଖଣ୍ଡାୟତ ଜାତିର ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ।(Urgent need). (9040735429). D- 2202

Age-34, Government Job Divorcee ଏକୁଟିଆ ରହୁଥିବା ବ୍ରାହ୍ମଣ ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଦରକାର। 8658267680. D-2230

Government Teacher ବୟସ 32 ଏକୁଟିଆ ରହୁଥିବା Divorcee ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ଘରଜ୍ୱାଇଁ ଆବଶ୍ୟକ। 9124021207. D-71383

REAL ESTATE

SALE

Duplex sale at Bhubaneswar @ 57 lakhs only. Contact: 9777433701. D-75294

ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ଫ୍ଲାଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 7504861292. D-75292

Ready to move luxurious flat for sale at Acharya Vihar. Contact- 9437307086, 7978209277. D-2190

ପାତ୍ରପଡ଼ା NHରୁ 400 mtr. ବ୍ରହ୍ମକୁମାରୀ ଆଶ୍ରମକୁ ଲାଗି 30ft. Road, Eelctric, Water ଥାଇ Sqft. 2600/- ରେ ଫ୍ଲାଟ୍ କିଣନ୍ତୁ। 7788888879, 8249034529. D-75291

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 3,60,000/-, ଛତାବର- 1200sqft.- 6,00,000/-. 9348232008. D-75289

Positively health benefits SPA expert therapist at Nayapalli. Contact: 7846814019. D-75187

Newly open SPA positively health benefits with expert therapist. 9938843929. D-75184

Relax, Refresh your Body, Mind at Saikrupa Spa with best therapies. 8984068077. D-2209

Mesmerizing, energetic body, mind qualitative relaxing massage experienced therapists. 7325907905. D-67127

Newly open SPA positively health benefits (expert therapist). Contact: 9124527170. D-75188

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

I, Subhashree Das, D/o-Umesh Chandra Das resident of Ward No.9, DHPLS Residency, P O-Mancheswar Railway Colony, P.S.-Mancheswar, Bhubaneswar, District.-Khurda, PIN-751017, Odisha declare by this affidavit SL No. 13 dtd.05.01.2024 that now onward I shall be known as Subhashree Pattnayak for all future purposes. D-2222

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

ମନେ ପଡ଼ନ୍ତି
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଫକୀର ମୋହନ ମହାପାତ୍ର
ଆବିର୍ଭାବ: ୦୨।୦୫।୧୯୨୯
ତିରୋଧାନ: ୦୧।୦୧।୨୦୨୪
ପୌଷମାସ କୃଷ୍ଣପକ୍ଷ ପଞ୍ଚମୀ
ବାପା ତୁମର ଅନୁପସ୍ଥିତି ସବୁ ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କର୍ତ୍ତବ୍ୟନିଷ୍ଠା ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିବ। ଆଜି ତୁମର ଦଶାହରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ ସୁଲୋଚନା, ପୁତ୍ର, ପୁତ୍ରବଧୂ, ନାତି ଓ ନାତୁଣୀମାନେ।
ଧ-9999

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ସଂକ୍ଷେପରେ

ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ଧର୍ମଶାଳା,୯।୧(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ୧୬ ନଂ.ଜାତୀୟ ରାଜପଥ ନେଉଳପୁର ନିକଟରେ ସୋମବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ରାଉରକେଲା ସେକ୍ଟର-୧ ଚିନ୍ମୟ ସାହୁ (୨୬) । ଚିନ୍ମୟ ବାଇକ୍(ନଂ.ଓଡି- ୧୪ ଏସି-୮୦୮୩)ରେ ଯାଜପୁରରୋଡରୁ କୌଣସି କାମରେ ଭୁବନେଶ୍ୱର ଯାଉଥିବା ବେଳେ ରାତି ପ୍ରାୟ ୨ ଟା ସମୟରେ ୧୬ନଂ. ଜାତୀୟ ରାଜପଥର ନେଉଳପୁର ନିକଟରେ ଏକ ଟ୍ରକ(ନଂ.ଏପି-୩୯-ଭି- ୮୬୫୨)ତାଙ୍କୁ ସାଇଡ୍ ମାରିଥିଲା। ଫଳରେ ସେ ରାସ୍ତା କଡରେ ଗୁରୁତର ଅବସ୍ଥାରେ ପଡି ରହିଥିଲେ । ସ୍ଥାନୀୟ ଲୋକେ ଦେଖି ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅଭିଯୋଗ ପାଇ ପୋଲିସ ଏକ ମାମଲା(ନଂ.୨୭/୨୪) ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି ।

ଆଜିଠୁ ସୁନ୍ଦରିଆ କ୍ରିକେଟ୍ ଲିଗ୍

ଧର୍ମଶାଳା,୯।୧(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ସୁନ୍ଦରିଆ ନିଉ ଲାଇଫ୍ କ୍ଲବ ପକ୍ଷରୁ ୨୯ତମ ସୁନ୍ଦରିଆ କ୍ରିକେଟ୍ ଲିଗ୍ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ସପ୍ତସାଗର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ରେ ପ୍ରତିବର୍ଷ ପରି ଚଳିତବର୍ଷ କିପରି ଶୃଙ୍ଖଳିତ ଭାବେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା । ୧୦ ତାରିଖରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହୋଇ ୧୫ରେ ଉଦ୍‌ଯାପିତ ହେବ। ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଏହି ଟୁର୍ନାମେଣ୍ଟର ଆୟୋଜନ କରାଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିବେ। ପ୍ରସ୍ତୁତି ବୈଠକରେ ମାର୍କଣ୍ଡ ଦାସ, ଅଶୋକ ବିଶ୍ୱାଳ, ଆମ୍ବଦ୍ ସାମଲ, ସ୍ୱାଗତ ଦାସ,ଶ୍ରୀକାନ୍ତ ଦାସ ଓ ଚିତ୍ତରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ।

ଦେଶୀ ମଦ ଜବତ, ଜଣେ ଗିରଫ

ପାଣିକୋଇଲି,୯।୧(ବିକାଶ କୁମାର ମଲିକ)

ପାଣିକୋଇଲି ଥାନା ପୋଲିସ ମଙ୍ଗଳବାର ଜଣେ ଦେଶୀ ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପାଣିକୋଇଲି ଥାନା ଶଙ୍ଖଚିଲା ଫାଣ୍ଡି ଅଧୀନ ବଡବିରୁହାଁ ପଞ୍ଚାୟତ ସୋଲପଟା ଗ୍ରାମ ଛକରେ ଦେଶୀ ମଦ ବିକ୍ରିର ଖବର ପାଇ ପୋଲିସ ସୋମବାର ସନ୍ଧ୍ୟାରେ ଚଢ଼ାଉ କରିଥିଲା। ସେଠାରୁ ସୋଲପଟା ଗ୍ରାମର ମଦ ବ୍ୟବସାୟୀ ଦୁର୍ଯ୍ୟୋଧନ ମଲିକଙ୍କୁ ଗିରଫ କରାଯାଇଥିଲା । ତାଙ୍କ ପାଖରୁ ଏକ ଜାରରେ ଥିବା ୬ ଲିଟର ଦେଶୀ ମଦ ଜବତ କରାଯାଇଛି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧୫/୨୪)ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ନାବାଳିକା ଅପହରଣ ଅଭିଯୋଗ

ପାଣିକୋଇଲି,୯।୧(ବିକାଶ କୁମାର ମଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ଗ୍ରାମର ଜଣେ ନାବାଳିକା(୧୪)ଙ୍କୁ ଗତ ୭ ତାରିଖରେ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି । ସଙ୍ଗମ ଗ୍ରାମର ମେଘନାଦ କାମୁଡିଆ ତାଙ୍କୁ ଅପହରଣ କରିଥିବା ଏତଲାରେ ଦର୍ଶାଯାଇଛି । ଏନେଇ ଏକ ମାମଲା (ନଂ.୧୪/୨୪) ରୁଜୁ ହୋଇଛି। ପୋଲିସ ତଦନ୍ତ ଜାରି ରଖିଛି

ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦେଲେ ୨୩୯ ଛାତ୍ରୀଛାତ୍ର

ଯାଜପୁର ସଦର,୯।୧(ସମର ବିଜୟ ଶରଣ):

ଯାଜପୁର ବ୍ଲକ ଜମଧର ପଞ୍ଚାୟତରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୨୦୨୪-୨୦୨୫ ଶିକ୍ଷାବର୍ଷ ନିମନ୍ତେ ପ୍ରବେଶିକା ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ଯାଜପୁର ବ୍ଲକରେ ଥିବା ଏକମାତ୍ର ଆଦର୍ଶ ବିଦ୍ୟାଳୟରେ ହୋଇଥିବା ପ୍ରବେଶିକା ପରୀକ୍ଷାରେ ୨୫୪ ଛାତ୍ରୀଛାତ୍ର ନିଜର ନାମ ପଞ୍ଜୀକୃତ କରିଥିଲେ । ସେଥିମଧ୍ୟରୁ ୨୩୯ ଜଣ ପରୀକ୍ଷା ଦେଇଥିଲେ । ୧୫ ଜଣ ଅନୁପସ୍ଥିତ ଥିବା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଦିଲୀପ କୁମାର ସାହୁଙ୍କଠାରୁ ପ୍ରକାଶ। ଏହି ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି ବୋଲି ପର୍ଯ୍ୟବେକ୍ଷକ ଗୋଲକ ଚନ୍ଦ୍ର ସାହୁ କହିଛନ୍ତି ।

ସରକାରୀ ଜମିରୁ ଗଛକଟାକୁ କେନ୍ଦ୍ରକରି ହତ୍ୟାକାଣ୍ଡ:୨ଗିରଫ

ବରୀ,୯।୧(ମହେନ୍ଦ୍ର ସ୍ୱାଇଁ)

ସୋମବାର ସରକାରୀ ଜମିରେ ଥିବା ଗଛ କଟାକୁ କେନ୍ଦ୍ର କରି ୨ଜଣଙ୍କ ମଧ୍ୟରେ ହୋଇଥିବା ବଚସା ଉଗ୍ରରୂପ ଧାରଣ କରିଛି । ଏହି ଘଟଣାକୁ କେନ୍ଦ୍ର କରି ଏକ ହତ୍ୟାକାଣ୍ଡ ଘଟିଛି । ଏହି ଘଟଣାରେ ପୋଲିସ ଅମରେଶ ପରିଡ଼ା(୩୨) ଓ ବିକାଶ ପରିଡ଼ା(୩୮),ଶ୍ରୀନିବାସ ଜେନା(୪୮)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି ।

ସୂଚନା ଅନୁଯାୟୀ, ଯାଜପୁର ଜିଲା ବରୀ ବ୍ଲକ୍ ଅଧୀନ ଅଟିରା ପଞ୍ଚାୟତ ଅରୁଆଳ ଗ୍ରାମର ସୁବାସ ଜେନା ଓ ଶ୍ରୀନିବାସ ଜେନା ସରକାରୀ ଜାଗାରେ ଥିବା ଗଛ କଟାକୁ ନେଇ ବରୀ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଭିତ୍ତିକରି ବରୀ ତହସିଲଦାର ରାଜସ୍ୱ ନିରୀକ୍ଷକଙ୍କୁ ଘଟଣାସ୍ଥଳ ପରିଦର୍ଶନ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯାଇ ମାପଚୁପ ପର୍ଯ୍ୟନ୍ତ କଟା ଯାଇଥିବା ଗଛ ନ ଉଠାଇବାକୁ ଉଭୟ ପକ୍ଷଙ୍କୁ କହିଥିଲେ। ମାତ୍ର ଏହି ଘଟଣାକୁ କେନ୍ଦ୍ର କରି ଉଭୟ ପରିବାର ମଧ୍ୟରେ ଆକ୍ରମଣ ପ୍ରତି ଆକ୍ରମଣ ଘଟିଥିଲା । ଏଥିରେ ଉଭୟ ପକ୍ଷ ଆହତ ହୋଇଥିଲେ। ସୁବାସ ଜେନାଙ୍କ ଅବସ୍ଥା ଗୁରୁତର ହେବାରୁ ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏହାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗ୍ରାମବାସୀ ମୃତଦେହକୁ ଶୋଭାଯାତ୍ରାରେ ନେଇ ସେହି ବିବାଦୀୟ ସ୍ଥାନରେ ସତ୍କାର କରିଛନ୍ତି । ଗାଁରେ ଉତ୍ତେଜନା ଲାଗି ରହି ଥିବାରୁ ବରୀ ଥାନା ଅଧିକାରୀ ପ୍ରକାଶ କୁମାର ସାହୁଙ୍କ ସମେତ ଥାନାର ଅନ୍ୟ କର୍ମଚାରୀମାନେ ମୁତୟନ ହୋଇଛନ୍ତି । ଅପର ପକ୍ଷେ ମୃତକଙ୍କ ପରିବାରର ଆକ୍ରମଣର ଶିକାର ହୋଇଥିବା ପୀତବାସ ପରିଡ଼ା, ବିକାଶ ପରିଡ଼ା ଓ କାହ୍ନା ପରିଡ଼ା ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ମୃତକଙ୍କ ଭାଇ ଶ୍ରୀନିବାସ ଜେନା ବରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୦/୨୪)ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

ଛାତ୍ରୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି ।

କାଳିଆପାଣି,୯।୧(ଅସିତ ମହାନ୍ତ)

ସୌରୀକ ଯୁବ ମହୋତ୍ସବର ଦ୍ୱିତୀୟ ଦିବସରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ,ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧିର ଏହି କାର୍ଯ୍ୟକ୍ରମତକୁ ଉଦଘାଟନ କରିଥିଲେ । ପ୍ରଥମାଦ୍ଧରେ ଇଙ୍ଗାର ପ୍ରଶାସନିକ ଅଧିକାରୀ ମିଲନ କର, ଜିନ୍ଦଲର ଅଧିକାରୀ ଶକ୍ତି ପ୍ରସାଦ ବିଶ୍ୱାଳ,କାଳିଆପାଣି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ରାଣୀ ଜେନା, କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟ ବଂଶୀ ତ୍ରିପାଠୀ ବିଚାରକ ଭାବେ ପରିଚାଳନା କରିଥିଲେ।

ସୌରୀକ ଯୁବ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

ଅପରାହ୍ନରେ ସ୍ଥାନୀୟ ପିଲାମାନଙ୍କ ଦ୍ୱାରା ସମ୍ବଲପୁରୀ, ଓଡ଼ିଶୀ , ଆଧୁନିକ ଡ୍ୟାନ୍ସ ପ୍ରଦର୍ଶିତ ହୋଇଥିଲା । ସନ୍ଧ୍ୟାରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ଯୋଗ ଦେଇଥିଲେ । ନାରାୟଣ ଚନ୍ଦ୍ର ଧିରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଘଡେଇ ଉଦ୍‌ବୋଧନ ଦେଇ ୨୪ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ମାନିତ କରି ଦେଶ ବିକାଶରେ ଗୁରୁମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ରାଜ୍ୟସଭା ସଦସ୍ୟା ସୁଲତା ଦେଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ବିଜେଡି ଯାଜପୁର ଜିଲା ଉପସଭାପତି ବିଦ୍ୟାଧର ପାତ୍ର ,ପୂର୍ବତନ ଅଧ୍ୟକ୍ଷ ଆଲୋକ ପାତ୍ର , ଭଗବତୀ ମହାନ୍ତ, ଜିଲା ପରିଷଦ ସଭ୍ୟା ଜେମା ଚାଖି, ପ୍ରଭାତ ପ୍ରଧାନ ଆଦି ଅତିଥିଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ସନ୍ଧ୍ୟାରେ ଆୟୋଜିତ ମନୋରଞ୍ଜନ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ସ୍ୱୟଂ ପାଢ଼ୀ ଓ ଅନ୍ତରା ଚକ୍ରବର୍ତ୍ତୀ, ହାସ୍ୟାଭିନେତା ଟୁକୁନା ଷ୍ଟାଇଲିସ, ଶୁଭାଶିଷ, ଶିବାନୀ, ଟିଭି ତାରକା ସ୍ମୃତି ରେଖା,ରଞ୍ଜନ ଓ ଅମିତ ନାୟକଙ୍କ ନୃତ୍ୟରେ ଦର୍ଶକ ମତୁଆଲା ହୋଇଥିଲେ ।

ଲୋକନୃତ୍ୟର ମଜା ଉଠାଇଲେ ଦର୍ଶକ

ବଡ଼ଚଣା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଚଣ୍ଡିଖୋଲ,୯।୧(ପ୍ରଦୀପ୍ତ କୁମାର ପୃଷ୍ଟି)

ବଲାଙ୍ଗୀରର କଳାକାରମାନେ ଲୋକ ନୃତ୍ୟ ପ୍ରଦର୍ଶନ କରୁଛନ୍ତି ।

ସୋମବାର ଆରମ୍ଭ ହୋଇଛି ବଡ଼ଚଣା ମହୋତ୍ସବ। ଚଳିତ ବର୍ଷ ୮ମ ବର୍ଷ ରେ ପଦାର୍ପଣ କରିଥିବା ମହୋତ୍ସବକୁ ପର୍ଯ୍ୟଟନ,ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର,ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଓ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଯୋଗଦେଇ ଉଦଘାଟନ କରିଥିଲେ। ମଙ୍ଗଳବାର ମହୋତ୍ସବ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ବଲାଙ୍ଗୀରର ଲୋକ କଳା ନାଟ୍ୟ ପରିଷଦ ପକ୍ଷରୁ ହୋଇଥିବା ନୃତ୍ୟ ଓ ଅଭିନୟ ବେଶ ଦର୍ଶକମାନଙ୍କୁ ବହୁ ସମୟ ଧରି ବାନ୍ଧି ରଖିଥିଲା । ୫ ଦିନ ଧରି ଚାଲିବାକୁ ଥିବା ମହୋତ୍ସବ ମଞ୍ଚରେ ଦୈନିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ସ୍ଥାନୀୟ ବଡ଼ଚଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ ସଙ୍ଗୀତ ପରିବେଷଣ କରିଥିଲେ। ସ୍ଥାନୀୟ ଉଦୀୟମାନ କଳା ପରିଷଦ ମଧ୍ୟ ଲୋକନୃତ୍ୟ ଓ ସଙ୍ଗୀତ ପରିବେଷଣ କରିବ ବୋଲି ସୂଚନା ମିଳିଛି। ମହୋତ୍ସବ ପଡ଼ିଆରେ ବହୁ ଅସ୍ଥାୟୀ ବ୍ୟବସାୟୀ ସେମାନଙ୍କର ବ୍ୟବସାୟ ପ୍ରତିଷ୍ଠାନ ଖୋଲିଛନ୍ତି। ଦୁଇ ଦିନ ହେବ ମହୋତ୍ସବ ପଡିଆ ସେତେ ଗହଳି ଲାଗି ନ ଥିଲେ ମଧ୍ୟ ଆସନ୍ତା ୩ ଦିନ ବେଶ ସରଗରମ ଗହଳି ହେବ ବୋଲି ବ୍ୟବସାୟୀମାନେ ଆଶା ରଖିଛନ୍ତି।

ଖରସ୍ରୋତା କଲେଜରେ ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ଯୁବ ଓଡ଼ିଶା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ସିଂହପୁର,୯।୧(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ଅଧୀନ ସିଂହପୁର ଖରସ୍ରୋତା ମହାବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଂସ୍କୃତିକ, ସାମାଜିକ କାର୍ଯ୍ୟକ୍ରମ ସହିତ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଉଦ୍‌ଯାପନୀ ଦିବସରେ କଲେଜର ଅଧକ୍ଷ ଘନଶ୍ୟାମ ଜେନାଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବାଚସ୍ପତି ପ୍ରମିଳା ମଲିକ, ସମ୍ମାନୀତ ଅତିଥି ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ବିଞ୍ଝାରପୁର ବ୍ଲକ ଅଧକ୍ଷା ରଞ୍ଜିତା ଦାସ, କଲେଜ ପରିଚାଳନା କମିଟି ସଭାପତି ପ୍ରମୋଦ ସାହୁ, ସାଂସ୍କୃତିକ ସଂଯୋଜକ ଅଧ୍ୟାପକ ଗଗନ ବିହାରୀ ବେହେରା, ସାମାଜିକ କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, କ୍ରୀଡା ସଂଯୋଜକ ଅଧ୍ୟାପକ ଡ. ସୁବାସ ଚନ୍ଦ୍ର ସାହୁ, ଯୁବ ଓଡ଼ିଶା କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ମିହିର ରାଉତ ସହ ସଂଯୋଜକ ଦୀପ୍ତିରଞ୍ଜନ ସେନାପତି, ସାଂସ୍କୃତିକ ଉପ ସଭାପତି ପ୍ରଧାପକ ଶ୍ରୀକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସରକାରଙ୍କ ଏହି କାର୍ଯ୍ୟକ୍ରମ ଯୁବଶକ୍ତି ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳୀ ଓ ସୁପ୍ତ ପ୍ରତିଭାର ପରିପ୍ରକାଶ ହୋଇପାରିବ ବୋଲି ଅତିଥିମାନେ ମତ ରଖିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

ବିଧାୟକଙ୍କ ଚରିତ୍ର ସଂହାର କରିଥିବା ଯୁବକ ଗିରଫ

ଧର୍ମଶାଳା,୯।୧(ବଟକୃଷ୍ଣ ପରିଡ଼ା):

ସୋସିଆଲ ମିଡ଼ିଆରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଲବନ୍ତରାୟଙ୍କ ଚରିତ୍ର ସଂହାର କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡିଛି । ସୂଚନା ମୁତାବକ ନାଉପାଳ ଗ୍ରାମର ମନୋଜ ପଲେଇ (୨୬) ୨ ଦିନ ତଳେ ଫେସ୍‌ବୁକରେ ଲାଇଭରେ ଆସି ବିଧାୟକ ବଲବନ୍ତରାୟଙ୍କ ଚରିତ୍ର ସଂହାର କରିବା ସହିତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏନେଇ ବିଧାୟକଙ୍କ ଜଣେ ସମର୍ଥକ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୋଲିସ ସୋମବାର ରାତିରେ ମନୋଜଙ୍କୁ ଗିରଫ କରିଛି । ଏନେଇ ଏକ ମାମଲା(ନଂ.୨୪/୨୪) ରୁଜୁ କରି ମନୋଜଙ୍କୁ ମଙ୍ଗଳବାର ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି ।

ବ୍ୟବସାୟୀଙ୍କ ପରଲୋକ

କାଏମା,୯।୧(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ ବଡ଼କାଏମା ପଞ୍ଚାୟତ ଲକ୍ଷ୍ମୀସାହି ଗ୍ରାମର ବ୍ୟବସାୟୀ ଚିନ୍ତାମଣି ପ୍ରଧାନଙ୍କ ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୮୧ବର୍ଷ ବୟସ ହୋଇଥିଲା । ସେ ଶ୍ୱାସ ଜନିତ ରୋଗରେ ପୀଡ଼ିତ ଥିଲେ । ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାଏ, ସ୍ଥାନୀୟ ସରପଞ୍ଚ,ସ୍ୱାଭିମାନ ମଞ୍ଚର ସଦସ୍ୟ ବୃନ୍ଦ ଏବଂ ବ୍ୟବସାୟୀମାନେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ।

ଷଣ୍ଢ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

ଧର୍ମଶାଳା,୯।୧(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଦେଓଦା ଗ୍ରାମରେ ବୁଲା ଷଣ୍ଢ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଦେଓଦା ଗ୍ରାମର ଅଲେଖ ମଲିକ । ଶନିବାର ସକାଳେ ସେ ନିଜ ବାଡିରେ କାମ କରୁଥିଲେ । ଏହି ସମୟରେ ଏକ ବୁଲା ଷଣ୍ଢ ବାଡିକୁ ପଶି ଆସିଥିଲା । ଏହା ଦେଖି ସେ ଗୋଡ଼ାଇବାରୁ ଷଣ୍ଢ ତାଙ୍କୁ ଆକ୍ରମଣ କରିଥିଲା । ପରିବାର ଲୋକେ ଅଲେଖଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଧର୍ମଶାଳା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତେବେ ଦେଓଦା ଗ୍ରାମରେ ବୁଲା ଷଣ୍ଢଟି ଦୀର୍ଘ ୨ ମାସ ହେଲା ଉତ୍ପାତ ଜାରି ରଖିଥିବା ବେଳେ ଫସଲ ଓଜାଡିବା ସହ ୭ରୁ ୮ ଜଣ ଲୋକଙ୍କୁ ମାରି ଘାଇଲା କରିଛି। ତାକୁ ଧରିବାକୁ ଗ୍ରାମବାସୀ ଉଦ୍ୟମ କରି ବିଫଳ ହେବା ପରେ ବନବିଭାଗ ଓ ପୋଲିସକୁ ଏସମ୍ପର୍କରେ ଅବଗତ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା । ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲେ ତେବେ ଆଜି ଜଣଙ୍କର ଜୀବନ ବଞ୍ଚିଯାଇପାରିଥାନ୍ତା ବୋଲି ଗ୍ରାମବାସୀ କହିଛନ୍ତି ।

ଅଧାରୁ ଅଟକିଲା ବ୍ଲକ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ ଉତ୍ସବ

ବରୀ,୯।୧ (ମହେନ୍ଦ୍ର ସ୍ୱାଇଁ)

ଅମ୍ପାୟରଙ୍କ ନିଷ୍ପତ୍ତିକୁ ବିରୋଧ କରି ଉତ୍ତେଜନା

ବିଶୃଙ୍ଖଳା ଯୋଗୁ ସ୍ଥାନୀୟ ବାଲିଆପାଳ ବିଧାନ ଚନ୍ଦ୍ର ଏକାଡେମୀ ଖେଳ ପଡ଼ିଆରେ ଚାଲିଥିବା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିର ଉଦ୍‌ଯାପନୀ ଉତ୍ସବ ଅଧାରୁ ବନ୍ଦ ହୋଇଛି । ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଛି ।

ସୂଚନା ଅନୁଯାୟୀ, ମଙ୍ଗଳବାର ଉକ୍ତ କ୍ରୀଡ଼ା ପ୍ରତିଯୋଗିତାର ଫାଇନାଲ କ୍ରିକେଟ୍ ମ୍ୟାଚ୍ ଧାରପୁର ଓ ଉଦୟନାଥପୁର ପଞ୍ଚା

ସଂକ୍ଷେପରେ

୧୩ରେ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ

ଭୁବନେଶ୍ୱର,୯।୧: ପୁରାତନ ଛାତ୍ର ସଂସଦ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚ ବିଦ୍ୟାଳୟ, ଦୋହଳା, ଦାନପୁର, କେନ୍ଦ୍ରାପଡ଼ାର ବାର୍ଷିକ ଉତ୍ସବ ୧୩।୧।୨୪ (ଶନିବାର) ଏହି ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ଦିବା ୯ ଘଟିକାରୁ ଆରମ୍ଭ ହୋଇ ଅପରାହ୍ନ ୫ ଟାରେ ସମାପନ କରାଯିବ। ଏହି ବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ର ଓ ଛାତ୍ରୀମାନଙ୍କୁ ଏହି ଉତ୍ସବରେ ବିପୁଳ ସଂଖ୍ୟାରେ ଯୋଗଦାନ କରିବାକୁ ସଂସଦର ସମ୍ପାଦକ ନାରାୟଣ ଚକ୍ରବର୍ତ୍ତୀ ନିବେଦନ କରିଛନ୍ତି।

୧୧ରେ ରାଜ୍ୟସ୍ତରୀୟ ରାସାୟନିକ ଦୁର୍ଘଟଣା ମକ୍‌ଡ୍ରିଲ

୧୦ ଜିଲାର ଶିଳ୍ପ ସଂସ୍ଥା ଭାଗ ନେବେ

ପାରାଦୀପ,୯।୧(ଶରତ ରାଉତ)

ଜାତୀୟ ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ରାସାୟନିକ ଦୁର୍ଘଟଣା ମୁକାବିଲା ନିମନ୍ତେ ରାଜ୍ୟସ୍ତରୀୟ ମକ୍‌ଡ୍ରିଲ ହେବ। ଏ ନେଇ ମଙ୍ଗଳବାର ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତସିଂହପୁର ଜିଲାର ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ ଉପସ୍ଥିତ ଥିଲେ। ଆସନ୍ତା ୧୧ରେ ପାରାଦୀପର ୪ଟି ବୃହତ ଶିଳ୍ପ ପକ୍ଷରୁ ଏହି ମକଡ୍ରିଲ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେତେବେଳେ ଜିଲାର ସମସ୍ତ ସୁରକ୍ଷା ନିରାପତ୍ତା ବିଭାଗ ସହ ୪ ଶିଳ୍ପ ସଂସ୍ଥାର ସେଫ୍ଟି ଟିମ୍ ଏହାକୁ ପରିଚାଳନା କରିବେ। ସେହି ୪ ଶିଳ୍ପ ହେଲେ ପାରାଦୀପ ବନ୍ଦର, ପିପିଏଲ୍, ଇଫ୍‌କୋ ଓ ଆଇଓସିଏଲ। ସେହିପରି ଓଡ଼ିଶାର ଶିଳ୍ପ ଥିବା ୧୦ଟି ଜିଲା ହେଲା ଅନୁଗୋଳ, ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, ଜଗତସିଂହପୁର, ଖୋର୍ଦ୍ଧା, ମୟୂରଭଞ୍ଜ, ରାୟଗଡା ଓ ସୁନ୍ଦରଗଡ। ସେଠାରେ ଥିବା ଶିଳ୍ପଗୁଡ଼ିକରେ ମଧ୍ୟ ଏହିଶ୍‌ଭଳି ମକ୍‌ଡ୍ରିଲ ହେବ।

୨୨ରେ ବୁଲିବ ଜୟରାଷ୍ଟ୍ରର ଶ୍ରୀରାମ ରଥ

କେନ୍ଦ୍ରାପଡା, ୯।୧ (ଜଗନ୍ନାଥ ଧଳ)

ଆସନ୍ତା ୨୨ ତାରିଖରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅଯୋଦ୍ଧାରେ ହେବ। ଏହି ଦିନ ଶ୍ରୀରାମ ରଥ କେନ୍ଦ୍ରାପଡ଼ା ଜିଲାରେ ବୁଲିବ ବୋଲି ଜୟରାଷ୍ଟ୍ର ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଆବାହକ ମାତୃଦତ୍ତ ମହାନ୍ତି କହିଛନ୍ତି ଯେ, ଜୟରାଷ୍ଟ୍ରର ଶ୍ରୀରାମ ରଥ ଜିଲାର ବିଭିନ୍ନ ଅଞ୍ଚଳରେ ବୁଲିବା ପାଇଁ ଏକ ପ୍ରସ୍ତୁତି ବୈଠକ କେନ୍ଦ୍ରାପଡ଼ା ବ୍ଲକ କୋରୋସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ନିଷ୍ପତ୍ତି ଅନୁଯାୟୀ ପାଳକଣା ନିମ୍ବଦାରୁ ରାମ ମନ୍ଦିରରୁ ଏହି ରଥ ବାହାରିବ। ସଙ୍ଗଠନ ପକ୍ଷରୁ ସେହିଦିନ ସକାଳ ସମୟରେ ନଗର ସଙ୍କୀର୍ତ୍ତନ, ଗୋପସ୍ଥିତ ରାମ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ବୃକ୍ଷରୋପଣ କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ କୋର ଜଗନ୍ନାଥ ମନ୍ଦିର ପରିସରରେ ସମୂହ ହନୁମାନ ଚାଲିସା ପଠନ, ଗୋପୂଜନ, ହୋମ ଯଜ୍ଞ ଅନୁଷ୍ଠିତ ହେବ। ଏଥିରେ ସମସ୍ତେ ସାମିଲ ହେବାକୁ ଜୟରାଷ୍ଟ୍ରର ଆବାହକ ମହାନ୍ତି ସୂଚନା ଦେଇଛନ୍ତି। ପସ୍ତୁତି ବୈଠକରେ ଅଧ୍ୟାପକ ବୃନ୍ଦାବନ ଦାସ, ମଳୟ କୁମାର ସାହୁ, ପଦ୍ମଚରଣ ସୂତାର, ଜଗନ୍ନାଥ ମଲ୍ଲିକ ପ୍ରମୁଖ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

୧୯୮୭ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ପାଟକୁରା, ୯।୧(ରବୀନ୍ଦ୍ର ନାଥ ବାରିକ)

ଦୀର୍ଘ ୩୭ ବର୍ଷ ପରେ ଗରଦପୁର ବ୍ଲକର ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନ ବାଲ୍ଲା ବିହାରୀ ବିଦ୍ୟାପୀଠ ମାହାଳର ୧୯୮୭ ବ୍ୟାଚ୍‌ର ଛାତ୍ରୀଛାତ୍ର ସ୍ଥାନୀୟ ପ୍ରର୍ଯ୍ୟଟନ କ୍ଷେତ୍ର ଶୁକ ପରିକ୍ଷିତ ଆଶ୍ରମ କୁଦାନଗରୀଠାରେ ବନ୍ଧୁମିଳନ ଓ ବଣଭୋଜି ଅବସରରେ ଏକାଠି ହୋଇ ସୁଖ ଦୁଃଖ ବାଣ୍ଟିଥିଲେ। ଏହି ଅବସରରେ ପୂର୍ବତନ ଛାତ୍ର ସୁବାସ ସାମଲଙ୍କ ସଂଯୋଜନାରେ ପ୍ରଦୀପ ଲେଙ୍କା, କୃପାସିନ୍ଧୁ ପଣ୍ଡା, ପ୍ରଭାତ ଲେଙ୍କା, ବିଜୟ ଜେନା, ସନ୍ତାଷ ଜେନା, ଭଜନାନନ୍ଦ ନାୟକ, ମନ୍ଦାକିନୀ ସ୍ୱାଇଁ, ମମତା ମଞ୍ଜରୀ ନାୟକ, ରେଣୁବାଳା ସାମଲ, କବିତା ନାୟକ, ବିଦ୍ୟୁତଲତା ସାମଲ, ସଞ୍ଜୟ ନାୟକ, ମାନସ ସାମଲ, ବିରଜା ନାୟକଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ରହି ନିଜ ନିଜର କ୍ଷେତ୍ରରେ କାର୍ଯ୍ୟରତ ବିବରଣୀ ସହ ପରିବାର ସମ୍ପର୍କରେ ଆଲୋଚନା କରିଥିଲେ। ଏହାଛଡା କିପରି ବିଦ୍ୟାଳୟକୁ ଆଗେଇନେବା ସହ ବିଭିନ୍ନ କାର୍ଯ୍ୟକ୍ରମ ସୁନାମ ଅର୍ଜନ କରିପାରିବେ ସେନେଇ ଆଲୋଚନା ପରେ ପୂର୍ବତନ ଛାତ୍ର ଜୟନ୍ତ ପ୍ରସାଦ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

ଦିନରେ ପଲିଗନ ସର୍ଚ୍ଚ ଆପ୍, ରାତିରେ ପାରମ୍ପରିକ ପଦ୍ଧତିରେ ହେବ ଗଣନା

ରାଜନଗର, ୯।୧ (ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନ ଓ ଉଦ୍ୟାନ ବାହାରେ ପ୍ରବାହିତ ନଦୀ ନାଳଗୁଡ଼ିକରେ ଥିବା ବଉଳା କୁମ୍ଭୀରମାନଙ୍କ ଗଣନା ପାଇଁ ମଙ୍ଗଳବାର ବନ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ବୁଧବାରଠାରୁ ୧୨ ତାରିଖ ଯାଏ କୁମ୍ଭୀର ଗଣନା କରାଯିବ। ୧୩ ତାରିଖରେ ଗଣନା ପ୍ରକ୍ରିୟା ଶେଷ ହେବ। ସେଥିପାଇଁ ଜାନୁଆରୀ ୫ରୁ ୧୩ ତାରିଖ ଯାଏ ୯ ଦିନ ଧରି ଭିତରକନିକା ଜାତୀୟ ଉଦ୍ୟାନ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯାଇଛି। ପ୍ରତିବର୍ଷ କୁମ୍ଭୀର ଗଣନା ହେଉଥିବା ପାରମ୍ପାରିକ ପଦ୍ଧତି ସହ ପଲିଗନ ସର୍ଚ୍ଚ ମୋବାଇଲ ଆପରେ କୁମ୍ଭୀର ଗଣନା କରାଯିବାକୁ ସ୍ଥିର କରାଯାଇଛି। ଦିନରେ ପଲିଗନ ସର୍ଚ୍ଚ ଆପ୍ ଓ ରାତିରେ ପାରମ୍ପାରିକ ପଦ୍ଧତିରେ କୁମ୍ଭୀର ଗଣନା କରାଯିବ। ଦିନରେ ଖରା ପୋଇଁବା ଅବସ୍ଥାରେ ବଡ଼ କୁମ୍ଭୀର ଓ ରାତିରେ ସ୍ୱଷ୍ଟ ଲାଇଟ ମାଧ୍ୟମରେ ଛୋଟ କୁମ୍ଭୀର ଗଣନା କରାଯାଉଥିଲା। ଗତ ୨ବର୍ଷ ହେଲା ପଲିଗନ ସର୍ଚ୍ଚ ମାଧ୍ୟମରେ କୁମ୍ଭୀର ଗଣନା କରାଯାଉଛି। ଚଳିତବର୍ଷ କୁମ୍ଭୀର ଗଣନା ପାଇଁ ୨୨ଟି ଟିମ୍ ଗଠନ କରାଯାଇଛି। ପ୍ରତି ଟିମରେ ୪ଜଣ ଲେଖାଏ ବନ କର୍ମଚାରୀ ସାମିଲ ହୋଇଛନ୍ତି। ଭିତରକନିକା ଜାତୀୟ ଉଦ୍ୟାନ ଭିତରେ ୧୭ଟି ଟିମ୍ ଓ ଜାତୀୟ ଉଦ୍ୟାନ ବାହାରେ ୫ଟି ଟିମ୍ କୁମ୍ଭୀର ଗଣନା କରିବେ। ମଙ୍ଗଳବାର ଡାଙ୍ଗମାଳଠାରେ କୁମ୍ଭୀର ଗଣନାକାରୀ ବନକର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ, କୁମ୍ଭୀର ବିଷାରଦ ଡ. ସୁଧାକର କର, ଏସିଏଫ ଗଗନ ବିହାରୀ ମଲ୍ଲିକ, ବୈଜ୍ଞାନିକ ଭକ୍ତ ପ୍ରସାଦ ରଥ, ନିମାଇଁ ପଲାଇ, ରେଞ୍ଜ ଅଫିସର ମାନସ କୁମାର ଦାସ, ପ୍ରଦୋଷ କୁମାର ମହାରଣା ପ୍ରମୁଖ ଗଣନାକାରୀମାନଙ୍କୁ କିପରି କୁମ୍ଭୀର ଗଣନା କରାଯିବ ଓ ଏହି ଆପ ବ୍ୟବହାର କରାଯାଇ କୁମ୍ଭୀର ଗଣନା କରାଯିବ ସେ ନେଇ ପ୍ରଶିକ୍ଷଣ ଦେଇଥିଲେ। କୁମ୍ଭୀର ଗଣନା ପାଇଁ

ବନ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

ବଉଳା କୁମ୍ଭୀର ଗଣନା ପାଇଁ ପ୍ରଶିକ୍ଷଣ ଶିବିର

ଗଠନ କରାଯାଇଥିବା ଟିମ ଖୋଳାରୁ କଣ୍ଟଆଖାଇ ମାଉଥ୍, ଜେଠରୁ ପାଙ୍ଗଶାଳା ଓ ଖୋଳା ମାଉଥ୍, ଖୋଳା ମାଉଥ୍‌ରୁ ଚେକ୍‌ଗେଟ, ପତି ମାଉଥ୍ ରୁଗୋଖଣି, ବାଲିଯୋର, ଜୁଣାଯୋର, ବାଲିଯୋରୀ, ଧୋଧୋଇଆ କ୍ରିକ, ମହିଁଷାମୁଣ୍ଡା ମାଉଥ୍‌ରୁ କାଠୁଆ, କାଠୁଆମାଉଥ୍‌ରୁ ସାପୁଆମାଉଥ୍, ଥାନପତିମାଉଥ୍‌ରୁ ଚିନ୍ତାମଣିମହାନ୍ତି କ୍ରିକ, ଶୁଆଯୋର କ୍ରିକ, ଡାଙ୍ଗମାଳ ସ୍କିମରୁ ବାଙ୍କୁଆଳ ଓ ଭିତରକନିକା ଫରେଷ୍ଟ ବ୍ଲକ, ଜୟନଗରରୁ ଦୁର୍ଗାପ୍ରସାଦଡିଆ, ରାଜନଗରରୁ ଖୋଳା, ରାଜନଗରରୁ ବରୁଣେଇ, ଗୁପ୍ତିରୁ ଏକକୂଳା, ଗୁପ୍ତିରୁ ହଂସିଣା ବ୍ରିଜ, ବାଉଁଶଗଡ଼ ନଦୀରୁ ସୁନେଇରୂପେଇ ଓ ସାତଭାୟା କ୍ରିକ, ସାତଭାୟା କ୍ରିକରୁ ଚିଞ୍ଚିରିବେରି ଓ ଅଙ୍ଗାରି କ୍ରିକ, ବଗୁଳି, ପାପୁଲମାଉଥ୍‌ରୁ ଶାସନପେଟା ବଟ, କଣ୍ଟିରାପାଟିଆ ମାଉଥ୍‌ରୁ ପାଣିଆଖିଆ, ଗୋବରୀ, କଂସାରଡିଆ ଓ ଉତ୍ତରଖୋଳା କ୍ରିକ ଆଦି ନଦୀ ଓ ନାଳରେ କୁମ୍ଭୀର ଗଣନା କରାଯିବ। ପ୍ରତ୍ୟେକ ଟିମ ପାରମ୍ପାରିକ ପଦ୍ଧତି ସହ ମୋବାଇଲ ଆପରେ ଗଣନା କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଗତବର୍ଷ କୁମ୍ଭୀର ଗଣନା ରିପୋର୍ଟ ଅନୁଯାୟୀ ଭିତରକନିକାରେ ୧୭୯୩ କୁମ୍ଭୀର ରହିଛନ୍ତି।

୨୩୪ ପଞ୍ଜୀକରଣ, ୧୯୮ ଚିହ୍ନଟ

ରାଜନଗର, ୯।୧ (ଭାସ୍କର ରାଉତରାୟ)

ତାଳଗୁଆରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ରାଜନଗର ବ୍ଲକ ତାଳଗୁଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୨ୟ ଭୀମ ଭୋଇ ସାମର୍ଥ ଚିହ୍ନଟ ଓ ସହାୟକ ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ବେହେରା ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲି ପ୍ରିୟଦର୍ଶିନୀ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମିଶ୍ର, ତାଳଗୁଆ ସରପଞ୍ଚ ସ୍ୱର୍ଣ୍ଣଲତା ମଣ୍ଡଳ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଉପକରଣ ବଣ୍ଟନ କରିଥିଲେ। ଶିବିରରେ ଅସ୍ଥିଶଲ୍ୟ ବିଭାଗରେ ୧୦୩ଜଣ, ଶ୍ରବଣ ବାଧ୍ୟତରେ ୪୩ଜଣ, ମାନସିକ ଅନଗ୍ରସର ବିଭାଗରେ ୫୮ଜଣ, ଦୃଷ୍ଟି ବାଧ୍ୟତରେ ୩୦ଜଣ ମୋଟ ୨୩୪ଜଣ ଭିନ୍ନକ୍ଷମ ବ୍ୟକ୍ତି ନାମ ପଞ୍ଜୀକରଣ କରିଥିବା ବେଳେ ପରୀକ୍ଷା କରାଯାଇ ୧୯୮ଜଣଙ୍କୁ ଚିହ୍ନଟ କରାଯାଇଛି। ଏହି ଭିନ୍ନକ୍ଷମ ଶିବିରରେ ରାଜନଗର, କେନ୍ଦ୍ରାପଡ଼ା ଓ କଟକର ଡାକ୍ତର ବୀରେନ୍ଦ୍ର କୁମାର ଦାସ, ସତ୍ୟ ପ୍ରକାଶ ମହାପାତ୍ର, ସଞ୍ଜିତ କୁମାର ସେଠୀ, ଭାବତୋଷ ଘୋଷ, ବିଜୟ କୁମାର ଦାସ, ସତ୍ୟ ସୁନ୍ଦର ବିଶ୍ୱାଳ, ସଚ୍ଚିଦାନନ୍ଦ ନାୟକ ପ୍ରମୁଖ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକର ଶୀତଳ କୁମାର ଜେନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ହୃଷୀକେଶ ସେଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ପ୍ରାଥମିକ ବିଦ୍ୟାଳୟକୁ କମ୍ପ୍ୟୁଟର ପ୍ରଦାନ



ଏମ୍‌ଏନ୍‌ଏସ୍ ପକ୍ଷରୁ ବିଦ୍ୟାଳୟରେ କମ୍ପ୍ୟୁଟର ପ୍ରଦାନ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର।

ପାରାଦୀପ,୯।୧(ଶରତ ରାଉତ)

ଏଏମ୍‌ଏନ୍‌ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ) କମ୍ପାନୀ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ନୂଆଗଡ ପଞ୍ଚାୟତ ହାଣ୍ଡିଆ ଗ୍ରାମରେ ଥିବା ବିଜୟଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟକୁ ୩ଟି କମ୍ପ୍ୟୁଟର ଦିଆଯାଇଛି। ଏଥିସହ ଟେବୁଲ ଚୌକି ଓ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ପଢ଼େଗା ଭାରତ ଯୋଜନାରେ କମ୍ପାନୀ ଏଭଳି ପ୍ରୟାସ ଜାରି ରଖିଛି ବୋଲି କମ୍ପାନୀ ନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜୀ ସୂଚନା ଦେଇଛନ୍ତି। କମ୍ପାନୀର ସିଏସଆର ମୁଖ୍ୟ ଡା.ବିକାଶ ୟାଦଭେନ୍ଦୁ ଏହି କମ୍ପ୍ୟୁଟରଗୁଡ଼ିକୁ ଦେଇଥିଲେ। ସ୍ଥାନୀୟ ଅଭିଭାବକ ଓ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଏଥିରେ ୧୫୦ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ଏସ୍‌କେଏସ୍‌ୟୁ ସିଙ୍ଗିରି ବିଜୟୀ

ଆଳି,୯।୧(ବନମାଳୀ ସେନାପତି)

ଆଳି ହାଇସ୍କୁଲ ମିନି ଷ୍ଟାଡିୟମଠାରେ ଚାଲିଥିବା ଡା. ଦିବାକର ଶର୍ମା ମେମୋରିଆଲ ଭିନୁ ମଙ୍କଡ଼ ଟ୍ରଫିର ତୃତୀୟ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ସିଙ୍ଗିରି ସହିତ ଭାମଣ୍ଡା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଏନ୍‌ଏନ୍‌ସିସି ଭାମଣ୍ଡା ବ୍ୟାଟିଂ କରି ୨୭.୫ ଓଭର ଖେଳ ଖେଳି ସମସ୍ତ ଉଇକେଟ ହରାଇ ୮୧ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଏସ୍‌କେଏସ୍‌ୟୁ ସିଙ୍ଗିରି ୨୦.୨ ଓଭରରେ ୮ଟି ଉଇକେଟ୍ ହରାଇ ୮୨ରନ୍ ସଂଗ୍ରହ କରି ମ୍ୟାର୍‌ରେ ବିଜୟ ଲାଭ କରିଥିଲା। ସିଙ୍ଗିରି ଟିମର ବିଶ୍ୱ ଭୂଷଣ ବିହାରୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଖବରଦାତା ଭଗବାନ ନାୟକ ଯୋଗ ଦେଇଥିଲେ। ଅମ୍ପାୟାର ଭାବେ ନିରଞ୍ଜନ ଷଡଙ୍ଗୀ, ବିଶ୍ୱଜିତ ଅଧିକାରୀ ଏବଂ ପ୍ରସନ୍ନଜିତ ପାତ୍ର ସ୍କୋରର ଭାବେ ଖେଳ ପରିଚାଳନା କରିଥିଲେ। ବୁଧବାର ବିଆରସିସି ନୂଆପଡ଼ା ଓ ବିଏସିସି ଡାଲିକେନ୍ଦା ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

ଅତିଥିଙ୍କ ଗହଣରେ ଖେଳାଳିମାନେ।

ଡା. ଦିବାକର ନାଥ ଶର୍ମା ମେମୋରିଆଲ ଭିନୁ ମଙ୍କଡ ଟ୍ରଫି କ୍ରିକେଟ୍

ସେମିରେ ମା'ଖରାଖାଇ କ୍ରିକେଟ୍ କ୍ଲବ

ରାଜନଗର, ୯।୧ (ଭାସ୍କର ରାଉତରାୟ)

ରାଜ୍ୟସ୍ତରୀୟ ମହାବୀର ଚ୍ୟାଲେଞ୍ଜ ଟ୍ରଫି

ମଦନପୁର ଖେଳ ପଡ଼ଆରେ ଚାଲିଥିବା ରାଜ୍ୟସ୍ତରୀୟ ମହାବୀର ଚ୍ୟାଲେଞ୍ଜ ଟ୍ରଫିର ୩ୟ କ୍ୱାର୍ଟରରେ ମଦନପୁରର ଏମ୍‌ସିସି କ୍ରିକେଟ କ୍ଲବକୁ ୧୫୭ ରନରେ ହରାଇ ମା'ଖରାଖାଇ କ୍ରିକେଟ କ୍ଲବ ଆଳି ବିଜୟୀ ହୋଇ ସେମି ଫାଇନାଲରେ ପହଞ୍ଚିଛି। ପ୍ରଥମେ ଟସ୍ ଜିତି ମା'ଖରାଖାଇ କ୍ରିକେଟ କ୍ଲବ ଆଳି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୩ ଉଇକେଟ ହରାଇ ୨୫୬ ରନ ସଂଗ୍ରହ କରିଥିଲା। ଦଳର ଆଜମଲ ଖାଁ ୪୨ ବଲରୁ ୧୫୦ରନ କରିଥିଲେ। ଜବାବରେ ଏମ୍‌ସିସି କ୍ରିକେଟ କ୍ଲବ ମଦନପୁର ୧୨ଓଭରରେ ସମସ୍ତ ଉଇକେଟ ହରାଇ ୫୭ରନ ସଂଗ୍ରହ କରି ପରାଜିତ ହୋଇଥିଲା। ୧୫୦ରନ କରିଥିବା ଆଜମଲ ଖାଁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତବର୍ଷ ଆୟୋଜକ ମହାବୀର ଯୁବକ ସଂଘର ସକ୍ରିୟ ସଦସ୍ୟ ବନୋଜ ସାହୁଙ୍କ ସ୍ମୃତିରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ମହାବୀର ଯୁବକ ସଂଘର ସଭାପତି ଆଶିଷ କୁମାର ରାଉଳ, ଉପସଭାପତି ଶଶଧର ପ୍ରଧାନ, ସମ୍ପାଦକ ପ୍ରକାଶ ବେହେରା, ମ୍ୟାନେଜର ସଚ୍ଚିଦାନନ୍ଦ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମ୍ୟାଚରେ ତନୁଜ ସାହୁ ଓ ନିରଞ୍ଜନ ଦାଶ ଅମ୍ପାୟାର ଭୂମିକା ନିର୍ବାହ କରିଥିଲେ।

ମାର୍ଶାଘାଇରେ ସଡ଼କ ସୁରକ୍ଷା ସପ୍ତାହ

ମାର୍ଶାଘାଇ,୯।୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ନିକଟସ୍ଥ ଜାତୀୟ ରାଜପଥର କେନାଲ ବ୍ରିଜ୍ ଛକଠାରେ କେନ୍ଦ୍ରାପଡ଼ା ଆଞ୍ଚଳିକ ପରିବହନ ବିଭାଗ ଓ ଜମ୍ବୁ-ମାର୍ଶାଘାଇ ମ୍ୟାଜିକ ମାଲିକ ସଂଘର ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଡାକ୍ତରଙ୍କ ଦ୍ୱାରା ୫୪ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ପରେ ଏକ ସଚେତନତା ସଭା କରାଯାଇ ରାଲି ବାହାର କରାଯାଇଥିଲା। ମାର୍ଶାଘାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଓ ଡ୍ରାଇଭର ମହାସଂଘର ମାର୍ଶାଘାଇ ବ୍ଲକ ଶାଖାର ସଦସ୍ୟମାନେ ହାତରେ ପ୍ଲାକାର୍ଡ ଧରି କେନାଲ ବ୍ରିଜ୍ ଛକରୁ ବାହାରି ମାର୍ଶାଘାଇ ବସ୍‌ଷ୍ଟାଣ୍ଡ ନିକଟରେ ପହଞ୍ଚିଥିଲେ। ରାସ୍ତାରେ ଯାଉଥିବା ବାଇକ୍ ଚାଳକ ଓ ଅନ୍ୟ ଗାଡ଼ି ଚାଳକମାନଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଧୀରେନ୍ଦ୍ର ନାୟକ, ମାର୍ଶାଘାଇ ଥାନା ଅଧିକାରିଣୀ ପ୍ରଜ୍ଞା ପାରମିତା ଜେନା, ଟ୍ରାଫିକ ଇନ୍ସପେକ୍ଟର ରାଜ ନାରାୟଣ ସ୍ୱାଇଁ, ଡା. ସତ୍ୟବ୍ରତ ଜେନା, ମ୍ୟାଜିକ ମାଲିକ ସଂଘ ସଭାପତି ସୁବାସ ସାହୁ, ଅଧ୍ୟାପକ ଦୀପକ ସ୍ୱାଇଁ, ଦୀପକ ଦଳାଇ, ମାର୍ଶାଘାଇ ବ୍ଲକ ଡ୍ରାଇଭର ସଂଘ ସଭାପତି ଅମର ନାୟକ, ପରିବହନ କର୍ମଚାରୀ କମଳକେତନ ଦାଶ, ଶ୍ରୀବଲ୍ଲଭ ସାହୁ, ଲିଟୁ ନାୟକ ପ୍ରମୁଖ ସାମିଲ ହୋଇ ସହଯୋଗ କରିଥିଲେ।

କୁଶିଆପାଳ, ଦାନପୁର ସମବାୟ ସମିତିରେ ଖୋଲିଲା ଧାନମଣ୍ଡି

ସଂକ୍ଷେପରେ

ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ବାର୍ଷିକ ଉତ୍ସବ

ଭଞ୍ଜନଗର,୯।୧(ବାବୁଲା ପ୍ରଧାନ)

ଭଞ୍ଜନଗର ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ବାର୍ଷିକ ଉତ୍ସବ ରବିବାର ସ୍ଥାନୀୟ ଶ୍ରୀଅରବିନ୍ଦ ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ପାଠଚକ୍ର ସମୂହର ସଭାପତି ଶଶଧର ବେହେରା ମାତୃପତାକା ଉତ୍ତୋଳନ କରିବା ସହ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କବିତା ପଣ୍ଡା ଦୁର୍ଗାସ୍ତୋତ୍ର ପଠନ କରିଥିବା ବେଳେ ମନୀଷା ପଟ୍ଟନାୟକ ମା' ବହି ପାଠ କରିଥିଲେ। ପ୍ରତିମା ମହାରଣା ଧ୍ୟାନ ଓ ପ୍ରାର୍ଥନା ବହି ପାଠ କରିଥିଲେ। ଅଞ୍ଚଳ ସଂଗଠକ ରଘୁନାଥ ପଣ୍ଡା, ଭାଗିରଥି ମହାପାତ୍ର, ପୁଷ୍ପା ଅପା, ଜିଲ୍ଲାପରିଷଦ ସଭ୍ୟା ଶୈଳବାଳା ବିଷୋୟୀ, ଶିକ୍ଷାକେନ୍ଦ୍ର ସଭାପତି ପ୍ରଫେସର କୃତିବାସ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମା ଓ ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ନାରୀ ଓ ସମାଜ ଗଠନରେ ନାରୀର ଭୂମିକା ସମ୍ପର୍କରେ କହିଥିଲେ । ସମ୍ପାଦିକା ବିଜୟ ଲକ୍ଷ୍ମୀ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଜ୍ୟୋତିମୟୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ରତ୍ନମଞ୍ଜରୀ ପାଢ଼ୀ କୃତଜ୍ଞତା ଜ୍ଞାପନ କରିଥିଲେ । ସୁନନ୍ଦା ବେହେରା ମାତୃସଂଗୀତ ଗାନ କରିଥଲେ । ରମେଶ ବେହେରା, ଦିନେଶ ବିଶ୍ୱାଳ, ଗୋପାଳ ପ୍ରଧାନ, ବିଦେଶୀ ସାହୁ, ବସନ୍ତ କୁମାର ଖାଡ଼ଙ୍ଗା ସହଯୋଗ କରିଥିଲେ।

୬୫ ଅଭିଯୋଗ ଶୁଣିଲେ ଜିଲାପାଳ

ମୋହନା,୯।୧(ମନ୍ମଥ ମିଶ୍ର)

ମୋହନା ବ୍ଲକ ଲିଲିଗଡ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇ ଯାଇଛି। ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଓ ଏସ୍‌ପି ଶ୍ୱାତି ଏସ୍ କୁମାର ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଏହି ଅଭିଯୋଗ ଶୁଣାଣିରେ ମୋଟ ୬୫ଟି ଅଭିଯୋଗ ଆସିଥିବା ବେଳେ ସେଥିରୁ ୨୮ଟି ବ୍ୟକ୍ତିଗତ ଓ ୩୭ ଟି ସାମୁହିକ ଅଭିଯୋଗ ଆସିଥିଲା। ଏହି ଅବସରରେ ୫ ଜଣଙ୍କୁ ୫୫ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରିଛନ୍ତି ଜିଲାପାଳ। ୩ ଜଣଙ୍କୁ ୧୫ ହଜାର ଲେଖାଏଁ ଓ ୨ ଜଣଙ୍କୁ ୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଅଭିଯୋଗ ଶୁଣାଣିରେ ବିଡିଓ ହଳଧର ଶବର, ବ୍ଲକ୍ ଅଧ୍ୟକ୍ଷ ରଞ୍ଜୀବ ଶବରଙ୍କ ଉପସ୍ଥିତ ଥିଲେ।

ବଡ଼ ଭାଇଙ୍କୁ ହତ୍ୟା ଉଦ୍ୟମ, ସାନ କୋର୍ଟ ଚାଲାଣ

ଗୋପାଳପୁର,୯।୧(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଅନ୍ତର୍ଗତ ସିନ୍ଧି ଗାଁ ଟାଟା କଲୋନୀର ବଡ଼ ଭାଇକୁ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ପୋଲିସ ମଙ୍ଗଳବାର ସାନଭାଇକୁ କୋର୍ଟ ଚାଲାଣ କରିଛି। ସେ ହେଲେ ପି କେଶବ ରେଡ୍ଡୀ। ଏହି ଥାନା ଅଧୀନ ସିନ୍ଧି ଗାଁରେ ସୋମବାର ବଡଭାଇ ପି ଦାନେଶ୍ୱର ମଧ୍ୟାହ୍ନରେ ବିଲକୁ ଯାଉଥିବା ବେଳେ କେଶବ ଟାଟା ଏସିଇ ଗାଡ଼ିରେ ଆସି ବଡଭାଇକୁ ଧକ୍କା ଦେଇଥିଲେ । ସେ ତଳେ ପଡିଯିବାରୁ ପୁଣି ପଛରୁ ଧକ୍କା ଦେଇଥିଲେ। ଏହି ସମୟରେ ଦାନେଶ୍ୱର ସ୍ତ୍ରୀ ପି. ନାର୍ସମ୍ମା ଦୌଡ଼ି ଆସି ସ୍ୱାମୀକୁ ବଞ୍ଚାଇବା ପାଇଁ ଟାଣି ଦେଇଥିଲା। ସ୍ତ୍ରଙ୍କେ ପାଟି ଶୁଣି ଗାଁ ଲୋକେ ଆସିବାରୁ ଗାଡ଼ି ଛାଡ଼ି କେଶବ ସେଠାରୁ ଚାଲି ଯାଇଥିଲା। ଗୁରୁତର ଦାନେଶ୍ୱରଙ୍କୁ ବ୍ରହ୍ମପୁର ମେଡିକାଲ ପରେ ଭୁବନେଶ୍ୱର ନିଆଯାଇଥିଲା। ଦାନେଶ୍ୱରଙ୍କ ସ୍ତ୍ରୀଙ୍କ ଏତଲା କ୍ରମେ ପୋଲିସ ନଂ.୧୨/୨୪ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

ନିର୍ବାଚନ ପାଇଁ ପୋଲିସ, ସେକ୍ଟର ଅଫିସରଙ୍କୁ ପ୍ରଶିକ୍ଷଣ

ଛତ୍ରପୁର, ୯।୧(ଦିଲ୍ଲୀପ ସାମଲ) :

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି । ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବା ଲାଗି ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ତତ୍ତ୍ୱାବଧାନରେ ବୈଠକ କରାଯାଇ ବିଭିନ୍ନ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଯେପରିକି, ସାଧାରଣ ନିର୍ବାଚନରେ ଅଧିକରୁ ଅଧିକ ମତଦାତା ନିଜ ନିଜର ମତ ସାବ୍ୟସ୍ତ କରିପାରିବେ, ସମସ୍ତ ପ୍ରକାର ବର୍ଗର ଲୋକ ଯେପରି ଶାନ୍ତି ଶୃଙ୍ଖଳାର ସହିତ ନିର୍ବାଚନରେ ଭାଗ ନେଇ ନିଜ ନିଜର ମତ ସାବ୍ୟସ୍ତ କରିପାରିବେ ସେ ଉପରେ ଗୁରୁତ୍ୱ ଦିଆଯାଉଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସ୍ଥାନୀୟ ଗଞ୍ଜାମ ଜିଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ସାଧାରଣ ନିର୍ବାଚନରେ ନିୟୋଜିତ ହେବାକୁ ଥିବା ପୋଲିସ ଓ ସେକ୍ଟର ଅଫିସରମାନଙ୍କୁ ନେଇ ୩ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନରେ ଛତ୍ରପୁର ଉପଖଣ୍ଡସ୍ତରୀୟ ପୋଲିସ ଓ ସେକ୍ଟର ଅଫିସରମାନଙ୍କୁ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଏହି ପ୍ରଶିକ୍ଷଣ ଶିବିର ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟିଙ୍କ ଅଧ୍ୟକ୍ଷତା କରିଥିବା ବେଳେ ଗଞ୍ଜାମ ଜିଲାପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହାନ୍ତ, ଡେପୁଟି କଲେକ୍ଟର ଦୟାସିନ୍ଧୁ ପରିଡା, ଡେପୁଟି କଲେକ୍ଟର (ନିର୍ବାଚନ) ରାଜେଶ କୁମାର ଏକା, ଆସିଷ୍ଟାଣ୍ଟ କଲେକ୍ଟର ଓମ ପ୍ରକାଶ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ନିୟୋଜିତ ହେବାକୁ ଥିବା ପୋଲିସ ଓ ସେକ୍ଟର ଅଫିସରମାନଙ୍କୁ ନିର୍ବାଚନୀ ସମ୍ପର୍କିତ ବିଭିନ୍ନ ତାଲିମ ପ୍ରଦାନ କରାଯାଇଥିଲା। ସେକ୍ଟର ଅଫିସରମାନେ ଇଭିଏମ ଉପରେ ଲୋକଙ୍କୁ ବିଭିନ୍ନ ସଚେତନତା କରାଇବେ। ଜିଲାରେ ଭୋଟ ମତଦାନ ନିମନ୍ତେ ୩୦୭୭ ବୁଥ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି ।

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

ବରା ଖାଇ ୬ ଅସୁସ୍ଥ, ୩ ଗୁରୁତର

ପାରଳାଖେମୁଣ୍ଡି, ୯।୧(ଗିରିଧାରୀ ପରିଛା):

ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ ଏସ. ଉରୁଡା ଗ୍ରାମର ଗୋଟିଏ ପରିବାରର ବରା ଖାଇ ୬ଜଣ ଅସୁସ୍ଥ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ଜଣ ଗୁରୁତର ହୋଇଥିବା ଜଣାପଡିଛି। ଗୁରୁତର ରୁପ୍ମାନା ଗମାଙ୍ଗ, ପ୍ରୀତି ଗମାଙ୍ଗ ଓ ସଞ୍ଜିତା ଗମାଙ୍ଗଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ ନିଜ ଘରେ ବରା ତିଆରି କରିବା ସମୟରେ ସେଥିରେ ଖାଇବା ଷୋଡା ବଦଳରେ ଭୁଲବଶତଃ ସାର ପକାଇଦେଇଥିବା ଜଣାପଡିଛି। ବରା ଖାଇବା ପରେ ସମସ୍ତେ ଅସୁସ୍ଥତା ଅନୁଭବ କରିଥିଲେ। ସମସ୍ତେ ଅଚେତ ହୋଇଯାଇଥିଲେ। ସେମାନଙ୍କୁ ପ୍ରଥମେ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ୩ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ୨ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସୁଥିବା ଜଣାପଡ଼ିଛି।

ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି, ୯।୧(ଗିରିଧାରୀ ପରିଛା):

ଜିଲାସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସ୍‌ପି ସ୍ୱାତୀ ଏସ. କୁମାର, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଉପଜିଲାପଳ ଆଲୋକ କୁମାର ପ୍ରଧାନ ଓ କମାଣ୍ଡାଣ୍ଟ ଅଶୋକ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସକାଳ ସାଢ଼େ ୮ଟାରେ ଷ୍ଟାଡିୟମ ଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

କନ୍ଧମାଳ ମହୋତ୍ସବ ଉଦ୍‌ଯାପିତ

ଫୁଲବାଣୀ,୯।୧(ରାକେଶ କୁମାର ରାଉତ)

ଜିଲାର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ନେଇ କନ୍ଧମାଳ ଷ୍ଟାଡିୟମରେ ଚାଲିଥିବା କନ୍ଧମାଳ ମୋହତ୍ସବ ଓ ପଲ୍ଲୀଶ୍ରୀ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ଡଃ ଅଚ୍ୟୁତ ସାମନ୍ତ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦର ଅଧ୍ୟକ୍ଷା ସୁଶ୍ରୀ ନନ୍ଦିନୀ ମଲ୍ଲିକ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର ଏବଂ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗ ଦେଇ କନ୍ଧମାଳର ସଂସ୍କୃତି ଓ ପରମ୍ପରାକୁ ନେଇ ନିଜନିଜର ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ସ୍ମାରକୀ ପ୍ରଦାନ କରାଯାଇଥିଲା। ଉତ୍ସବର ଶେଷ ସନ୍ଧ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ନୃତ୍ୟଶିଳ୍ପ ଯୋଗ ଦେଇ ଚିତାକର୍ଷକ ଓଡ଼ିଶୀ ନୃତ୍ୟ ସମେତ ଲୋକ ନୃତ୍ୟ, ପାରମ୍ପରିକ ନାଚ ଗୀତ ପରିବେଷଣ କରିଥିଲେ। ଏମାନଙ୍କ ମଧ୍ୟରେ ଆଧୁନିକ ଓଡ଼ିଆ ଗାୟକ ମଣ୍ଟୁ ଛୁରିଆଙ୍କ ସମ୍ବଲପୁରୀ ଏବଂ ଆଧୁନିକ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ସେହିପରି ଏହି ୫ ଦିନିଆ ଉତ୍ସବରେ ଗତ ଦିନ ମାନଙ୍କରେ ଆସାମ ର ବିହୁ ନୃତ୍ୟ ଦର୍ଶକଙ୍କୁ ମନ ମୋହିଥିବା ବେଳେ ମଣିପୁର ସମର କଳା ନୃତ୍ୟକୁ ଦର୍ଶକ ଉପଭୋଗ କରିଥିଲେ। କନ୍ଧମାଳ ଜିଲାରେ ପ୍ରଥମ ଥର ହୋଇଥିବା ଷ୍ଟ୍ରବେରିକୁ ମୋହତ୍ସବରେ ଲୋକେ କିଣି ଖାଉଥିବା ଦେଖିବାକୁ ମିଳିଥିଲା। ସେହିପରି ଆଲୋକମାଳାରେ ଝଲସିଥିଲା ସମଗ୍ର ଷ୍ଟାଡିୟମ। ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ନାଚ ଗୀତ ସହ କନ୍ଧମାଳର ହାଲକା ଶୀତ ଲୋକଙ୍କ ମନରେ ଶିହରଣ ସୃଷ୍ଟି କରୁଥିଲା। ଏହି ମହୋତ୍ସବର ଅନ୍ତିମ ଦିବସରେ ବହୁ ମାତ୍ରାରେ ଜନ ସମାଗମ ହୋଇଥିଲା।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ରାଇକିଆ,୯।୧(ପ୍ରଦୀପ ବେହେରା)

କନ୍ଧମାଳ ଜିଲା ରାଇକିଆ ଠାରେ ମଙ୍ଗଳବାର ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ୩୧୦ ଜଣ ନାମ ପଞ୍ଜୀକରଣ କରିଥିଲେ। ଅସ୍ଥିଶଲ୍ୟ, ଦୃଷ୍ଟିଶକ୍ତି, ଶ୍ରବଣ ବାଧିତ ଇତ୍ୟାଦି ବିଭାଗରେ ଫୁଲବାଣୀରୁ ଆସିଥିବା ଡାକ୍ତରମାନେ ପରୀକ୍ଷା କରିଥିଲେ। ୬ ଜଣଙ୍କୁ ୩ ଚକିଆ ସାଇକେଲ, ୧୦ ଜଣଙ୍କୁ ହ୍ୱିଲଚେୟାର, ୨ଜଣଙ୍କୁ ଆଶାବାଡି ପ୍ରଦାନ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବଳରାମ ସେଠୀ ଉପସ୍ଥିତ ରହି ଶିବିର ପରିଚାଳନାର ତଦାରଖ କରିଥିଲେ। ବିଡ଼ିଓ ସିମାଞ୍ଚଳ ମଣ୍ଡଳ, ବ୍ଲକ୍ ଅଧ୍ୟକ୍ଷ ପ୍ରିତମ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ । ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ରାମକୃଷ୍ଣ ବେହେରା,ପୂର୍ଣ୍ଣବାସୀ ଦାସ, ଦିନେଶ ବେହେରା, ଜିଲା ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଭାପତି ରାଜକିଶୋର ଦିଗାଲ ଏବଂ ବିଭିନ୍ନ ବିଭାଗ ର ଅଧିକାରୀ ମାନେ ପରିଚାଳନା କରିଥିଲେ ।

ଚିନାବାଦାମ ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟିତ

ଛତ୍ରପୁର,୯।୧(ସନ୍ତୋଷ ପାଢ଼ୀ):

ଛତ୍ରପୁର ବ୍ଲକର ଚମାଖଣ୍ଡିସ୍ଥିତ ଗ୍ରାମ୍ୟ ଶିଳ୍ପ ଉଦ୍ୟାନରେ ଓରମାସ ଓ ମିଶନ ଶକ୍ତି ମହିଳାମାନଙ୍କ ମଧ୍ୟରେ ଏକ ଚୀନା ବାଦାମ ପ୍ରକ୍ରିୟାକରଣ କେନ୍ଦ୍ର ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଏହି କେନ୍ଦ୍ରରେ ଆଗାମୀ ଦିନରେ ଓରମାସ ଓ ମିଶନ ଶକ୍ତି ମହିଳାମାନେ କାମ ପାଇବା ସହ ସ୍ୱାବଲମ୍ବୀ ହୋଇପାରିବେ। ଜିଲା ପରିଷଦ ନିର୍ବାହୀ ଅଧିକାରୀ ଭି. କୀର୍ତ୍ତିଭାସନ ଗଞ୍ଜାମ ଏସପି ଜଗମୋହନ ମିନା, ବିଡ଼ିଓ ସୁଶାନ୍ତ ବରାଳ, ଓରମାସ ଜିଲା ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ରାଶନ ଚାଉଳ ପାଇବାରୁ ବଞ୍ଚିତ ଦୂତୀମେଣ୍ଡିବାସୀ

ଖଜୁରିପଡ଼ା,୯।୧(ବିଦୁର ବେହେରା)

ଗରିବ ଖଟିଖିଆ ଲୋକଙ୍କ ପାଇଁ ଦୁଇ ଓଳି ଖାଇବାକୁ ଯୋଗାଇ ଦେବା ପାଇଁ ଖାଦ୍ୟ ନିରାପତ୍ତା ଆଇନ କରି ସରକାର ପ୍ରତି ପଞ୍ଚାୟତରେ ରାଶନ କାର୍ଡ ଧାରୀଙ୍କୁ ଚାଉଳ ଯୋଗାଇ ଦେଉଛନ୍ତି। କିନ୍ତୁ କିଛି ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ମନମୁଖୀ କାର୍ଯ୍ୟ ପାଇଁ ନିରୀହ ଗରିବ ଜନସାଧାରଣ ମାନେ ସରକାରଙ୍କ ରାଶନ ଚାଉଳ ପାଇବାରୁ ବଞ୍ଚିତ ହେଉଛନ୍ତି । ଏହା ଦେଖିବାକୁ ମିଳିଛି ଖଜୁରିପଡା ବ୍ଲକ ଅନ୍ତର୍ଗତ ଦୁତୀମେଣ୍ଡି ପଞ୍ଚାୟତରେ। ବ୍ଲକର ପ୍ରତି ପଞ୍ଚାୟତରେ ରାଶନ ଚାଉଳ ବଣ୍ଟନ ହେଉଥିବା ବେଳେ ଦୁତୀମେଣ୍ଡି ପଞ୍ଚାୟତକୁ ଏ ପର୍ଯ୍ୟନ୍ତ ଚାଉଳ ଆସି ନାହିଁ। ଏହି ପଞ୍ଚାୟତବାସୀ ଦୂତୀପଡା ଲ୍ୟାମ୍ପ ସି. ଏସ ତରଫରୁ ଦୁତୀମେଣ୍ଡିଠାରେ ରାଶନ ଚାଉଳ ପାଉଥିଲେ କିନ୍ତୁ କଣ ହେଲା ଯେ ଏ ପର୍ଯ୍ୟନ୍ତ ରାଶନ ଚାଉଳ ଲ୍ୟାମ୍ପକୁ ଆସିଲା ନାହିଁ । ଏ ନେଇ ଦୂତିପଡା ଲ୍ୟାମ୍ପ ସି. ଏସ ଶାଖା ପରିଚାଳକ ପ୍ରଦୀପ କୁମାର ସେଠୀଙ୍କୁ ପଚାରିବାରୁ ବ୍ଲକ ଖାଦ୍ୟ ଯୋଗାଣ ଅଧିକାରୀ ଚାଉଳ ବଣ୍ଟନ ମେସିନକୁ ମୁଁ ଉପସ୍ଥିତ ନ ଥିବା ବେଳେ ହଠାତ ଆସି ମେସିନ ନେଇ ଯାଇଛନ୍ତି । ଆମ୍ଭକୁ ଚାଉଳ ବଣ୍ଟନରେ ତ୍ରୁଟି ଦେଖେଇ ନୋଟିସ କରିଥିଲେ। ଯାହାର ରିପୋର୍ଟ ଆମେ ଜିଲା ଖାଦ୍ୟ ଯୋଗାଣ ଅଧିକାରୀ ଏବଂ ଉପ ଜିଲାପାଳ କନ୍ଧମାଳଙ୍କୁ ଦେଇଛୁ । କାହିଁକି ମେସିନ ବ୍ଲକ ଖାଦ୍ୟ ଯୋଗାଣ ଅଧିକାରୀ ନେଇଛନ୍ତି ବୋଲି ପଚାରି ପାଇଁ ଫୋନ କରାଯାଇଥିଲେ ସୁଦ୍ଧା ଯୋଗାଯୋଗ ହୋଇ ପାରି ନାହିଁ । ପ୍ରତି ପଞ୍ଚାୟତରେ ଚାଉଳ ବଣ୍ଟନ ହେଉଥିବା ବେଳେ କାହିଁକି ଚାଉଳ ଦୂତିମେଣ୍ଡି ପଞ୍ଚାୟତକୁ ଦିଆଯାଇନାହିଁ ବୋଲି ବିଡିଓ ଜର୍ଜ ଡୁଙ୍ଗୁ ଡୁଙ୍ଗୁଙ୍କୁ ପଚାରିବାରୁ କିଛି ଦିନ ମଧ୍ୟରେ ଚାଉଳ ଦିଆଯିବ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ରାଜସ୍ୱ ଅମଲା

ଛତ୍ରପୁର,୯।୧(ସନ୍ତୋଷ ପାଢ଼ୀ):

ରାଜସ୍ୱ ଅମଲା ସଂଘ ଗଞ୍ଜାମ ଶାଖା ପକ୍ଷରୁ ଦୀର୍ଘ ୬ ବର୍ଷ ଧରି ଅମଲା ସଂଘ ପକ୍ଷରୁ ରୀତିମତ ଭାବରେ ଆନ୍ଦୋଳନ କରାଯାଉଥିଲା। ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ମା' ତାରାତାରିଣୀଙ୍କ ପୀଠରେ ଦୀପ ପ୍ରଜ୍ୱଳନ କରି ଅମଲା ସଂଘ ପକ୍ଷରୁ ଦାବି କରାଯାଉଥିଲା। ଦୀର୍ଘ ୬ ବର୍ଷର ପ୍ରତିକ୍ଷିତ ଦାବି ରାଜସ୍ୱ ଅମଲା ସଂଘର ସ୍ୱତନ୍ତ୍ର କ୍ୟାଡର ମାନ୍ୟତା ଦାବିକୁ ସରକାର ପୂରଣ କରିଛନ୍ତି। ତେଣୁ ସରକାରଙ୍କୁ ରାଜସ୍ୱ ଅମଲା କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନ ଓ ରାଜସ୍ୱ ଅମଲା ସଂଘର ମାର୍ଗଦର୍ଶକ ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜସ୍ୱ ଗଞ୍ଜାମ ଶାଖା ଅଧ୍ୟକ୍ଷ ଉଦୟ କୁମାର ଦାସ, ସଭାପତି ରଜନୀ କାନ୍ତ, ସମ୍ପାଦକ କୃପାସିନ୍ଧୁ ସ୍ୱାଇଁ, ସୁରେଶ କୁମାର ରେଡ୍ଡୀ, ଦିଲେଶ୍ୱର ରେଡ୍ଡୀ, ଗିରିଜା ମିଶ୍ର, କୃପାସିନ୍ଧୁ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସମେତ ବହୁ ଅମଲା ସଂଘ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ସଚେତନତା ରଥର ଶୁଭାରମ୍ଭ

ଛତ୍ରପୁର,୯।୧(ଦିଲୀପ ସାମଲ):

ଟିବିମୁକ୍ତ ପଞ୍ଚାୟତ ଓ ଏଚଆଇଭି ସଚେତନତା ନେଇ ଜିଲାପାଳଙ୍କ ଓସ୍ୱାନ ସମ୍ମିଳନୀ କକ୍ଷରେ ଏକ ସଚେତନତା ବୈଠକ ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯକ୍ଷ୍ମା ରୋଗର ମୂଳ ଉତ୍ପାଟନ ଲାଗି ଭାରତ ସରକାର ଓ ଓଡିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଏକ ଯକ୍ଷ୍ମାମୁକ୍ତ ଭାରତ ଗଠନ କରିବା ପାଇଁ ପଞ୍ଚାୟତସ୍ତରରୁ ଏଭଳି ଉଦ୍ୟମ କରାଯାଇଥିବା ଅତିରିକ୍ତ ଜିଲାପାଳ ଶ୍ରୀମତୀ ଖେସ କହିଛନ୍ତି । ଏଚ୍‌ଆଇଭି ନିରାକରଣ ଲାଗି ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ଜିଲାପାଳ ଶ୍ରୀମତୀ ଖେସ ପୁରସ୍କୃତ କରିଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଏସ୍‌କେୱା

ବିଜେଡିରେ ବଢ଼ୁଛନ୍ତି ଆଶାୟୀ

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ

ଢେଙ୍କାନାଳ,୯।୧(ରତନ ନାୟାର)

ସାଧାରଣ ନିର୍ବାଚନ ଆଗକୁ ଥିବାରୁ ଏବେଠାରୁ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିରେ ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସମର୍ଥକମାନେ ସହରର ଜନଗହଳି ଅଞ୍ଚଳରେ ନିଜ ନେତାଙ୍କ ସପକ୍ଷରେ ଆଲୋଚନା କରୁଥିବା ଦେଖିବାକୁ ମିଳୁଛି। ଫଳରେ ସହରରେ ରାଜନୈତିକ ବାତାବରଣ ଧୀରେ ଧୀରେ ସରଗରମ ହେଲାଣି।

ଟିକେ ପଛକୁ ଫେରି ଦେଖିଲେ, ୨୦୦୦ ମସିହାରେ ବିଜେଡି–ଭାଜପା ମେଣ୍ଟ ସମୟରେ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀରୁ ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ର ବିଜୟୀ ହୋଇଥିଲେ। ୨୦୦୪ରେ କଂଗ୍ରେସରୁ ଜିତି ସୁଧୀର କୁମାର ସାମଲ ବିଧାୟକ ହୋଇଥିଲେ। ୨୦୦୯ରେ ବିଜେଡି ଓ ଏନ୍‌ସିପି ମଧ୍ୟରେ ମେଣ୍ଟ ହୋଇଥିଲା। ସେତେବେଳେ ଏନ୍‌ସିପି ପ୍ରାର୍ଥୀ ନବୀନ ନନ୍ଦ ଜିତିଥିଲେ। ୨୦୧୪ରେ ବିଜେଡି ପ୍ରାର୍ଥୀ ସରୋଜ କୁମାର ସାମଲ ଏହି ଆସନରୁ ବିଧାୟକ ନିର୍ବାଚିତ ହୋଇଥିଲେ। ତେବେ କଂଗ୍ରେସରୁ ଆସି ବିଜେଡିରେ ସାମିଲ ହୋଇଥିବା ସୁଧୀର କୁମାର ସାମଲଙ୍କୁ ୨୦୧୯ରେ ଟିକେଟ ମିଳିବା ପରେ ସେ ବିଧାୟକ ହୋଇଥିଲେ। ସେତେବେଳେ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀର ସଦର ଓ ଗଁଦିଆ ବ୍ଲକ ଅଞ୍ଚଳରେ ବିରୋଧୀ ଭାଜପା ଓ କଂଗ୍ରେସ ଅପେକ୍ଷା ବିଜେଡି ଅଧିକ ଭୋଟ ପାଇଥିଲା। ହେଲେ

ଢେଙ୍କାନାଳ ପୌରାଞ୍ଚଳରେ ଭାଜପାଠାରୁ ବିଜେଡି କମ୍ ଭୋଟ ହାସଲ କରିଥିଲା। ଏପରିକି ଗତ ପୌର ନିର୍ବାଚନରେ ଢେଙ୍କାନାଳ ପୌରାଞ୍ଚଳରୁ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିଲେ। ଭାଜପାର ଅପ୍ରତ୍ୟାଶିତ ବିଜୟ ବିଜେଡିକୁ ଚକିତ କରିଥିଲା। ସେହି ଅନୁଯାୟୀ ଦେଖିଲେ ୨୦୨୪ ସାଧାରଣ ନିର୍ବାଚନ ବେଳେ ବିଜେଡି ଢେଙ୍କାନାଳ ପୌରାଞ୍ଚଳର ଭୋଟ ଆପଣାଇବା ପାଇଁ କିଭଳି ରଣନୀତି କରିବ ତାହା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

ଆସନ୍ତା ନିର୍ବାଚନ ପାଇଁ ବିଜେଡି ଆଶାୟୀଙ୍କ ମଧ୍ୟରେ ବର୍ତ୍ତମାନର ବିଧାୟକ ସୁଧୀର କୁମାର ସାମଲ ଓ ପୂର୍ବତନ ବିଧାୟକ ସରୋଜ କୁମାର ସାମଲଙ୍କ ନାମକୁ ନେଇ ସମର୍ଥକମାନେ ଅଧିକ ଚର୍ଚ୍ଚା କରୁଥିବାରୁ ରାଜନୈତିକ ଉଷ୍ମତା ବଢ଼ୁଛି। ଅଭିଜ୍ଞତାକୁ ଦେଖିଲେ ଏହି ୨ ଆଶାୟୀ ପୂର୍ବରୁ ୨ ଥର ବିଧାୟକ ଭାବେ ନିର୍ବାଚିତ ହୋଇସାରିଛନ୍ତି। ସୁଧୀର କୁମାର ସାମଲ ଥରେ କଂଗ୍ରେସରୁ ଜିତିଥିବା ବେଳେ ବର୍ତ୍ତମାନ ସେ ବିଜେଡିରୁ ବିଧାୟକ ଅଛନ୍ତି। ସେହିପରି ସରୋଜ ସାମଲ ପୂର୍ବରୁ ଗଁଦିଆ ଓ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଧାୟକ ହୋଇସାରିଛନ୍ତି। ଏମାନଙ୍କ ବ୍ୟତୀତ ଅନ୍ୟ ଆଶାୟୀଙ୍କ ମଧ୍ୟରେ ରହିଛନ୍ତି, ଜିଲା ଯାଦବ ମହାସଭାର ପ୍ରମୁଖ ତଥା ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦେବୀ ପ୍ରସାଦ ଭୂତିଆ, ରାଜ୍ୟ ବିଜେଡି ସମ୍ପାଦକ ତଥା ଢେଙ୍କାନାଳ ରାଜ ପରିବାରର ସଦସ୍ୟ ହର୍ଷବର୍ଦ୍ଧନ ସିଂହଦେଓ ପ୍ରମୁଖ। ସେହିପରି ମହିଳା ଆଶାୟୀଙ୍କ କଥା ଦେଖିଲେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ଓ ଜିଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ରଙ୍କ ନାମ ଚର୍ଚ୍ଚାକୁ ଆସୁଛି।

ବିଜେଡିରେ ଆଶାୟୀଙ୍କ ସଂଖ୍ୟା ବଢୁଥିବାରୁ ଆଶାୟୀମାନଙ୍କୁ ନେଇ ସମର୍ଥକମାନଙ୍କ ମଧ୍ୟରେ ଆକ୍ଷେପ ପ୍ରତିଆକ୍ଷେପ ରାଜନୀତି ମଧ୍ୟ ଆରମ୍ଭ ହୋଇଯାଇଛି। ସୋସିଆଲ ମିଡିଆରେ ଆଶାୟୀମାନଙ୍କ ସମର୍ଥକମାନେ ନିଜ ନିଜ ନେତାଙ୍କ ପାଇଁ ଏକପ୍ରକାର ପ୍ରଚାର ଆରମ୍ଭ କରିଦେଇଥିବାରୁ ଦଳୀୟ ସଙ୍ଗଠନରେ ଗୋଷ୍ଠୀ କନ୍ଦଳ ବଢୁଥିବା ମଧ୍ୟ ଆଲୋଚନା ହେଉଛି।

ବିଧାୟକ ସୁଧୀର କୁମାର ସାମଲଙ୍କ ସମର୍ଥକ ତଥା ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର କହିଛନ୍ତି, ଆଗାମୀ ସାଧାରଣ ନିର୍ବାଚନରେ ଢେଙ୍କାନାଳ ବିଧାନସଭା ଆସନରୁ ସୁଧୀର କୁମାର ସାମଲ ହିଁ ଦଳୀୟ ଟିକେଟ ପାଇବେ ଓ ବିଜୟୀ ମଧ୍ୟ ହେବେ। ତାଙ୍କର କେହି ବିକଳ୍ପ ନାହାନ୍ତି। ସଦର ଓ ଗଁଦିଆ ବ୍ଲକରେ ପାନୀୟଜଳ ସମସ୍ୟା ସମାଧାନ ଓ ମହିମାଗାଦି ଯୋରନ୍ଦାର ରୂପାନ୍ତରୀକରଣ ପାଇଁ ତାଙ୍କର ଉଦ୍ୟମ ରହିଥିବାରୁ ସେ ନିଶ୍ଚିତ ବିଜୟୀ ହେବେ। ଅନ୍ୟତମ ସମର୍ଥକ ଢେଙ୍କାନାଳ ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର କହିଛନ୍ତି, ଆମର ଏକମାତ୍ର ନେତା ସୁଧୀର କୁମାର ସାମଲ। ସେ ବିଜୟୀ ହେବା ସୁନିଶ୍ଚିତ।

ସରୋଜ କୁମାର ସାମଲଙ୍କ ସମର୍ଥକ ସଦର ବ୍ଲକ ଶଙ୍କରପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ଅର୍ଜୁନ ସାହୁ କହିଛନ୍ତି, ଗାଁ ଗହଳିରେ ଲୋକେ ସରୋଜ ସାମଲଙ୍କୁ ଚାହୁଁଛନ୍ତି। ଆମେ ଯାହାଙ୍କ ସହିତ ବସିପାରୁଛୁ, କଥାହୋଇ ପାରୁଛୁ, ସେଭଳି ନେତା ହେଉଛନ୍ତି ସରୋଜ କୁମାର ସାମଲ। ତେଣୁ ସେ ଏଥର ବିଜେଡି ଟିକେଟ ପାଇ ବିଜୟୀ ହେବେ। ଅନ୍ୟତମ ସମର୍ଥକ ଅବସରପ୍ରାପ୍ତ ସୈନିକ ସଂଘ ଉପସଭାପତି ବିଭୂତି ଭୂଷଣ ନନ୍ଦ କହିଛନ୍ତି, ସରୋଜ ଦୁଇଥର ବିଧାୟକ ହୋଇଛନ୍ତି। ସେ ଜଣେ ଶିକ୍ଷିତ ଓ ଭଲ ମଣିଷ। ସେ ଟିକେଟ୍ ପାଇଲେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ବିଭୂତି କହିଛନ୍ତି। ଅନ୍ୟପଟରେ ବର୍ତ୍ତମାନ କୌଣସି ଦଳରେ ନ ଥିବା ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି। ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀରେ ଶେଷ ମୁହୂର୍ତ୍ତରେ କିଛି ବି ଘଟିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

ରାଜ୍ୟ ସରକାର କେତେ ଲୋକଙ୍କୁ ଚାଉଳ ଦେଉଛନ୍ତି ଉତ୍ତର ଦିଅନ୍ତୁ: ଭାଜପା

ଭୁବନେଶ୍ୱର, ୯।୧(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶାସନକୁ ଆସିବା ପରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କରିବା ସହ ଲୋକଙ୍କ ବିକାଶ ପାଇଁ କାର୍ଯ୍ୟ କରିଛନ୍ତି। କିନ୍ତୁ ବିଜେଡି ତାହା ଓଡ଼ିଶାରେ ସଫଳ କରିବାରେ ବାଧା ସୃଷ୍ଟି କରୁଛି। କେନ୍ଦ୍ର ଯୋଜନାକୁ ହଡ଼ପକରି ନିଜ ନାଁରେ ପୋଷ୍ଟର ଲଗାଇ ଲୋକଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛି। ମୋଦି ସରକାର ୩ କୋଟି ୨୬ ଲକ୍ଷ ଲୋକଙ୍କୁ ଚାଉଳ ଦେଉଥିବା ବେଳେ ରାଜ୍ୟ ସରକାର କେତେ ଲୋକଙ୍କୁ ଦେଉଛନ୍ତି ତାହାର ଉତ୍ତର ଦିଅନ୍ତୁ। ମୋଦି ସରକାର ଲୋକଙ୍କୁ ଚାଉଳ ଦେଲା ପରେ ବି ପୋଷ୍ଟର ମାରିବା କଥା ଚିନ୍ତା କରିନାହାନ୍ତି। ହେଲେ ଓଡ଼ିଶା ସରକାର ୨୪ ବର୍ଷ ଶାସନ କଲା ପରେ ୫ ଲକ୍ଷ ଲୋକଙ୍କୁ ଗରିବ କରିଦେଇଛନ୍ତି। ଅର୍ଥାତ୍ ବିଜେଡି ସରକାରରେ ଓଡ଼ିଶାରେ ଗରିବି ବଢ଼ିଛି ବୋଲି ଭାଜପା ଉପସଭାପତି ଗୋଲକ ମହାପାତ୍ର କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି , ଏବେ ସେହି ଗରିବ ୫ ଲକ୍ଷ ଲୋକଙ୍କୁ ଚାଉଳ ଦେବେ ବୋଲି ବିଜେଡି କର୍ମୀମାନେ ବ୍ୟାନର ଓ ପୋଷ୍ଟର ମାରୁଛନ୍ତି। ମୋଦି ମାଗଣା ଚାଉଳ ଦେଉଛନ୍ତି। ବିଜେଡି ଯଦି ଷଡ଼ଯନ୍ତ୍ର କରି ପୋଷ୍ଟର ଲଗାଏ ତା'ହେଲେ ଭାଜପାର କାର୍ଯ୍ୟକର୍ତ୍ତା ଏହାକୁ ବରଦାସ୍ତ କରିବେ ନାହିଁ। ଭାଜପା ବର୍ଷକ ବାରମାସ ଲୋକଙ୍କ ହିତ ପାଇଁ କାର୍ଯ୍ୟ କରେ ଏବଂ ଏହା ଏକ ସଙ୍ଗଠନ ଆଧାରିତ ଦଳ। ଓଡ଼ିଶାରେ କଂଗ୍ରେସ ଦଳ କିଛି କାର୍ଯ୍ୟ କରେନାହିଁ ଏବେ ସେମାନେ କୁଆଡ଼େ 'ତୁଳସୀ ଯାତ୍ରା' କରୁଛନ୍ତି। ଠିକ୍ ସେମିତି କେବଳ ପ୍ରଚାର ପ୍ରସାରରେ ବିଶ୍ୱାସ ରଖୁଥିବା ବିଜେଡି କୌଣସି କାର୍ଯ୍ୟ କରେ ନାହିଁ ବରଂ ମୋଦି ସରକାର ଓଡ଼ିଶାକୁ ଯାହା ଦିଅନ୍ତି ତାହା କିପରି ଘୋଟାଲା ହେବ ସେନେଇ ଲାଗିଥାନ୍ତି। କଂଗ୍ରେସ ଓ ବିଜେଡି 'ନେତା ଆଧାରିତ ଦଳ' କିନ୍ତୁ ଭାଜପା 'ସଙ୍ଗଠନ ଆଧାରିତ ଦଳ' ବୋଲି ଗୋଲକ କହିଛନ୍ତି।

ପଦାରେ ପଡ଼ିଲା ବାଲେଶ୍ୱର ବିଜେଡି କଳି

ବିଧାୟକ ଓ ତାଙ୍କ ସମର୍ଥକଙ୍କ ବିରୋଧରେ ମହିଳାମାନେ ମଙ୍ଗଳବାର ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସ୍ ଆଡ଼କୁ ଯାଉଛନ୍ତି।

ରବୀନ୍ଦ୍ର-ସ୍ୱରୂପଙ୍କ ମଧ୍ୟରେ ବଢୁଛି କନ୍ଦଳ

ମହିଳା କାଉନସିଲରଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ବିକ୍ଷୋଭ

ବାଲେଶ୍ୱର, ୯।୧(ମାନସ ବିଶ୍ୱାଳ)

ବିଧାନସଭା ନିର୍ବାଚନ ପୂର୍ବରୁ ବାଲେଶ୍ୱର ବିଜେଡିରେ କନ୍ଦଳ ପରିଲକ୍ଷିତ ହୋଇଛି। ପୂର୍ବରୁ ଜଳେଶ୍ୱର, ବସ୍ତା, ନୀଳଗିରି, ରେମୁଣା, ସୋର ନିର୍ବାଚନମଣ୍ଡଳୀରେ ବିଜେଡିର ଦୁଇଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଦେଖାଦେଇଥିବା ବେଳେ ଏବେ ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀରେ ଅନୁରୂପ ସ୍ଥିତି ଉପୁଜିଛି। ଫଳରେ ଦୀର୍ଘଦିନ ଧରି ଏଠାରେ କୁହୁଳୁଥିବା ଅସନ୍ତୋଷ ପଦାରେ ପଡ଼ିଛି।

ବାଲେଶ୍ୱର ମିଶନ ପଡ଼ିଆରେ ଗତ ୬ ତାରିଖରେ ହୋଇଥିବା 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ଜଣେ ମହିଳା କାଉନ୍‌ସିଲର ଏବଂ ତାଙ୍କ ସହକର୍ମୀଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ସହଦେବଖୁଣ୍ଟା ଥାନାରେ ଗତ ସୋମବାର ଲିଖିତ ଅଭିଯୋଗ କରାଯାଇଥିଲା। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଦେଢ଼ହଜାରରୁ ଅଧିକ ମହିଳା ଗାନ୍ଧୀ ସ୍ମୃତିଭବନଠାରେ ଏକାଠି ହୋଇ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶୋଭାଯାତ୍ରାରେ 'ସଦର ବିଧାୟକଙ୍କର ମହିଳାମାନଙ୍କ ପ୍ରତି ଦୁର୍ବ୍ୟବହାର ଚଳିବ ନାହିଁ', 'ସଦର ବିଧାୟକ ହାଏ ହାଏ', 'ନାରୀଙ୍କ ପ୍ରତି ଏ କି ପ୍ରକାର ସମ୍ମାନ ସଦର ବିଧାୟକଙ୍କର' ପ୍ଲାକାର୍ଡ଼ ଧରି ସେମାନେ ସ୍ଲୋଗାନ ଦେଇଥିଲେ। ଆଲୋଚନା ହେଉଛି ବାଲେଶ୍ୱର ବିଧାୟକ ସ୍ୱରୂପ ଦାସଙ୍କ ବିରୋଧରେ ମହିଳାମାନଙ୍କୁ ତେଜେଇବାରେ ବାଲେଶ୍ୱରର ପୂର୍ବତନ ସାଂସଦ ତଥା ବରିଷ୍ଠ ବିଜେଡି ନେତା ରବୀନ୍ଦ୍ର ଜେନାଙ୍କ ହାତ ରହଛି। ତେଣୁ ମହିଳାମାନଙ୍କର ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳଙ୍କୁ ଭେଟି ନାରୀମାନଙ୍କ ସୁରକ୍ଷା ନିଶ୍ଚିତ କରିବା ଓ ସମ୍ମାନ ଫେରାଇ ଆଣିବାକୁ ଉପଯୁକ୍ତ ଯାଞ୍ଚ କରାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ବାଲେଶ୍ୱରରେ ବିଜେଡି ଅନ୍ତଃକନ୍ଦଳ ରବୀନ୍ଦ୍ର ଓ ସ୍ୱରୂପଙ୍କ ମଧ୍ୟରେ କୁହୁଳିବାରେ ଲାଗିଛି ବୋଲି ଚର୍ଚ୍ଚା ହେଉଛି।

ପ୍ରକାଶଥାଉ କି, ମିଶନ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଳୀୟ ନେତା ଓ ନିର୍ବାଚିତ ପ୍ରତିନିଧିମାନେ ବସିବା ପାଇଁ ସଭାରେ ସିଟ୍ ନ ପାଇବାରୁ ବିଜେଡି ଦୁଇଗୋଷ୍ଠୀଙ୍କ ମଧ୍ୟରେ କଥା କଟାକଟି, ଠେଲାପେଲା ଓ ଗଣ୍ଡଗୋଳ ହୋଇଥିଲା। ଏଥିରେ କେତେକ ମହିଳା ନେତ୍ରୀ ଓ କର୍ମୀ ମଧ୍ୟ ଦୁର୍ବ୍ୟବହାରର ସମ୍ମୁଖୀନ ହୋଇଥିଲେ ବୋଲି କୁହାଯାଉଛି। ପୌରାଞ୍ଚଳ ଅଧୀନ ୩୧ନଂ. ୱାର୍ଡ କାଉନ୍‌ସିଲର ରଞ୍ଜିତା ମହାପାତ୍ରଙ୍କୁ ବିଧାୟକ ସ୍ୱରୂପ କୁମାର ଦାସଙ୍କ ସମର୍ଥିତ କର୍ମୀମାନେ ବସିବାକୁ ନ ଦେଇ ଦୁର୍ବ୍ୟବହାର କରିଥିବା ସେ ପ୍ରକାଶ କରିଥିଲେ। ଏଥିସହିତ ଗତ ସୋମବାର ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ପରେ ମଙ୍ଗଳବାର ବିଧାୟକ ଓ ସମର୍ଥିତ କର୍ମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମହିଳାମାନେ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ମାମଲା ରୁଜୁ ହୋଇ ନ ଥିବା ସହଦେବଖୁଣ୍ଟା ଥାନା ଆଇଆଇସି ପ୍ରଜ୍ଞା ମହାନ୍ତି କହିଛନ୍ତି।

ଅନ୍ୟପକ୍ଷରେ ବିଧାୟକ ସ୍ୱରୂପ ଦାସ କହିଛନ୍ତି, ସେ ଜଣେ ବିଜେଡିର ଶୃଙ୍ଖଳିତ କର୍ମୀ। ତାଙ୍କ ଦ୍ୱାରା କୌଣସି ଅପ୍ରୀତିକର କାର୍ଯ୍ୟ ହୋଇନାହିଁ କିମ୍ବା ଥାନାରେ ଅଭିଯୋଗ ହୋଇଥିବା ସମ୍ପର୍କରେ ସେ ଅବଗତ ନାହାନ୍ତି। ଏହି ଘଟଣାକୁ ନେଇ ଦଳ ଯେଉଁ ନିର୍ଦ୍ଦେଶ ଦେବ, ତାହାରି ଅନୁସାରେ କାର୍ଯ୍ୟ କରାଯିବ ବୋଲି ଦାସ କହିଛନ୍ତି। ବାଲେଶ୍ୱର ଜିଲା ପର୍ଯ୍ୟବେକ୍ଷକ ତଥା ଶକ୍ତି ମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି, ଘଟଣା ସମ୍ପର୍କରେ ନେତା ଓ କର୍ମୀମାନଙ୍କୁ ଅଭିଯୋଗ ଲିଖିତ ଆକାରରେ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଦଳର ଆଭ୍ୟନ୍ତରୀଣ ସମସ୍ୟା ଯଦିବା ଦେଖାଯାଇଛି, ଶୃଙ୍ଖଳା ରକ୍ଷା କରାଯାଇ ଆଲୋଚନା ହୋଇଛି। ଯେଉଁମାନେ ଶୃଙ୍ଖଳା ଭାଙ୍ଗିବେ ତାଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ମହିଳା ପ୍ରତିନିଧି ଦଳ।

ଶାସକ ଦଳରେ ଭାଜପା ନେତା

ଭୁବନେଶ୍ୱର,୯।୧(ଅନିଲ ଦାସ)

ଜଟଣୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଳିପଡ଼ା, ନପୁଟ ଓ ନରସିଂହପୁର ଗ୍ରାମପଞ୍ଚାୟତର ଶତାଧିକ ଭାଜପା କର୍ମୀ ମଙ୍ଗଳବାର ଶଙ୍ଖଭବନଠାରେ ପୂର୍ବତନ ଏମ୍‌ପି ତଥା ଖୋର୍ଦ୍ଧା ଜିଲା ପର୍ଯ୍ୟବେକ୍ଷକ ରବୀନ୍ଦ୍ର ଜେନା ଏବଂ ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତ ଭାଜପା କର୍ମୀଙ୍କୁ ଜେନା ଓ ବଳବନ୍ତରାୟ ଉପଢ଼ୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି । ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଜଟଣୀ ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ଉଭୟ ନେତା କହିଛନ୍ତି। ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା ଭାଜପା ନେତାମାନେ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇଛୁ । ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ ଧନ୍ୟବାଦ ଦେଉଛୁ। ଏହି ମିଶ୍ରଣ ପର୍ବରେ ମଳିପଡ଼ା ଗ୍ରାମପଞ୍ଚାୟତର ସରପଞ୍ଚ ସୁନୀଲ ମୁଦୁଲି, ନାଏବ ସରପଞ୍ଚ ମମତା ବଡ଼ଜେନା, ୱାର୍ଡମେମ୍ବର ଶ୍ୟାମସୁନ୍ଦର ଦେହୁରୀ, ସୁରେନ୍ଦ୍ର ରାଉତରାୟ, ମନୋରଞ୍ଜନ ପ୍ରଧାନ, ନୃସିଂହ ଚରଣ ଜେନା, ଖୋକନ ମଙ୍ଗରାଜ, ନପୁଟ ଗ୍ରାମପଞ୍ଚାୟତର ସରପଞ୍ଚ ସୁଚିତ୍ରା ପାତ୍ର, କମ୍ପୁପାଣି ପାତ୍ର, ଖୋର୍ଦ୍ଧା ଜିଲା ଭାଜପା ଯୁବମୋର୍ଚ୍ଚା ଉପସଭାପତି ରାଜେଶ ପାତ୍ର, ଭାଜପା କର୍ମୀ ପ୍ୟାରୀମୋହନ ପରିଡ଼ା, ସୁଶୀଲ ପରିଡ଼ା, କୃପାସିନ୍ଧୁ ସାମନ୍ତରାୟ, ପ୍ରଦୀପ ପାଇକରାୟ, ନୀଳକଣ୍ଠ ଜେନା, ଟୁଟିଳ ଭାରିମଲ, ନବ ମଙ୍ଗରାଜ, ରାକେଶ ପାତ୍ର, ଅଜୟ ଜେନା, ପର୍ଶୁରାମ ପାଇକରାୟ, ନରସିଂହପୁର ଗ୍ରାମପଞ୍ଚାୟତର ସରପଞ୍ଚ ବର୍ଷାରାଣୀ ନାୟକ, ୱାର୍ଡ ସଭ୍ୟ ମିଲନ କୁମାର ବଡ଼ଜେନା, ସୁବାସ ଚନ୍ଦ୍ର ମହାପାତ୍ର, ମନୋଜ କୁମାର ରଥ, ମଦନ ମୋହନ ବେହେରା, ନାଲୁ ସେନାପତି, ପ୍ରିୟରଞ୍ଜନ ନାୟକଙ୍କ ସମେତ ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି । ଏହି ମିଶ୍ରଣ ପର୍ବରେ ରାଜ୍ୟ ସାଧାରଣ ସମ୍ପାଦକ ତଥା ଜଟଣୀ ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ କୈଳାସ ଚନ୍ଦ୍ର ପାତ୍ର, ଖୋର୍ଦ୍ଧା ଜିଲା ସହପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର ଓ ଭୁବନେଶ୍ୱର ବ୍ଲକ ବିଜେଡି ସଭାପତି ମହେନ୍ଦ୍ର କୁମାର ଜଗଦେବ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

ଶଙ୍ଖଭବନଠାରେ ବିଜେଡିରେ ସାମିଲ ହେଉଛନ୍ତି ଭାଜପା ନେତା ଓ କର୍ମୀମାନେ ।

ଲୋକାଭିମୁଖୀ କାର୍ଯ୍ୟକୁ ପ୍ରଚାର କର

କାଳିପଦା/ଲଙ୍ଗଳେଶ୍ୱର (କମଳାକାନ୍ତ ଦାସ), ୯।୧

ବେଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଳାଡ଼ିହା ପଞ୍ଚାୟତରେ ସୋମବାର ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ବରିଷ୍ଠ କର୍ମୀ ପୂର୍ଣ୍ଣ ଜେନା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ କର୍ମୀମାନଙ୍କ ସହ ବିଭିନ୍ନ ସମସ

ଭାରତୀୟ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ପିଟିଶନ

କଟକ,୯।୧ (କାର୍ତ୍ତିକ ସାହୁ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିରୋଧରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ପାଇଁ ମଙ୍ଗଳବାର ପିଟିଶନ୍ ଦାଏର କରାଯାଇଛି। ସେଥିରେ ଦର୍ଶାଯାଇଛି, କେବଳ ୪ଟି ଶୌଚାଳୟ ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ରାସ୍ତା ଉଦ୍‌ଘାଟନ ପାଇଁ ୧୫୫.୮୮ କୋଟି ଟଙ୍କା ରାଜକୋଷରୁ ବଦ୍ ଖର୍ଚ୍ଚ ହେଉଛି। ୩।୧୮୫ ବସ୍‌ରେ ଲକ୍ଷାଧିକ ବିଜେଡି କର୍ମୀ ଓ ନେତାଙ୍କୁ ଏକତ୍ରିତ କରି ପୁରୀରେ ସମାବେଶ କରିବାକୁ ବିରୋଧ କରାଯାଇଛି। ଏତେ ସଂଖ୍ୟକ ଲୋକଙ୍କ ସମାବେଶ ଦ୍ୱାରା ଓଡ଼ିଶାରେ କରୋନା ଆଶଙ୍କା ଥିବାରୁ ତାହାକୁ ତୁରନ୍ତ ହାଇକୋର୍ଟ ରୋକିବା ନିମନ୍ତେ ପଦକ୍ଷେପ ନେବାକୁ ଆବେଦନକାରୀ ପରିଷଦର କର୍ମକର୍ତ୍ତା ବ୍ରହ୍ମପୁର ଅଞ୍ଚଳର ସୁରେନ୍ଦ୍ର ପାଣିଗ୍ରାହୀ, ପୁରୀର ପ୍ରିୟଦର୍ଶନ ପଟ୍ଟନାୟକ ଓ ନୟାଗଡ଼ର ନିରଞ୍ଜନ ଦାସ ପିଟିଶନ୍‌ରେ ଦର୍ଶାଇଛନ୍ତି। ଉକ୍ତ ମାମଲାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ, ଅର୍ଥ ବିଭାଗ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲାପାଳ, ଏସ୍‌ପି ଓ ପୁରୀ ସିଂହଦ୍ୱାର ଥାନା ଆଇଆଇସିଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଓପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ପଦକୁ ନେଇ ଦ୍ୱନ୍ଦ୍ୱ

ଭୁବନେଶ୍ୱର, ୯।୧(ସୁନିତ୍ ମିଶ୍ର)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ଗଣମାଧ୍ୟମ ଏବଂ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ପଦକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ଏହି ବିଭାଗକୁ ନେଇ ଦୁଇଟି ନିଯୁକ୍ତି ପ୍ରକାଶ ପାଇଛି। ସେଥିରୁ କେଉଁଟି ଠିକ୍ ଏବଂ କେଉଁଟା ଭୁଲ୍ ସେନେଇ ଜଣାପଡିନାହିଁ। ବିଶ୍ୱରଞ୍ଜନ ମହାନ୍ତିଙ୍କୁ ଓପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଭାବେ ମଙ୍ଗଳବାର ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ପ୍ରଭାରୀ ଅଜୟ କୁମାରଙ୍କ ଦସ୍ତଖତରେ ଏନେଇ ଏକ ଚିଠି ଜାରି କରାଯାଇଛି। ଏହି ଦାୟିତ୍ୱରେ କଂଗ୍ରେସର ବରିଷ୍ଠ ନେତା ଗଣେଶ୍ୱର ବେହେରା ରହିଥିଲେ। ତେବେ ତାଙ୍କୁ ପଦରୁ ହଟାଯାଇଛି କି ନାହିଁ ସେନେଇ ଚିଠିରେ କିଛି ସ୍ପଷ୍ଟ କରାଯାଇ ନ ଥିବାବେଳେ ବିଶ୍ୱରଞ୍ଜନଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବା ନେଇ ଘୋଷଣା କରାଯାଇଛି। ତେବେ ଆଉ ଏକ ଚିଠି ଏଆଇସିସି

ବିଶ୍ୱରଞ୍ଜନଙ୍କ ନିଯୁକ୍ତି ନେଇ ପ୍ରକାଶ ପାଇଲା ୨ ଚିଠି

ପକ୍ଷରୁ ପ୍ରକାଶ ପାଇଛି ଯେଉଁଥିରେ ଉଲ୍ଲେଖ ଅଛି ଯେ, ବିଶ୍ୱରଞ୍ଜନ ମହାନ୍ତିଙ୍କୁ ପିସିସି ମିଡିଆ ସେଲ୍‌ର ପ୍ରଭାରୀ ଭାବେ ଲୋକସଭା ନିର୍ବାଚନ ୨୦୨୪ ପାଇଁ ନିଯୁକ୍ତି ଦିଆଗଲା। ତେବେ ଏହି ଦୁଇଟି ଚିଠି ମଧ୍ୟରୁ କେଉଁଟା ଠିକ୍ ସେନେଇ ଦ୍ୱନ୍ଦ୍ୱ ବଢିବାରେ ଲାଗିଛି। ତେବେ ଏଆଇସିସି ଅଧ୍ୟକ୍ଷ ମଲିକାର୍ଜୁନ ଖାର୍ଗେ କିଛିଦିନ ତଳେ ଦଳର ଗଣମାଧ୍ୟମ ଏବଂ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଭାବେ ଗଣେଶ୍ୱରଙ୍କୁ ନିଯୁକ୍ତି ଦେଇଥିଲେ। ତେଣୁ ଏହି ପଦରୁ ଗଣେଶ୍ୱରଙ୍କୁ କେବଳ ଖାର୍ଗେ ହିଁ କାଢ଼ିପାରିବେ ବୋଲି ଜଣେ କଂଗ୍ରେସ ନେତା କହିଛନ୍ତି। ଯେଉଁ ଚିଠି କରାଯାଇଛି ଏହା ସମ୍ପୂର୍ଣ୍ଣ ଭୁଲ୍। ଏଭଳି ନିଯୁକ୍ତିପତ୍ର ପ୍ରକାଶ ପାଇବା ପରେ କଂଗ୍ରେସର ବରିଷ୍ଠ ନେତାମାନଙ୍କ ମଧ୍ୟରେ ଏକ ପ୍ରକାର ଅସନ୍ତୋଷ ସୃଷ୍ଟି ହେଉଥିବା ନେଇ ଚର୍ଚ୍ଚା ହେଉଛି।

ବିଏସ୍‌କେୱାଇ ନବୀନ କାର୍ଡ ଆବେଦନ କଲେଣି ୭୦ହଜାର

ଭୁବନେଶ୍ୱର, ୯।୧ (ଅସମାପିକା ସାହୁ)

ରାଜ୍ୟରେ ଏବେ ବିଏସ୍‌କେୱାଇ ନବୀନ କାର୍ଡ ଲାଗି ଅନ୍‌ଲାଇନ୍ ପଞ୍ଜୀକରଣ ଚାଲୁଛି। ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାରେ ଏବେ ସୁଦ୍ଧା ୭୦ହଜାରରୁ ଊର୍ଦ୍ଧ୍ୱ ଆବେଦନ କରିସାରିଲେଣି। ରାଜ୍ୟ ସରକାରଙ୍କ ତଥ୍ୟାନୁସାରେ, ମଙ୍ଗଳବାର ଅପରାହ୍ନ ୩ଟା ସୁଦ୍ଧା ୩୦ ଜିଲାରୁ ମୋଟ ୭୦,୪୮୮ଟି ଆବେଦନ ଆସିଥିବାବେଳେ ସେମାନଙ୍କ ମଧ୍ୟରେ ୧.୮୨ଲକ୍ଷ ପରିବାର ସଦସ୍ୟ ରହିଛନ୍ତି। ସେଥିମଧ୍ୟରୁ ଗଞ୍ଜାମ ଜିଲାରେ ସର୍ବାଧିକ ୯,୫୨୫ଟି ଆବେଦନ ଆସିଥିବାବେଳେ କଟକରେ ୭,୩୫୯ ଏବଂ ଖୋର୍ଦ୍ଧାରେ ୭,୧୬୫ଟି ରହିଛି।

ଯୁବକଙ୍କୁ ଗୋଡାଇ ଖଣ୍ଡାରେ ହାଣିଲେ

ଭୁବନେଶ୍ୱର,୯।୧(ସୂର୍ଯ୍ୟକାନ୍ତ ବେହେରା)

ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆ ସାହି ନୀଳଚକ୍ରବସ୍ତିରେ ରବିବାର ରାତିରେ କେତେଜଣ ଦୁର୍ବୃତ୍ତ ଜଣେ ଯୁବକଙ୍କୁ ଖଣ୍ଡାରେ ଗୋଡାଇ ହାଣିଛନ୍ତି। ଆହତ ଯୁବକ ହେଲେ ବ୍ରହ୍ମପୁରର ଲକ୍ଷ୍ମଣ। ତାଙ୍କ ହାତରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଲକ୍ଷ୍ମଣଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ଲୋକେ କହିଛନ୍ତି।

GOVERNMENT OF ODISHA
OFFICE OF THE EXECUTIVE ENGINEER
NATIONAL HIGHWAY DIVISION, JHARSUGUDA
At: PWD Colony, P.O.: Kalimandir Road, Dist.: Jharsuguda, PIN - 768202
E-mail: eenhjsg@gmail.com

RETENDER NOTICE TO BID INVITATION
NO. E.E. (NH)-1/2023-24/JHARSUGUDA

No. b-59: The Executive Engineer, N.H. Division, Jharsuguda on behalf of the Governor of Odisha invites percentage rate bid in double cover system in ONLINE MODE from eligible contractors for construction of road works as detailed in table below:

1	Nature of the Work	:	Road Works
2	Total Nos. of the Work	:	01 (One) No.
3	Estimated Cost	:	Rs.63.43 Lakhs (Appx.) (Excluding GST) as per work
4	Period of Completion	:	04 (Four Months)
5	Cost of Bid Document	:	Rs.10,000/-
6	Bid Security	:	As per column No. 06 of IFB
7	Class of Contractor	:	"B"
8	Date & Time of Availability of Bid Document in the portal	:	From 11.00 hours of Dt.06.01.2024 to 17.00 hours of Dated: 19.01.2024
9	Last date/time for receipt of bids in the portal	:	17.00 hours of dated 19.01.2024
10	Opening dates of Bid	:	11.00 hours of dated 20.01.2024
11	Name and address of the Officer Inviting Bid	:	Executive Engineer, National Highway Division, Jharsuguda, At: PWD Colony, P.O.: Kalimandir Road, Dist.: Jharsuguda, PIN - 768202

Further details can be seen from the e-procurement portal **http://www.tendersodisha.gov.in**. Any addendum/corrigendum/cancellation of tender can also be seen in the said website only.

Sd./- Executive Engineer
N.H. Division, Jharsuguda
OIPR-34020/11/0007/2324

GOVERNMENT OF ODISHA
OFFICE OF THE EXECUTIVE ENGINEER
N.H. DIVISION, JHARSUGUDA
e-Procurement Notice
E-mail: eenhjsg@gmail.com
No. 04 Date: 03.01.2024

CANCELLATION OF TENDER NOTICE

No. b-58: The tender invited for the work "S/R to NH-49 from BTM Chhak (265.860 Km.) to Kishan Chhak (268.314Km.) such as providing Paver Block, CC Drain & Median Painting for the year 2023-24 in the district of Jharsuguda" vide BID Identification No. E.E. (NH) - 1/2023-24/JHARSUGUDA may be treated as cancelled due to unavoidable circumstances.

Sd./- Executive Engineer
N.H. Division, Jharsuguda
OIPR-34020/11/0006/2324

ପ୍ରେସ୍ ବିଜ୍ଞପ୍ତି

No. F-181: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ନୀତି ଅନୁସାରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ଓଡ଼ିଶା ଭୂ-ସଂସ୍କାର ଆଇନ (ଦ୍ୱିତୀୟ ସଂଶୋଧନ), ୨୦୨୩ ଆନୀତ କରାଯାଇଛି। ଏହି ନୀତି ଅନୁସାରେ ସିକିମ୍ ସ୍ୱତ୍ୱଧାରୀ ଲୋକଙ୍କ ନାମରେ ଜମି ବନ୍ଦୋବସ୍ତ କରିବା ପାଇଁ ଆବେଦନ ପତ୍ର ତା୨୯।୧୨।୨୦୨୩ଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଗ୍ରହଣ କରାଯିବ। ସିକିମ୍ ସ୍ୱତ୍ୱଧାରୀ ଲୋକମାନଙ୍କୁ ଅନୁରୋଧ ଓଡ଼ିଶା ଭୂ-ସଂସ୍କାର ଆଇନ ନିୟମାବଳୀ (Form-2) ରେ ତହସିଲ କାର୍ଯ୍ୟାଳୟରେ ଆବେଦନ କରି ରାଜ୍ୟ ସରକାରଙ୍କ ଏହି ମହତ୍ତ୍ୱାକାଂକ୍ଷୀ ପରିଯୋଜନାର ଲାଭ ଉଠାନ୍ତୁ। ଏହି ବିଷୟରେ ସବିଶେଷ ବିବରଣୀ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ (ରାଜସ୍ୱ ଉପବିଭାଗ), ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ (ରାଜସ୍ୱ ଉପବିଭାଗ) ଏବଂ ତହସିଲ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ସ୍ୱାକ୍ଷର/- ଜିଲ୍ଲାପାଳ, ଖୋର୍ଦ୍ଧା
OIPR-24351/11/0021/2324

GOVERNMENT OF ODISHA No. A-1155
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
MINOR IRRIGATION DIVISION, SAMBALPUR
Phone No.: (0663) 2412791 (Off.), E-mail: eemisbp@yahoo.co.in
No. 58 Date: 06.01.2024

e-PROCUREMENT NOTICE
BID REF No.: SE, MID, SBP/11/2023-24

Name of Work	:	Civil Construction Works
No. of Works	:	10 (Ten) Nos.
Estimated Cost	:	Varies from approximately Rs.26.17 lakh to Rs.48.20 lakh for 10 Nos. of works (Rs.398.62 lakh)
Tender Paper Cost	:	Referred to DTCN
Period of Completion	:	Referred to DTCN
Availability of Bid through online	:	From Dt.29.01.2024 at 11.00 A.M. to Dt.12.02.2024 upto 05.30 P.M. in website **(www.tendersorissa.gov.in)**
Period of receipt of bid through online	:	From Dt.29.01.2024 at 11.00 A.M. to Dt.12.02.2024 upto 05.30 P.M. through online
Date of opening of bid documents	:	On Dt.13.02.2024 at 11.00 A.M. onwards
Digital Signature Certificate of Bidder	:	The bidder must possess compatible Digital Singature certificate (DSC) of Class-II or Class-III

The detail tender call notice can also be seen in the DOWR website: **http://dowrorissa.gov.in**.

Name and Address of the OIT	:	Superintending Engineer, M.I. Division, Sambalpur, At: Motijharan, P.O.: B.S.S. Nagar, Dist.: Sambalpur, PIN - 768001, Ph.: 0663-2412791
E-mail ID	:	**eemisbp@yahoo.co.in**
Further details can be seen from the e-Procurement market place	:	**http://tendersorissa.gov.in**

Sd./- 06.01.2024
Superintending Engineer
M.I. Division, Sambalpur
OIPR-32036/11/0013/2324

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, SUNDARGARH
E Mail ID: rw_rourkela@yahoo.co.in
TENDER CALL NOTICE
BID IDENTIFICATION NO.ONLINE-SERKL-25 OF 2023-24

No.O-2148: Name of the Work: Road Works, 2. Total No. of Works: 28 (Twenty Eight) Nos., 3.Estimated Cost: Rs. 4.86 to 20.66 Lakhs. 4. Class of Contractor: "D" & "C" Class. 5. Period of Completion: 02 (Two) & Three Calendar Months. 6. Type of Tender: Single Cover. 7. Other details:

Procurement Officer	Bid Identification No.	Availability of tender Online for bidding	
		From	To
1	2	3	4
Superintending Engineer, Rural Works Division-II, Sundargarh	Online- SERKL-25 of 2023-24	10.01.2024 from 10.00 AM	20.01.2024 upto 5.00 PM

Further details can be seen from the website www.tendersodisha.gov.in.

Sd./- Superintending Engineer
R.W.Division-II, Sundargarh
OIPR-25193/11/0003/2324

Government of Odisha ee_rwbdk2@yahoo.co.in
OFFICE OF THE SUPERINTENDING ENGINEER, RURAL WORKS DIVISION-II,BHADRAK
"e" Procurement Notice for Building Works
1st Corrigendum to Identification Online Tender 11/RWD-II/2023-24, Dt.30.12.2023
Letter No.122, Dt.06.01.2024

No.O-2139: In response to this office identification Online Tender 11/RWD-II/2023-24, Dt.30.12.2023 for modification of column No.06 i.e. time of completion 9 month instead of 6 month vide Ltr No.511, dtd.03.01.2024 of Chief Engineer Building & Bridges is hereby modified & following changes has been made.

ANNEXURE

Sl. No.	Name of the Work	Approxi. Estimated Cost put to tender (in lakhs)	EMD required (in Rs.)	Class of Contractor	Time of Completion	Cost of Tender Paper (in Rs.)	Name of R.W. Sub-Division	Name of the Division
1	2	3	4	5	6	7	8	9
1	Construction of Govt. Homoeopathic dispensary Building at Kantika for the year 2023-24 in the District of Bhadrak	Civil-56.45 E.I.-3.31 PH-4.98 T-64.74	1% of Estimated Cost	"B" Class	9 Month	10000.00	Dhamnagar	R.W. Division-II, Bhadrak
2	Construction of Govt. Ayurvedic Dispensary Building at Sudarsanpur for the year 2023-24 in the District of Bhadrak	Civil-52.09 E.I.-3.36 PH-3.37 T-58.82	1 % of Estimated Cost	"B" Class	9 Month	10000.00	Basudevpur	R.W.Division-II, Bhadrak

Other conditions are remain same.

OIPR-25090/11/0023/2324 **Sd./- Executive Engineer, R.W.Division-II, Bhadrak**

GOVERNMENT OF ODISHA No. O-2137
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR
e-Procurement Notice

1.	Name of Work	:	Construction of Govt. Upgraded High School Building at Jhartarva in Tarva Block of Subarnapur District.
2.	No. of Works	:	1 (One) Work
3.	Time for Completion	:	15 (Fifteen) Calendar Months
4.	Approximate estimated cost	:	Rs.345.03 lakhs
5.	Mode of submission of tender	:	Tender should be submitted online in **www.tendersodisha.gov.in**
6.	Other details are as follow		

Procurement Officer	Bid Identification No.	Availability of Tender online for bidding		Last date and time of seeking tender clarification	Date & time of opening of tender	
		From	To		Technical Bid	Financial Bid
Chief Construction Engineer, R.W. Circle, Bolangir	BLGR-Online-41/ 2023-24	16.01.2024 at 11.00 A.M.	30.01.2024 upto 5.00 P.M.	29.01.2024 upto 5.00 P.M.	31.01.2024 at 11.00 A.M.	The date will be intimated later on

- Further details can be seen from the website **www.tendersodisha.gov.in**.
- Any Corrigendum/Addendum will be displayed in the above e-tender website only.

OIPR-25118/11/0068/2324 **Sd./- Chief Construction Engineer, R.W. Circle, Bolangir**

OFFICE OF THE SUPERINTENDING ENGINEER, BHUBANESWAR (R&B) DIVISION, NO.I, BHUBANESWAR
E-mail:eebbsr1@yahoo.co.in
INVITATIONS FOR BIDS THROUGH e-Procurement
No.63, Date:04.01.2024
Bid Identification No.C.C. (R&B)-01 e-Procurement Notice No. (65) of 2023-24

No.B-1568: The Superintending Engineer, Bhubaneswar (R&B) Division No.I, Bhubaneswar on behalf of Governor of Odisha invites **Percentage** Rate Bids in Double Cover system **(Online)** for the works as detailed in table below.

Sl. No.	Name of the Work	Approximate Estimated Cost put to Tender (Rs.)	Class of Contractor	Cost of Bid Documents (Rs.)	Period of Completion in Calendar Months	EMD (Rs.)
1	Construction of new Hostel Building (1st Floor) inside Voti Campus at Laxmisagar, Bhubaneswar for the year 2023-24	Rs.54,60,000.00	'B' Class & 'A' Class	Rs.10,000.00 (To be paid Online)	06 (Six) Calendar Months	Rs.55,000.00
2	Construction of Annex Building of Urban primary health centre, Kalpana, Bhubaneswar for the year 2023-24.	Rs.59,61,000.00	'B' Class & 'A' Class	Rs.10,000.00 (To be paid Online)	06 (Six) Calendar Months	Rs.60,000.00

The bidders have to participate in ONLINE bidding only. The website for ONLINE BIDDING is http://tendersorissa.gov.in. Bid documents will be available in above website from 12.00 Hours of 08/01/2024 to 17.30 Hours of 22.01.2024. Bids of the above work shall be opened at 12.00 hours on 25.01.2024. The bidder must possess matching class compatible Digital Signature Certificate (DSC). Further details and other terms and condtions can be seen from DTCN in the e-Procurement website www.tendersorissa.gov.in

N.B.:Subsequent corrigendum/addendum if required shall be available in the website as indicated above.

Sd./- Superintending Engineer,
Bhubaneswar (R&B) Division No.I, Bhubaneswar
OIPR-34076/11/0009/2324

OFFICE OF THE SUPERINTENDING ENGINEER
MINOR IRRIGATION DIVISION, BOUDH
GOVERNMENT OF ODISHA, e-Procurement Notice
Bid Identification No. 14/BMID/2023-24
E-mail ID: bmidbdh@gmail.com
No. A-1152
Letter No. 20 Date: 06.01.2024

01. Name of Work	:	Improvement to Tanks & MIPs Scheme 2023-24 & Construction of New Cheek Dams under MATY Scheme 2023-24 in Boudh District
02. Number of Work	:	12 (Twelve) Nos.
03. Tender Amount	:	Varies from Rs.9.27 Lakhs to Rs.47.34 Lakhs
04. Class of Contractor	:	"D", "C" & "B"
05. Tender Paper Cost (Online)	:	Rs.4000/- & Rs.6000/-
06. Period of Completion	:	03 (Three)/06 (Six) Calendar Months
07. Availability of Bid Document	:	From 10.01.2024 at 10.00 A.M. to 24.01.2024 at 05.00 P.M. in website **(www.tendersorissa.gov.in)**
08. Last date & time of receipt of Bid	:	24.01.2024 at 05.00 P.M. through online
09. Date of Opening of Bid Documents	:	25.01.2024 at 11.00 A.M. in the Office of the SE, M.I. Division, Boudh
10. Date of Lottery if required	:	02.02.2024
11. Digital Signature Certificate of Bidder	:	The bidder must possess compatible Digital Signature Certificate (DSC)
12. Name and Address of the OIT	:	Superintending Engineer, M.I. Division, Boudh, At/P.O.: Malisahi, District: Boudh, PIN - 762014

Further details can be seen from the Government of Odisha website: **www.tendersorissa.gov.in**.

Sd./- Superintending Engineer
M.I. Division, Boudh
OIPR-32279/11/0011/2324

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସୋନପୁର
PANCHAYAT SAMITI, SONEPUR
ଜିଲ୍ଲା: ସୁବର୍ଣ୍ଣପୁର, ପିନ୍ – ୭୬୭୦୧୭ (ଓଡ଼ିଶା), ଇ-ମେଲ: ori-bsonepur@nic.in
QUOTATION CALL NOTICE
No. 5317 Date: 30.12.2023

No. i-584: As per letter No. 229 Dt.06.12.2023 of PR & DW Dept. A video film of 10 miniutes in Odia Language shall be prepared covering major projects including those of the line departments. The film shall include the transformation activities taken up in concerned block in last 5 years. As per Letter No. 7776 Dt.30.12.2023 of Zilla Parishad, Subarnapur funds has been sanctioned for the said purpose. Sealed quotations are invited from interested agencies (empanelled by I&PR Dept.) as per specification mentioned below. The quotations complete in respect should reach to the Office of the undersigned on or before Dt.10.01.2024, 5.00 P.M. through Speed Post/Registered Post/Courier service and the sealed quotations shall be opened at 11.30 A.M. on Dt.11.01.2024 in the presence of participants of tender committee.

Sl. No.	Name of the Work	Estimated Cost with GST (in Rs.)	Period of Completion	Tender Processing Cost (in Rs.)
1	Preparetion of Video film of Sonepur Block	354000	7 days	2000 (Demand Draft)

The bid document must also include Tender processing cost of Rs.2000 in the form of a DD in favour of Block Development Officer, Sonepur. The bidders are requested to go through the list of documents mentioned in **Annexure - 2** and include them in the bid document. Further the bidder must submit his quotation in the format mentioned in **Annexure - 3**.
The authority will not be held responsible for any postal delay in respect of receipt of tender documents and reserves the right to accept or reject any or all tenders without assigning any reason thereof.

Sd./- Block Development Officer, Sonepur
OIPR-19357/11/0004/2324

OFFICE OF THE TREASURY OFFICER
DISTRICT TREASURY, PURI

No. S-40: Sealed tenders are invited from reputed registered manpower service providers having valid licence for providing 3 (Three) nos. of (watch and ward with cleaning and sweeping of the premises) and one office attendant to be engaged on outsourcing of Non-consultancy services for District Treasury, Puri and Sub-Treasuries under it's jurisdiction. The tender documents containing details terms and conditions can be obtained from the Office of District Treasury, Puri on any working day during office hours by depositing Rs.500/- (Five hundred) only of Bank Demand Draft in favour of District Treasury, Puri with effect from Dt.10.01.2024 to Dt.19.01.2024 upto 4 P.M. in person or by post. The last date for submission of tender papers to this office is latest by 5 P.M. on 20.01.2024 and submission of tender papers after scheduled time and date will not be accepted.
The District Treasury Officer reserves the right to accept or reject any or all tenders without assigning any reason thereof.

Sd./- District Treasury Officer, Puri
OIPR-05047/11/0003/2324

SHORT TENDER CALL NOTICE
Tender Notice No. 161/Jls. Bhubaneswar Date 08.01.2024

No. D-203:- Sealed tenders in plain papers are invited from the intended Firms / Contractors / Co-operative Organisations registered under GST Act having Pan Card and up-to-date GST Clearance Certificate with TIN/SRIN for supply of Shoddy Wool for making of Prison Blankets and supply of raw materials for preparation of phenyl for the year 2024-2025 as per the approximately quantity given below. The rates should be quoted in kg./ litre inclusive of all taxes and free delivery at the Jail Gate of Special Jail, Bhubaneswar at Jharpada, Laxmisagar. The rates should be accompanied with sample to be certified by the purchase committee confirming the required specification. All the tenderers must be present either in person or through their authorized agents/ representatives with samples on the day of opening of Tender Papers. The selected samples may be put to auction, if necessary. Firms / Contractors / Co-operative Organisations should enclose the copy of certificate showing the dealership of the shoddy wool / raw materials of phenyl. Every tenderer will be required to deposit along with his tender an earnest money @ 2.5% of the estimated value of the articles tendered for in shape of N.S.C. /Postal Savings Pass Book Account duly pledged in favour of the Superintendent of Special jail, Bhubaneswar. Successful tenderers or bidders will be required to enter into stamped agreement with the Superintendent of Special Jail, Bhubaneswar within seven days from the date of receipt of intimation by them that their rates have been accepted for the supply of the articles at the Jail Gate in such quantities and at such time may be required. In addition, they should before entering such agreements, deposit security money @ 10% of the cost of supplies undertaken, in form of Postal Savings Bank Account or in shape of National Savings Certificate duly pledged to the undersigned. Failing compliance within the time specified the earnest money be confiscated. The earnest money deposited by the tenderers whose tenders have not been accepted will be refunded to them after the final acceptance of the tender by the Purchase Committee. The rate fixed by Purchase Committee is final. The Chairman, Purchase Committee reserves the right in the public interest to reject any or all tender without assigning any reason thereof. The sealed tenders quoting rates to be submitted directly to the Superintendent, Special jail, Bhubaneswar **on or before 5.00 P.M. of 07.02.2024**. Sealed tenders will be opened **at 4.00 P.M. of 16.02.2024** or in consultation with the Chairman of the Purchase Committee.

E-mail ID: bhubaneswarjail.od@nic.in
Phone No.: 0674-2578077

LIST OF ARTICLES TO BE PURCHASED DURING THE YEAR 2024-25

Sl. No.	Name of Articles	Quantity
1	2	3
1	Shoddy Wool	100 Qntls.
2	Acid Slurry	10 Litres
3	Pine oil	150 Litres
4	Essence(Jasmine)	5 Litres
5	Rosin	100 Kg.
6	Castrol Oil	50 Litres
7	L.C.O.	200 Litres
8	Carbolic Acid	05 Litres

Sd./- Superintendent, Special Jail, Bhubaneswar
OIPR-12012/11/0001/2324

GOVERNMENT OF ODISHA No. A-1158
DEPARTMENT OF WATER RESOURCES
'e' Procurement Notice No. 08 (NGR)/2023-24

1	Name of Work	River Training Work & Road Works
2	Total No. of Work	5 (Five)
3	Estimated Cost	Rs.28.22 Lakhs to 39.50 Lakhs
4	Period of Completion	(04) Four Calendar Months
5	Date & time of availability of Bid Document in the portal	15.00 hours of 10.01.2024 to 17.00 hours 20.01.2024
6	Last date/time for receipt of Bids in the Portal	20.01.2024 upto 17.00 hours
7	Date and Place of opening of Technical Bid	Dt.22.01.2024 at 10.30 hours in the Office of the Superintending Engineer, Nayagarh Irrigation Division, Nayagarh
8	Name and address of the O.I.T. (Officer Inviting Tender)	Superintending Engineer, Nayagarh Irrigation Division, Nayagarh

Further details can be seen from the e-Procurement Portal **"https://tendersodisha.gov.in"**.

Sd./- Superintending Engineer
OIPR-32303/11/0023/2324 **Nayagarh Irrigation Division, Nayagarh**

OFFICE OF THE NOTIFIED AREA COUNCIL, KHARIAR
"e" Procurement Notice
Bid Reference No.2024_ORULB_99092
Tender Call Notice No.51/Dt.02.01.2024

No.C-2280: Bid documents consisting of specification the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in.

1. Nature of Work	:	Civil Construction works as mentioned in website
2. Estimated Cost	:	Rs.61.61
3. Period of Completion	:	As per DTCN
4. Date and Time of availability of the documents in the portal	:	10.00 AM of dt.03.01.2024 to 5.30 PM of dt.16.01.2024.
5. Last date/time for receipt of Bids in the portal	:	Upto 5.30 PM of dt.16.01.2024
6. Offline submission of Bid	:	10 AM of dt.17.01.2024 to 5.30 PM of 18.01.2024.
7. Name and address of the Officer Inviting Bid	:	Executive Officer, Khariar NAC District- Nuapada

Further the details can be seen from the 'e'-Procurement Portal: www.tendersorissa.gov.in.

Sd./- Executive Officer, NAC Khariar
OIPR-13136/11/0011/2324

Government of Odisha No.O-2153
**Office of the Superintending

ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୩୧ (୩୦.୯୯) ପଏଣ୍ଟ ବଢି ୭୧,୩୮୬(୭୧,୩୮୬.୨୧) ଅଙ୍କରେ କାରବାର ବନ୍ଦ କରିଥିଲା। ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୩୨ (୩୧.୮୫) ପଏଣ୍ଟ ବୃଦ୍ଧି ଘଟି ୨୧,୫୪୫ (୨୧,୫୪୪.୮୫) ଅଙ୍କରେ କାରବାର ବନ୍ଦ କରିଥିଲା।

୨୫୦ ଏକର ପରିବ୍ୟାପ୍ତ ପ୍ଲାଣ୍ଟରେ ୧୦୦୦ କୋଟିର ନିବେଶ

ଭୁବନେଶ୍ୱର,୯।୧(ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଜିନ୍ଦଲ ଆଡଭାନ୍ସଡ ମ୍ୟାଟେରିଆଲ୍ସ (ଜାମ୍) ତାମିଲନାଡୁରେ ପ୍ରାୟ ୧୦୦୦ କୋଟି ଟଙ୍କା ନିବେଶ କରିବ ବୋଲି ଚେନ୍ନାଇଠାରେ ଆୟୋଜିତ ୨ଦିନିଆ ବୈଶ୍ୱିକ ନିବେଶକ ସମ୍ମିଳନୀରେ କମ୍ପାନୀ ବିସ୍ତୃତ ଭାବେ ଘୋଷଣା କରିଛି। ଏପରିକି କମ୍ପାନୀ ଦକ୍ଷିଣ ଭାରତରେ ପ୍ରଥମ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବା ପାଇଁ ତାମିଲନାଡୁ ସରକାରଙ୍କ ସହ ଏକ ଦ୍ୱିପାକ୍ଷିକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ବିଶେଷ ୨୫୦ ଏକର ପରିବ୍ୟାପ୍ତ ଜମିରେ କମ୍ପାନୀ ଉକ୍ତ କାରଖାନା (ଅତ୍ୟାଧୁନିକ ପ୍ଲାଣ୍ଟ) ତ୍ରିଚିଠାରେ ସ୍ଥାପନ ହେବ ଏବଂ ପ୍ରାୟ ୩୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସେହିଭଳି ଜାମ୍ ଉକ୍ତ କାରଖାନା (ପ୍ଲାଣ୍ଟ) ରେ ଅଭିନବ କମ୍ପୋଜିଟ୍ ସାମଗ୍ରୀ ଉତ୍ପାଦନ କରିବ। ସାରା ଭାରତରେ କମ୍ପାନୀର ଏହା ୪ର୍ଥ ପ୍ଲାଣ୍ଟ ହୋଇଥିବାବେଳେ ଉପରୋକ୍ତ ଏମ୍‌ଓୟୁ ଅନୁଯାୟୀ ତାମିଲନାଡୁ ସରକାର ଆବଶ୍ୟକ ଭିତ୍ତିଭୂମି ତଥା ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାକୁ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପରପ୍ରେକ୍ଷୀରେ ଜାମ୍‌ର ନିର୍ଦ୍ଦେଶକ, ସି.ପି.ଅଗ୍ରୱାଲ ଏବଂ ତାମିଲନାଡୁ ସରକାରଙ୍କ ଗାଇଡାନ୍ସ, ଶିଳ୍ପ, ନିବେଶ ପ୍ରୋତ୍ସାହନ ଓ ବାଣିଜ୍ୟ ବିଭାଗର ଏମ୍‌ଡି ତଥା ସିଇଓ ଭି.ବିଷ୍ଣୁ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ,ରାଜ୍ୟ ଶିଳ୍ପମନ୍ତ୍ରୀ ଡ. ଟି.ଆର୍.ବି. ରାଜା, ମୁଖ୍ୟ ଶାସନ ସଚିବ ଶିବ ଦାସ ମୀନା ପ୍ରମୁଖ ଉପସ୍ଥିତ ଥିଲେ।

ଜାମ୍‌ର ନିର୍ଦ୍ଦେଶକ ସି.ପି.ଅଗ୍ରୱାଲ କହିଛନ୍ତି, ଦକ୍ଷିଣ ଭାରତରେ ଆମର ଗ୍ରାହକ ସେବା ଅଭିଜ୍ଞତାକୁ ବୃଦ୍ଧି କରିବାରେ ଉକ୍ତ ବୁଝାମଣାର ପ୍ରମୁଖ ଭୂମିକା ରହିଛି। ଏପରିକି ତାମିଲନାଡୁର ସୁଦୃଢ଼ ଭିତ୍ତିଭୂମି, ଅଧିକ ବାଣିଜ୍ୟ ସୁଯୋଗ ପାଇଁ ତ୍ରିଚିର ବନ୍ଦରଠାରୁ କମ୍ ଦୂରତା ଏବଂ ଭିତ୍ତିଭୂମି ଓ ଏରୋସ୍ପେସ୍ କ୍ଷେତ୍ରରେ ଥିବା ଇକୋସିଷ୍ଟମ ଆମର ପ୍ରତିବଦ୍ଧତାକୁ ଆହୁରି ଭଲ ଭାବେ ବିସ୍ତାର କରିବାକୁ ସକ୍ଷମ କରିବ।

ତାମିଲନାଡୁ ସରକାରଙ୍କ ବାଣିଜ୍ୟ ବିଭାଗର ଏମ୍‌ଡି ତଥା ସିଇଓ ଭି. ବିଷ୍ଣୁ କହିଛନ୍ତି, ଆମ ଲକ୍ଷ୍ୟକୁ ବୁଝିଥିବାରୁ ମୁଁ ନିବେଶକ, ଚିନ୍ତାନାୟକ, ନୀତିନିର୍ମାତା ଏବଂ ବୁଦ୍ଧିଜୀବୀଙ୍କ ନିକଟରେ କୃତଜ୍ଞ। ଏପରିକି ତାମିଲନାଡୁ ବୈଶ୍ୱିକ ନିବେଶକ ସମ୍ମିଳନୀ–୨୦୨୪ର ସଫଳତାରେ ଆମ ବେଶ୍ ଉତ୍ସାହିତ ଥିଲାବେଳେ ଆମର ଉଦ୍ଦେଶ୍ୟ ଓ ଦୂରଦୃଷ୍ଟି ପ୍ରତିଫଳିତ ହୋଇଛି। ବିଶେଷ କରି ତାମିଲନାଡୁ ପ୍ରତିରକ୍ଷା ଶିଳ୍ପ କରିଡରରେ ଭିତିଭୂମି ଏବଂ ଏରୋସ୍ପେସରେ ଅଧିକ ଶିଳ୍ପ ଏବଂ ଜାମ ମଧ୍ୟ ଏହା ଉପରେ ଧ୍ୟାନ ଦେଉଛି। ଦକ୍ଷିଣ ଭାରତର ବାକି ଅଞ୍ଚଳ ସହ ତାମିଲନାଡୁର କେନ୍ଦ୍ରୀୟ ସଂଯୋଗକୁ ଦୃଷ୍ଟିରେ ରଖି ଜାମ ସହିତ ଉକ୍ତ ବୁଝାମଣା ସହରର ଶିଳ୍ପ ଅଭିବୃଦ୍ଧିକୁ ଆଗେଇ ନେବା ପାଇ ପ୍ରସ୍ତୁତ ରହିଛି।

ଓଏମ୍‌ସିକୁ ଜାତୀୟ କ୍ରୀଡ଼ା ପ୍ରୋତ୍ସାହନ ପୁରସ୍କାର

ଭୁବନେଶ୍ୱର,୯।୧
(ଅନୁରାଧା ମହାରଣା)

କ୍ରୀଡ଼ାର ବିକାଶରେ ତଥା ପ୍ରୋତ୍ସାହନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ଖଣି ନିଗମ (ଓଏମ୍‌ସି)କୁ ଜାତୀୟ କ୍ରୀଡ଼ା ପ୍ରୋତ୍ସାହନ ପୁରସ୍କାର ୨୦୨୩ ପ୍ରଦାନ କରାଯାଇଛି। ମଙ୍ଗଳବାର ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସାମାଜିକ ଉତ୍ତରଦାୟିତ୍ୱ ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସୂଚନା ଥାଉ କି, ଓଏମ୍‌ସି ତୃଣମୂଳ ସ୍ତରରେ, ରାଜ୍ୟ ତଥା ଜାତୀୟ ସ୍ତରରେ କ୍ରୀଡାକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହଯୋଗରେ କ୍ରୀଡ଼ାକ୍ଷେତ୍ରରେ ଯୁବପିଢ଼ିଙ୍କ ଭବିଷ୍ୟତ ଗଠନ ପାଇଁ ଓଏମ୍‌ସି ସର୍ବଦା ତତ୍ପର ଥିବା ଓଏମ୍‌ସି ପକ୍ଷରୁ କୁହଯାଇଛି।

ରିନ୍ୟୁ ଏନର୍ଜିର ନୂତନ ଅଭିଯାନ

ଭୁବନେଶ୍ୱର,୯।୧

ରିନ୍ୟୁ ଏନର୍ଜିର ନୂତନ ଅଭିଯାନ ତଥା ଉପହାର ଉଶ୍ମତାର ୯ମ ସଂସ୍କରଣକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଚଳିତ ବର୍ଷ ରିନ୍ୟୁ ଦିଲ୍ଲୀ ଏନ୍‌ସିଆର୍, ରାଜସ୍ଥାନ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ ଏବଂ ଓଡ଼ିଶା ଭଳି ରାଜ୍ୟରେ ୨ଲକ୍ଷରୁ ଅଧିକ କମ୍ବଳ ବଣ୍ଟନ କରିଛି। ଏପରିକି ଏହି ବଣ୍ଟନ ଅଭିଯାନ ଆରମ୍ଭ ହୋଇଯାଇଥିବାବେଳେ ଓଡ଼ିଶାରେ ପ୍ରାୟ ୧୨,୦୦୦ କମ୍ବଳ ବଣ୍ଟନ କରିସାରିଛି। କମ୍ପାନୀର ସହ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ବୈଶାଳୀ ନିଗମ ସିହ୍ନା କହିଛନ୍ତି, ଗତ କିଛି ବର୍ଷ ହେଲା ଭାରତରେ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବ ଲୋକମାନଙ୍କ ଉପରେ ପଡ଼ିଛି। ଅତ୍ୟଧିକ ଶୀତର ପ୍ରଭାବ ଯୋଗୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଆମେ ସବୁବେଳେ ଗୋଷ୍ଠୀ କଲ୍ୟାଣ ପାଇଁ କାମ କରିଥାଉ। ଏହି କାର୍ଯ୍ୟରୁ ଆମେ ବହୁ ଆନନ୍ଦ ପାଇଛୁ ଓ ଆମକୁ ମଧ୍ୟ ରାଜ୍ୟ ସରକାରଙ୍କ ଆବଶ୍ୟକ ସହଯୋଗ ମିଳିପାରିଛି। ଅପରପକ୍ଷରେ ଉପହାରର ଉଶ୍ମତା ଅଭିଯାନ–୨୦୧୫ରେ ଆରମ୍ଭ ହୋଇଥିଲା ଓ ଲକ୍ଷ୍ୟ ଥିଲା କୌଣସି ଭାରତୀୟ ଶୀତ ପ୍ରଭାବରେ ଆକ୍ରାନ୍ତ ନ ହୁଅନ୍ତୁ ଏବଂ କମ୍ପାନୀ ଆଜି ପର୍ଯ୍ୟନ୍ତ ୬,୨୫,୦୦୦ କମ୍ବଳ ବଣ୍ଟନ କରିଛି। ୨୦୨୫ ସୁଦ୍ଧା ୧ବିଲିୟନ କମ୍ବଳ ବଣ୍ଟନ କରିବାକୁ ଲକ୍ଷ୍ୟ ରଖିଛି। ଉକ୍ତ ଅଭିଯାନରେ ରିନ୍ୟୁର ଅନ୍ୟ କର୍ପୋରେଶନ ଓ ଅନୁଷ୍ଠାନଗୁଡ଼ିକର ସହଭାଗିତା ଓ ସହଯୋଗକୁ ଆମନ୍ତ୍ରଣ କରୁଛି। ବିଗତ ବର୍ଷଗୁଡ଼ିକରେ ଅତ୍ୟଧିକ ଥଣ୍ଡା ଅନୁଭୂତ ହେଉଛି। ସରକାରୀ ତଥ୍ୟ ଅନୁଯାୟୀ ଗରିବ ଲୋକମାନେ ଶୀତ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ସରକାରୀ ଅଧିକାରୀଙ୍କ ସହଯୋଗରେ ରିନ୍ୟୁ କର୍ମଚାରୀମାନେ ସବୁଠାରୁ ଶୀତପ୍ରବଣ ଜିଲାଗୁଡ଼ିକରେ ଗରିବ ଲୋକମାନଙ୍କୁ ଚିହ୍ନଟକରି ସେମାନଙ୍କୁ ସହାୟତା ସ୍ୱରୂପ କମ୍ବଳ ବଣ୍ଟନ କରିବେ। ପ୍ରଥମେ ଜିଲାସ୍ତରରୁ ଉକ୍ତ ଅଭିଯାନ ଆରମ୍ଭ ହେବ, ତା'ପରେ ତହସିଲ ଓ ଗ୍ରାମାଞ୍ଚଳରେ କମ୍ପାନୀର କର୍ମଚାରୀମାନେ କମ୍ବଳ ବଣ୍ଟନ କରିବେ।

'ମାଇଁ ଓଡ଼ିଶା,ଇଣ୍ଡିଆଜ୍ ପ୍ରାଇଡ୍'ର ଶୁଭାରମ୍ଭ

ଭୁବନେଶ୍ୱର,୯।୧

ଟାଟା ପାୱାରର ଡିସ୍‌କମ୍‌ଗୁଡ଼ିକ ପକ୍ଷରୁ 'ମାଇଁ ଓଡ଼ିଶା,ଇଣ୍ଡିଆଜ୍ ପ୍ରାଇଡ୍'ର ଶୁଭାରମ୍ଭ ସମ୍ପର୍କରେ କରାଯାଇଛି। ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପାଳନ କରିବା ସହ ଯୁବ ପ୍ରତିଭାମାନଙ୍କୁ ସମୃଦ୍ଧ କରିବା ଏବଂ ସଂସ୍କୃତିକୁ ସୁଦୃଢ଼ କରିବା ଦିଗରେ କମ୍ପାନୀର ଏହି ପଦକ୍ଷେପ ବେଶ୍ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ୮ରୁ ୧୨ବର୍ଷ ଏବଂ ୧୩ରୁ ୧୬ବର୍ଷର ପିଲାମାନଙ୍କ ମଧ୍ୟରେ ସୃଜନଶୀଳତାକୁ ଜାଗ୍ରତ କରିବା ଲକ୍ଷ୍ୟ ରଖି ପିଲାମାନଙ୍କୁ ଚିତ୍ରକଳା, ସ୍କେଚ୍ ଏବଂ କବିତା, ପ୍ରବନ୍ଧ ଓ କାହାଣୀ ଭଳି ସାହିତ୍ୟିକ ଲେଖା ପଠାଇବା ପାଇଁ ଆହ୍ୱାନ ଦିଆଯାଇଛି। ଏହି ପଦକ୍ଷେପ ରାଜ୍ୟ ସରକାରଙ୍କ 'ସ୍କିଲ୍ଡ ଇନ୍ ଓଡ଼ିଶା' ଅଭିଯାନ ସହ ଖାପଖାଉଛି, ଯାହା ଶିକ୍ଷା ଓ ସଂସ୍କୃତି ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବ। ଏପରିକି ଛାତ୍ରୀଛାତ୍ରମାନେ ସେମାନଙ୍କ ଭିଡିଓ ଆବେଦନକୁ କବିତା, ପ୍ରବନ୍ଧ ଓ କାହାଣୀ ମାଧ୍ୟମରେ ପଠାଇପାରିବେ। ସେହିଭଳି ୮ରୁ ୧୨ ଏବଂ ୧୩ରୁ ୧୬ ବର୍ଷ ବୟସ ବର୍ଗରେ ପ୍ରଥମ ପୁରସ୍କାର ଭାବେ ଟ୍ରଫି, ସ୍ୱର୍ଣ୍ଣ ପଦକ ଓ ୨୦୦୦ ଟଙ୍କାର ଗିଫ୍ଟ ଭାଉଚର ପ୍ରଦାନ କରାଯାଉଥିବାବେଳେ ୨ୟ ପୁରସ୍କାରରେ ରୌପ୍ୟ ପଦକ ଓ ୨୦୦୦ ଟଙ୍କାର ଗିଫ୍ଟ ଭାଉଚର ଏବଂ ୩ୟ ପୁରସ୍କାରରେ ତାମ୍ର ପଦକ ଓ ୨୦୦୦ ଟଙ୍କାର ଗିଫ୍ଟ ଭାଉଚର ପ୍ରଦାନ କରାଯିବ। ସେହିପରି ଚୟନ କରାଯାଇଥିବା ଅନ୍ୟ ଶ୍ରେଷ୍ଠ ୨୦ଜଣଙ୍କୁ ୨୦୦୦ଟଙ୍କାର ଗିଫ୍ଟ ଭାଉଚର ପ୍ରଦାନ କରାଯିବ। ଉକ୍ତ ପ୍ରତିଯୋଗିତାରେ ସାମିଲ ସମସ୍ତ ଆବେଦନକାରୀଙ୍କୁ ଅଂଶଗ୍ରହଣ ସାର୍ଟିଫିକେଟ ଦିଆଯିବ। ଅପରପକ୍ଷରେ ପ୍ରତିଯୋଗୀମାନେ ସେମାନଙ୍କ ଆବେଦନକୁ ସିଧାସଳଖ 'ମାଇଁ ଓଡ଼ିଶା ଇଣ୍ଡିଆଜ୍ ପ୍ରାଇଡ୍' ପ୍ରତିଯୋଗିତାରେ ନିଜର ନାମ, ବୟସ, ଫୋନ୍ ନମ୍ବରକୁ ଫାଇଲ୍ ନାମ ଭାବେ ଲେଖି (ଉଦାହରଣ ତୁହିନ ମହାପାତ୍ର–୦୯–୯୮୧୮****) ଲେଖି ପଠାଇପାରିବେ। ଅନ୍ୟଥା ସେମାନେ ନିଜ ଆବେଦନକୁ ଅଂଶଗ୍ରହଣର ବର୍ଗ,ନାମ, ବୟସ, ମୋବାଇଲ୍ ନମ୍ବର ଓ ସହର ନାମ ଲେଖି photocontest.tpodisha@tatapower.comରେ ଇମେଲ୍ କରିପାରିବେ। ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀ ଆବେଦନଗୁଡ଼ିକୁ ଅନୁଶୀଳନ କରିବେ। ଉଲ୍ଲେଖଯୋଗ୍ୟ, (ସର୍ତ୍ତାବଳୀ: ଅଧିସୂଚନା) ପ୍ରତିଯୋଗିତାରେ ଦାଖଲ ହୋଇଥିବା ଆବେଦନଗୁଡ଼ିକକୁ ନିଜ ଅନୁସାରେ ବ୍ୟବହାର କରିବାର ଅଧିକାର ଟାଟା ପାୱାର ପାଖରେ ରହିବ। ଓଡ଼ିଶାରେ ବିଦ୍ୟୁତ୍ ବଣ୍ଟନର ଅଂଶ ଭାବେ ଟାଟା ପାୱାର ଓଡ଼ିଶା ସରକାରଙ୍କ ସହ ଯୌଥ ଉଦ୍ୟୋଗରେ ଟିପି ସେଣ୍ଟ୍ରାଲ, ଟିପି ସଦର୍ନ, ଟିପି ନର୍ଦନ ଓ ଟିପି ୱେଷ୍ଟର୍ନ ଓଡ଼ିଶା ଭଳି ଚାରିଟି ଡିସ୍‌କମ୍‌ର ପରିଚାଳନା କରୁଛି।

ଏଲେବର ଇକ୍ୱିଟିରୁ କିଓରବେର ପାଣ୍ଠି ସଂଗ୍ରହ

ଭୁବନେଶ୍ୱର,୯।୧

ଅଭିନବ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଷ୍ଟାର୍ଟଅପ୍ କିଓରବେ ଏକ ନବୀନ ହାଇବ୍ରିଡ୍ ମଡେଲ ଜରିଆରେ ଅପହଞ୍ଚ କ୍ଷେତ୍ରରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ସମସ୍ୟାର ନିବାରଣ ଉପରେ ଗୁରୁତ୍ୱାରୋପକରି ଏକ ସିରିଜ୍ ଏ୧ ଫଣ୍ଡିଂ ରାଉଣ୍ଡରେ ସଫଳତାର ସହ ପ୍ରାୟ ୬୨କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରିଛି। ନୂଆକରି ସଂଗୃହୀତ ପାଣ୍ଠି ଯଥେଷ୍ଟ ଡାକ୍ତରୀ ସେବାରୁ ବଞ୍ଚିତ କ୍ଷେତ୍ରରେ ଉଚ୍ଚ ଗୁଣବତ୍ତାଯୁକ୍ତ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଜାରି ରଖିବାରେ ହେଲ୍‌ଥ–ଟେକ୍ ଇନୋଭେଟରଙ୍କୁ ସକ୍ଷମ କରିବା ସହ ଏକ ବୁଦ୍ଧିମତ୍ତା ସମ୍ପନ୍ନ ଦୃଢ଼ ସ୍ୱାସ୍ଥ୍ୟ ତଥ୍ୟ ମଞ୍ଚ ନିର୍ମାଣ ଓ ସ୍ୱାସ୍ଥ୍ୟସେବା ଉଦ୍ୟୋଗରେ ପ୍ରତିଭା ତଥା ଶ୍ରେଷ୍ଠ କୁଶଳୀଙ୍କୁ ନିୟୋଜନ କରିବାରେ ବିନିଯୋଗ ହେବ। ଏକ ଦ୍ରୁତ ଅଭିବୃଦ୍ଧିଶୀଳ ହେଲ୍‌ଥଟେକ୍ ଷ୍ଟାର୍ଟଅପ୍ ଭାବେ କିଓରବେ ସ୍ଥିର ଭାବେ ବ୍ୟବସାୟିକ ସୁପରିଣାମ ପ୍ରଦାନ କରୁଛି ଏବଂ ଜଟିଳ ପୁଞ୍ଜିଗତ ପରିବେଶରେ ମଧ୍ୟ ପୁଞ୍ଜିବାନ ରହିବା ପାଇଁ ସଫଳତାର ସହ ପାଣ୍ଠିସଂଗ୍ରହ କରୁଛି। ଭାରତର ଅତ୍ୟନ୍ତ ଅପହଞ୍ଚ କ୍ଷେତ୍ରରେ ମଧ୍ୟ ପ୍ରତି ନାଗରିକଙ୍କୁ ସ୍ୱାସ୍ଥ୍ୟଗତ ଅଧିକାର ପ୍ରଦାନ ଅଭିଯାନରେ ଏଲେବର ଇକ୍ୱିଟିର ନିରନ୍ତର ସହାୟତା ପାଇଁ କୃତଜ୍ଞତା ଜ୍ଞାପନ କରି କିଓରବେର ପ୍ରତିଷ୍ଠାତା ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରିୟଦର୍ଶୀ ମହାପାତ୍ର କହିଛନ୍ତି, ଆମେ ରୋଗୀଙ୍କ ଅନୁଭବକୁ ସକାରାତ୍ମକ ଭାବେ ରୂପାନ୍ତର କରିବା ପାଇଁ ଲକ୍ଷ୍ୟ ରଖିଥିବା ସାଟେଲାଇଟ୍ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଏକ ନେଟ୍‌ୱର୍କ ଜରିଆରେ ଭାରତର ଅପହଞ୍ଚ କ୍ଷେତ୍ରମାନଙ୍କରେ ସୁଲଭ ଏବଂ ଉଚ୍ଚ ଗୁଣମାନର ପ୍ରାଥମିକ ସ୍ୱାସ୍ଥ୍ୟସେବା ପହଞ୍ଚାଇ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ପ୍ରତିବଦ୍ଧ।

ଫୁରସତ

ହିନ୍ଦୀ ଚତୁର୍ଥ ଶ୍ରେଷ୍ଠ କଥିତ ଭାଷା

ବିଶ୍ୱ ହିନ୍ଦୀ ଦିବସ

ଅଧିକ ସଂଖ୍ୟକ ଲୋକ ବୁଝିପାରୁଥିବା ଭାଷା ଦ୍ୱାରା ଏବେ ସରକାର ବିଭିନ୍ନ ନୀତି ପ୍ରଣୟନ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏହାଦ୍ୱାରା ଅଧିକ ଲୋକ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଅବଗତ ହୋଇପାରିବେ। ଭାରତରେ ରାଷ୍ଟ୍ରଭାଷା ଭାବେ ହିନ୍ଦୀକୁ ଗ୍ରହଣ କରାଯାଇଛି। ହିନ୍ଦୀ ଭାଷା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ୧୦ ଜାନୁୟାରୀରେ ବିଶ୍ୱ ହିନ୍ଦୀ ଦିବସ ପାଳନ କରାଯାଇଥାଏ। ଏହାର ଉଦ୍ଦେଶ୍ୟ ହେଉଛି ହିନ୍ଦୀକୁ ବିଶ୍ୱସ୍ତରରେ ପ୍ରୋତ୍ସାହିତ କରିବା ଏବଂ ଏହାକୁ ଏକ ଅନ୍ତର୍ଜାତୀୟ ଭାଷା ଭାବରେ ଉପସ୍ଥାପନ କରିବା ପାଇଁ ସଚେତନତା ସୃଷ୍ଟି କରିବା। ବିଶ୍ୱରେ ହିନ୍ଦୀର ବିକାଶ ଏବଂ ପ୍ରସାର ଲକ୍ଷ୍ୟରେ ବିଶ୍ୱ ହିନ୍ଦୀ ସମ୍ମିଳନୀ ଆରମ୍ଭ ହୋଇଥିଲା ଏବଂ ୧୯୭୫ ଜାନୁଆରୀ ୧୦ରେ ନାଗପୁରରେ ପ୍ରଥମ ବିଶ୍ୱ ହିନ୍ଦୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ତେଣୁ ଏହି ଦିନଟିକୁ ସ୍ମରଣକରି ପ୍ରତିବର୍ଷ ଜାନୁଆରୀ ୧୦ରେ 'ବିଶ୍ୱ ହିନ୍ଦୀ ଦିବସ' ଭାବରେ ପାଳନ କରାଯାଇଥାଏ।

୧୪ ସେପ୍ଟେମ୍ବର ୧୯୪୯ରେ ଭାରତ ସରକାରଙ୍କ ପକ୍ଷରୁ ହିନ୍ଦୀକୁ ସରକାରୀ ଭାଷା ଭାବରେ ଘୋଷଣା କରାଯାଇଥିଲା। ଏହା ପରେ, ୧୯୫୩ରେ ରାଷ୍ଟ୍ର ଭାଷା ପ୍ରସାର ସମିତିର ସୁପାରିସ କ୍ରମେ ଏହି ଦିନକୁ ହିନ୍ଦୀ ଦିବସ ଭାବେ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ୧୦ ଜାନୁଆରୀ ୨୦୦୬ରେ ପ୍ରତିବର୍ଷ ବିଶ୍ୱ ହିନ୍ଦୀ ଦିବସ ପାଳନ କରିବାକୁ ଘୋଷଣା କରିଥିଲେ। ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ୧୦ ଜାନୁଆରୀ ୨୦୦୬ରେ ପ୍ରଥମ ଥର ପାଇଁ ବିଶ୍ୱ ହିନ୍ଦୀ ଦିବସ ପାଳନ କରାଯାଇଥିଲା। ସେବେଠାରୁ ଏହି ଦିବସଟି ପାଳନ ହୋଇଆସୁଛି। ବିଦେଶରେ ଥିବା ଭାରତୀୟ ଦୂତାବାସରେ ଏହି ଦିନକୁ ବିଶେଷ ଭାବେ ପାଳନ କରାଯାଇଥାଏ। ସାରା ବିଶ୍ୱରେ ୩୦ରୁ ଅଧିକ ଦେଶରେ ହିନ୍ଦୀ ଶିକ୍ଷା ଦିଆଯାଉଛି ଏବଂ ପାଖାପାଖି ୧୦୦ ବିଶ୍ୱବିଦ୍ୟାଳୟରେ ହିନ୍ଦୀ ଅଧ୍ୟୟନ କେନ୍ଦ୍ର ଖୋଲାଯାଇଛି। ଭାରତ ବ୍ୟତୀତ ମରିସସ୍, ଫିଜି, ସୁରିନାମ, ଗୁଏନା, ତ୍ରିନିଦାଦ୍ ଏବଂ ନେପାଳରେ ହିନ୍ଦୀ ଭାଷାକୁ କଥିତ ଭାଷା ଭାବରେ ମଧ୍ୟ ବ୍ୟବହାର କରାଯାଇଥାଏ। ଆମେରିକାରେ ପ୍ରାୟ ୧୫୦ରୁ ଅଧିକ ଶିକ୍ଷଣ ସଂସ୍ଥାରେ ହିନ୍ଦୀ ଶିକ୍ଷା ଦିଆଯାଉଛି।

ବିଶ୍ୱରେ ଅଧିକ କଥିତ ହେଉଥିବା ୫ ଭାଷା ମଧ୍ୟରେ ହିନ୍ଦୀ ରହିଛି। ପ୍ରଥମ ସ୍ଥାନରେ ଚାଇନିଜ ଭାଷା ମାଣ୍ଡାରିନ୍ ଥିବାବେଳେ ଦ୍ୱିତୀୟରେ ସ୍ପେନିସ୍ ଭାଷା ରହିଛି। ସେହିପରି ତୃତୀୟରେ ଇଂଲିଶ୍ ଥିବାବେଳେ ଚତୁର୍ଥରେ ହିନ୍ଦୀ ରହିଛି।

ରାମମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବେ ରଣଦୀପ

ମୁମ୍ବାଇ

ବଲିଉଡ୍ ଅଭିନେତା ରଣଦୀପ ହୁଡ୍ଡା ପ୍ରାୟତଃ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। କିଛିଦିନ ଆଗରୁ ସେ ତାଙ୍କ ବିବାହକୁ ନେଇ ଚର୍ଚ୍ଚାରେ ଥିଲେ। ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ରାମମନ୍ଦିରର ପ୍ରାଣ ପ୍ରତିଷ୍ଠା ସମାରୋହରେ ଯୋଗଦେବାକୁ ଅଭିନେତାଙ୍କୁ ନିମନ୍ତ୍ରଣ କରାଯାଇଛି। ରାମମନ୍ଦିର ସମାରୋହରେ ଦେଶର ବଡ଼ ବଡ଼ ବ୍ୟକ୍ତିବିଶେଷ, ସାଧୁ ସନ୍ଥ ଯ

ପ୍ରଥମ ପୃଷ୍ଠାରୁ...

୧ ଲିଟର ପାଣି ବୋତଲରେ ...

ଟେରିଫଥାଲେଟ୍ (ପିଇଟି) ସମେତ ୭ ପ୍ରକାର ସାଧାରଣ ପ୍ଲାଷ୍ଟିକ୍‌କୁ ଟାର୍ଗେଟ କରିଛନ୍ତି, ଯେଉଁଥିରେ ପାଣି ବୋତଲ ତିଆରି ହୋଇଥାଏ। ବୋତଲରେ ଭର୍ତ୍ତି ହେବା ପୂର୍ବରୁ ପାଣିକୁ ବିଶୋଧନ କରିବାରେ ପଲିଆମିଡ୍‌କୁ ବିଶୋଧକ ଭାବେ ବ୍ୟବହାର କରାଯାଇଥାଏ। ଉକ୍ତ ପାଣିରେ ମାତ୍ରାଧିକ ନାନୋପ୍ଲାଷ୍ଟିକ୍ ଥିବା ଜଣାପଡ଼ିଛି। ତେଣୁ ପ୍ଲାଷ୍ଟିକ୍ ବୋତଲରେ ଥିବା ପାଣିରେ ନାନୋପ୍ଲାଷ୍ଟିକ୍‌ର ପରିମାଣ ଯଥେଷ୍ଟ ଅଧିକ ବୋଲି ଜଣାପଡ଼ିଛି। ସାରା ବିଶ୍ୱରେ ବର୍ଷକୁ ୪୫ କୋଟି ଟନ୍‌ରୁ ଅଧିକ ପ୍ଲାଷ୍ଟିକ୍ ଉତ୍ପାଦନ ହେଉଛି ଓ ମାଟିରେ ପୋତିହେଉଛି। ଅଧିକାଂଶ ପ୍ଲାଷ୍ଟିକ୍ ପ୍ରାକୃତିକ ଉପାୟରେ ବିଘଟନ ନ ହୋଇ ସମୟକ୍ରମେ କ୍ଷୁଦ୍ରତର କଣିକାରେ ପରିଣତ ହେଉଛି। ସାରା ବିଶ୍ୱରେ ପ୍ଲାଷ୍ଟିକ୍ ପ୍ରଦୂଷଣ ଦେଖାଦେଇଥିବାବେଳେ ବୋତଲ ପାଣିରେ ଥିବା ପ୍ଲାଷ୍ଟିକ୍ ସିଧା ମାନବ ଶରୀରରେ ପ୍ରବେଶ କରୁଥିବାରୁ ବୈଜ୍ଞାନିକମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଟ୍ୟାପ୍ ପାଣି ତୁଳନାରେ ବୋତଲ ପାଣିରେ ମାଇକ୍ରୋପ୍ଲାଷ୍ଟିକ୍ ସାନ୍ଦ୍ରତା ଅଧିକ ଥିବା ୨୦୨୨ରେ ଏକ ଅଧ୍ୟୟନରୁ ଜଣାପଡ଼ିଥିଲା। କେବଳ ପ୍ଲାଷ୍ଟିକ୍ ବୋତଲର ଠିପି ଖୋଲିବା ଓ ବନ୍ଦ କରିବା ଦ୍ୱାରା ବହୁପରିମାଣର ପ୍ଲାଷ୍ଟିକ୍ କଣିକା ପାଣିରେ ମିଶିଥାଏ ବୋଲି ସତର୍କ କରିଦିଆଯାଇଥିଲା।

ବିପଦର ସଙ୍କେତ ...

ସ୍ପଷ୍ଟ ଜଣାପଡ଼ିଯାଉଛି। ଯଦି ଆଉ କିଛିବର୍ଷ ଶିମିଳିପାଳ ବାଘମାନେ ସାଧାରଣ ବାଘଙ୍କ ସହିତ ପ୍ରଜନନ କରିବାର ସୁଯୋଗ ନ ପାଇବେ, ତାଙ୍କର ଜିନ୍‌ରେ ଉନ୍ନତି ଘଟିବା ଅସମ୍ଭବ ହୋଇଯିବ। ସେତେବେଳେ ଆଉ ବାଘ ଦେଖିବାକୁ ମିଳିବ ନାହିଁ। ଶିମିଳିପାଳ ବାଘମାନଙ୍କର ଟେରିଟୋରି ଅଧ୍ୟୟନ କରି ବାହାର ରାଜ୍ୟରୁ ସ୍ୱାସ୍ଥ୍ୟବାନ୍ ବାଘ ଆଣି ସେ ଅଞ୍ଚଳରେ ଛାଡ଼ିବା ପାଇଁ ବିଭାଗ ଶୀଘ୍ର ବ୍ୟବସ୍ଥା ଆରମ୍ଭ କରିବା ଉଚିତ। ଅନ୍ୟ ରାଜ୍ୟର ବାଘଙ୍କ ସହିତ ପ୍ରଜନନ ପରେ ଯେଉଁ ବାଘ ଛୁଆ ଜନ୍ମ ହେବେ ସେମାନେ ଆଉଟ୍‌ବ୍ରିଡ୍(outbred) ହେବେ ଏବଂ ଇନ୍‌ବ୍ରିଡିଙ୍ଗର ଧାରାକୁ ଭାଙ୍ଗିହେବ ବୋଲି ପୁରୋହିତ କହିଛନ୍ତି। ଭାରତରେ କଳା ରଙ୍ଗର ବାଘଙ୍କ ବିଷୟରେ ୧୯୯୯ରେ ଏକ ବହି ପ୍ରକାଶିତ ହୋଇଥିଲା। ଏହାର ଲେଖକ ଥିଲେ ଓଡ଼ିଶା ବନ ବିଭାଗର ଅବସରପ୍ରାପ୍ତ ବରିଷ୍ଠ ଗବେଷଣା ଅଧିକାରୀ ଲାଲା ଅଶ୍ୱିନୀ କୁମାର ସିଂହ। କଳା ରଙ୍ଗର ମହାବଳ ବାଘ ଠାବହେବାର ସମ୍ଭାବ୍ୟ କାରଣ ଏବଂ ସମସ୍ୟା ବିଷୟରେ ସେ ଚେତାଇଥିଲେ। ୧୯୯୩ରେ ଏକ ଯୁବ କଳା ବାଘକୁ ଶିକାର ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ବାଘଟି ମାଆ ପାଖରେ ଅଧିକ ସମୟ ନ ରହିବାରୁ ଖାଦ୍ୟ ପାଇଁ ଶିକାର କରିବାର କୌଶଳ ସମ୍ପୂର୍ଣ୍ଣ ଶିଖି ପାରି ନ ଥିଲା। ଫଳରେ ଗ୍ରାମର ଅଧିକ ନିକଟକୁ ଆସିଯିବାରୁ ଲୋକେ ତାକୁ ମାରି ଦେଇଥିଲେ ବୋଲି ଦର୍ଶାଇଥିଲେ। ଏ ନେଇ ଲାଲା କହିଛନ୍ତି, ବାରମ୍ବାର କଳାବାଘ ଦେଖାଯିବା ଏକ ଭଲ ଖବର ନୁହେଁ। ଏହା ପ୍ରକୃତି ପାଇଁ ଶୁଭଙ୍କର ନୁହେଁ। ସାଧାରଣ ବାଘ ସଂଖ୍ୟା ପାଇଁ ଏହା ଏକ ୱାର୍ନିଂ। କଳା ବାଘ ଅଧିକ ହେବା ଦର୍ଶାଉଛି ଯେ, ସାଧାରଣ ବାଘଙ୍କ ସଂଖ୍ୟା କମିବାରେ ଲାଗୁଛି। ସେଥିପାଇଁ ବିଭାଗ ସାଧାରଣ ବାଘଙ୍କ ସଂଖ୍ୟା କିପରି ବୃଦ୍ଧି କରିବ ସେ ଦିଗରେ ଦୃଷ୍ଟିଦେବା ଉଚିତ ବୋଲି ସେ କହିଛନ୍ତି। ଏ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, କଳା ରଙ୍ଗର ବାଘଙ୍କର ମୁଖ୍ୟ ସମସ୍ୟା ହୋଇଥାଏ ପରସ୍ପର ଭାବର ଆଦାନ ପ୍ରଦାନ ବା ଭିଜୁଆଲ୍ କମ୍ୟୁନିକେଶନ। ଫଳରେ ସେମାନେ ଭଲରେ ଶିକାର କରିବା ଶିଖିପାରନ୍ତି ନାହିଁ ଏବଂ ଛୁଆବେଳେ ନିଜେ ଶିକାର ହେବାର ସମ୍ଭାବନା ମଧ୍ୟ ବଢ଼ିଯାଏ।

ଲାକ୍ଷାଦ୍ୱୀପ: ଆଉ ଏକ ...

ସେଠାକାର ରାଷ୍ଟ୍ରପତି ଡ. ମୋହାମେଦ ମୁଇଜୁ ୫ ଦିନିଆ ଚାଇନା ଗସ୍ତ କରିଛନ୍ତି। ଗସ୍ତର ଦ୍ୱିତୀୟ ଦିନରେ ସେ ଭାରତରୁ ଊଣା ହେବାକୁ ଥିବା ପର୍ଯ୍ୟଟକଙ୍କ ଭରଣା ଲାଗି ନିଜ ଦେଶକୁ ସର୍ବାଧିକ ପର୍ଯ୍ୟଟକ ପଠାଇବା ପାଇଁ ବେଜିଂକୁ ଅନୁରୋଧ କରିଛନ୍ତି। ଏଥିସହ ଚାଇନାର ବେଲ୍ଟ ଆଣ୍ଡ୍ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ) ପ୍ରକଳ୍ପରୁ ମାଳଦ୍ୱୀପର ସର୍ବାଧିକ ବିକାଶ ହୋଇଥିବା କହିଛନ୍ତି। କେବଳ ଏତିକି ନୁହେଁ, ୨୦୧୪ରେ ଚାଇନା ସହ ସ୍ୱାକ୍ଷରିତ ହୋଇ ପଡ଼ିରହିଥିବା ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ)କୁ ତ୍ୱରିତ କାର୍ଯ୍ୟକାରୀ କରାଯିବ ବୋଲି ମଧ୍ୟ କହିଛନ୍ତି। ଏଭଳି ସ୍ଥିତିରେ ଶ୍ରୀଲଙ୍କା, ନେପାଳ ଓ ଭୂଟାନ ପରେ ଭାରତ ହାତରୁ ଆଉ ଏକ ପଡ଼ୋଶୀ ରାଷ୍ଟ୍ର ଖସିଯାଇଛି। ଅର୍ଥାତ୍ ମାଳଦ୍ୱୀପ ସହ ବାଣିଜ୍ୟିକ କାରବାରରୁ ଭାରତ ଯେଉଁ ଲାଭ ପାଉଥିଲା, ତାହା ଆଉ ମିଳିବ ନାହିଁ। ଅପରପକ୍ଷେ ଶତ୍ରୁରାଷ୍ଟ୍ର ପାକିସ୍ତାନର ସବୁଦିନିଆ ସହଯୋଗୀ ଚାଇନା ସହ ମାଳଦ୍ୱୀପର ଘନିଷ୍ଠତା ବଢ଼ିଲେ ଭାରତ ପ୍ରତିରକ୍ଷା ଦୃଷ୍ଟିରୁ ମଧ୍ୟ କ୍ଷତିଗ୍ରସ୍ତ ହୋଇପାରେ ବୋଲି ଆଶଙ୍କା କରାଯାଉଛି।

ପୁତ୍ର ହତ୍ୟାକାରୀ ...

କି.ମି.ରୁ ଊର୍ଦ୍ଧ୍ୱ ବାଟ ହୋଇଥିବାରୁ ପ୍ରାୟ ୧୦ ଘଣ୍ଟା ଲାଗିଥାଏ। ତେଣୁ ହୋଟେଲ କର୍ମଚାରୀମାନେ ତାଙ୍କୁ ବିମାନରେ ଯିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ସେ ସେମାନଙ୍କ କଥା ମାନି ନ ଥିଲେ। ସୂଚନା ହୋଟେଲ ଛାଡ଼ି ଯିବା ପରେ ହାଉସ୍‌କିପିଂ ଷ୍ଟାଫ୍ ସେ ରହୁଥିବା ଆପାର୍ଟମେଣ୍ଟରେ ରକ୍ତଛିଟା ଦେଖିବାକୁ ପାଇଥିଲେ। ସେମାନଙ୍କ ମନରେ ସନ୍ଦେହ ହେବାରୁ ଏନେଇ ଗୋଆ ପୋଲିସକୁ ଖବର ଦେଇଥିଲେ। ପୋଲିସ ସୂଚାନଙ୍କୁ ନେଇ ବେଙ୍ଗାଲୁରୁ ଯାଉଥିବା ଟ୍ୟାକ୍ସି ଡ୍ରାଇଭରଙ୍କୁ ମୋବାଇଲ୍ ଫୋନ୍‌ରେ ଯୋଗାଯୋଗ କରି ପଚରାଉଚରା କରିଥିଲା। ପୋଲିସ ନିର୍ଦ୍ଦେଶ ମୁତାବକ ଡ୍ରାଇଭର ଆପଣଙ୍କ ପୁଅ କୁଆଡ଼େ ଗଲେ ବୋଲି ବାଟରେ ସୂଚନାଙ୍କୁ ପଚାରିବାରୁ ଜଣେ ବନ୍ଧୁଙ୍କ ସହ ଯାଇଥିବା ସେ କହିଥିଲେ। ଏଥିସହ ଦକ୍ଷିଣ ଗୋଆସ୍ଥିତ ମାର୍ଗାଓ ଟାଉନ୍‌ର ଏକ ଠିକଣା ବତାଇଥିଲେ, ଯାହାକି ତଦନ୍ତରୁ ମିଛ ବୋଲି ଜଣାପଡ଼ିଥିଲା। ପୋଲିସ ସମ୍ପୃକ୍ତ ଡ୍ରାଇଭରଙ୍କୁ ଆଉ ଥରେ ଫୋନ୍ କରିଥିଲା। ଡ୍ରାଇଭରଙ୍କୁ ଯୋଗାଯୋଗ କରିବା ସମୟରେ ସୂଚନା ଯେପରି ବୁଝି ନ ପାରିବେ, ସେଥିଲାଗି ପୋଲିସ ତାଙ୍କ ସହ କୋଙ୍କଣୀ ଭାଷାରେ କଥା ହୋଇଥିଲା। ପୋଲିସ ତାଙ୍କୁ ନିକଟସ୍ଥ ଥାନାରେ କ୍ୟାବ୍ ଲଗାଇବାକୁ କହିଥିଲା। ପୋଲିସ ନିର୍ଦ୍ଦେଶାନୁସାରେ କ୍ୟାବ୍ ଡ୍ରାଇଭର ସେପରି କରିଥିଲେ। ବେଙ୍ଗାଲୁରୁରୁ ପ୍ରାୟ ୨୦୦ କି.ମି. ଦୂର ଚିତ୍ରଦୁର୍ଗ ନିକଟ ଆଇମଙ୍ଗଲା ଥାନାକୁ ଡ୍ରାଇଭର ନିଜ କ୍ୟାବ୍‌କୁ ନେଇଯାଇଥିଲେ। ସେଠାରେ ପ୍ରସ୍ତୁତ ହୋଇ ରହିଥିବା ଚିତ୍ରଦୁର୍ଗ ପୋଲିସ ସୂଚନାଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଏଥିସହ ସେ ସାଙ୍ଗରେ ନେଇ ଯାଉଥିବା ବ୍ୟାଗ୍‌ରୁ ପୁଅର ମୃତଦେହ ଜବତ କରିଥିଲା। ପୋଲିସ ଜାକର୍ତ୍ତାରେ ଥିବା ସୂଚନାଙ୍କ ସ୍ୱାମୀଙ୍କୁ ଭାରତକୁ ଫେରିବାକୁ ପରାମର୍ଶ ଦେଇଛି। ଏଥିସହ ସୂଚନାଙ୍କୁ ପଚରାଉଚରା ପାଇଁ ଗୋଆକୁ ନେଇ ଏକ କୋର୍ଟରେ ହାଜର କରାଇବା ପରେ ୬ ଦିନ ପାଇଁ ରିମାଣ୍ଡରେ ନେଇଛି। ମାଇଣ୍ଡଫୁଲ ଏଆଇ ଲ୍ୟାବ୍‌ର ଲିଙ୍କେଡ୍‌ଇନ୍ ପେଜ୍ ଅନୁସାରେ ସୂଚନା ସେଠ ୨୦୨୧ରେ '୧୦୦ ବ୍ରିଲିଆଣ୍ଟ ଓମେନ୍ ଇନ୍ ଏଆଇ ଏଥିକ୍ସ'ଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ତାଙ୍କ ନିଜ ଲିଙ୍କେଡ୍‌ଇନ୍ ପେଜ୍‌ରେ ସୂଚନା ହାର୍ଭାର୍ଡ ୟୁନିଭର୍ସିଟିର ବର୍କମ୍ୟାନ୍ କ୍ଲେଇନ୍ ସେଣ୍ଟରର ଛାତ୍ରୀ ଥିଲେ ବୋଲି ଉଲ୍ଲେଖ ରହିଛି। ଜଣେ ଡେଟା ସାଇଣ୍ଟିଷ୍ଟ ଭାବେ ତାଙ୍କର ୧୨ରୁ ଊର୍ଦ୍ଧ୍ୱ ବର୍ଷର ଅଭିଜ୍ଞତା ରହିଥିବା ମଧ୍ୟ ସେଥିରେ ଦର୍ଶାଯାଇଛି। ଉତ୍ତର ଗୋଆ ଏସ୍‌ପି ନିଧିନ୍ ଭଲସାନ୍ କହିଛନ୍ତି, ସୂଚନା ଓ ଭେଙ୍କଟ ରମଣଙ୍କ ବିଚ୍ଛେଦ ମାମଲା ଶେଷ ପର୍ଯ୍ୟାୟରେ ରହିଛି। କୋର୍ଟ ଅର୍ଡରକୁ ନେଇ ଅସୁଖୀ ଥିବା ସୂଚନା ଜେରାବେଳେ ସ୍ୱୀକାର କରିଛନ୍ତି। ହୋଟେଲର ସିକ୍ୟୁରିଟି କ୍ୟାମେରାଗୁଡ଼ିକରୁ ଫୁଟେଜ୍ ସଂଗ୍ରହ କରି ଯାଞ୍ଚ କରାଯାଉଛି। ଫରେନ୍ସିକ୍ ଟିମ୍ ମଧ୍ୟ ପ୍ରମାଣ ସଂଗ୍ରହ କରୁଛି।

ଦ.ପୂ. ରେଳପଥ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ଚରଫନ୍ଧୁ କାର୍ଯ୍ୟରତ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆର୍‌ଡି/ଚକ୍ରଧରପୁର ତଳେ ଦର୍ଶାଯାଇଥିବା ଅନୁଯାୟୀ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି: ଉକ୍ତ ଟେଣ୍ଡର ପାଇଁ ମାନୁଆଲ୍ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ** ନିମ୍ନ ଅନୁଯାୟୀ ଅଟେ: **୧. ସିକେପି-ଡି-୬୨୩-ଜିଏସ୍‌ୟୁ-ଆର୍‌କେଏସ୍‌ଏନ୍-ଏଫ୍‌ଓବି** । ଚକ୍ରଧରପୁର ଡିଭିଜନରେ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ରାଜଖରସୁଆଁ ଷ୍ଟେଶନଠାରେ ଏଫ୍‌ଓବି (୧୨ ମି ପ୍ରସ୍ଥ)ର ବ୍ୟବସ୍ଥା ସଂକ୍ରାନ୍ତରେ ଓଏଚ୍‌ଇ ସଂଶୋଧନ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୫୪,୪୯,୭୧୭.୯୯ । **ଇଏମ୍‌ଡି:** ₹୧,୦୯,୦୦୦/–। **୨. ସିକେପି-ବି-୬୩୧-ଏନ୍‌ଏଚ୍‌ଏଆଇ-ପିଏସ୍‌ଜେ-ବିୟୁଏଫ୍** । ଚକ୍ରଧରପୁର ଡିଭିଜନରେ ଏନ୍‌ଏଚ୍–୨୧୫ର ରିମୁଳି–ରାଜାମୁଣ୍ଡା ସେକ୍ସନ ନିମନ୍ତେ ବଣ୍ଡମୁଣ୍ଡା–ବରସୁଆଁ ସେକ୍ସନର ପାଟସାହି–ବିମଳାଗଡ଼ ଷ୍ଟେଶନ ମଝିରେ କିମି ନଂ. ୪୪୯/୨୬–୩୦୦ାରେ ଆର୍‌ଓବିର ନିର୍ମାଣ ସଂକ୍ରାନ୍ତରେ ଓଏଚ୍‌ଇ ସଂଶୋଧନ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୯,୮୬,୯୫୨.୫୯ । **ଇଏମ୍‌ଡି:** ₹୧୯,୭୦୦/– । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ତା୦୨।୦୨।୨୦୨୪ରିଖ ୧୫.୩୦ ଘଟିକା । **ସମାପ୍ତି ଅବଧି:** କ୍ର.ସଂ. ୧ ପାଇଁ ୦୯ ମାସ ଏବଂ କ୍ର.ସଂ. ୨ ପାଇଁ ୦୬ ମାସ । **ଇ-ଟେଣ୍ଡର ଖୋଲାଯିବାର ସ୍ଥାନ:** ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆର୍‌ଡି/ଦକ୍ଷିଣ ପୂର୍ବ ରେଳପଥ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୨।୦୨।୨୦୨୪ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୦୨।୦୨।୨୦୨୪ରିଖ ୧୫.୩୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡର୍‌ମାନଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । (PR-1008)

ODISHA COMPUTER APPLICATION CENTRE
REQUEST FOR PROPOSAL
Enq.No.:- OCAC-SEGP-INFRA-0056-2023-24001

Odisha Computer Application Centre (OCAC) invites Request for Proposal (RFP) for Selection of Agency for Implementation of Virtual Classrooms with Digital Assessment in Government and Government Aided Schools Across Odisha under ICT & Digital Initiatives Scheme for OSEPA, School & Mass Education Department, Govt. of Odisha. For details please visit websites www.ocac.in & www.odisha.gov.in. **The bid shall be submitted in electronic mode only in the portal https://enivida.odisha.gov.in latest by 20.01.2024, 3.00 P.M.** OCAC reserves the right to accept/ reject any / all bids without assigning any reason thereof.

General Manager(Admin), OCAC, Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295
No. U-64 **OIPR-16003/11/0113/2324**

GOVERNMENT OF ODISHA **No. C-2318**
OFFICE OF THE SUPERINTENDING ENGINEER
G.P.H. DIVISION NO.-II, SAMBALPUR - 768001
e-mail: gphdivn.2@gmail.com
Letter No. 29 **Dt.04.01.2024**
NATIONAL COMPETITIVE BIDDING THROUGH e-Procurement
Identification No. 02/G.P.H.D./SBP/2023-24 Dt.04.01.2024

01	Nos. of Work	:	01 No.
02	Tendered Amount in Rs.	:	Rs.837669/-
03	Period of Completion	:	90 Days
04	Date & time of availability of bid document in the portal	:	From 10.00 Hrs. of 09.01.2024 to 17.30 Hrs. of 24.01.2024
05	Last date/time of receipt of bids in the portal	:	17.30 Hrs. of 24.01.2024
06	Date & Time of Opening of Bids	:	11.00 Hrs. of 25.01.2024
07	Name and address of the Officer Inviting Bid	:	Superintending Engineer, G.P.H. Division No.-II, Sambalpur, PIN-768001

Further details can be seen from the website **www.tendersodisha.gov.in.**
Sd./- Superintending Engineer
P.H. Division No.-II, Sambalpur
OIPR-13006/11/0002/2324

OFFICE OF EXECUTIVE ENGINEER
Barrage Division Galudih
email : eebdgal.chandil@gmail.com
Short E- Tender Refrence No: WRD/BD/GALUDIH/IFB-01/2023-24
dt 09.01.2024
2nd Call

1	Name of Work	Residual Work for construction of E/W, Lining, WBM Road , Cut & Cover , Steel Liner and all structure from Km7.020 to Km 10.166/10.230 of Galudih Left main Canal.
2	Estimated Cost of Work	74,74,99,351.74 (Seventy Four crore Seventy Four lacs Ninety nine Thousand Three hundred fifty one & Seventy Fore paise only)
3	Initial Bid Security	Rs 74,75,000.00 (Rupees Seventy Four Lacs Seventy Five Thousand Only)
4	Initial Bid Security in shape of	Initial Bid Security as per SOP issued by information Technology and e- Governance Department (Govt of Jharkhand) vide Letter No -120 dt 03-10-2023
5	Cost of Bidding Documents	Rs 10,000.00 (Ten Thousand Rupees Only)
6	Time of Completion of Work	730 Days
7	Date of Publication of e-Tender on Website	11.01.2024 at 4:30PM
8	Start Date of Biddding	11.01.2024 at 4:30PM
9	Last Date and Time of Online Biddding	25.01.2024 up to 05:00PM
10	Type of Bid	Three envelope mode (Pre - Qualification Bid, Technical Bid and Financial Bid)
11	Pre Bid Meeting	17.01.2024 at 12.30 PM Venue- Chief Engineer Office, Chandil Complex, Adityapur.
12	Last Date and Time for Receipt of Bid Security and other documents in online form	25.01.2024 up to 05:00PM, Through e tendering portal http://jharkhandtenders.gov.in as per SOP issued by Information Technology and e- Governance department (Govt of Jharkhand) vide Letter No -120 dt 03-10-2023
13	Date and Time for Opening of Pre Bid Qualification Bid	29.01.2024 at 02:00 PM by e procurement cell office of the Chief Engineer, Chandil Complex Adityapur
14	Name and Address of Office Inviting Tender	Executive Engineer Barrage Division , Galudih
15	Contact Number of Procurement Officer	9470374269
16	Helpline Number of E- Procurement Cell	0657-2371765

Note: Information are only indicative. Details NIT & SBD Published on Tender Portal shall be final and mandatory. Details can be seen on website http://jharkhandtenders.gov.in

Executive Engineer
Barrage Division , Galudih
PR.NO.315463 Water Resource(23-24):D

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ — **ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB),
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ୍, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭,
ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୨୧, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩,
ଇ-ମେଲ: sbi.05174@sbi.co.in

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ ଅଗ୍ରାମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୩୦.୦୧.୨୦୨୪ରିଖ ଏବଂ ତା.୧୨.୦୨.୨୦୨୪ରିଖ ଦିନ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

ଇ-ନିଲାମ ତାରିଖ ଏବଂ ସମୟ: ତା.୩୦.୦୧.୨୦୨୪ରିଖ ଅପରାହ୍ନ ୨.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ
ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

କ୍ର. ନଂ.	ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା	ସମ୍ପତ୍ତିଗୁଡ଼ିକର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ	ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ	ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ
୧.	**ଋଣଗ୍ରହୀତା: ମହମ୍ମଦ ଗୁଲାମ ମହିଉଦ୍ଦିନ୍,** ପିତା: ମହମ୍ମଦ ଅଲ୍ଲୁରଜା କାଦ୍ରି, ସା: ରଥପୁର, ପୋ.: କଣ୍ଟିଆ, ଭାୟା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୫୦	**ମହମ୍ମଦ ଗୁଲାମ ମହିଉଦ୍ଦିନ୍‌ଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାଞ୍ଚଗାଁ, ତହସିଲ: ଜଟଣୀ, ଥାନା: ଭୁବନେଶ୍ୱର, ହାଲ ଥାନା: ଏୟାରଫିଲ୍ଡ, ଥାନା ନଂ.: ୩୦, ସବ୍ ରେଜିଷ୍ଟ୍ରାର, ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୪୬୯/୪୦୯, ପ୍ଲଟ୍ ନଂ.: ୩୯୦, କ୍ଷେତ୍ର: ଏକର୦.୫୫୫ଡିସିମିଲି, ଖାତା ନଂ.: ୪୬୯/୪୦୮, ପ୍ଲଟ୍ ନଂ.: ୩୯୨, କ୍ଷେତ୍ର: ଏକର୦.୧୧୫

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ ଉଦ୍‌ଘାଟିତ

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ): ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ମହିଳା ଭଲିବଲ ଚାମ୍ପିୟନଶିପ୍ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ପ୍ରତିଯୋଗିତାକୁ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଛନ୍ତି। ଏଥିରେ ଓଡ଼ିଶାରୁ ଏକମାତ୍ର ଅଂଶଗ୍ରହଣ କରିଥିବା କିଟ୍ ବିଶ୍ୱବିଦ୍ୟାଳୟ ଦଳ ପ୍ରଥମ ମ୍ୟାଚରେ ବିଜୟ ହାସଲ କରିଛି। ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ ୧୬ (ପ୍ରତି ଜୋନ୍‌ରୁ ଶ୍ରେଷ୍ଠ ୪ଟି ଲେଖାଏ)ଟି ଦଳ ଅଂଶଗ୍ରହଣ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ନିଜର ପ୍ରଥମ ମ୍ୟାଚରେ ୩-୦ରେ ଗୁଜରାଟ ବିଦ୍ୟାପୀଠକୁ ପରାସ୍ତ କରିଛି।

ଓଡ଼ିଶାର କ୍ରମାଗତ ଦ୍ୱିତୀୟ ବିଜୟ

ପୁରସ୍କାର ସହ ମୁନି ପୂର୍ତ୍ତି।

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

କର୍ନାଟକର ହୁବାଲିସ୍ଥିତ ରେଲୱେ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ୪ର୍ଥ ଜାତୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୧୨୨ ରନରେ ଗୁଜରାଟକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୨୦ ଓଭରରେ ୩ ଉଇକେଟ ହରାଇ ୧୬୬ ରନ କରିଥିଲା। ଦଳ ପକ୍ଷରୁ ମୁନି ପୂର୍ତ୍ତି ସର୍ବାଧିକ ୮୨, ଫୁଲ ସୋରେନ ୨୮ ଓ ବାସନ୍ତି ହାଁସଦା ୨୭ ରନ କରିଥିଲେ। ଜବାବରେ ଗୁଜରାଟ ୯ ଓଭରରେ ମାତ୍ର ୪୪ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଓଡ଼ିଶା ପକ୍ଷରୁ ଫୁଲ ସୋରେନ, ରଚନା ଜେନା ଓ ଜମୁନା ରାଣୀ ଗୁଡ଼ୁ ଗୋଟିଏ ଲେଖାଏ ଉଇକେଟ ନେଇଥିବାବେଳେ ୭ ଖେଳାଳି ରନ୍‌ଆଉଟ ହୋଇଥିଲେ। ମୁନି ପୂର୍ତ୍ତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଭାରତୀୟ ହୁଇଲ ଚେୟାର ଫେନ୍ସିଂ ଦଳରେ ଓଡ଼ିଶାରୁ ୪

ମନୋନୀତ ଓଡ଼ିଶାର ୪ ଖେଳାଳି।

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ): ଚଳିତ ମାସ ୧୦ରୁ ୧୪ ପର୍ଯ୍ୟନ୍ତ ଗ୍ରେଟ ବ୍ରିଟେନର କାର୍ଡିଫ୍‌ଠାରେ ହୁଇଲ ଚେୟାର ଫେନ୍ସିଂ ବିଶ୍‌କପ୍ ଅନୁଷ୍ଠିତ ହେବ। ଏଥିପାଇଁ ମନୋନୀତ ଭାରତୀୟ ଦଳରେ ଓଡ଼ିଶାର ୪ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ରାଖାଲ କୁମାର ସେଠୀ, ଭି. ରମେଶ ରାଓ, ମାଳତୀ ପାନ୍ଥରେ ଓ ପୂଜାସ୍ୱିନୀ ନାୟକ। ସମସ୍ତେ ବ୍ୟକ୍ତିଗତ ସାବର, ଫଏଲ, ଇପି ଇଭେଣ୍ଟରେ ଭାଗନେବେ। ଏହା ଏକ ପାରାଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ହୋଇଥିବାରୁ ସମସ୍ତେ ଭଲ ପ୍ରଦର୍ଶନ କରିବାକୁ ବ୍ୟଗ୍ର ବୋଲି ଓଡ଼ିଶା ରାଜ୍ୟ ପାରାସ୍ପୋର୍ଟ ସଂଘର ସଭାପତି କମଳା କାନ୍ତ ରଥ ଓ ଓଡିଶା ହୁଇଲ ଚେୟାର ଫେନ୍ସିଂ ଚେୟାର ପର୍ସନ ବେଲା ଜୟସ୍ୱାଲ ଆଶା ପ୍ରକଟ କରିଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ହକି ଗୋଲକିପର କ୍ରିଷ୍ଣନ ବାହାଦୂର ପାଠକ, ଚେସ୍ ଗ୍ରାଣ୍ଡମାଷ୍ଟର ଆର. ବୈଶାଳୀ ଓ କ୍ରିକେଟ ତାରକା ମହମ୍ମଦ ଶାମିଙ୍କୁ ଅର୍ଜୁନ ପୁରସ୍କାର ପ୍ରଦାନ କରୁଛନ୍ତି।

ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନକଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୯।୧ (ପି.ଟି.)

ରାଷ୍ଟ୍ରପତି ଭବନରେ ମଙ୍ଗଳବାର ଆୟୋଜିତ ଏକ ଆଡମ୍ବରପୂର୍ଣ୍ଣ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତବର୍ଷ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଭାରତର ଆଥ୍‌ଲେଟମାନଙ୍କୁ ସମ୍ମାନିତ କରିଛନ୍ତି। ଏଥିରେ ଘନଘନ କରତାଳି ମଧ୍ୟରେ କ୍ରିକେଟର ମହମ୍ମଦ ଶାମି ଅର୍ଜୁନ ପୁରସ୍କାର ଗ୍ରହଣ କରିଛନ୍ତି। ବ୍ୟାଡ୍‌ମିଣ୍ଟନ ଖେଳାଳି ଚିରାଗ ଶେଟ୍ଟି ଓ ସାତ୍ୱିକ ସାଇରାଜ ରାଙ୍କୀରେଡ୍ଡୀ ମର୍ଯ୍ୟାଦାପୂର୍ଣ୍ଣ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇଛନ୍ତି। ଏହି ଯୋଡ଼ି ପ୍ରଥମ ଥର ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଜିତିଛନ୍ତି। ବ୍ୟାଡ୍‌ମିଣ୍ଟନରେ ଭାରତ ପାଇଁ ଏହା ପ୍ରଥମ। ସେମାନେ ଆହୁରି ମଧ୍ୟ ଏସିଆନ ଚାମ୍ପିୟନଶିପ୍ ଟାଇଟଲ ଏବଂ ଇଣ୍ଡୋନେସିଆ ଓପନ ସୁପର ୧୦୦୦ ଟାଇଟଲ ହାସଲ କରିଛନ୍ତି। ଏହି ଯୋଡ଼ି ବର୍ତ୍ତମାନ ମାଲେସିଆ ଓପନ ସୁପର ୧୦୦୦ ଖେଳୁଥିବାରୁ ଉତ୍ସବରେ ଅନୁପସ୍ଥିତ ରହିଥିଲେ। ଏହି ଅବସରରେ ଓଡ଼ିଶା ଖଣି ନିଗମ (ଓଏମ୍‌ସି)କୁ ସମ୍ମାନଜନକ ଖେଳ ପ୍ରୋତ୍ସାହନ ପୁରସ୍କାର ମିଳିଛି।

ରାଷ୍ଟ୍ରପତିଙ୍କଠାରୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ଗ୍ରହଣ କରୁଛନ୍ତି କୋଚ୍ ଶିବେନ୍ଦ୍ର ସିଂ।

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସହିତ ଓଡ଼ିଶାରେ କ୍ରୀଡ଼ାର ପ୍ରସାର କ୍ଷେତ୍ରରେ ଓଏମ୍‌ସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି।

ଜାତୀୟ କ୍ରୀଡ଼ା ପୁରସ୍କାର ଉତ୍ସବ ସାଧାରଣତଃ ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ଅଗଷ୍ଟ ୨୯ରେ ଆୟୋଜିତ ହୋଇଥାଏ। ମାତ୍ର ଗତବର୍ଷ ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ହାଙ୍ଗ୍ ଝୋ ଏସିଆନ ଗେମ୍ସ ପାଇଁ ଏହାକୁ ଘୁଞ୍ଚାଇ ଦିଆଯାଇଥିଲା। ଉତ୍ସବମୁଖର ରାଷ୍ଟ୍ରପତି ଭବନରେ ୨୬ଜଣ ଆଥ୍‌ଲେଟ ଓ ପାରା ଆଥ୍‌ଲେଟଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଗତବର୍ଷ ବିଶ୍ୱର ନମ୍ବର-୧ ରହିଥିବା ଚିରାଗ ଓ ସାତ୍ୱିକ ପ୍ୟାରିସରେ ଏକ ଅଲିମ୍ପିକ ପଦକ ଜିତିବା ଲକ୍ଷ୍ୟରେ ଅଛନ୍ତି। ଚଳିତବର୍ଷ ବିଶ୍ୱ ର୍ୟାଙ୍କିଙ୍ଗରେ ନମ୍ବର ୨ରେ ରହିଥିବାରୁ ସେମାନେ ଆପେ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛନ୍ତି। ନିକଟରେ ପାଦ ଇଞ୍ଜୁରିରୁ ମୁକ୍ତି ପାଇଥିବା ଶାମି ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଥିଲେ। ଗତବର୍ଷ ୭ ବିଶ୍ୱକପ୍ ଗେମ୍‌ରେ ସେ ୨୪ ଉଇକେଟ ଅକ୍ତିଆର କରିଥିଲେ। ପରବର୍ତ୍ତୀ ଦୁଇ ଟୁର୍ନାମେଣ୍ଟ ଏବଂ ସିରିଜ ପାଇଁ ସେ ନିଜକୁ ଯଥାସମ୍ଭବ ଫିଟ୍ ରଖିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି। ସ୍ୱଳ୍ପ ବୟସ୍କ ଚେସ୍ ପ୍ରତିଭା ଆର. ପ୍ରଜ୍ଞାନନ୍ଦଙ୍କ ଭଉଣୀ ତଥା ନିକଟରେ ଚେସ୍ ଗ୍ରାଣ୍ଡମାଷ୍ଟର ହୋଇଥିବା ଆର୍. ବୈଶାଳୀ ପୁରସ୍କାର ଗ୍ରହଣ କରିବାବେଳେ କରତାଳି ଦେଖିବାକୁ ମିଳିଥିଲା। କୋନେରୁ ହମ୍ପି ଓ ଦ୍ରୋଣାଭାଲି ହାରିକାଙ୍କ ପରେ ବୈଶାଳୀ ହେଉଛନ୍ତି ଭାରତର ତୃତୀୟ ମହିଳା ଗ୍ରାଣ୍ଡମାଷ୍ଟର ଭାବେ ପୁରସ୍କାର ପାଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ଅନୁପସ୍ଥିତ ଥିବା ଅନ୍ୟ ଆଥ୍‌ଲେଟମାନଙ୍କ ମଧ୍ୟରେ ରହିଛନ୍ତି ପିସ୍ତଲ ଶୁଟିଂ ସେନ୍‌ସେସନ ୧୯ ବର୍ଷୀୟା ଇଶା ସିଂ। ବର୍ତ୍ତମାନ ସେ ଜାକର୍ତ୍ତାରେ ଏସିଆନ ଅଲିମ୍ପିକ କ୍ୱାଲିଫାୟର୍ସରେ ଭାଗ ନେଉଛନ୍ତି। ସୋମବାର ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତି ସେ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅର୍ଜୁନ ପୁରସ୍କାର ପାଇଁ ମନୋନୀତ ଅନ୍ୟ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଅଛନ୍ତି କୁସ୍ତିଯୋଦ୍ଧା ଅନ୍ତିମ ପଘାଲ। ସେ ହେଉଛନ୍ତି ପୂର୍ବତନ ବିଶ୍ୱ ଜୁନିୟର ଚାମ୍ପିୟନ ଏବଂ ଗତବର୍ଷ ସିନିୟର ଇଭେଣ୍ଟର ବ୍ରୋଞ୍ଜ ବିଜେତା। ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତାଙ୍କ ମଧ୍ୟରେ ରହିଛନ୍ତି ପ୍ରଜ୍ଞାନନ୍ଦଙ୍କ କୋଚ୍ ଆର୍.ବି. ରମେଶ। ଖେଳରତ୍ନଙ୍କ ଲାଗି ପୁରସ୍କାର ରାଶି ୨୫ ଲକ୍ଷ ଟଙ୍କା ରଖାଯାଇଥିବା ବେଳେ ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତାଙ୍କ ଲାଗି ୧୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନର ବ୍ୟବସ୍ଥା ରହିଛି।

ଜାତୀୟ କ୍ରୀଡ଼ା ପୁରସ୍କାର ବିଜେତା

ଖେଳରତ୍ନ ପୁରସ୍କାର : ଚିରାଗ ଶେଟ୍ଟି ଓ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ (ବ୍ୟାଡ୍‌ମିଣ୍ଟନ)।
ଅର୍ଜୁନ ପୁରସ୍କାର: ଓଜାନ ପ୍ରବୀନ ଡେଓଟେଲ (ତୀରନ୍ଦାଜୀ), ଅଦିତି ଗୋପୀଚାନ୍ଦ ସ୍ୱାମୀ (ତୀରନ୍ଦାଜୀ), ମୁରଲୀ ଶ୍ରୀଶଙ୍କର (ଆଥ୍‌ଲେଟିକ୍ସ), ପାରୁଲ ଚୌଧାରୀ (ଆଥ୍‌ଲେଟିକ୍ସ), ମହମ୍ମଦ ହୁସାମୁଦ୍ଦିନ (ବକ୍ସିଂ), ଆର. ବୈଶାଳୀ (ଚେସ୍), ମହମ୍ମଦ ଶାମି (କ୍ରିକେଟ), ଅଂଶୁ ଅଗ୍ରୱାଲ (ଇକ୍ୱେଷ୍ଟ୍ରିଆନ), ଦିବ୍ୟକୀର୍ତ୍ତି ସିଂ(ଇକ୍ୱେଷ୍ଟ୍ରିଆନ ଡ୍ରେସେଜ୍), ଦୀକ୍ଷା ଡାଗର (ଗଲ୍ଫ), କ୍ରିଷନ ବାହାଦୁର ପାଠକ (ହକି), ସୁଶିଳା ଚାନୁ (ହକି), ପଓ୍ୱନ କୁମାର (କବାଡ଼ି), ରୀତୁ ନେଗି (କବାଡ଼ି), ନସରିନ୍ (ଖୋଖୋ), ପିଙ୍କି (ଲନ୍ ବୋଲ୍ସ), ଐଶ୍ୱରୀ ପ୍ରତାପ ସିଂ ତୋମାର (ଶୁଟିଂ), ଇଶା ସିଂ (ଶୁଟିଂ), ହରିନ୍ଦର ପାଲ୍ ସିଂ ସାନ୍ଧୁ (ସ୍କାଶ), ଆହିକା ମୁଖାର୍ଜୀ (ଟେବୁଲ ଟେନିସ), ସୁନୀଲ କୁମାର (କୁସ୍ତି), ଅନ୍ତିମ ପଘାଲ (କୁସ୍ତି), ନାଓରେମ୍ ରୋଶିବିନା ଦେବୀ (ଉଷୁ), ଶୀତଲ ଦେବୀ (ପାରା ତୀରନ୍ଦାଜୀ), ଇଲୁରି ଅଜୟ କୁମାର ରେଡ୍ଡୀ (ଦୃଷ୍ଟିବାଧିତ କ୍ରିକେଟ) ଓ ପ୍ରାଚୀ ଯାଦବ (ପାରା କାନୋଇଂ)।
ଦ୍ରୋଣାଚାର୍ଯ୍ୟ ପୁରସ୍କାର (ନିୟମିତ କ୍ୟାଟେଗୋରି): ଲଳିତ କୁମାର (କୁସ୍ତି), ଆର୍.ବି. ରମେଶ (ଚେସ୍), ମହାବୀର ପ୍ରସାଦ ସଇନି (ପାରା ଆଥ୍‌ଲେଟିକ୍ସ), ଶିବେନ୍ଦ୍ର ସିଂ (ହକି), ଗଣେଶ ପ୍ରଭାକର ଦେବ୍‌ରୁଖର (ମାଲଖମ୍ବ)।
ଦ୍ରୋଣାଚାର୍ଯ୍ୟ ପୁରସ୍କାର(ଲାଇଫ୍‌ଟାଇମ କ୍ୟାଟେଗୋରି): ଯଶକିରଟ ସିଂ ଗ୍ରେୱାଲ (ଗଲ୍ଫ), ଭାସ୍କରନ ଇ' (କବାଡ଼ି), ଜୟନ୍ତ କୁମାର ପୁଷିଲାଲ(ଟେବୁଲ ଟେନିସ)।
ଧ୍ୟାନଚାନ୍ଦ ପୁରସ୍କାର ଲାଇଫ ଟାଇମ୍ ଆଚିଭମେଣ୍ଟ: ମଞ୍ଜୁଶା କନ୍‌ୱାର (ବ୍ୟାଡ୍‌ମିଣ୍ଟନ), ଭିନିତ କୁମାର ଶର୍ମା (ହକି), କବିତା ସେଲଭାରାଜ (କବାଡ଼ି)।
ମୌଲାନା ଅବୁଲ କାଲାମ ଆଜାଦ (ମାକା) ଟ୍ରଫି: ଗୁରୁ ନାନକ ଦେବ ୟୁନିଭର୍ସିଟି, ଅମୃତସର (ଓଭରଅଲ ବିଜେତା ୟୁନିଭର୍ସିଟି) ; ଲଭଲି ପ୍ରଫେସନାଲ ୟୁନିଭର୍ସିଟି, ପଞ୍ଜାବ (ପ୍ରଥମ ରନରଅପ୍), କୁରୁକ୍ଷେତ୍ର ୟୁନିଭର୍ସିଟି, କୁରୁକ୍ଷେତ୍ର (ଦ୍ୱିତୀୟ ରନରଅପ୍)।

କିସ୍, ମଦର୍ସ ଚାମ୍ପିୟନ

ଅତିଥିଙ୍କ ଗହଣରେ ଖେଳାଳିମାନେ।

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

ପୂର୍ବତଟ ରେଲୱେ କ୍ରୀଡ଼ା ସଂଘ ପକ୍ଷରୁ ଏହାର ଇନ୍‌ଡୋର ଷ୍ଟାଡିୟମରେ ଗତ ୬ ଓ ୭ ତାରିଖ ଦୁଇଦିନଧରି ୧୭ ବର୍ଷରୁ କମ୍ ବାସ୍କେଟବଲ୍ ଟୁର୍ନାମେଣ୍ଟ ସଫଳତାର ସହ ଆୟୋଜନ ହୋଇଛି। ଏଥିରେ ମୋଟ ୧୮ଟି ବିଦ୍ୟାଳୟ ଦଳ (୮ ବାଳିକା ଓ ୧୦ ବାଳକ) ଅଂଶଗ୍ରହଣ କରିଥିଲେ। ବାଳିକା ବର୍ଗରେ କିସ୍ ସ୍କୁଲ ଓ ବାଳକ ବର୍ଗରେ ମଦର୍ସ ପବ୍ଲିକ୍ ସ୍କୁଲ ବିଜୟୀ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ପୂର୍ବତଟ ରେଲୱେର ମହାପ୍ରବନ୍ଧକ ମନୋଜ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ଓଡ଼ିଶା ଏଫ୍‌ସି ଆଜି ହୋପ୍ସକୁ ଭେଟିବ

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

ଇଣ୍ଡିଆନ ଓମେନ୍ସ ଲିଗ୍

ଓଡ଼ିଶା ଏଫ୍‌ସି ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ବୁଧବାର ହୋପ୍ସ ଏଫ୍‌ସି ସହ ମୁକାବିଲା କରିବ। ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଏହି ମ୍ୟାଚ ଅପରାହ୍ନ ୨ଟାରେ ଆରମ୍ଭ ହେବ। ଓଡ଼ିଶା ଏଫ୍‌ସି ଏପର୍ଯ୍ୟନ୍ତ ଖେଳିଥିବା ୩ଟି ଯାକ ମ୍ୟାଚରେ କ୍ଲିନ୍ ଶିଟ୍ସ ପାଇଛି। ପୂର୍ବ ମ୍ୟାଚରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ହେଁ ଘରୋଇ ଦଳ ସେଥୁ ଏଫ୍‌ସିକୁ ୧-୦ ଗୋଲରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ହୋପ୍ସ ଏଫ୍‌ସି ନିଜର ପୂର୍ବ ମ୍ୟାଚରେ ୨-୧ ଗୋଲରେ ଇଷ୍ଟ ବେଙ୍ଗଲ ଏଫ୍‌ସିକୁ ହରାଇ ଦେଇଥିଲା। ତେବେ ଏହି ଦଳ ନିଜର ପ୍ରଥମ ୨ଟି ମ୍ୟାଚରେ ଯଥାକ୍ରମେ କର୍ନାଟକର କିକ୍‌ଷ୍ଟାର୍ଟ ଏଫ୍‌ସିଠାରୁ ୦-୩ ଓ ଗୋକୁଲମ୍ କେରଳ ନିକଟରୁ ୦-୧ ଗୋଲରେ ହାରିଥିଲା। ଓଡ଼ିଶା ଏଫ୍‌ସି ଏବଂ ହୋପ୍ସ ମଧ୍ୟରେ ଏହା ହେବ ପ୍ରଥମ ମୁକାବିଲା। ଘରୋଇ ପରିବେଶରୁ ଫାଇଦା ଉଠାଇ ଓଡ଼ିଶା ଏଫ୍‌ସି ଅପରାଜେୟ ଧାରା ବଜାୟ ରଖିବା ଲକ୍ଷ୍ୟରେ ରହିଛି। ''କ୍ରମାଗତ ୩ ମ୍ୟାଚରେ କ୍ଲିନ୍ ଶିଟ୍ସ ପାଇବା ଗୁରୁତ୍ୱପୂର୍ଣ୍ଣ। ମାତ୍ର ଦଳ ପ୍ରଦର୍ଶନରେ ଉନ୍ନତି ଆଣିବା ଉପରେ ଫୋକସ କରିବା ଆବଶ୍ୟକ। ଦଳର ଖେଳାଳିମାନେ ପର୍ଯ୍ୟାପ୍ତ ବିଶ୍ରାମ ପାଇଥିବାରୁ ଆସନ୍ତା ମ୍ୟାଚରେ ଭଲ ପ୍ରଦର୍ଶନ କରିବା ନେଇ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖ୍ୟ କୋଚ୍ କ୍ରିସପିନ୍ ଛେତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ଖେଳାଳି ଜୁଲି କିଷାନ ଉପସ୍ଥିତ ଥିଲେ।

କ୍ରିସପିନ୍ ଛେତ୍ରୀ ଓ ଜୁଲି କିଷାନ।

ନ୍ୟୁଲାଣ୍ଡ୍ସ ପିଚ୍‌କୁ ନେଇ ଆଇସିସିର ଅସନ୍ତୋଷ

ଦୁବାଇ, ୯।୧ (ପି.ଟି.): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ନ୍ୟୁଲାଣ୍ଡ୍ସ ପିଚ୍‌ର ଲକ୍ଷଣକୁ ନେଇ ଏହାର ଅସନ୍ତୋଷ ଜାହିର କରିଛି ଯେଉଁଠାରେ କି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଖେଳାଯାଇଥିଲା। ମ୍ୟାଚଟି ୫ଟି ସେସନ ଭିତରେ ସୀମିତ ରହିଥିଲା। ଟେଷ୍ଟ କ୍ରିକେଟ ଇତିହାସରେ ସବୁଠାରୁ କମ୍ ସମୟରେ ଶେଷ ହୋଇଥିବା ଏହି ଟେଷ୍ଟ ମ୍ୟାଚରେ ଭାରତ ଆୟୋଜକ ଦେଶକୁ ୭ ଉଇକେଟରେ ପରାସ୍ତ କରିଥିଲା। ଏହି ବିଜୟ ଦ୍ୱାରା ଭାରତ ୨ ମ୍ୟାଚ ବିଶିଷ୍ଟ ସିରିଜକୁ ୧-୧ରେ ବରାବର କରିବାରେ ସକ୍ଷମ ହୋଇଛି। ଏହି ମ୍ୟାଚରେ ମାତ୍ର ୬୪୨ଟି ବଲ୍ ପକାଯାଇପାରିଥିଲା।

ସୌରାଷ୍ଟ୍ର ୮ ଉଇକେଟରେ ବିଜୟୀ

ବରଗଡ଼,୯।୧ (ପ୍ରେମାନନ୍ଦ ଖମାରୀ)

ସି.କେ. ନାଇଡୁ ଟ୍ରଫି

ବରଗଡ଼ର କ୍ରିଷ୍ଣା ବିକାଶ ଗ୍ରାଉଣ୍ଡରେ ଓଡ଼ିଶା ଏବଂ ସୌରାଷ୍ଟ୍ର ମଧ୍ୟରେ ଅନୁଷ୍ଠିତ ୨୩ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫିର ଗୋଟିଏ ଦିନ ଖେଳ ବାକି ଥାଇ ମଙ୍ଗଳବାର ସୌରାଷ୍ଟ୍ର ଦଳ ମ୍ୟାଚକୁ ୮ଉଇକେଟ୍‌ରେ ଜିତି ନେଇଛି। ସୋମବାର ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ଓଡ଼ିଶା ଦଳ କରିଥିବା ବିନା ଉଇକେଟ୍‌ରୁ ମଙ୍ଗଳବାର ସକାଳେ ନିଜ ଇନିଂସ୍ ଆରମ୍ଭ କରିଥିଲା। ସୌରାଷ୍ଟ୍ର ଦଳର ପ୍ରଥମ ଇନିଂସ୍ ୧୨୨ରନ୍ ଲିଡ୍‌କୁ ଅତିକ୍ରମ କରିବାକୁ ଯାଇ ଓଡ଼ିଶା ଦଳ ୧୬୦ରନ୍ କରି ଅଲ୍ ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ସମ୍ମିତ ବରାଳ ୫୨, ଅନିଲ ପରିଡ଼ା ୩୯, ସାଇଦୀପ୍ ମହାପାତ୍ର ୨୦ରନ୍ କରିଥିଲେ। ସୌରାଷ୍ଟ୍ର ପକ୍ଷରୁ ନିଲ ପାଣ୍ଡ୍ୟା ୪୦ରନ ବିନିମୟରେ ୪, ପବନ ପାରମାର୍ ୩୦ରନ ବିନିମୟରେ ୨, ଗଜର ସମ୍ମର ୧୪ରନ ବିନିମୟରେ ୨, ପାର୍ଶ୍ୱରାଜ ରାଣା ୪ରନ ବିନିମୟରେ ୨ଉଇକେଟ୍ ନେଇଥିଲେ। ସୌରାଷ୍ଟ୍ର ଦଳକୁ ଏହି ମ୍ୟାଚ ଜିତିବା ପାଇଁ ୩୯ରନ୍‌ର ଆବଶ୍ୟକତା ଥିଲା। ତେବେ ୨ଉଇକେଟ ହରାଇ ୪୨ରନ୍ ସଂଗ୍ରହ କରି ସୌରାଷ୍ଟ୍ର ମ୍ୟାଚକୁ ୮ଉଇକେଟ୍‌ରେ ଜିତିବା ସହିତ ୬ପଏଣ୍ଟ ପାଇଥିଲା। ପ୍ରକାଶଥାଉକି, ପ୍ରଥମ ଇନିଂସ୍‌ରେ ସୌରାଷ୍ଟ୍ର ଦଳ ୩୦୨ରନ ସଂଗ୍ରହ କରିଥିବାବେଳେ ଓଡ଼ିଶା ଦଳ ୧୮୦ରନ୍ କରିଥିଲା। ସେହିପରି ଓଡ଼ିଶା ଦଳ ଦ୍ୱିତୀୟ ଇନିଂସ୍‌ରେ ୧୪୩ରନ୍ ସଂଗ୍ରହ କରିଥିବାବେଳେ ସୌରାଷ୍ଟ୍ର ଦଳ ୪୨ରନ କରି ମ୍ୟାଚକୁ ଜିତିଥିଲା। ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଓ ବରଗଡ଼ ଜିଲା କ୍ରିକେଟ ଆସୋସିଏଶନ ଆୟୋଜନରେ ଏହି ପ୍ରତିଯୋଗିତା ହୋଇଥିଲା। ବିସିସିଆଇ ପକ୍ଷରୁ ଏହି ମ୍ୟାଚ ପାଇଁ ବାଲକ୍ରିଷ୍ଣା ମିସକୁଇନ ମ୍ୟାଚ ରେଫରି ଥିଲେ। ଦ

ତରଭୁଜ ବିହନ ବିଶୋଧନ

ତରଭୁଜ ଚାଷ କରୁଥିଲେ କେତେକ ବିଷୟ ପ୍ରତି ନଜର ଦେବାକୁ ପଡ଼ିଥାଏ । ବିଶେଷ ଭାବରେ ଏହାର ବିହନ ଲଗାଇବା ପୂର୍ବରୁ ଚାଷୀମାନେ ଗୋଟିଏ କଥା ମନେରଖିବା ନିହାତି ଦରକାର । ଏହାପୂର୍ବରୁ ତରଭୁଜ ବିହନକୁ ଭଲ ଭାବରେ ବିଶୋଧନ କରନ୍ତୁ । ତା'ପରେ ସେହି ବିଶୋଧିତ ବିହନକୁ ଲଗାନ୍ତୁ । କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ । ଶୀଘ୍ର ଗଜା ହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ । ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଉଚିତ । ଅଧିକ ଅମଳକ୍ଷମ ତରଭୁଜ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ । ଏହି ଉନ୍ନତ କିସମ ମଧ୍ୟରେ ରହିଛି ସୁଗାରବେବି, ଆର୍କାମାଣିକ ଏବଂ ଲାଲ୍‌ସେନା । ଏହାର ସଙ୍କର କିସମ ବିହନ ହେଲା– ମାଧୁରୀ, ମାୟା, ସୁଗାରବଏ, ସୁଇଟ୍‌ବୁବି, ମମତାଜ୍ ଏବଂ ଆଣ୍ଡାମାନ୍ ।

ଡାଲିଜାତୀୟ ଫସଲରେ ସାର ପ୍ରୟୋଗ

ଗହମ, ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ । ୧ କି.ଗ୍ରା. ବିହନ ପିଛା କାର୍ବୋକ୍ସିନ୍ ୩୭.୫% + ଥିରାମ୍ ୩୭.୫% ମିଶ୍ରିତ ଡି.ଏସ୍. ଫିମ୍ପିନାଶକ ବିଷ ୨ ଗ୍ରାମ୍ ଗୋଳାଇ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । ବିହନକୁ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ । ଜମିକୁ ଭଲ ଭାବରେ ଚାଷକରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ ।

ସଫଳ କୃଷିର ମୁଖ୍ୟ ଦିଗ

ପ୍ର. ସୁବୋଧ କୁମାର ସାହୁ

ସଫଳ କୃଷିର ବିଭିନ୍ନ ଦିଗ ଅଛି । ସେଥିମଧ୍ୟରୁ ୬ ଗୋଟି ଦିଗ କୃଷିକୁ ଅଧିକ ସଫଳତା ଦେଇଥାଏ । ନିମ୍ନରେ ଉକ୍ତ ଦିଗଗୁଡ଼ିକ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରାଗଲା ।

ଉର୍ବର ମାଟି

ମାଟି କୃଷିର ପ୍ରଥମ ମୂଳ ଉପାଦାନ । ଭୂଗର୍ଭରେ ମାଟି 'କ', 'ଖ', 'ଗ' ଓ 'ଘ' ନାମରେ ଚାରିଗୋଟି ସ୍ତରରେ ସ୍ଥିରୀକୃତ ହୋଇଥାଏ । ଭୂଗର୍ଭରେ ଶିଳାଖଣ୍ଡମାନ ବାହାରିଲା ପର୍ଯ୍ୟନ୍ତ ଏକ ଖାତ ଖୋଳିଲେ ଉକ୍ତ ସ୍ତରମାନ ସ୍ପଷ୍ଟ ଜଣାପଡ଼େ । ପ୍ରଥମ ଅର୍ଥାତ୍ 'କ' ସ୍ତରର ମାଟି ପ୍ରାୟ ୩୦ ରୁ ୪୫ ସେ.ମି. ପର୍ଯ୍ୟନ୍ତ । ଏଥିରୁ ପ୍ରଥମ ୧୫ ସେ.ମି. ଅଧିକ ଉର୍ବର । ଏହି ସ୍ତର ପର୍ଯ୍ୟନ୍ତ ଯେକୌଣସି ଫସଲ ଚାଷକଲେ ଆଶାତୀତ ଅମଳ ମିଳିବ । ଉକ୍ତ ସ୍ତରର ମାଟିରେ ବିଭିନ୍ନ ପରିମାଣରେ ଥିବା ବାଲି, ପଟୁ ଓ କର୍ଦ୍ଦମ ଅଂଶକୁ ନେଇ ମାଟିକୁ ପୃଥକ୍ ପୃଥକ୍ ୮ ଗୋଟି ଶ୍ରେଣୀ ଯଥା ବାଲି, ବାଲିଆ ପଟୁ, ଦୋରସା ବାଲିଆ, ଦୋରସା, ପଟୁ ଦୋରସା, କର୍ଦ୍ଦମାକ୍ତ ଦୋରସା, ପଟୁଚିକିଟା ଏବଂ ଚିକିଟାରେ ବିଭକ୍ତ କରାଯାଇଛି । ଏଥିମଧ୍ୟରୁ ବାଲି,ପଟୁ,ଚିକିଟା ଏବଂ ଚିକିଟାକୁ ବାଦ୍ ଦେଲେ ଅନ୍ୟ ୫ଗୋଟି ଶ୍ରେଣୀର ମାଟି ଅଧିକରୁ ଅଧିକ ଉର୍ବର । କିନ୍ତୁ ପର ୩ଶ୍ରେଣୀର ମାଟିରେ ଅଧିକ ଖତ ପ୍ରୟୋଗ ସହ ଉନ୍ନତ ଚାଷ ପ୍ରଣାଳୀ ଦ୍ୱାରା ଭଲ ଫସଲ ଚାଷ କରାଯାଇପାରିବ । 'କ' ସ୍ତରର ଦ୍ୱିତୀୟ ୧୫ ରୁ ୨୦ ସେ.ମି . ପର୍ଯ୍ୟନ୍ତ କମ୍ ଉର୍ବର । ଉକ୍ତ ମାଟିକୁ ଲୁହା ଲଙ୍ଗଳରେ ଚାଷକରି ଖତ ସାର ପ୍ରୟୋଗ ଦ୍ୱାରା କ୍ଷେତ ଫସଲ ସହ ପନିପରିବା ଫସଲ ଭଲଭାବେ ଚାଷହୋଇ ପାରିବ । ଦ୍ୱିତୀୟ ଅର୍ଥାତ୍ ୩୦ ରୁ ୬୦ ସେ.ମି. ପର୍ଯ୍ୟନ୍ତ 'ଖ' ସ୍ତର ମାଟିକୁ ଅଧିକ ଗଭୀର ଚାଷକରି ଖତସାର ପ୍ରୟୋଗ ସହ ଫଳ ବଗିଚା ସୃଷ୍ଟି କରାଯାଇପାରିବ । ତୃତୀୟ ଅର୍ଥାତ୍ ୬୦ ରୁ ୧୨୦ ସେ.ମି . ପର୍ଯ୍ୟନ୍ତ 'ଗ' ସ୍ତରର ମାଟି ବୃହତ୍ ଗଛଗୁଡ଼ିକର ମୁଖ୍ୟ ଚ଼େରକୁ ଧରି ରଖିବା ସହ ଭୂଗର୍ଭରୁ ଗଛ ପାଇଁ ଜଳ ଶୋଷଣକରେ । ଚତୁର୍ଥ ଅର୍ଥାତ୍ ୧୨୦ ଊର୍ଦ୍ଧ୍ୱ 'ଘ' ସ୍ତରର ମାଟି ଛୋଟ ଛୋଟ ଭଗ୍ନ ଶିଳା ଖଣ୍ଡମାନ ଦ୍ୱାରା ଗଠିତ । ବିଭିନ୍ନ ପ୍ରାକୃତିକ ପ୍ରକିୟା ଦ୍ୱାରା ଉକ୍ତ ସ୍ତରରୁ ନୂତନ ମାଟି ସୃଷ୍ଟିହୁଏ ।

ଉତ୍କୃଷ୍ଟ ବିହନ

ବିହନ ଚୟନ ସଫଳ ଚାଷର ଦ୍ୱିତୀୟ ଉପାଦାନ । ଉତ୍କୃଷ୍ଟ ବିହନ ବ୍ୟବହାର ଦ୍ୱାରା ଫସଲ ଅମଳ ଶତକଡ଼ା ୭୦ ରୁ ୭୫ ଭାଗ ଅଧିକ ମିଳେ । ଉତ୍କୃଷ୍ଟ ବିହନ କହିଲେ ମୁଖ୍ୟତଃ ନିରୋଳା, ଏକବଛା, ପରିପକ୍ୱ, ନୀରୋଗ ଏବଂ ଅକ୍ଷତ ମଞ୍ଜିକୁ ବୁଝାଏ । ଅଧିକ ଅମଳକ୍ଷମ ଉନ୍ନତ କିମ୍ବା ସଙ୍କର କିସମ ବିହନ ବ୍ୟବହାର କରିବା ଉଚିତ୍ । ଫସଲରେ ଶତପ୍ରତିଶତ ପାଚିଥିବା ଫଳର ମଞ୍ଜିକୁ ବିହନ ପାଇଁ ସଂଗ୍ରହ କରାଯାଏ । ସବୁ ମଞ୍ଜିର ଗଠନ, ଆକାର ଏବଂ ଓଜନ ପ୍ରାୟ ସମାନ ହେଲେ ଶତପ୍ରତିଶତ ଗଜା ହୁଏ । ରୋଗାକ୍ରାନ୍ତ ଫସଲର ମଞ୍ଜିକୁ ପୃଥକ୍ କରିବା ଉଚିତ୍ । ବିହନର ଜଳୀୟ ଅଂଶ ଶତକଡା ୧୧ ରୁ ୧୩ ଭାଗ ମଧ୍ୟରେ ରହିଲେ ମଞ୍ଜିରେ ପୋକ ଲାଗନ୍ତି ନାହିଁ । ଏଥିପାଇଁ ବିହନ ନିମନ୍ତେ ବ୍ୟବହୃତ ମଞ୍ଜିକୁ ୫ ରୁ ୬ ଘଣ୍ଟା ଟାଣଖରାରେ ଶୁଖାଯାଏ । ବିହନ ବୁଣା ପୂର୍ବରୁ ଏହାର ଗଜା ପରୀକ୍ଷା ଜରୁରୀ । ବିହନ ପାଇଁ ମଞ୍ଜିର ଗଜା ଶତକଡ଼ା ୮୦ ଭାଗରୁ ଅଧିକ ରହିବା ଦରକାର । ଫିମ୍ପିଜନିତ ରୋଗରୁ ବିହନକୁ ସୁରକ୍ଷା ଦେବା ପାଇଁ ମଞ୍ଜି ବୁଣା ପୂର୍ବରୁ ଫିମ୍ପି ନିରୋଧକ ଔଷଧ ଦ୍ୱାରା ବିଶୋଧନ କରିବା ଅତି ଜରୁରୀ ।

ସୁଷମ ଖାଦ୍ୟସାର

ସନ୍ତୁଳିତ ଖାଦ୍ୟସାର ପ୍ରୟୋଗ ଅଧିକ ଫସଲ ଅମଳର ଚାବିକାଠି । ପ୍ରତ୍ୟେକ ଫସଲ ତା'ର ଜୀବନକାଳ ମଧ୍ୟରେ ୧୭ ଗୋଟି ଖାଦ୍ୟ ଉପାଦାନ ଆବଶ୍ୟକ କରେ । ଏଥିମଧ୍ୟରୁ ୯ ଗୋଟି ମୁଖ୍ୟ ଏବଂ ୮ ଗୋଟି ଅଣୁ ଖାଦ୍ୟ ଉପାଦାନ । ମାଟିରେ ଗୋଟିଏ ମୁଖ୍ୟ ଖାଦ୍ୟ ଉପାଦାନର ଅଭାବ ହେଲେ ଫସଲ ଅମଳ ପ୍ରାୟ ୩୫ ରୁ ୪୦ ଭାଗ ଏବଂ ଗୋଟିଏ ଅଣୁ ଖାଦ୍ୟ ଉପାଦାନର ଅଭାବରେ ଅମଳ ପ୍ରାୟ ୧୫ ରୁ ୨୦ ଭାଗ କମେ । ଉଭୟେ ମୁଖ୍ୟ ଏବଂ ଅଣୁ ଖାଦ୍ୟ ଉପାଦାନର ସ୍ଥିତି ମାଟି ପରୀକ୍ଷାଗାରୁ ଜଣାପଡ଼େ । ଆମ ରାଜ୍ୟର ପ୍ରତି ଜିଲାରେ ଗୋଟିଏ ଲେଖା ଅତ୍ୟାଧୁନିକ ମୃତ୍ତିକା ପରୀକ୍ଷାଗାର ଅଛି । ଚାଷୀ ପରୀକ୍ଷାଗାରକୁ ଜମିର ନମୁନା ମାଟି ପଠାଇଲେ ମୃତ୍ତିକା ବୈଜ୍ଞାନିକ ମାଟି ପରୀକ୍ଷାକରି ପରୀକ୍ଷାର ଫଳାଫଳ ଅନୁସାରେ ନିର୍ଦ୍ଦିଷ୍ଟ ଫସଲ ପାଇଁ ଠିକ୍ ପରିମାଣର ସାର ଅନୁମୋଦନ କରନ୍ତି । ଏହାଦ୍ୱାରା ଫସଲ ପାଇଁ ରାସାୟନିକ ସାର ପ୍ରୟୋଗ ସୁଷମ ହୁଏ । ରାସାୟନିକ ସାର ସହ ଗୋବରଖତ, ସବୁଜ ସାର ଏବଂ ଜୈବସାର ଆଦି ପ୍ରୟୋଗକଲେ ସାର ପ୍ରୟୋଗ ସମନ୍ୱିତ ହୁଏ । ସମନ୍ୱିତ ସାର ପ୍ରୟୋଗ ଦ୍ୱାରା ମାଟିର ଉର୍ବରତା ଅକ୍ଷୁଣ୍ଣ ରହେ ଏବଂ ପରବର୍ତ୍ତୀ ସମୟରେ ଫସଲର ଅମଳ ଆଶାନୁରୂପ ହୁଏ ।

ରୋଗ, ପୋକ ଓ ଘାସ ନିୟନ୍ତ୍ରଣ

ରୋଗ, ପୋକ ଓ ଅନାବନା ଘାସ ଫସଲର ମୁଖ୍ୟ ଶତ୍ରୁ । ବିଭିନ୍ନ ରୋଗ ଆକ୍ରମଣ ଦ୍ୱାରା ଫସଲ ଅମଳ ପ୍ରାୟ ଶତକଡ଼ା ୫୦ ଭାଗ କମିଥାଏ । ଫସଲର ୨ପ୍ରକାର ରୋଗ ଯଥା ଫିମ୍ପି ଏବଂ ବୀଜାଣୁଜନିତ ଥାଏ । ଉକ୍ତ ରୋଗକୁ ନିଦାନ ବିଭାଗର ବିଶେଷଜ୍ଞଙ୍କ ଦ୍ୱାରା ଠିକ୍ ଚିହ୍ନଟ କରାଯାଇ ରୋଗର ନିରାକରଣ ପାଇଁ ରାସାୟନିକ ଔଷଧ ନିର୍ଦ୍ଧାରଣ କଲେ ଫସଲ ରୋଗମୁକ୍ତ ହୋଇ ଅଧିକ ଅମଳ ମିଳେ । ଗବେଷଣାରୁ ଜଣାପଡ଼ିଛି ଯେ ରୋଗ ନିରୋଧକ ରାସାୟନିକ ଔଷଧ ପରିବର୍ତ୍ତେ କେତେକ ଦେଶୀୟ ଔଷଧ ବ୍ୟବହାର ଦ୍ୱାରା ଫସଲ ରୋଗମୁକ୍ତ ହୋଇ ଅମଳ ବଢ଼ାଇବାର ପ୍ରମାଣ ମିଳିଛି । ଯେପରିକି ଗୋବରପାଣି ପ୍ରୟୋଗ ଦ୍ୱାରା ଧାନ ଫସଲର ବୀଜାଣୁଜନିତ ବ୍ଲାଷ୍ଟରୋଗ ଏବଂ ହଳଦୀ ପାଣି ପ୍ରୟୋଗ ଦ୍ୱାରା ପରିବା ଫସଲର ବିଭିନ୍ନ ବୀଜାଣୁଜନିତ ରୋଗରୁ ଉପଶମ ମିଳିବା ସହ ପରିବେଶ ସୁରକ୍ଷିତ ହୋଇ ପାରୁଛି ।

ଫସଲର ରୋଗ ଅପେକ୍ଷା ପୋକ ଆକ୍ରମଣ ଅଧିକ ମାରାତ୍ମକ । ବିଭିନ୍ନ ବିଭିନ୍ନ ବର୍ଦ୍ଧନ ଅବସ୍ଥାଠାରୁ ଆରମ୍ଭକରି ଅମଳ ପର୍ଯ୍ୟନ୍ତ ବିବିଧ ପୋକ ଦ୍ୱାରା ଆକ୍ରାନ୍ତ ହୁଏ । ସୁଚିନ୍ତିତ ଅମଳ ପାଇଁ ସବୁପ୍ରକାର ପୋକ ଆକ୍ରମଣରୁ ରକ୍ଷା ପାଇଁ ବିଶେଷଜ୍ଞଙ୍କ ପରାମର୍ଶରେ ରାସାୟନିକ ବିଷ ପ୍ରୟୋଗ କରିବା ଉଚିତ । କୀଟତତ୍ତ୍ୱବିତ୍‌ମାନେ ଫସଲର ପୋକ ନିୟନ୍ତ୍ରଣ ପାଇଁ ସମନ୍ୱିତ ପୋକ ନିରୋଧ ପଦ୍ଧତିମାନ ନିର୍ଣ୍ଣୟ କରୁଛନ୍ତି । ଉକ୍ତ ପଦ୍ଧତି ଦ୍ୱାରା ବିଷମୁକ୍ତ ଜୈବ ପଦାର୍ଥ ପ୍ରୟୋଗ ସହ ସ୍ୱଳ୍ପ ପରିମାଣର ବିଷ କମ୍ ଥର ପ୍ରୟୋଗକରି କୀଟ ନିୟନ୍ତ୍ରଣ କରାଯାଇପାରିବ । ନିମ ଜାତୀୟ ଜୈବ ରସାୟନ ଅତି ନିରାପଦ । ଏହାକୁ ଫସଲରେ ବାରମ୍ବାର ପ୍ରୟୋଗକଲେ ମଧ୍ୟ ପରିବେଶ ପ୍ରଦୂଷଣ ନ ହୋଇ ସୁରକ୍ଷିତ ରହେ । କୌଣସି ପ୍ରକାର ରାସାୟନିକ ପଦାର୍ଥ ପ୍ରୟୋଗ ନ କରି ଆଲୋକ ଯନ୍ତ୍ରା ବସାଇ ଫସଲ ନଷ୍ଟ କରୁଥିବା ପୋକକୁ ଯନ୍ତ୍ରା ମଧ୍ୟକୁ ଆକୃଷ୍ଟକରି ଦମନ କରାଯାଇପାରିବ । ଏତଦ୍‌ବ୍ୟତୀତ୍ ବିଭିନ୍ନ ଉନ୍ନତ ଚାଷ ପ୍ରଣାଳୀ ଯଥା ଖରାଟିଆ ଚାଷ, ଗଭୀର ଚାଷ, ହୁଡ଼ାରୁ ଘାସ ଦମନ, କ୍ଷେତରେ ମୂଳି ଫସଲରେ ଅଗ୍ନି ସଂଯୋଗ, କେତେକ ପୋକକୁ ହାତରେ ଧରି ବିଭିନ୍ନ ଉପାୟରେ ଦମନ କରିବା ଇତ୍ୟାଦି ଉପାୟ ଅବଲମ୍ବନ କରାଯାଇପାରେ । (କ୍ରମଶଃ...)

–ଶୈଳଶ୍ରୀବିହାର,ଏମ୍‌ଆଇଜି ୧୦୨, ଫେଜ୍–୨, ମୋ :୯୫୫୬୨୬୬୦୮୫

ଅଳ୍ପରେ...

➤ପିଆଜର ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ । ଏହି ସମୟରେ ଅମଳ କରନ୍ତୁ । ଅମଳର ୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ । ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ ।

➤ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସ ବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ ।

➤ପନିପରିବା ଫସଲରେ ଜଉପୋକ ଓ ଫଳବିନ୍ଧା ପୋକ ଦମନ ପାଇଁ ୧ ଲିଟର ପାଣିରେ ଯଥାକ୍ରମେ ୦.୨ ଗ୍ରାମ୍ କ୍ଲୋଥାୟାନିଡିନ୍ ଓ ୦.୩ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

➤ଭେଣ୍ଡିର ଉନ୍ନତ କିସମ ମଧ୍ୟରେ ରହିଛି ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳଗୌରବ ଏବଂ ପୁଷା–ଏ–୪ । ଭେଣ୍ଡି ମଧ୍ୟରେ ଦୂରତା ୬୦ ସେ.ମି. x ୩୦ ସେ.ମି. ରହିବା ଦରକାର । ଏହି ଚାଷ ପାଇଁ ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହ ପ୍ରୟୋଗ କରନ୍ତୁ ।

➤ଆଳୁଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଆଳୁ ଅମଳ କରନ୍ତୁ । ଆଳୁ ପାକଳ ହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ । ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁଗୁଡ଼ିକୁ ଅଲଗା ରଖନ୍ତୁ । ଅମଳ ପରେ ଆଳୁକୁ ୨–୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ । ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ ।

ସୂର୍ଯ୍ୟମୁଖୀ ଚାଷରେ କୀଟନାଶକ ପ୍ରୟୋଗ

ସୂର୍ଯ୍ୟମୁଖୀ ଚାଷରେ ସକାଳ ସମୟରେ କୌଣସି କୀଟନାଶକ ବିଷ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା– ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍

ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ ବିଷାକ୍ତ ଔଷଧ ପ୍ରୟୋଗ କରନ୍ତୁ ନାହିଁ । ନିମ ଜାତୀୟ ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ । ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ସୂର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶଁବାଳୁଆ, ଧଳାମାଛି, ଥ୍ରୀପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷକରି ଥ୍ରୀପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ୧ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ ।

ଛେଳି କୁକୁଡ଼ା ପାଳନ

ଛେଳିମାନଙ୍କୁ ଏଣ୍ଟରୋଟକ୍‌ସିମିଆ ରୋଗ ଏହି ମାସରେ ଦେଖାଯାଇଥାଏ । ଏହାର ପ୍ରତିକାର ପାଇଁ ଏଣ୍ଟରୋଟକ୍‌ସିମିଆ ଟିକା ଛେଳିମାନଙ୍କୁ ଦିଅନ୍ତୁ । କୁକୁଡ଼ାମାନଙ୍କୁ ବାର୍ଡ ଫ୍ଲୁ ରୋଗ ଦମନ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ । ବ୍ରଏଲର କୁକୁଡ଼ା ପାଳନ କରୁଥିଲେ ଦିନରେ ବାୟୁମଣ୍ଡଳର ଉତ୍ତାପ ଅଧିକ ଥିବାରୁ କୁକୁଡ଼ା ଛୁଆ ପାଳନ ପାଇଁ କମ୍ ଉତ୍ତାପ ଦିଅନ୍ତୁ (ଆବଶ୍ୟକ ୩୫୦ ସେଣ୍ଟିଗ୍ରେଡ୍) । କୁକୁଡ଼ା ଛୁଆମାନେ ଉତ୍ତାପ ଉତ୍ସ ତଳେ ରହିଲେ ଉତ୍ତାପ ବଢ଼ାନ୍ତୁ ଓ ଉତ୍ତାପ ଉତ୍ସଠାରୁ ଦୂରରେ ରହିଲେ ଉତ୍ତାପ କମ୍ ଦିଅନ୍ତୁ । ୭ ଦିନର କୁକୁଡ଼ା ଛୁଆଙ୍କୁ ରାଣୀକ୍ଷେତ ରୋଗ ଓ ୧୫ ଦିନର ଛୁଆଙ୍କୁ ଆଇବିଡି ରୋଗ ଟିକା ଦିଅନ୍ତୁ । ନିମ୍ନଲିଖିତ ଲକ୍ଷଣମାନ ଦେଖାଦେଲେ ବାର୍ଡଫ୍ଲୁ ରୋଗ ହେବା ସୂଚନା ମିଳିଥାଏ । କୁକୁଡ଼ା ଦୁର୍ବଳ ଦେଖାଯାଏ, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଏ, ନାକରୁ ପତଳା ସିଙ୍ଘାଂଣି ବାହାରିବା ସହ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ, ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ, ୱାଟଲ୍ ଓ ଆଖି ଚାରିପାଖ ଫୁଲିଯାଏ, ଚୂଳ ନୀଳ ପଡ଼ିବା ସହ ରକ୍ତଛିଟା ଚିହ୍ନ ଦେଖାଦେଲେ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗ ମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

ଡାଲୁଅ ଧାନ ପାଇଁ ତଳି ପ୍ରସ୍ତୁତି

ଡାଲୁଅ ଧାନ ତଳି ପ୍ରସ୍ତୁତି (୧ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବରଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ୨ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ । ୧୨–୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ ।

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୦/୨୦୨୪ Bhubaneswar, Wednesday, January 10/ 2024

କଳିଙ୍ଗ ସୁପର କପ୍ ଫୁଟ୍‌ବଲ ଆରମ୍ଭ

ଇଷ୍ଟ ବେଙ୍ଗଲ, ମୋହନ ବାଗାନ ଏସ୍‌ଜି ବିଜୟୀ

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ) କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଆରମ୍ଭ ହୋଇଛି କଳିଙ୍ଗ ସୁପର କପ୍। ୧୬ ଦଳ ବିଶିଷ୍ଟ ଏହି ଟୁର୍ନାମେଣ୍ଟର ପ୍ରଥମ ଦିବସରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି ଇଷ୍ଟ ବେଙ୍ଗଲ ଓ ମୋହନ ବାଗାନ ସୁପର ଜାଏଣ୍ଟ୍ସ। କଳିଙ୍ଗ ଷ୍ଟାଡିୟମ ପିଚ୍-୧ରେ ଅନୁଷ୍ଠିତ ମୋହନ ବାଗାନ ଏସ୍‌ଜି- ଶ୍ରୀନିଡି ଡେକାନ ଏଫ୍‌ସି ଦ୍ୱିତୀୟ ମ୍ୟାଚ ଆରମ୍ଭରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

ଅପରାହ୍ନ ୨ଟାରେ ପିଚ୍-୨ରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଇଷ୍ଟ ବେଙ୍ଗଲ ୩-୨ ଗୋଲରେ ହାଇଦ୍ରାବାଦ୍ ଏଫ୍‌ସିକୁ ପରାସ୍ତ କରିଛି। ପ୍ରଥମ ଅଧଘଣ୍ଟା ଖେଳରେ ଉଭୟ ଦଳ ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ୩୩ତମ ମିନିଟରେ ପ୍ରତୀକ୍ଷାର ଅବସାନ ଘଟାଇଥିଲେ ୧୦ ନମ୍ବର ଜର୍ସି ପରିହିତ କ୍ଲିଟନ ଅଗଷ୍ଟୋ ଓଲିଭେରା ସିଲ୍‌ଭା। ସେ ପ୍ରଥମ ଗୋଲ ଦେଇ ଇଷ୍ଟ ବେଙ୍ଗଲକୁ ଅଗ୍ରଣୀ କରିଥିଲେ। ମାତ୍ର ୪୫ତମ ମିନିଟରେ ହାଇଦ୍ରାବାଦର ରାମଲୁନଚୁଙ୍ଗା ଗୋଲ ପରିଶୋଧ କରିଦେବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା।

ଦ୍ୱିତୀୟାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୫୪ତମ ମିନିଟରେ ସିଲ୍‌ଭା ବ୍ୟକ୍ତିଗତ ଏବଂ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରି ଇଷ୍ଟ ବେଙ୍ଗଲକୁ ପୁଣି ଅଗ୍ରଣୀ କରିଥିଲେ। ବିପଜ୍ଜନକ ଖେଳ ପାଇଁ ୭୨ତମ ମିନିଟରେ ହାଇଦ୍ରାବାଦର ମନୋଜ ମହମ୍ମଦ ଓ ୭୮ତମ ମିନିଟରେ ଇଷ୍ଟ ବେଙ୍ଗଲର ସିଲ୍‌ଭାଙ୍କୁ ରେଫରି ୟେଲୋ କାର୍ଡ ଦେଇଥିଲେ। ୭୯ତମ ମିନିଟରେ ହାଇଦ୍ରାବାଦର ନିମ୍ ଦୋରଜି ତମାଙ୍ଗ ଗୋଲ ପରିଶୋଧ କରି ମ୍ୟାଚରେ ରୋମାଞ୍ଚ ଖେଳାଇ ଦେଇଥିଲେ। ମାତ୍ର ଦଳର ଏହି ଖୁସି ବେଶି ସମୟ ତିଷ୍ଠି ନ ଥିଲା। ହାଇଦ୍ରାବାଦ ଖେଳାଳିଙ୍କୁ ଚକ୍‌ମା ଦେଇ ୮୦ତମ ମିନିଟରେ ଗୋଲ ସ୍କୋର କରିଥିଲେ ଇଷ୍ଟ ବେଙ୍ଗଲର ସଲ୍ କ୍ରେସ୍‌ପୋ ପିଏର୍ଗୋ। ଗୋଲ ପରିଶୋଧ ପାଇଁ ହାଇଦ୍ରାବାଦ ପକ୍ଷରୁ ଆକ୍ରମଣକୁ ଜୋରଦାର କରାଯାଇଥିଲା। ୮୮ତମ ମିନିଟରେ ଇଷ୍ଟ ବେଙ୍ଗଲର ବୋର୍ଜା ହେରେରା ଗୋଞ୍ଜାଲେଜଙ୍କୁ ରେଫରି ୟେଲୋ କାର୍ଡ ଦେଇଥିଲେ। ଡବଲ ଗୋଲ ସ୍କୋରର ସିଲ୍‌ଭା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ସନ୍ଧ୍ୟାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ମୋହନ ବାଗାନ ଏସ୍‌ଜି ୨-୧ ଗୋଲରେ ଶ୍ରୀନିଡି ଡେକାନ ଫୁଟବଲ କ୍ଲବକୁ ପରାସ୍ତ କରିଛି। ମ୍ୟାଚର ୨୯ତମ ମିନିଟରେ ମୋହନ ବାଗାନ ଖେଳାଳିଙ୍କୁ ଚକ୍‌ମା ଦେଇ ୱିଲିୟମ ଆଲଭେସ ଡି' ଓଲିଭିଏରା ଶ୍ରୀନିଡି ଡେକାନକୁ ଅଗ୍ରଣୀ କରିଥିଲେ। ୩୯ତମ ମିନିଟରେ ମୋହନ ବାଗାନର ଜାସନ ଷ୍ଟିଭେନ କୁମିଙ୍ଗ୍ସ ଗୋଲଟି ପରିଶୋଧ କରି ମ୍ୟାଚରେ ରୋମାଞ୍ଚ ଭରିଥିଲେ। ଦ୍ୱିତୀୟାର୍ଦ୍ଧରେ ଅର୍ଥାତ୍ ମ୍ୟାଚର ୭୧ତମ ମିନିଟରେ ମୋହନ ବାଗାନର ଅର୍ମାଣ୍ଡୋ ସାଡିକୁ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଉତ୍ତେଜନାପୂର୍ଣ୍ଣ ରହିଥିବା ଏହି ମ୍ୟାଚରେ ୭ ଜଣ ଖେଳାଳି ୟେଲୋ କାର୍ଡ ପାଇଥିଲେ।

କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

ଇଷ୍ଟ ବେଙ୍ଗଲ ଓ ହାଇଦ୍ରାବାଦ୍ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ